79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୭୨ ● କଟକ ● ଶନିବାର ● ୧୮ ଅକ୍ଟୋବର-୨୦୨୫ ● ତୁଳା-୧୧ ● ସାଲ୍-୧୪୩୧
CUTTACK ● SATURDAY ● 18 OCTOBER-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ଗୁଜରାଟ: ଶପଥ ନେଲା ୨୫ଜଣିଆ ମନ୍ତ୍ରିମଣ୍ଡଳ

**ନୂଆଦିଲ୍ଲୀ,(ପିପିଏସ୍):** ଗୁଜରାଟର କ୍ଷମତାସୀନ ବିଜେପି ସରକାର ମନ୍ତ୍ରିମଣ୍ଡଳ ପୁନର୍ଗଠନ କରିଛନ୍ତି। ଶୁକ୍ରବାର ୨୬ ଜଣିଆ କ୍ୟାବିନେଟ୍‌ରେ ସାମିଲ ହୋଇଥିବା ସଦସ୍ୟମାନେ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି। ଦିନକ ତଳେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଛାଡ଼ି ମନ୍ତ୍ରୀ ଭାବେ କାମ କରୁଥିବା ସମସ୍ତ ସଦସ୍ୟ ଇସ୍ତଫା ଦେଇଥିଲେ। ପୂର୍ବରୁ ଗୁଜରାଟର ଗୃହମନ୍ତ୍ରୀ ଭାବେ କାମକରୁଥିବା ବରିଷ୍ଠ ନେତା ହର୍ଷ ସଙ୍ଘଭୀ ରାଜ୍ୟର ନୂଆ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ଜାଡେଜା ପ୍ରଥମଥର ପାଇଁ ମନ୍ତ୍ରୀ ହୋଇଛନ୍ତି। ସଙ୍ଘଭୀ ୨୦୨୨ ବିଧାନସଭା ନିର୍ବାଚନରେ ଆପ୍ ପ୍ରାର୍ଥୀଙ୍କୁ ୧ ଲକ୍ଷରୁ ଅଧିକ ଭୋଟ୍‌ରେ ପରାସ୍ତ କରିଥିଲେ। ସେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ଡେପୁଟି ଭାବେ ଗାନ୍ଧିନଗର ସ୍ଥିତ ରାଜଭବନରେ ଶପଥ ନେଇଛନ୍ତି। ରାଜ୍ୟପାଳ ଆଚାର୍ଯ୍ୟ ଦେବରତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେହିପରି ରିଭାବା ଜାଡେଜା ୨୦୨୨ ଡିସେମ୍ବର ୮ରୁ ବିଧାୟକ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ଉତ୍ତର ଜାମନଗରରୁ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। ଏବେ ତାଙ୍କୁ ମନ୍ତ୍ରୀ ପଦ ମିଳିଛି। ସେ ରାଜଭବନରେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ସେ ଶପଥ ନେବା ବେଳେ ଜାଡେଜା ଓ ତାଙ୍କ ଝିଅ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

### ହର୍ଷ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ହେଲେ ଜାଡେଜାଙ୍କ ପତ୍ନୀ




## ହାଇଦ୍ରାବାଦରେ ଓଡ଼ିଆ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା !

**ଭୁବନେଶ୍ୱର,(ପିପିଏସ୍):** ହାଇଦ୍ରାବାଦରେ ଓଡ଼ିଆ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟିହୋଇଛି। ସ୍ତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସ୍ୱାମୀ। ସୂଚନା ଅନୁସାରେ, ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳର ଅନିନ୍ଦିତା ମହାନ୍ତ ଓ ସ୍ୱାମୀ ଗୌତମ ଚରଣ ଘଡ଼ାଇ ୬ ମାସ ତଳେ ହାଇଦ୍ରାବାଦ ଯାଇଥିଲେ। ହାଇଦ୍ରାବାଦର ଅଞ୍ଜନା ନାମକ ଏକ କନଷ୍ଟ୍ରକ୍ସନ କମ୍ପାନୀ ଅନିନ୍ଦିତା ଓ ଗୌତମ କାମ କରୁଥିଲେ । ସେଠାରେ କାର୍ଯ୍ୟରତ ଶ୍ରମିକଙ୍କ ଛୁଆମାନଙ୍କୁ ଅନିନ୍ଦିତା ପାଠ ପଢ଼ାଉଥିଲେ। କିଛିଦିନ ତଳେ ସ୍ତ୍ରୀ ଅନିନ୍ଦିତାଙ୍କୁ କମ୍ପାନୀ ଦେଇଥିବା କ୍ୱାର୍ଟର୍ସରେ ଛାଡ଼ି ସ୍ୱାମୀ ଗୌତମ ଓଡ଼ିଶା ଆସିଥିଲେ ପାସପୋର୍ଟ ସଂଶୋଧନ କରିବାକୁ। ବୁଧବାର ସେ ଖବର ପାଇଥିଲେ ଅନିନ୍ଦିତା ଅସୁସ୍ଥ। ଆଉ ଗୌତମ ହାଇଦ୍ରାବାଦରେ ପହଞ୍ଚିବା ବେଳକୁ ସ୍ତ୍ରୀଙ୍କ ମୃତ୍ୟୁହୋଇଥିବା ଜାଣିବାକୁ ପାଇଥିଲେ। ଗୌତମଙ୍କ ଅନୁସାରେ, 'ସେ ରହୁଥିବା କ୍ୱାର୍ଟର୍ସରୁ ସନ୍ଦେହଜନକ ଅବସ୍ଥାରେ ଅନିନ୍ଦିତାଙ୍କ ମୃତଦେହ ମିଳିଥିଲା। ଦୁଷ୍କର୍ମ ପରେ ତାଙ୍କୁ ହତ୍ୟାକରି ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି। ତେବେ ଗୌତମ ଦୁଇଦିନ ହେଲା ହାଇଦ୍ରାବାଦର ଗାନ୍ଧୀ ହସ୍ପିଟାଲ୍‌ରେ ଚକ୍କର କାଟୁଥିବା ବେଳେ ତାଙ୍କୁ ସ୍ତ୍ରୀଙ୍କ ମରଶରୀର ବି ଦେଖିବାକୁ ଦିଆଯାଉନି। ଗୌତମଙ୍କ ଅଭିଯୋଗ ଅନୁସାରେ, ସେ କାମ କରୁଥିବା କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ସହଯୋଗ କରୁନାହାନ୍ତି।



**ସ୍ୱାମୀ ଆସିଥିଲେ ଓଡ଼ିଶା**

## ଅତିରିକ୍ତ ବଜେଟ୍ ପାଇଁ ପସ୍ତୁତି ଆରମ୍ଭ



# ପ୍ରସ୍ତାବ ମାଗିଲା ଅର୍ଥ ବିଭାଗ

- ଯେତିକି ଟଙ୍କା ଦରକାର ସେତିକି ମାଗ: ଅର୍ଥ ବିଭାଗ
- ୪୦%ରୁ କମ୍ ଖର୍ଚ୍ଚ କରିଥିବା ବିଭାଗକୁ ମିଳିବନି
- ଓଡ଼ିଶାର ଅଭିବୃଦ୍ଧି ହାର ୮% ରହିବା ଆକଳନ
- ରାଜସ୍ୱ ସଂଗ୍ରହ ଗତବର୍ଷ ତୁଳନାରେ ୨% ଅଧିକ
- ବିତ୍ତୀୟ ପରିଚାଳନାରେ ନୈରାଶ୍ୟଜନକ ପ୍ରଦର୍ଶନ

**ଭୁବନେଶ୍ୱର,(ପିପିଏସ୍):** ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମୋହନ ସରକାର ଅତିରିକ୍ତ ବଜେଟ ଆଣିବାର ସମ୍ଭାବନା ରହିଛି। ତେଣୁ ଏଥିପାଇଁ ପ୍ରସ୍ତାବ ପଠାଇବାକୁ ଅର୍ଥ ବିଭାଗ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରିଛି। ବିଭାଗଗୁଡ଼ିକ ନିଜ ଆବଶ୍ୟକତା ଅନୁସାରେ ପ୍ରସ୍ତାବ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗ ନିକଟରେ ଦାଖଲ କରିବାକୁ ଚିଠିରେ ଦର୍ଶାଯାଇଛି। ଆସନ୍ତା ୩୧ ସୁଦ୍ଧା ପ୍ରଶାସନିକ ବ୍ୟୟ କ୍ଷେତ୍ରରେ ଅର୍ଥ ବିଭାଗକୁ ଅନ୍‌ଲାଇନରେ ଏବଂ କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ ସମ୍ପର୍କରେ ଯୋଜନା ଓ ସଂଯୋଜନ ବିଭାଗ ନିକଟରେ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ସାଧାରଣ ବଜେଟରେ ଧାର୍ଯ୍ୟ ଅଟକଳର ଖର୍ଚ୍ଚ ୪୦ ପ୍ରତିଶତରୁ କମ୍ ଥିବା ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ସେହିପରି ଧାର୍ଯ୍ୟ ତାରିଖ ପରେ ମଧ୍ୟ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ବିଧାନସଭାର ଶୀତକାଳୀନ ଅଧିବେଶନରେ ଅତିରିକ୍ତ ବଜେଟ ଆସିବାର ସମ୍ଭାବନା ରହିଛି । କାର୍ଯ୍ୟକ୍ରମ ବ୍ୟୟ ସମ୍ପର୍କିତ ପ୍ରସ୍ତାବ ଯୋଜନା ଓ ସଂଯୋଜନ ବିଭାଗର ଅନୁମୋଦନ ମିଳିଲେ ଅର୍ଥ ବିଭାଗକୁ ପ୍ରସ୍ତାବ ଦେବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ସୀମା ଶେଷ ହେବା ପରେ ଆସିବାକୁ ଥିବା ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରାଯିବ ନାହିଁ। ଏନେଇ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ଶାସନ ସଚିବ, କମିସନର ତଥା ସଚିବ ଓ ସଚିବମାନଙ୍କୁ ଏକ ଚିଠି ଲେଖିଛନ୍ତି। ଅର୍ଥ ବିଭାଗର ପ୍ରମୁଖ ସଚିବ ଶ୍ରୀ ମିଶ୍ର ସ୍ପଷ୍ଟକରି କହିଛନ୍ତି, ସାଧାରଣ ବଜେଟ୍ ୨୦୨୫-୨୬ରେ ଧାର୍ଯ୍ୟ କରାଯାଇଥିବା ଅଟକଳର ଖର୍ଚ୍ଚ ୪୦ ପ୍ରତିଶତରୁ କମ୍ ରହିଥିବା ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ଅତିରିକ୍ତ ଖର୍ଚ୍ଚ ଦାବି ପ୍ରସ୍ତାବକୁ ବିଭାଗମାନେ ବଢ଼ାଇଚଢ଼ାଇ ଉପସ୍ଥାପନ କରନ୍ତି। ବର୍ଷ ଶେଷ ବେଳକୁ ତାହାକୁ ଖର୍ଚ୍ଚ କରିନପାରି ଫେରାଇଥାନ୍ତି। ସେଥିପାଇଁ ବାସ୍ତବରେ ଯେତିକି ଟଙ୍କା ଦରକାର ସେତିକି ମାଗିବା ଲାଗି ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବେତନ, ମହଙ୍ଗା ଭତ୍ତା, ଘରଭଡ଼ା, ବିଦ୍ୟୁତ ବଲ ଦେୟ, ଜଳକର ଏବଂ ମ୍ୟୁନିସିପାଲିଟି ଦେୟ ଆଦି ସମ୍ପର୍କିତ ପ୍ରସ୍ତାବକୁ କେବଳ ଯେତିକି ଅଭାବ ରହିଛି, ସେଥିପାଇଁ ଦାବି ଉପସ୍ଥାପନ କରିବାକୁ କୁହାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଆକଳନ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ହାର ୭% ରହିବ। ସେହିପରି ଓଡ଼ିଶାର ଅଭିବୃଦ୍ଧି ହାର ୮% ରହିବ। ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ରାଜ୍ୟର ରାଜସ୍ୱ ସଂଗ୍ରହରେ ବୃଦ୍ଧି ଗତବର୍ଷ ତୁଳନାରେ ୨% ଅଧିକ ରହିଛି। ସେହି ସମୟ ସୁଦ୍ଧା ରାଜ୍ୟର ମୋଟ୍ ବ୍ୟୟ ବଜେଟ୍ ଅଟକଳର ୩୪% ରହିଛି। ଆମେରିକା ସରକାର ଲଗାଇଥିବା ଶୁଳ୍କ ଏବଂ ନିକଟରେ ଜିଏସ୍‌ଟିରେ କରାଯାଇଥିବା ସଂସ୍କାରକୁ ଦୃଷ୍ଟିରେ ରଖି ରାଜସ୍ୱ ଆଦାୟ ଉପରେ ନଜର ରଖିବା ଏବଂ ବ୍ୟୟକୁ ତ୍ୱରାନ୍ୱିତ କରିବାକୁ ଅର୍ଥ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଚଳିତ ଆର୍ଥିକବର୍ଷର ବଜେଟ୍‌ରେ ରାଜ୍ୟ ସରକାର ଅନ୍ନଦାତା, ସମୃଦ୍ଧି, ସମାନତା, ସୁସ୍ଥ ଓଡ଼ିଶା, ଜଳବାୟୁ ପ୍ରସ୍ତୁତ ଓଡ଼ିଶା, ନବସୃଜନ, ସନ୍ତୁଳିତ ଆଞ୍ଚଳିକ ବିକାଶ, ସୁଶାସନ ଓ ଓଡ଼ିଆ ଅସ୍ମିତାକୁ ପ୍ରାଥମିକତା ଦେଇଥିଲେ। ତେଣୁ ଅତିରିକ୍ତ ଖର୍ଚ୍ଚ ଦାବି ପ୍ରସ୍ତାବ ଦେବା ବେଳେ ଏହି ଅଗ୍ରାଧିକାର କ୍ଷେତ୍ରଗୁଡ଼ିକୁ ବିଚାରକୁ ନେବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ବିଭାଗ ବିତ୍ତୀୟ ପରିଚାଳନାରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି।




## ସିବିଆଇ ଫିଟାଉଛି ଗୁମର

# ଡିଆଇଜିଙ୍କ ଘରୁ ମିଳିଲା ନଗଦ ୫କୋଟି, ଦାମୀ କାର୍

**ମୋହାଲି,(ଏଜେନ୍ସି):** ଫିଟୁଛି ଆଇପିଏସ୍ ବାବୁଙ୍କ କଳା ସାମ୍ରାଜ୍ୟର ଗୁମର। ୫ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାତରେ ଧରା ପଡ଼ିଥିବା ଆଇପିଏସ୍ ହରଚରଣ ସିଂହ ଭୁଲ୍ଲାରଙ୍କ ସମ୍ପତ୍ତିକୁ ଦେଖି ଟେରା ହୋଇଛନ୍ତି ସିବିଆଇ ଅଧିକାରୀ। ପଞ୍ଜାବ ପୁଲିସ୍‌ରେ ଡିଆଇଜି ଭାବେ କାମ କରୁଥିବା ହରଚରଣଙ୍କ ବିଭିନ୍ନ ଠିକଣାରୁ ମିଳିଛି ନଗଦ ୫ କୋଟି ଟଙ୍କା, ୧.୫ କେଜି ସୁନା, ଏକାଧିକ ଦାମୀ କାର୍ ଓ ଅନ୍ୟାନ୍ୟ ସମ୍ପତ୍ତି। ଗୁରୁବାର ରୋପର ରେଞ୍ଜ୍ ଡିଆଇଜି ଭାବେ କାମ କରୁଥିବା ହରଚରଣଙ୍କୁ ସିବିଆଇ ଲାଞ୍ଚ ଟଙ୍କା ନେବା ବେଳେ ଧରିଥିଲେ। ସେ ଗୋଟିଏ ମାମଲାର ରଫାଦଫା କରିବାକୁ ଜଣେ ସ୍କ୍ରାପ୍ ଡିଲରଙ୍କ ଠାରୁ ୫ଲକ୍ଷ ଟଙ୍କା ନେଉଥିଲେ। ଟଙ୍କା ସହ ଧରାପଡ଼ିବା ପରେ ଡିଆଇଜି ହରଚରଣଙ୍କୁ ସିବିଆଇ ଗିରଫ କରିଥିଲା। ବାସ୍ତବରେ ସ୍କ୍ରାପ ଡିଲରଙ୍କ ଠାରୁ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ହରଚରଣ ୮ ଲକ୍ଷ ଟଙ୍କା ଓ ମାସିକିଆ ବଟି ପାଇଁ ଡିଲ କରିଥିଲେ। ଏନେଇ ଡିଲର ଜଣଙ୍କ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ହରଚରଣଙ୍କୁ ରଙ୍ଗେ ହାତ ଧରିବାକୁ ସିବିଆଇ ଜାଲ ବିଛାଇଥିଲା। ଯୋଜନା ଅନୁସାରେ ଅଭିଯୋଗକାରୀ ଜଣଙ୍କ ଲାଞ୍ଚ ଟଙ୍କା ଦେବାକୁ ହରଚରଣଙ୍କ ମୋହାଲି ଅଫିସରେ ପହଞ୍ଚିଥିଲେ। ସେଠାରେ ସେ ଲାଞ୍ଚ ନେଉଥିବା ବେଳେ ସିବିଆଇ ଅଧିକାରୀମାନେ ତାଙ୍କୁ ଧରିଥିଲେ। ହରଚରଣଙ୍କ ସହ ତାଙ୍କ ପାଇଁ କାମ କରୁଥିବା କ୍ରିଷ୍ଣାନୁ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫଦାରୀ ପରେ ସିବିଆଇ ହରଚରଣଙ୍କ ଲିଙ୍କ୍‌ରେ ପଞ୍ଜାବ ଓ ଚଣ୍ଡିଗଡ଼ର ବିଭିନ୍ନ ସ୍ଥାନରେ ରେଡ୍ କରିଥିଲା। ଏହି ସମୟରେ ନଗଦ ଟଙ୍କା ସହ ୧୫ଟି ସମ୍ପତ୍ତି ସହ ଜଡ଼ିତ କାଗଜପତ୍ର, ମର୍ସିଡିଜ ଓ ଅଡି କାର୍‌ର ଚାବି, ୨୨ଟି ବିଳାସପୂର୍ଣ୍ଣ ଘଣ୍ଟା, ଏକାଧିକ ଲକରର ଚାବି, ୪୦ ଲିଟର ବିଦେଶୀ ତଥା ଦାମୀ ମଦ, ଡବଲ ବାରେଲ ଗନ, ପିସ୍ତଲ, ରିଭଲବର ଓ ଗୋଟିଏ ଏୟାରଗନ ଜବତ କରାଯାଇଛି। ସେହିପରି ମଧ୍ୟସ୍ଥି କ୍ରିଷ୍ଣାନୁ ଠାରୁ ସିବିଆଇ ଅଧିକାରୀମାନେ ନଗଦ ୨୧ ଲକ୍ଷ ଟଙ୍କା ଜବତ କରିଛନ୍ତି। ଏବେ ବି କ୍ରିଷ୍ଣାନୁ ଓ ହରଚରଣଙ୍କ ବିଭିନ୍ନ ଠିକଣାରେ ରେଡ୍ ଚାଲିଛି। ସିବିଆଇ ଉଭୟଙ୍କୁ କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେବାକୁ ମଧ୍ୟ ଜବତ କରିଛି। ହରଚରଣ ସିଂହ ଭୁଲ୍ଲାରଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆରରେ କୁହାଯାଇଛି ଯେ ମଣ୍ଡି ଗୋବିନ୍ଦଗଡ଼ର ଆକାଶ ବାଟ୍ଟା ନାମକ ଜଣେ ବ୍ୟବସାୟୀଙ୍କୁ ହରଚରଣ ସହଯୋଗୀ କ୍ରିଷ୍ଣାନୁଙ୍କ ଜରିଆରେ ଲାଞ୍ଚ ଓ ମାସିକ ବଟି ମାଗିଥିଲେ। ଯଦି ସେ ଟଙ୍କା ନ ଦେବେ, ତା'ହେଲେ ତାଙ୍କୁ ମିଛ ଅପରାଧିକ ମାମଲାରେ ଫସାଇ ଦେବାର ଧମକ ଦେଇଥିଲେ। ୨୦୨୫ ଅକ୍ଟୋବର ୧୧ରେ ଗୋଟିଏ ହ୍ୱାଟ୍ସ ଆପ କଲର ରେକର୍ଡ ମଧ୍ୟ ସାମ୍ନାକୁ ଆସିଛି। ହରଚରଣ ୮ ଲକ୍ଷ ଟଙ୍କା ସଂଗ୍ରହ କରିବାକୁ କ୍ରିଷ୍ଣାନୁଙ୍କୁ କହୁଥିବା ଏହି କଲ ରେକର୍ଡରୁ ନିଶ୍ଚିତ ହୋଇଛି। ଏପରି ପ୍ରମାଣ ପାଇବା ପରେ ସିବିଆଇ ତାଙ୍କୁ ଲାଞ୍ଚ ଟଙ୍କା ସହ ଧରିବାକୁ ଜାଲ ବିଛାଇଥିଲା। ଆଉ ହରଚରଣ ସେହି ଜାଲରେ ଫସି ଯାଇଛନ୍ତି। ୨୦୦୭ ବ୍ୟାଚ୍‌ର ଆଇପିଏସ୍ ହେଉଛି ହରିଚରଣ। ସେ ହେଉଛନ୍ତି ପଞ୍ଜାବର ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ମେହଲ ସିଂହ ଭୁଲ୍ଲାରଙ୍କ ପୁଅ।



## ଗିଫ୍ଟ ନେଇ ଅଫିସ ଯିବା ମନା

**ଭୁବନେଶ୍ୱର,(ପିପିଏସ୍):** ଏଣକି ରାଜ୍ୟ ସରକାରଙ୍କ କୌଣସି ବିଭାଗ ଓ ଅଫିସ୍ ଆଉ ସରକାରୀ ପାଣ୍ଠିରେ ଗିଫ୍ଟ କ୍ରୟ କରିପାରିବ ନାହିଁ। ଦୀପାବଳି ସମେତ ସମସ୍ତ ପର୍ବପର୍ବାଣୀରେ ଉପହାର କିମ୍ବା ଏଭଳି ସାମଗ୍ରୀ କ୍ରୟ ବାବଦ ଖର୍ଚ୍ଚ ଉପରେ ରାଜ୍ୟ ସରକାର ତୁରନ୍ତ କଟକଣା ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ସେପ୍ଟେମ୍ବର ୧୯ତାରିଖର ନିର୍ଦ୍ଦେଶନାମାକୁ ପାଳନ କରି ରାଜ୍ୟ ସରକାର ଶୁକ୍ରବାର ନିଜର ସବୁ ଅଫିସ୍ ପାଇଁ 'ନୋ ଗିଫ୍ଟ ପଲିସି'ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ନୂଆବର୍ଷରେ କ୍ୟାଲେଣ୍ଡର ଓ ଡାଏରୀ ବାବଦରେ କରୁଥିବା ଖର୍ଚ୍ଚ ଉପରେ କଟକଣା ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟ ଓ ସରକାରୀ ଉଦ୍ୟୋଗ(ପିଏସୟୁ), କେନ୍ଦ୍ରୀୟ ପିଏସୟୁ ଗୁଡ଼ିକରେ ଦୀପାବଳି ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ଉପହାର କିମ୍ବା ଏ ସଂକ୍ରାନ୍ତୀୟ ଜିନିଷପତ୍ର କ୍ରୟ ଏବଂ ଆଦାନପ୍ରଦାନ ବାବଦରେ କୌଣସି ଅର୍ଥ ଖର୍ଚ୍ଚ କରାଯିବ ନାହିଁ। ଏହି ନିଷ୍ପତ୍ତି ରାଜକୋଷର ସୁଚିନ୍ତିତ ତଥା ଉପଯୁକ୍ତ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ଅନାବଶ୍ୟକ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ନିଆଯାଇଥିବା ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ବିଭାଗର ସଚିବମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ରାଜ୍ୟ ଅର୍ଥ ବିଭାଗ ମଧ୍ୟ ସମସ୍ତ ରାଜ୍ୟ କାର୍ଯ୍ୟାଳୟକୁ ଏହି କଟକଣାକୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ଦ୍ୱାରା ୨୦୨୫ ମସିହା ସେପ୍ଟେମ୍ବର ୧୯ତାରିଖରେ ଜାରି ହୋଇଥିବା ସର୍କୁଲାରର ନକଲକୁ ମଧ୍ୟ ଏହି ନିର୍ଦ୍ଦେଶନାମା ସହ ସଂଲଗ୍ନ କରିଛନ୍ତି ଅର୍ଥ ସଚିବ ଶ୍ରୀ ମିଶ୍ର। କେନ୍ଦ୍ର ସରକାରଙ୍କ ଏହି ନୀତି ଦୀପାବଳି ଓ ଅନ୍ୟାନ୍ୟ ପର୍ବ ପାଇଁ ଉପହାର ଓ ଏସଂକ୍ରାନ୍ତୀୟ ସାମଗ୍ରୀ କ୍ରୟ ବାବଦ ଖର୍ଚ୍ଚ ଉପରେ କଟକଣା ଜାରିକରିଛି । କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଆର୍ଥିକ ଅନୁଶାସନ ବଜାୟ ରଖିବା ଏବଂ ଅଣ-ଅତ୍ୟାବଶ୍ୟକ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ନିର୍ଦ୍ଦେଶନାମା ଜାରି କରିଥାଏ। ରାଜକୋଷ ପାଣ୍ଠିର ବିବେକପୂର୍ଣ୍ଣ ଓ ନ୍ୟାୟସଙ୍ଗତ ଉପଯୋଗକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଦୀପାବଳି ଅବା ଅନ୍ୟ କୌଣସି ପର୍ବପର୍ବାଣୀରେ ଉପହାର ଓ ଏ ସଂକ୍ରାନ୍ତ ସାମଗ୍ରୀ କ୍ରୟ ବାବଦରେ ରାଜକୋଷରୁ କୌଣସି ଅର୍ଥ ଖର୍ଚ୍ଚ କରାଯିବ ନାହିଁ। ରାଜ୍ୟରେ ମଧ୍ୟ ଏହି ନୀତି ତୁରନ୍ତ ଲାଗୁ ହେବ ବୋଲି ରାଜ୍ୟ ଅର୍ଥ ବିଭାଗ ଶୁକ୍ରବାର ଏକ ନିର୍ଦ୍ଦେଶନାମା ଜାରି କରିଛି।



## ଫେବୃଆରୀ ୧୫ରୁ ୨୫ଭିତରେ +୨ ପରୀକ୍ଷା

**ଭୁବନେଶ୍ୱର,(ପିପିଏସ୍):** ଆସନ୍ତା ଫେବୃଆରୀ ୧୫ରୁ ୨୫ଭିତରେ ହେବ ଯୁକ୍ତଦୁଇ ପରୀକ୍ଷା। ୧୫ରୁ ୨୫ଭିତରେ ଯେକୌଣସି ତାରିଖରେ ପରୀକ୍ଷା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା। ଡିସେମ୍ବର ୧୫ତାରିଖ ସୁଦ୍ଧା ପିଲମାନଙ୍କୁ ମିଳିବ ଆଡମିଟ୍ କାର୍ଡ। ଇଣ୍ଟରନାଲ ପରୀକ୍ଷା ଡିସେମ୍ବର ୨୨ରୁ ୩୧ଯାଏଁ ହେବ। ଜାନୁଆରୀ ୨ରୁ ୧୫ଯାଏଁ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ନଭେମ୍ବର ୨୯ସୁଦ୍ଧା ପରୀକ୍ଷା ସେଣ୍ଟରରେ ଲାଗିବ ସିସିଟିଭି କ୍ୟାମେରା। ଚଳିତ ଥର ମୋଟ୍ ୧୩୪୯ସେଣ୍ଟରରେ ହେବ ଯୁକ୍ତଦୁଇ ପରୀକ୍ଷା।

### ସପ୍ତାହାନ୍ତବିଚାର

**ସମର୍ଥ ହେଉ ସଂସଦୀୟ କମିଟି**

### ବାଟେଘାଟେ



କଟକ ସହର ବିଜେଡି ଦଳଟା
ହୋଇଗଲା ଦୁଇଫାଳ
ନବୀନଙ୍କ ଜନ୍ମ ଦିନରେ ବିଜେଡି
ନେତା ବୁଲାଇଲେ ହଳ
ଋଷି ସୁବାଷଙ୍କ ଗୋଳ
ପରସ୍ପର ଗୋହି ଖୋଳାରେ କେବଳ
ଦିନସାରା ଗଣ୍ଡଗୋଳ
ନବୀନ ମୁଖିଆ ଶୁଣି ଏକଥାକୁ
ହୋଇଗଲେ ଝାଳନାଳ
ଏ ଦୁଇଜଣଙ୍କୁ ମୁଣ୍ଡରେ ବସାଇ
ଭୋଗୁଛନ୍ତି କର୍ମଫଳ

- ରାହୀ

## ପୀତବାସ ହତ୍ୟାକାଣ୍ଡକୁ ପୂରିଲା ୧୨ଦିନ

# ୟୁପିଆଇ ଟ୍ରାଞ୍ଜାକ୍‌ସନ୍‌ରୁ ମିଳିଲା ସାର୍ପସୁଟର୍‌ଙ୍କ ଠିକଣା

- ମିଳିବ କଠୋରରୁ କଠୋର ଦଣ୍ଡ: ଆଇନ ମନ୍ତ୍ରୀ
- ୮ଜଣଙ୍କୁ ପୁଲିସ୍ ଅଟକ ରଖିଥିବା ବେଳେ ସେଥିମଧ୍ୟରେ ବିହାରର ୪

**ବ୍ରହ୍ମପୁର (ପିପିଏସ୍):** ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ପୂରିଛି ୧୨ଦିନ। ପରିବାର ଓ ଶୁଭେଚ୍ଛୁମାନେ ୧୨ଦିନରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ପୀତବାସଙ୍କ ହତ୍ୟାକାରୀଙ୍କୁ ଗିରଫ କରିବା ନିମନ୍ତେ ତଦନ୍ତ ପ୍ରକ୍ରିୟା ଚାଲିଥିବା ବେଳେ ଯେଉଁମାନେ ଗୁଳିମାଡ଼ ଏବଂ ଷଡ଼ଯନ୍ତ୍ର କରିଛନ୍ତି ସେମାନଙ୍କୁ ସରକାର କଠୋରରୁ କଠୋର ଦଣ୍ଡ ଦେବେ ବୋଲି ସେ କହିଛନ୍ତି। ସେପଟେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ୮ଜଣଙ୍କୁ ପୁଲିସ୍ ଅଟକ ରଖିଥିବା ବେଳେ ସେଥିମଧ୍ୟରେ ବିହାରର ୪ଜଣ ରହିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି। ଏଥିମଧ୍ୟରେ ସାର୍ପସୁଟର ଥିବାବେଳେ ମୁଖ୍ୟ ଷଡ଼ଯନ୍ତ୍ରକାରୀକୁ ମଧ୍ୟ ପୁଲିସ୍ ଗିରଫ କରିଥିବା ଆଲୋଚନା ହେଉଛି। ପୀତବାସଙ୍କ ଭଳି ଜଣେ ଆଇନଜୀବୀଙ୍କୁ ଏଭଳି ନିର୍ମମ ଭାବେ ହତ୍ୟା କରିବା ରାଜ୍ୟ ଓକିଲ ସମାଜ ସହଜରେ ଗ୍ରହଣ କରିପାରୁନାହିଁ। ଦୋଷୀଙ୍କୁ ଗିରଫ କରିବା ସହ ଏହା ପଛରେ ରହିଥିବା ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ନିମନ୍ତେ ପୁଲିସ୍ କାର୍ଯ୍ୟକରୁ ବୋଲି ରାଜ୍ୟ ବାର୍ କାଉନ୍‌ସିଲ ଅଧ୍ୟକ୍ଷ ସୀତାଂଶୁ କୁମାର ଦ୍ୱିବେଦୀ କହିଛନ୍ତି। ପୁଲିସ୍ ଖୁବ୍‌ଶୀଘ୍ର ଏହି ଘଟଣାର ପର୍ଦ୍ଦାଫାସ କରିବ ବୋଲି ସେ କହିବା ସହ ପୀତବାସଙ୍କ ପରିବାରକୁ ଉଚିତ୍ ନ୍ୟାୟ ଦେବାପାଇଁ ସରକାର ଯତ୍ନବାନ ଅଛନ୍ତି ବୋଲି କହିଛନ୍ତି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ପୁଲିସ୍ ୟୁପିଆଇ ଟ୍ରାଞ୍ଜାକସନ ଦ୍ୱାରା ବିହାରର କିଛି ସାର୍ପସୁଟରଙ୍କ ନିକଟରେ ପହଞ୍ଚିପାରିଛି। ପୁଲିସ୍‌ର ଛାନଭିନ୍ ସମୟରେ ଜାଣିବାକୁ ପାଇଥିଲା ଯେ, କିଛି ଯୁବକ ବିହାର ଅଞ୍ଚଳରୁ ଆସି ଗତ କିଛିଦିନ ହେବ ବ୍ରହ୍ମପୁର ଗଜପତିନଗର ଅଞ୍ଚଳରେ ରହୁଥିଲେ। ପୀତବାସଙ୍କ ସମ୍ପର୍କରେ ସ୍ଥାନୀୟ କିଛି ଯୁବକଙ୍କୁ କୁଆଡ଼େ ଅଧିକ ପଚରା ଉଚୁରା କରିବା ସହିତ ତାଙ୍କ ଘର ନିକଟରେ ପଇଁତରା ମାରିଥିଲେ। ଗତମାସ ୧୨ତାରିଖରେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହିଥିବା ଏକ ମୋବାଇଲ୍ ରିଚାର୍ଜ ଦୋକାନକୁ ବିହାର ଅଞ୍ଚଳର ୨ ଯୁବକ ଯାଇ ୟୁପିଆଇ ଟ୍ରାଞ୍ଜାକସନ ଜରିଆରେ ତାଙ୍କ ପରିବାର ଲୋକଙ୍କୁ ୯୫୦୦ଟଙ୍କା ପଠାଇଥିଲେ। ଏନେଇ ପୁଲିସ୍ ସିସିଟିଭି କ୍ୟାମେରାରୁ ଯାଞ୍ଚ କରିବା ପରେ ୟୁପିଆଇ ଟ୍ରାଞ୍ଜାକସନ ସମ୍ପର୍କରେ ଜାଣି ବ୍ୟାଙ୍କରୁ ନଥିପତ୍ର ଯାଞ୍ଚ ପରେ ବିହାର ଯାଇ ସେଠାର ପୁଲିସ୍ ସହାୟତାରେ ୪ଜଣ ଯୁବକଙ୍କୁ କାବୁକରି ବ୍ରହ୍ମପୁର ଆଣିଛି। ସେହିପରି ପଶ୍ଚିମବଙ୍ଗ ଓ ଦିଲ୍ଲୀରୁ ମଧ୍ୟ ଆଉ ୪ଜଣ ଯୁବକଙ୍କୁ ଆଣି ପୁଲିସ୍ ଅଟକ ରଖି ପଚରା ଉଚୁରା କରୁଥିବା ସୂଚନା ମିଳିଛି। ତେବେ ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀକୁ ପୁଲିସ୍ କୁଆଡେ ମୁହାଁମୁହିଁ ଜେରା କରିବା ପରେ ଘଟଣାର ପର୍ଦ୍ଦାଫାସ କରିବ ବୋଲି ଜଣାପଡିଛି। ସେପଟେ ସରକାର ପୀତବାସଙ୍କ ପରିବାରକୁ ବିଭାଗୀୟ ତଦନ୍ତକରି ୧କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ରାଜ୍ୟ ବାର୍ କାଉନ୍‌ସିଲ ଅଧ୍ୟକ୍ଷ କହିଛନ୍ତି।



## ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ପୀଡ଼ିତା

### ଘଟଣାସ୍ଥଳରେ ଫରେନସିକ୍ ଟିମ୍

**କୋଲକାତା,(ପିପିଏସ୍):** ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡିଆ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ମାମଲା। ଚିକିତ୍ସାଧୀନ ଛାତ୍ରୀଙ୍କୁ ଶୁକ୍ରବାର ଅପରାହ୍ନରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ବର୍ତ୍ତମାନ ସେ ସୁସ୍ଥ ଥିବା ନେଇ ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି। ହେଲେ ଏବେ ଫେରିବେ ନାହିଁ ଓଡ଼ିଶା। ପୀଡ଼ିତାଙ୍କ ମାନସିକ ସ୍ଥିତି ଓ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପରେ ତାଙ୍କୁ ମେଡିକାଲ୍‌ରୁ ଡିସଚାର୍ଜ କରାଯାଇଛି। ସେପଟେ ପୁଣିଥରେ ଫରେନସିକ୍ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି। ସେଠାରୁ କିଛି ସାମ୍ପୁଲ ସଂଗ୍ରହ କରି ଟିମ୍ ଫେରିଥିବା ଜଣାପଡ଼ିଛି। ଗତ ଶୁକ୍ରବାର (୧୦ ଅକ୍ଟୋବର) ରାତିରେ ପଶ୍ଚିମବଙ୍ଗ ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟବର୍ଷର ଓଡ଼ିଆଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ସେହିଦିନ ରାତିରେ ହିଁ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ, ପୀଡ଼ିତା ଛାତ୍ରୀଙ୍କୁ ସେ ପଢୁଥିବା ମେଡିକାଲ କଲେଜର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ଦିନ ଧରି ସେଠାରେ ଚିକିତ୍ସାଧୀନ ଥିଲେ। ଅପରାହ୍ନରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ସେପଟେ ଏ ସମ୍ପର୍କରେ ଘରୋଇ ମେଡିକାଲ କଲେଜ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଛାତ୍ରୀଙ୍କ ଶାରୀରିକ ଏବଂ ମାନସିକ ଅବସ୍ଥା ଉପରେ ନଜର ରଖାଯାଇଛି ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଥିଲା। ଏକ୍ସପର୍ଟ ଡାକ୍ତରଙ୍କ ସମୀକ୍ଷା ପରେ, ପୀଡିତା ଛାତ୍ରୀଙ୍କୁ ଡିସଚାର୍ଜ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେପଟେ ଘଟଣାର ୮ ଦିନ ପରେ ଫରେନସିକ୍ ଟିମ୍ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ପରାଙ୍ଗଗଞ୍ଜ ଜଙ୍ଗଲକୁ ଯାଇଥିଲା। ଏନେଇ ଆସାନସୋଲ-ଦୁର୍ଗାପୁର ପୁଲିସ ଡିସି (ପୂର୍ବ) ଅଭିଷେକ ଗୁପ୍ତା କହିଛନ୍ତି, '୬ଜଣଙ୍କୁ ପୁଲିସ ହେପାଜତକୁ ନେଇ ପଚରାଉଚରା କରିବା ପରେ, ମିଳିଥିବା ଅତିରିକ୍ତ ସୂଚନା ଆଧାରରେ ଫରେନସିକ୍ ଏକ୍ସପର୍ଟମାନେ ପୁଣି ସେଠାକୁ ଯିବା ଆବଶ୍ୟକ ଥିଲା।'






# ଆଜିର ରାଶିଫଳ

**ମେଷ** ଉତ୍ତମ ବ୍ୟବହାର, ପରମ ଶୁଦ୍ଧ ରୀତି, ନୀତି, ନୈତିକ ପରିପୂର୍ଣ୍ଣତା ଓ ଦିବ୍ୟ ଜ୍ଞାନ ରୂପକ ସଂସ୍କୃତିସମ୍ପନ୍ନ ହୋଇପାରନ୍ତି। ଆୟ ବୃଦ୍ଧିର ସୂଚନା ମିଳୁଥିବାବେଳେ ବ୍ୟୟ ଭାର ଅଧିକ ହେବ। ସୁସ୍ଥ ରହିବେ।

**ବୃଷ** ତ୍ୟାଗ ରୂପକ ଜୀବନ ଶୋଧନର ରାଜମାର୍ଗକୁ ଆଦରି ନେଇ ପାରନ୍ତି। ପ୍ରଚୁର ଧନ ପ୍ରାପ୍ତି ସହ ଧାର୍ମିକ ଭାବନାରେ ଉଦ୍ବୁଦ୍ଧ ହେବେ। ଜ୍ଞାନର ଅବତରଣ କରି ଆଶ୍ରିତମାନଙ୍କୁ ସଦ୍ଜ୍ଞାନ ସମ୍ପନ୍ନ କରିପାରନ୍ତି।

**ମିଥୁନ** ଆଶାବାଦୀ ହିସାବରେ ମନ ପ୍ରଫୁଲ୍ଲ ରହିବ। କର୍ମଯୋଗୀର ନିଦର୍ଶନ ହୋଇପାରନ୍ତି। ଆତ୍ମବିଶ୍ୱାସ ଓ ଅବିରଳ ଅଧ୍ୟବସାୟ ଆପଣଙ୍କୁ ମହାନ୍ କରି ଗଢ଼ି ତୋଳିବ। ସ୍ୱକୀୟ ଗୁଣରେ ପୂଜ୍ୟ ହେବେ।

**କର୍କଟ** ପରିବାର ରୂପି ସଂସ୍କାର ଶାଳାକୁ ଉତ୍ତମ ରୂପେ ଉପଲବ୍ଧି କରି ପତ୍ନୀଙ୍କ ଉପରେ ନ୍ୟସ୍ତ ଅଧିକ କାର୍ଯ୍ୟ ଭାରକୁ ଲାଘବ କରିବା ଆପଣଙ୍କ ପକ୍ଷେ ଉଚିତ୍ ହେବ। ଧନ ସମ୍ପଦ ଭରପୂର ରହିବ। ଶାସ୍ତ୍ରଜ୍ଞ ହୋଇପାରନ୍ତି।

**ସିଂହ** କ୍ରୋଧର ସ୍ଫୁଲିଙ୍ଗଠାରୁ ଦୂରେଇ ରହିବାକୁ ପଡ଼ିବ। ଆଶାକୁ ଜୀବନ ଆଧାର କରିଥିବାବେଳେ ଆଜି ଦିନରେ ତାହା ନିରାଶାରେ ପରିଣତ ହୋଇପାରେ। ସ୍ୱାଭିମାନୀ ହେବେ। ଆତ୍ମଶକ୍ତିକୁ ଜାଗ୍ରତ କରିବେ।

**କନ୍ୟା** ସେବା ଓ ସମ୍ବେଦନାର ପ୍ରତୀକ ଯେଉଁ ନାରୀ; ସେହି ନାରୀମାନଙ୍କର ସହାୟତା କରି ନିଜକୁ ଧନ୍ୟ ମନେ କରିପାରନ୍ତି। ସେବା ଭାବରେ ଉନ୍ମୁଖ ହେବେ। ସହଯୋଗୀ ବ୍ୟବସାୟ ଲାଭପ୍ରଦ ହେବ।

**ତୁଳା** ଆପଣଙ୍କ ଲେଖା, କାର୍ଯ୍ୟ, ମୂଲ୍ୟବୋଧର ସ୍ୱର ପାଠକଙ୍କ ହୃଦୟକୁ ରସାଣିତ କରିପାରେ। ଶତ୍ରୁତା ଆଚରଣ କରୁଥିବା ଶକ୍ତି ଆପଣଙ୍କ ନିକଟରେ ସଙ୍କୁଚିତ ହେବ। ପର ଅଧୀନରୁ ମୁକ୍ତ ହେବେ।

**ବିଛା** ପ୍ରଜ୍ଞାଦୀପ୍ତ ଭାବ ନେଇ ଆପଣ ମହାନ୍ ଆଦର୍ଶର ଶାଣିତ, ସତ୍ୟପ୍ରଜ୍ଞ। ଯେହେତୁ ଆପଣ ଅସାଧାରଣ; ଆପଣଙ୍କୁ ସାଧାରଣ ଭାବେ ବିବେଚନା କରାଯାଇ ପାରିବନି। ଦୈବୀ ଶକ୍ତିସମ୍ପନ୍ନ ସନ୍ତାନ ଦ୍ୱାରା ମାନ ବୃଦ୍ଧି ହେବ।

**ଧନୁ** ଜୀବନକୁ ସହଜ ଭାବେ ଗ୍ରହଣ କରିବାର ପ୍ରବୃତ୍ତି ଆପଣଙ୍କର ଅଛି। ପରପୀଡ଼ାକୁ ହୃଦୟଙ୍ଗମ କରି ଦାନାନୁରକ୍ତ ହେଉଥିବାରୁ ଆପଣଙ୍କୁ ଗାନ୍ଧିଜୀଙ୍କ ମତରେ ବୈଷ୍ଣବ କୁହାଯିବ। ଯାନବାହନ ସୁଖ ମିଳିବ।

**ମକର** ଆଧ୍ୟାତ୍ମବାଦୀ ହେବେ। ଅନେକ କ୍ଷେତ୍ରରେ ବାସ୍ତବତା ସହିତ ଯୋଡ଼ି ହୋଇ ପାରନ୍ତି। ବ୍ୟକ୍ତି ଚେତନାକୁ ସ୍ୱଚ୍ଛନ୍ଦ କରି ପାରନ୍ତି। ବ୍ୟକ୍ତି ଚେତନାକୁ ସ୍ୱଚ୍ଛଳ କରିପାରନ୍ତି। ଆତ୍ମ ମୂଲ୍ୟାଙ୍କନ କରିପାରନ୍ତି।

**କୁମ୍ଭ** 'ଈଶ କୃପା ବିନୁ ଗୁରୁ ନେହିଁ' ଗୁରୁ ବିନା ନାହିଁ ଜ୍ଞାନ ଏପରି ଗୁରୁବାଣୀ ଆପଣଙ୍କୁ ପୁନଶ୍ଚ କର୍ମ ତତ୍ପର କରିପାରେ। ସନ୍ମାର୍ଗୀ ହେଲେ ଅମୃତର ସନ୍ଧାନ ପାଇବେ। ବିଭିନ୍ନ ସୂତ୍ରରୁ ଧନାଗମର ସୂଚନା ମିଳୁଛି।

**ମୀନ** ବରିଷ୍ଠ ବ୍ୟକ୍ତିମାନଙ୍କ ପାଇଁ ସମ୍ମାନବୋଧ ଭାଷା ଆପଣଙ୍କ ଧ୍ୟେୟ ହୋଇପାରେ। ସାଧନା ଅହଂକାର ଶୂନ୍ୟ ହେଲେ ସିଦ୍ଧି ପ୍ରାପ୍ତ ହେବେ। ପରକୁ ଆପଣାର କରିପାରନ୍ତି। ଆହର ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହେବ।

# ମୁଗ ଡାଲି ବରଫି

**ଆବଶ୍ୟକ ସାମଗ୍ରୀ:** ମୁଗ ଡାଲି, ଗୁଆ ଘିଅ, ଚିନି, ଡ୍ରାଏ ଫ୍ରୁଟ୍ସ।

**ପ୍ରସ୍ତୁତି ପ୍ରଣାଳୀ-** ପ୍ରଥମେ ମୁଗ ଡାଲି ୧ କପ୍କୁ ଗ୍ରାଇଣ୍ଡିଂ କରି ଭଲ ଭାବେ ପାଉଡ଼ର କରି ଦିଅନ୍ତୁ। କରେଇରେ ଏକ କପ୍ରେ ଅଧାରୁ କମ୍ ଗୁଆ ଘିଅ ପକାଇ ତାହାକୁ ଗରମ କରନ୍ତୁ। ଏବେ ସେଥିରେ ମୁଗ ଡାଲି ପାଉଡ଼ର ପକାଇ ସିମ୍ ଆଞ୍ଚରେ ଭାଜନ୍ତୁ। ଏହା ଭଲ ଭାବେ ଭାଜି ହୋଇଯିବା ପରେ ଗ୍ୟାସ୍ରୁ ବାହାର କରିଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ୧ କପ୍ ଚିନିରେ ଅଧ କପ୍ ପାଣି ଦେଇ ସିରା ପ୍ରସ୍ତୁତ କରନ୍ତୁ। ସିରା ପ୍ରସ୍ତୁତ ହେବା ପରେ ସେଥିରେ ମୁଗ ଡାଲି ପାଉଡ଼ରକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ ଜଣ୍ଡଣି।ଏବେ ତାହାକୁ ଏକ ପାତ୍ରରେ ବାହାର କରି ନିଜ ପସନ୍ଦର ଆକାର ଦିଅନ୍ତୁ। ତାହା ଉପରେ ନିଜ ପସନ୍ଦର ଡ୍ରାଏ ଫ୍ରୁଟ୍ସ ପକାଇ ସଜାଇ ଦିଅନ୍ତୁ। ପ୍ରାୟ ଘଣ୍ଟାଏ ପରେ ତାହାକୁ ପିସ୍ ପିସ୍ କରି କାଟି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମୁଗ ଡାଲି ବରଫି ।




# କାଉଙ୍କୁ ଖାଇବାକୁ ଦେଲେ କଟିଯିବ ଏସବୁ ଗ୍ରହ ଦୋଷ

ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ପ୍ରତ୍ୟେକ ଗ୍ରହର ସମ୍ବନ୍ଧ କୌଣସି ନା କୌଣସି ପ୍ରାଣୀଙ୍କ ସହିତ ରହିଥାଏ। ଫଳରେ ସେହି ପ୍ରାଣୀମାନଙ୍କର ସେବା କଲେ, ସେମାନଙ୍କୁ ଖାଇବାକୁ ଦେଲେ ଅନେକ ସୁଫଳ ମିଳେ।

**ଯେମିତି କି:**

- ରାହୁ ଦୋଷ ଥିଲେ ମାନସିକ ଚାପ, ସନ୍ଦେହ ବୃଦ୍ଧି ସହ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ ଉପୁଜିଥାଏ। ଏଥିରୁ ମୁକ୍ତି ପାଇବାକୁ କୁକୁରଙ୍କ ଯତ୍ନ ନେବା ସହ ସେମାନଙ୍କୁ ଖାଇବାକୁ ଦେଲେ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି।
- କେତୁ ଦୋଷରୁ ରକ୍ଷା ପାଇବାକୁ ବିଲେଇଙ୍କର ଯତ୍ନ ନେବା ଶୁଭ ହୋଇଥାଏ।



- କାର୍ଯ୍ୟରେ ବାରମ୍ବାର ବାଧା ଉପୁଜିବା, ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ସମସ୍ୟା ହେଉଥିଲେ ଶନି ଦୋଷ ଥାଏ ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ନିୟମିତ କାଉଙ୍କୁ ରୁଟି, ଚାଉଳ ଖାଇବାକୁ ଦେବା ଉତ୍ତମ ହୋଇଥାଏ।
- ବୃହସ୍ପତି ଦୋଷ ଥିଲେ ମାନସମ୍ମାନ, ପ୍ରତିଷ୍ଠା, ଧନ, ଜ୍ଞାନ ଆଦି କ୍ଷୁଣ୍ଣ ହୋଇଥାଏ। ଏଥିପାଇଁ ମାଛଙ୍କୁ ଦାନା ଅବା ଅଟାର ଛୋଟ ଛୋଟ ଗୁଳା କରି ଖାଇବାକୁ ଦେବା ଶୁଭ ହୋଇଥାଏ।
- ଉପସ୍ଥିତ ବୁଦ୍ଧି ଓ ବାକ୍ ସଂଯମତାର ଅଭାବ, ବ୍ୟବସାୟରେ କ୍ଷତି, ସମ୍ପର୍କ ହାନି ଆଦି ବୁଧ ଗ୍ରହର ଖରାପ ଚଳନ ଯୋଗୁ ଉପୁଜିଥାଏ। ଏଥିରୁ ମୁକ୍ତି ପାଇଁ ପକ୍ଷୀମାନଙ୍କ ସକାଶେ ଖାଦ୍ୟ-ପାନୀୟର ବ୍ୟବସ୍ଥା କରିବା ଏକ ବିକଳ୍ପ ହୋଇଥାଏ।
- ସୂର୍ଯ୍ୟଙ୍କଠାରୁ ଶନିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଶୁଭ ଦୃଷ୍ଟି ପାଇଁ ଗୋମାତାଙ୍କର ସେବା କରିବା ଏକ ଉତ୍ତମ ଲକ୍ଷଣ ହୋଇଥାଏ।
- ମଙ୍ଗଳ ଦୋଷ କଟାଇବା ପାଇଁ ପିମ୍ପୁଡିଙ୍କୁ ଅଟା ହେଉ ଅବା ମିଠା ଜାତୀୟ ଖାଦ୍ୟ ଖାଇବାକୁ ଦେବା ଶୁଭ ବୋଲି ବିଶ୍ୱାସ ରହିଛି।

# କେଉଁ କେଉଁ ଖାଦ୍ୟ ବ୍ରେକ୍‌ଫାଷ୍ଟରେ ସାମିଲ କରିବେ



ଓଜନ ବଢିଗଲେ ଚିନ୍ତାରେ ପଡିଯାଏ ବ୍ୟକ୍ତି । ଆଉ ଆରମ୍ଭ କରେ ଡାଏଟିଂ । ଡାଏଟ୍ ଚାଟ୍ ପରିବର୍ତ୍ତନରୁ ନେଇ ମର୍ଣ୍ଣିଂ ୱାକ୍ ଓ ଏକ୍ସରସାଇଜ ଭଳି କେତେ କ'ଣ କରିବାକୁ ପଡେ । ହେଲେ ଏସବୁ ବ୍ୟତୀତ ବି କିଛି ଉପାୟ ଅଛି ଯାହାଦ୍ୱାରା ଆପଣ ସହଜରେ ଓଜନ କମାଇପାରିବେ । ଜଳଖିଆରେ ଆପଣ ଯଦି କିଛି ନିର୍ଦ୍ଦିଷ୍ଟ ଖାଦ୍ୟ ସାମିଲ କରନ୍ତି ତାହେଲେ ଆପଣଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ରେଜଲ୍ଟ ମିଳିବ । ଏହି ଜଳଖିଆ ଯେତିକି ପୃଷ୍ଟିକର ସେତିକି ସ୍ୱାଦିଷ୍ଟ । ଏହାକୁ ଖାଇଲେ ଓଜନ କମିବ ସତ, କିନ୍ତୁ ଶରୀରର ଶକ୍ତି ବୃଦ୍ଧି ହେବ ।

ସକାଳୁ ଜଳଖିଆରେ ଅଣ୍ଡା, ଗ୍ରୀକ୍ ୟୋଗର୍ଟ କିମ୍ବା ପନିର ଭଳି ଖାଦ୍ୟ ଗ୍ରହଣ କଲେ ଏହା ବହୁ ସମୟ ପର୍ଯ୍ୟନ୍ତ ଶରୀରକୁ ଶକ୍ତି ଯୋଗାଏ । ଯାହାଦ୍ୱାରା ଥକ୍କାପଣ ଅନୁଭୂତ ହୁଏ ନାହିଁ । ସେହିପରି ଫାଇବରରେ ଭରପୂର ଖାଦ୍ୟ ଯେପିରିକି ଓଟ୍ସ, ତାଜା ଫଳ ଆଦି ଖାଇବା ଦ୍ୱାରା ମଧ୍ୟ ବହୁ ସମୟ ଧରି ଭୋକ ହୁଏ ନାହିଁ । କାରଣ ପେଟ ଭରପୂର ରହେ । ଏହାସହ ଜଳଖିଆରେ ହେଲଦି ଫ୍ୟାଟ୍ସ ନେବାକୁ ଭୁଲିବେନି । ବ୍ରେକ୍ଫାଷ୍ଟରେ ବାଦାମ, ଲହୁଣୀ, ଆଦି ସାମିଲ କରିବା ଦ୍ୱାରା ଏଥିରୁ କ୍ୟାଲୋରୀ ମିଳିଥାଏ । ଏସବୁ ଖାଦ୍ୟ ବହୁ ସମୟ ଧରି ଶରୀରକୁ ଶକ୍ତି ଯୋଗାଇବା ସହ ଫ୍ୟାଟ୍ ବର୍ଣ୍ଣ୍ କରିବାରେ ସହାୟକ ହୁଏ । ଫଳରେ ଓଜନ ହ୍ରାସ ପାଏ । ତେବେ ଡାଏଟିସିଆନଙ୍କ କହିବା କଥା, ଓଜନ କମାଇବା ପାଇଁ କମ୍ ଖାଇବା ଜରୁରୀ ନୁହେଁ, ବରଂ ହେଲ୍‌ଦି ଖାଦ୍ୟ ଖାଇବା ଜରୁରୀ ।

# କାହିଁକି ପାଳନ କରାଯାଏ ଧନତେରାସ ?



ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥୀ। ଶାସ୍ତ୍ର ଅନୁଯାୟୀ, ଭଗବାନ ଧନନ୍ତ୍ୱରୀ ଏହି ଦିନ ଜନ୍ମ ହୋଇଥିଲେ। ତେଣୁ ଏହାକୁ ଧନତେରାସ ପର୍ବ ଭାବରେ ପାଳନ କରାଯାଏ। ଧନନ୍ତ୍ୱରୀ ଅମୃତ କଳସ ଧରି ସମୁଦ୍ରରୁ ପ୍ରକଟ ହୋଇଥିଲେ, ତେଣୁ ଏହି ଦିନ ବାସନ କିଣିବାର ପରମ୍ପରା ରହିଛି। କିନ୍ତୁ ଧନତେରାସ ସହିତ ଜଡିତ ଅନେକ କାହାଣୀ ଅଛି ଯାହା ଦର୍ଶାଏ ଯେ ଦୀପାବଳି ପୂର୍ବରୁ କାହିଁକି ଧନତେରାସ ପାଳନ କରାଯାଏ ଏବଂ ଆମ ଜୀବନରେ ଧନତେରାସ ମହତ୍ତ୍ୱ କ'ଣ ?

ଶାସ୍ତ୍ର ଅନୁଯାୟୀ, ଧନତେରାସ ଦିନ ଭଗବାନ ଧନନ୍ତ୍ୱରୀ ତାଙ୍କ ହାତରେ ଏକ ସୁବର୍ଣ୍ଣ କଳସ ଧରି ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହୋଇଥିଲେ। ସେ କଳସରେ ଥିବା ଅମୃତ ଦେଇ ଦେବତାମାନଙ୍କୁ ଅମର କରିଦେଲେ। ଧନନ୍ତ୍ୱରୀ ଜନ୍ମ ହେବାର ଦୁଇ ଦିନ ପରେ ସମୁଦ୍ର ମନ୍ଥନରୁ ଦେବୀ ଲକ୍ଷ୍ମୀଙ୍କ ଆବିର୍ଭାବ ହେଲା। ତେଣୁ ଦୀପାବଳିର ଦୁଇ ଦିନ ପୂର୍ବରୁ ଧନତେରାସ ପର୍ବ ପାଳନ କରାଯାଏ। ଶାସ୍ତ୍ର ଅନୁଯାୟୀ ଭଗବାନ ଧନନ୍ତ୍ୱରୀ ହେଉଛନ୍ତି ଦେବତାମାନଙ୍କର ଚିକିତ୍ସକ। ତେଣୁ ଧନନ୍ତ୍ୱରୀଙ୍କ ଭକ୍ତି ଏବଂ ଉପାସନା ଦ୍ୱାରା ସ୍ୱାସ୍ଥ୍ୟ ଉପକାର ମିଳିଥାଏ। ଭଗବାନ ଧନନ୍ତ୍ୱରୀ ବିଷ୍ଣୁଙ୍କର ଏକ ଅବତାର ବୋଲି ବିଶ୍ୱାସ କରାଯାଏ। ଭଗବାନ ବିଷ୍ଣୁ କେବଳ ସାରା ସଂସାରରେ ଚିକିତ୍ସା ବିଜ୍ଞାନର ବିସ୍ତାର ଏବଂ ପ୍ରସାର ପାଇଁ ଧନନ୍ତ୍ୱରୀ ଅବତାର ଗ୍ରହଣ କରିଥିଲେ।

ଆଉ ଏକ କାହାଣୀ:

ଧନତେରାସ ସହ ଜଡିତ ଆଉ ଏକ କାହାଣୀ ହେଉଛି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଦିନ ଦେବତାମାନଙ୍କର କାର୍ଯ୍ୟରେ ବାଧା ସୃଷ୍ଟି କରିଥିବାରୁ ରାକ୍ଷାସମାନଙ୍କ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖିକୁ ଭଗବାନ ବିଷ୍ଣୁ କଣା କରି ଦେଇଥିଲେ।

କାହାଣୀ ଅନୁଯାୟୀ, ରାଜା ବଳିଙ୍କ ଭୟରୁ ଦେବତାମାନଙ୍କୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜାଙ୍କ ଯଜ୍ଞ ସ୍ଥଳରେ ପହଞ୍ଚିଗଲେ। ଶୁକ୍ରାଚାର୍ଯ୍ୟ ମଧ୍ୟ ଭଗବାନ ବିଷ୍ଣୁଙ୍କୁ ବାମନ ରୂପରେ ଚିହ୍ନିଦେଇଥିଲେ ଏବଂ ରାଜା ବଳିଙ୍କୁ ଅନୁରୋଧ କରି କହିଥିଲେ ଯେ ବାମନ ଯାହା ବି ମାଗିବେ ତାଙ୍କୁ ପ୍ରତ୍ୟାଖ୍ୟାନ କରିବ। ବାମନ ହେଉଛନ୍ତି ପ୍ରକୃତ ଭଗବାନ ବିଷ୍ଣୁ। ସେ ଦେବତାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମଠାରୁ ସବୁକିଛି ହରଣ କରିବାକୁ ଆସିଛନ୍ତି। ବଳି ରାଜା କିନ୍ତୁ ଶୁକ୍ରାଚାର୍ଯ୍ୟଙ୍କ କଥା ଶୁଣିଲେ ନାହିଁ। ବାମନ ଭଗବାନଙ୍କ ଦ୍ୱାରା ମଗଯାଇଥିବା ତିନିପାଦ ଭୂମି ଦାନ କରିବାକୁ ସେ ରାଜି ହୋଇଗଲେ ଆଉ କମଣ୍ଡଳରୁ ପାଣି ଆଣି ପ୍ରତିଶୃତି ଦେବା ଆରମ୍ଭ କରିଥିଲେ। ବଳିଙ୍କୁ ଦାନରୁ ନିବୃତ୍ତ କରିବାକୁ, ଶୁକ୍ରାଚାର୍ଯ୍ୟ ଏକ କ୍ଷୁଦ୍ର ରୂପରେ ରାଜା ବଳିଙ୍କ କମଣ୍ଡଳୁରେ ପ୍ରବେଶ କରିଗଲେ।

ଫଳରେ କମଣ୍ଡଳରୁ ବାହାରୁଥିବା ଜଳର ରାସ୍ତା ବନ୍ଦ ହୋଇଗଲା। ବାମନ ଭଗବାନ ଶୁକ୍ରାଚାର୍ଯ୍ୟଙ୍କ କୌଶଳକୁ ବୁଝିନେଲେ। ଭଗବାନ ବାମନ ନିଜ ହାତରେ ଥିବା କୁଶକୁ କମଣ୍ଡଳୁରେ ଏପରି ଭାବେ ରଖିଦେଲେ ଯେ ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି ଫୁଟିଗଲା। ଯନ୍ତ୍ରଣା ହେବାକୁ ଶୁକ୍ରାଚାର୍ଯ୍ୟ କମଣ୍ଡଳୁ ବାହାରକୁ ପଳେଇଆସିଲେ। ଏହାପରେ ବଳିରାଜା ଭଗବାନ ବିଷ୍ଣୁଙ୍କୁ ତିନି ପାଦ ଭୂମି ଦାନ କରିବାର ପ୍ରତିଶ୍ରୁତି ଦେଇଦେଲେ।

ଏହା ପରେ ବାମନ ରୂପି ବିଷ୍ଣୁ ସମଗ୍ର ପୃଥିବୀକୁ ଗୋଟିଏ ପାଦରେ ଏବଂ ଅନ୍ୟ ପାଦରେ ଆକାଶକୁ ନେଇଗଲେ। ତୃତୀୟ ପାଦ ରଖିବା ପାଇଁ କୌସ୍ଥାନ ନ ଥିବାରୁ ରାଜା ବଳି ବିଷ୍ଣୁଙ୍କ ପାଦତଳେ ତାଙ୍କ ମୁଣ୍ଡ ରଖିଥିଲେ। ଫଳରେ ବଳି ଦାନରେ ସବୁକିଛି ହରାଇଲେ। ଏହିପରି ବଳି ଭୟରୁ ଦେବତାମାନେ ମୁକ୍ତ ହୋଇଥିଲେ ଏବଂ ବଳି ସେମାନଙ୍କଠାରୁ ଛଡ଼ାଇ ନେଇଥିବା ସମ୍ପତ୍ତି ଅପେକ୍ଷା ଦେବତାମାନେ ଅନେକ ଗୁଣ ଅଧିକ ସମ୍ପତ୍ତି ପାଇଥିଲେ। ତେଣୁ ସମ୍ପତ୍ତି ପ୍ରାପ୍ତ ଆଶାରେ ଲୋକେ ଧନତେରାସ ପର୍ବ ପାଳନ କରନ୍ତି।

# ଧନତେରାସରେ କଣ କ୍ରୟ କରିବେ ?



**ପିତ୍ତଳ:** ଧନତେରାସରରେ ପିତ୍ତଳ ବସ୍ତୁ ବା ପାତ୍ର କ୍ରୟ କଲେ ଏହା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ପିତ୍ତଳ ପାତ୍ରରେ ସେଥିରେ କିଛି ମିଠା କିମ୍ବା ଚାଉଳ ଶସ୍ୟ ଭରି ରଖନ୍ତୁ । ଘରକୁ ପିତ୍ତଳ ପାତ୍ର ଆଣିବା ବହୁତ ଭଲ ବୋଲି ବିବେଚନା କରାଯାଏ ।

**ଝାଡୁ:** ଶାସ୍ତ୍ରରେ ଝାଡୁକୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ବିବେଚନା କରାଯାଏ । ବିଶ୍ୱାସ କରାଯାଏ ଯେ ଧନତେରାସ ଦିନ ଘରକୁ ଝାଡୁ ଆଣିଲେ ଏହା ଶୁଭଦାୟକ ହୋଇଥାଏ । ଘରକୁ ଝାଡୁ ଆଣିବା ଦ୍ୱାରା ଘରୁ ସମସ୍ତ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ।

**ଅକ୍ଷତ:** ଅକ୍ଷତ ଅର୍ଥାତ୍ ଚାଉଳ ମଧ୍ୟ ଧନତେରାସ ଦିନ ଘରକୁ ଆଣିବା ଉଚିତ୍ । ଶାସ୍ତ୍ରରେ କୁହାଯାଇଛି ଯେ ଚାଉଳ ଅର୍ଥାତ୍ ଅକ୍ଷତ ଖାଦ୍ୟରେ ସବୁଠାରୁ ଶୁଭ ବୋଲି ବିବେଚନା କରାଯାଏ । ଅକ୍ଷତର ଅର୍ଥ ହେଉଛି ଧନର ଅସୀମ ବୃଦ୍ଧି । ତେଣୁ, ଧନତେରାସ ଦିନ ଅକ୍ଷତ ଆଣିବା ଆପଣଙ୍କ ଧନ ବୃଦ୍ଧି କରିଥାଏ ।

**ସୁନା ଓ ରୂପା ମୁଦ୍ରା:** ଧନତେରାସରେ ଲକ୍ଷ୍ମୀ-ଗଣେଶଙ୍କର ଚିତ୍ରରେ ନିର୍ମିତ ଏକ ସୁନା କିମ୍ବା ରୂପା ମୁଦ୍ରା କ୍ରୟ କଲେ ଘରକୁ ମାଆ ଲକ୍ଷ୍ମୀଙ୍କ ଆଗମନ ହୋଇଥାଏ । ଘରେ ଏବଂ ବ୍ୟବସାୟର ଆର୍ଥିକ ସ୍ଥିତି ଭଲ ରହିବ । ଓ ବ୍ୟବସାରେ ଲାଭବାନ ହେବେ । ମାଟିରେ ନିର୍ମିତ ଲକ୍ଷ୍ମୀ-ଗଣେଶଙ୍କ ମୂର୍ତ୍ତି କିଣିବା ମଧ୍ୟ ବହୁତ ଶୁଭ ଅଟେ ।

**ଧନିଆ:** ଧନତେରାସ ଦିନ ଧନିଆ କିଣିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଏହି ଦିନ ଧନିଆକୁ ଆଣି ଦେବୀ ଲକ୍ଷ୍ମୀଙ୍କୁ ଅର୍ପଣ କରିବା ସହ ସେଥିରୁ କିଛି ହାଣ୍ଡିରେ ବୁଣାଯିବା ଉଚିତ୍ । କୁହାଯାଏ ଯେ ଯଦି ବିହନ ବୁଣିବା ପରେ ଧନିଆ ଗଛ ବାହାରକୁ ଆସେ, ତେବେ ବର୍ଷସାରା ଆପଣଙ୍କ ଘରେ ସମୃଦ୍ଧତା ରହିଥାଏ ।

# ପଞ୍ଜାବୀ ଷ୍ଟାର୍ ସୋନମ ବାଜୱା

ଚୁମ୍ବନ ଦୃଶ୍ୟ ପାଇଁ ଅନେକ ବଲିଉଡ୍ ଫିଲ୍ମ ଅଫର ଛାଡ଼ିଛନ୍ତି ପଞ୍ଜାବୀ ଷ୍ଟାର୍‌ର ସୋନମ ବାଜୱା। ତେବେ ଆତ୍ମ ବିଶ୍ୱାସ ନୁହେଁ, ଭୟ ଓ ନିଜ ଉପରେ ସନ୍ଦେହ ଯୋଗୁ ଏହି ନିଷ୍ପତ୍ତି ନେଇଥିଲେ ବୋଲି ସୋନମ କହିଛନ୍ତି । ପଞ୍ଜାବ ଦର୍ଶକ ପରଦାରେ ତାଙ୍କ ଅନ୍ତରଙ୍ଗ ଦୃଶ୍ୟକୁ କେମିତି ଗ୍ରହଣ କରିବେ, ସେହି ଚିନ୍ତାରେ ସୋନମ ଏ ନିଷ୍ପତ୍ତି ନେଇଥିଲେ । ପଞ୍ଜାବରେ ସୋନମ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ଖୁବ୍ ? ପରିଚିତ ।

ଏକ ଗଣମାଧ୍ୟମକୁ ସୋନମ କହିଛନ୍ତି, କ୍ୟାରିଅର୍ ଆରମ୍ଭରେ ତାଙ୍କୁ ବଲିଉଡ୍ ଅଫର ମିଳିଥିଲା । ଏକାଧିକ ଫିଲ୍ମରେ ଚୁମ୍ବନ ଦୃଶ୍ୟ ଥିଲା । ପଞ୍ଜାବ ଏହାକୁ ଗ୍ରହଣ କରିବ ତ ? ପରିବାର ସହିତ ଫିଲ୍ମ ଦେଖିବା ମାନସିକତା ପଞ୍ଜାବୀଙ୍କର ଥିବାରୁ ସୋନମ ଫିଲ୍ମ ସାଇନ୍ ? କରିବାକୁ ଖୁବ୍ ? ଡରିଯାଇଥିଲେ । ନିଜ ପରିବାର କଥା ମଧ୍ୟ ସେ ଚିନ୍ତା କରିଥିଲେ । ଏଭଳି ଅନେକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ତାଙ୍କ ମୁଣ୍ଡରେ ଥିଲା । କିନ୍ତୁ ମାତାପିତାଙ୍କ ସହ ଖୋଲା କଥା ହେବା ପରେ ସେମାନେ ରାଜି ହେଲେ । ଯଦି ଏହା ଫିଲ୍ମ ପାଇଁ କରିବାକୁ ପଡ଼ିବ, ତେବେ କିଛି ସମସ୍ୟା ନାହିଁ ବୋଲି ସେମାନେ ସୋନମଙ୍କୁ ଆଶ୍ୱସ୍ତ କଲେ । ଶେଷ ଥର ଅକ୍ଷୟ କୁମାରଙ୍କ 'ହାଉସ୍ ?ଫୁଲ-୫ 'ରେ ପରଦାକୁ ଆସିଥିଲେ ସୋନମ । ଆସନ୍ତା ୨୧ ତାରିଖରେ ତାଙ୍କ ଫିଲ୍ମ 'ଏକ୍ ? ଦିୱାନେ କୀ ଦିୱାନୀୟତ୍ ?' ମୁକ୍ତିଲାଭ କରିବ, ଯାହାକୁ ସେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ।



## ସଜେଇ ହେଲାଣି ଭଦ୍ରକାଳୀ ପୀଠ

ଭଦ୍ରକ, (ପିପିଏସ୍): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ପୀଠ ରେ କାଳୀ ପୂଜା ଅବସରରେ ମା'ଙ୍କୁ ସପ୍ତ ମାତୃକା ବେଶରେ ପୂଜା କରାଯାଇ ଥାଏ। ମା'ଙ୍କର ସପ୍ତ ମାତୃକା ବେଶ ସହିତ ପୀଠରେ ବିଶ୍ୱର ଜନକଲ୍ୟାଣ ନିମନ୍ତେ ଏକ ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଆସନ୍ତା ୨୦ ତାରିଖ ଠାରୁ ମହା ଯଜ୍ଞ ର ଶୁଭାରମ୍ଭ ହେବ। ମହା ଯଜ୍ଞର ପ୍ରଥମ ଦିବସରେ ମା' ବେଦମାତା ବେଶ ଧାରଣ କରି ପୂଜା ପାଇବେ। ଏଥି ନିମନ୍ତେ ପ୍ରଥମେ ସେବାୟତ ବୈଠକ ହୋଇଥିଲା ପୁଣି ମନ୍ଦିର ପ୍ରଶାସନ ମ୍ୟାନେଜିଙ୍ଗ ଟ୍ରଷ୍ଟି ଭଦ୍ରକ ଜିଲ୍ଲା ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାର ସବୁ ବିଭାଗର ପ୍ରାଶାସନିକ ଅଧିକାରୀ ମାନଙ୍କ ଉପସ୍ଥିତି ରେ ସେବାୟତ ମାନଙ୍କୁ ବସାଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସପ୍ତ ମାତୃକା ବେଶରେ ମା'ଙ୍କର ସାତ ଦିନର ବେଶ, ପୂଜା ନୀତି କାନ୍ତି, ମାନସିକ କଳସ ଶୋଭାଯାତ୍ରା, ଯଜ୍ଞ ମଣ୍ଡପ ରେ ବିଦ୍ଧି ଅନୁଯାୟୀ ପୂଜା ଓ ଆହୁତି, ପ୍ରସାଦ ବଂଟନ, ପହୁଡ଼ ଭୋଗ, ତୋରଣ, ଆଲୋକ ବ୍ୟବସ୍ଥା, ଶୃଙ୍ଖଳିତ୍ ଦର୍ଶନ ନିମନ୍ତେ ପୋଲିସ ବ୍ୟବସ୍ଥା, ପାନୀୟ ଜଳ, ଯାନ ବାହାନ ପାର୍କିଂ, ମୁଖ୍ୟ ରାସ୍ତା ର ମରାମତି ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେବାୟତ ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସପ୍ତ ମାତୃକା ବେଶ ର ପ୍ରଥମ ଦିନ ମା' ବେଦମାତା ବେଶରେ ପୂଜା ପାଇବେ, ଦ୍ୱିତୀୟ ଦିନ ମା'ଙ୍କର ମହାକାଳୀ ବେଶ ଓ ତୃତୀୟ ଦିନ ମା' ରାଜରାଜେଶ୍ୱରୀ ବେଶ ରେ ଦର୍ଶନ ଦେବେ। ଚତୁର୍ଥ ଦିନ ମା' ସିଂହବାହିନୀ ବେଶରେ ପୂଜା ପାଇବାକୁ ଥିବା ବେଳେ ପଂଚମ ଦିନରେ ମା'ଙ୍କର ଜଗଦ୍ଧାତ୍ରୀ ବେଶ ଓ ଷଷ୍ଠ ଦିବସ ରେ ମା ମହା ସରସ୍ୱତୀ ବେଶ ଧାରଣ କରିବେ। ଅନ୍ତିମ ଦିବସ ଆସନ୍ତା ୨୬ ତାରିଖରେ ମା'ଙ୍କର ମହାଲକ୍ଷ୍ମୀ ବେଶ ସହିତ ମହା ଯଜ୍ଞ ର ପୂର୍ଣ୍ଣା ହୁତି ଅନୁଷ୍ଠିତ ହେବ। ଆସନ୍ତା ବର୍ଷ ୨୦୨୬କୁ ମହାଯଜ୍ଞର ୨୫ ବର୍ଷ ପୂର୍ତି ଅବସରରେ ମା ଙ୍କ ର ସୁନା ବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ସୁନା ବେଶ ନିମନ୍ତେ ଏବେ ଠାରୁ ଆଗ୍ରହୀ ଭକ୍ତ ମାନେ ଦାନ କରି ପାରିବେ ବୋଲି ନିଷ୍ପତି ଗ୍ରହଣ କରାଯାଇଛି।



ଚଳିତ ବର୍ଷ ମା'ଙ୍କର ସାତ ଦିନର ବେଶକୁ ବେଶକାରୀ ସେବକ ପ୍ରାତଃ ୭.୪୫ ମିନିଟ ସୁଦ୍ଧା ସମାପନ କରିବ। ପରେ ଭକ୍ତଙ୍କ ନିମନ୍ତେ ସାହାଣମେଲା ଦର୍ଶନ ଆରମ୍ଭ ହେବ। ପୀଠରେ ମହାଯଜ୍ଞ ଓ ସପ୍ତ ମାତୃ କା ବେଶ ନିମନ୍ତେ ପ୍ରସ୍ତୁତି ପ୍ରୟ ଚୁଡାନ୍ତ ହୋଇ ଥିଲା ବେଳେ ସନ୍ଧ୍ୟାଠାରୁ ସଂସ୍କୃତିକ କାର୍ଯ୍ୟ କ୍ରମ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାଯଜ୍ଞ ର ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ର ସୁନାମ ଧନ୍ୟ ପାଲା ଗାୟକ ସନାତନ ଦାଶ ପାଲା ପରିବେଷଣ କରିବେ। ବାଣ ଫୁଟା ନିମନ୍ତେ ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ବନ୍ଦ ଥିବାବେଳେ ତୃତୀୟ ସନ୍ଧ୍ୟା ରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରବଚନ ଦେବେ। ଚତୁର୍ଥ ସନ୍ଧ୍ୟା ରେ ଓଡ଼ିଶୀ, ସମ୍ବଲପୁରୀ ଏବଂ ଓଡ଼ିଶାର ଲୋକ କଥା ଲୋକ ଗୀତ ଉପରେ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପଂଚମ, ଷଷ୍ଠ ଓ ସପ୍ତମ ସାଂସ୍କୃତିକ ସନ୍ଧ୍ୟା ରେ ଓଡ଼ିଶା ସରକାର ଙ୍କ ସାଂସ୍କୃତିକ ବିଭାଗ ଦ୍ୱାରା ଭଜନ ସନ୍ଧ୍ୟା, ନୃତ୍ୟ ଓ ଗୀତିନାଟ୍ୟ ପରିବେଶଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୀଠର ମହା ଯଜ୍ଞ ର ମାନସିକ କଳସ ଶୋଭାଯାତ୍ରା ଠାରୁ ପୂର୍ଣ୍ଣାହୂତି ପର୍ଯ୍ୟନ୍ତ ବିଭିନ୍ନ ବିଭାଗ ରେ ସେବାୟତ ମାନଙ୍କ ମଧ୍ୟରେ ଭାଗିରଥୀ ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, ପଂଚାନନ ଦୀକ୍ଷିତ, ମନ୍ଦର ଧର ଦୀକ୍ଷିତ, ମଧୁସୂଦନ ଦୀକ୍ଷିତ, ଶେଖର ମହାପାତ୍ର ପ୍ରଫୁଲ୍ଲ ସାହୁ, ବିଜୟ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ମଦନ ମୋହନ ଦୀକ୍ଷିତ, ପ୍ରଦୀପ ପଣ୍ଡା, ସମର ଦୀକ୍ଷିତ, ଜୀବନ ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ଅରବିନ୍ଦ ଦୀକ୍ଷିତ, କୃଷ୍ଣ ପ୍ରସାଦ ଦୀକ୍ଷିତ, ସୁଶାନ୍ତ ପଣ୍ଡା, ଅଜିତ ପଣ୍ଡା, ଅନିଲ ବେହେରା ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।



ଆଗକୁ ଦୀପାବଳୀ : ଦୀପ ଦୋକାନାରେ ଭିଡ଼




କାଳୀପୂଜା ପ୍ରସ୍ତୁତି: ମୃତ୍ତିଗଡ଼ାରେ ନିମଗ୍ନ କାରିଗର

## କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗଣମାଧ୍ୟମ ଅଧିକ ଜନସଚେତନତା ସୃଷ୍ଟିକରୁ : ରାଜ୍ୟପାଳ

ଭୁବନେଶ୍ୱର,(ହି.ସ)- କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଯୋଜନା ସଂପର୍କରେ ଗଣମାଧ୍ୟମ ଦ୍ୱାରା ଅଧିକ ଜନ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସହ ଆଲୋଚନା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହା ଦ୍ୱାରା ଅଧିକ ଲୋକ ବିଭିନ୍ନ ଯୋଜନାର ସୁଫଳ ପାଇ ପାରିବେ ବୋଲି ରାଜ୍ୟପାଳ କହିଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନା , ଅଟଳ ନେ୍ସନ ଯୋଜନା ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଭଳି ପ୍ରମୁଖ ଯୋଜନାଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ। ଅନେକ ଲୋକ ଏ ପର୍ଯ୍ୟନ୍ତ ଏହି ଯୋଜନାଗୁଡ଼ିକ ସଂପର୍କରେ ଅଜ୍ଞ ଅଛନ୍ତି। ଯଦି ଗଣମାଧ୍ୟମ ଦ୍ୱାରା ଏସବୁ ଯୋଜନା ସଂପର୍କରେ ଅଧିକ ପ୍ରଚାରପ୍ରସାର କରାଯାଏ, ତେବେ ଏହାଦ୍ୱାରା ଜନସାଧାରଣ ସଚେତନ ହୋଇପାରିବେ ଏବଂ ଅଧିକ ଲୋକ ବିଭିନ୍ନ ଯୋଜନାରେ ସୁବିଧା ହାସଲ କରିପାରିବେ ଏବଂ ଉପକୃତ ହୋଇପାରିବେ ବୋଲି ରାଜ୍ୟପାଳ କହିଥିଲେ।

ବିଭିନ୍ନ ଯୋଜନାଗୁଡ଼ିକ ନାଗରିକଙ୍କୁ ଆର୍ଥିକ ସୁରକ୍ଷା, ସାମାଜିକ ସୁରକ୍ଷା ଦେବା ସହ ଭବିଷ୍ୟତରେ ଆବଶ୍ୟକତା ୂରଣ କରି ନାଗରିକ ଜୀବନକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏ ଦିଗରେ ଅଧିକ ସଚେତନତା ସୃଷ୍ଟି ଅଧିକ ଲୋକଙ୍କୁ ସେମାନଙ୍କର ସଂଚୟ, ନେ୍ସନ୍ ଏବଂ ସେମାନଙ୍କର ିଲାମାନଙ୍କ ପାଇଁ ବୀମା କାର୍ଯ୍ୟକ୍ରମରୁ ଲାଭ ପାଇବାକୁ ସକ୍ଷମ କରିପାରିବ, ଯାହା ପ୍ରକାରାନ୍ତରେ ରାଜ୍ୟରେ ପରିବାରଗୁଡ଼ିକର ସ୍ଥିରତା ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବ। ଗଣମାଧ୍ୟମ ଏହି କଲ୍ୟାଣକାରୀ ପଦକ୍ଷେପକୁ ଜନସାଧାରଣଙ୍କ ନିକଟରେ ପହଂଚାଇପାରିବେ ବୋଲି ରାଜ୍ୟପାଳ କହିଛନ୍ତି। ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ରାଜ୍ୟପାଳ ରାଜ୍ୟରେ ଜନଜାତିଙ୍କ ବିକାଶ, ଶିକ୍ଷା, ଭିତିଭୂମି, ଗ୍ରାମୀଣ ବିକାଶ, ସ୍ଥାନାନ୍ତର (ଗସଶକ୍ସବଶ୍ୱସକ୍ଟଭ) ଏବଂ ଓଡ଼ିଶାକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ପ୍ରମୁଖ ବିଷୟ ସହ ରାଜ୍ୟ ପ୍ରସଙ୍ଗ ଉପରେ ମଧ ଆଲୋଚନା କରିଥିଲେ। ୨୦୩୬ ମସିହା ସୁଦ୍ଧା "ବିକଶିତ ଓଡ଼ିଶା" ଗଠନ ଲକ୍ଷ ହାସଲ କରିବାର ସମ୍ଭାବନା ଉପରେ ଆଲୋକପାତ କରି ଆଗକୁ ଥିବା ଆହ୍ୱାନର ମୁକାବିଲା ଏବଂ ସୁଯୋଗ ବିଷୟରେ ଉଲ୍ଲେଖ କରିଥିଲେ। ଭାରତୀୟ ଜାତୀୟ ରାଜଥ୍ ାଧିକରଣ (ଏନ୍.ଏଚ୍.ଏ.ଆଇ) ଏବଂ ଭାରତୀୟ ରେଳବାଇ ଦ୍ୱାରା ହାତକୁ ନିଆଯାଉଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ଉପରେ



ଆଲୋକପାତ କରି ଏହା ରାଜ୍ୟରେ ନିବେଶ ଓ ବିକାଶକୁ ବୃଦ୍ଧି କରିବ ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ "ଉତ୍କର୍ଷ ଓଡ଼ିଶା" କାର୍ଯ୍ୟକ୍ରମ ସମୟରେ ପ୍ରାପ୍ତ ନିବେଶ ପ୍ରସ୍ତାବଗୁଡ଼ିକ ବିଷୟରେ ତଥା ପ୍ରସ୍ତାବିତ ସେମିକଣ୍ଡକ୍ଟର ପ୍ରକଳ୍ପ ସଂପର୍କରେ ରାଜ୍ୟପାଳ ଅବତାରଣା କରି ୨୦୩୬ ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟ ହୋଇ ପାରିବ ବୋଲି କହିଥିଲେ। ଆତ୍ମନିର୍ଭରଶୀଳତା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋ କରି ରାଜ୍ୟପାଳ ଡ. କମ୍ଭମପାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମ ନିର୍ଭର ଭାରତର ଦୃଷ୍ଟିକୋଣକୁ ଉଲ୍ଲେଖ କରିଥିଲେ। ସମସ୍ତ ବିଭାଗ ଲୋକଙ୍କ ଆବଶ୍ୟକତା ପୂରଣ ଓ ସମସ୍ୟାର ସମାଧାନ ଉପରେ ଧ୍ୟାନ ଦେବାକୁ କହିଥିଲେ। ଅପରାଧ ନିୟନ୍ତ୍ରଣ ପ୍ରସଙ୍ଗରେ ଏହାକୁ ରୋକିବାରେ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସମାଜକୁ ସଚେତନ ହେବାକୁ ପଡ଼ିବ ବୋଲି କହିଥିଲେ। ସ୍ଥାନାନ୍ତର ଆହ୍ୱାନର ମୁକାବିଲା କରିବାରେ ଯୁବ ବର୍ଗଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଆରୋ କରିଥିଲେ। ଜନସାଧାରଣଙ୍କ ନିକଟରେ ବିଭିନ୍ନ ଖବର ଏବଂ ସୂଚନା ପହଂଚାଇବାରେ ଗଣମାଧ୍ୟମର ଅକ୍ଲାନ୍ତ ପ୍ରୟାସ ପାଇଁ ରାଜ୍ୟପାଳ ସେମାନଙ୍କୁ ପ୍ରଶଂସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରଥମ ଛଅମାସର କାର୍ଯ୍ୟକାଳର ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରୁଥିବା ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ ଉକ୍ତ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ପାରସ୍ପରିକ ଆଲୋଚନା ମାଧ୍ୟମରେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## କୌଳିକବୃତ୍ତି ଛାଡ଼ି ପାରୁନାହାନ୍ତି, ପେଟପୂରୁନି

ଗୋପ (ପିପିଏସ): ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳୀ। ଏହି ଦିନ ଘରେ ଘରେ ଦୀପ ଜାଳି ଶୁଭ ମନାସିଥାନ୍ତି ଲୋକେ। ଦୀପାବଳି ରେ ମାଟି ଦୀପ ଜାଳିବାର ପରମ୍ପରା ରହିଛି। କିନ୍ତୁ ଧୀରେ ଧୀରେ ଏଇ ମାଟି ଦୀପର ସ୍ଥାନ ଅଧିକାର କରିବାକୁ ଲାଗିଛି ଚାଇନା ଦୀପ ବା ଡିଜିଟାଲ ଦୀପ। ତଥାପି ନିଜର କୈଳିକ ବୃତ୍ତି ଛାଡ଼ି ନାହାନ୍ତି ଗୋପ ବ୍ଲକ ଗୋଲା ସାହି କୁମ୍ଭକାର ପରିବାରର ଏଇ ଦୀପ କାରିଗର ମାନେ। ଏଠି ପରିଶ୍ରମ ହେଉଛି ସତ ହେଲେ ପେଟ ପୁରୁନି କୁହନ୍ତି କୁମ୍ଭକାର କାରିଗର ମହିଳା ମାନେ। ଦୀପାବଳି ଆସୁଥିବାରୁ ଏବେ ଚଳଚଞ୍ଚଳ ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତ ଶିଶୋ ଗ୍ରାମର ଗୋଲାସାହି କୁମ୍ଭକାର ପରିବାର। ତିଆରି ଚାଲିଛି ଭଳିକି ଭଳି ମାଟି ଦୀପ, ଏବଂ ତା ସହିତ ଅନ୍ୟ ପୂଜା ସାମଗ୍ରୀ ନିର୍ମାଣରେ ବ୍ୟସ୍ତ କାରି ଗର। ହାତର ଯାଦୁଗରି ଓ ନିର୍ମାଣଶୈଳୀ ହିଁ ଏମାନଙ୍କ ପରିଚୟ। କେଉଁ ବାପଅଜା ଅମଳରୁ ପିଢ଼ି ପରେ ପିଢ଼ି ଆପଣେଇଛନ୍ତି ନିଜର କୌଳିକ ବୃତ୍ତି। ସମୟ ବଦଳିବା ସାଙ୍ଗକୁ ଟିକ ମିକ ଆଧୁନିକ ଛାପର ଆଲୁଅରେ ଦୀପାବଳି ମନାଉଛନ୍ତି ଅନେକ ଲୋକେ। ହେଲେ ଆଜି ବି ଦୀପାବଳିରେ ମାଟି ଦୀପର ବେଶ ଚାହିଦା ରହିଛି। ସେଥିପାଇଁ ତିଆରି ଚାଲିଛି ଭଳିକି ଭଳି ମାଟି ଦୀପ ଓ ଅନ୍ୟାନ୍ୟ ସାମଗ୍ରୀ। ଦୀପାବଳିରେ ଭଲ ଦି' ପଇସା ରୋଜଗାର ପାଇଁ ସଜବାଜ ହେଉଛନ୍ତି କୁମ୍ଭକାର ପରିବାର। ସମସ୍ତେ ଲାଗିପଡିଛନ୍ତି ଭଳି କି ଭଳି ଦୀପ ତିଆରି କରିବାରେ। ନିଜ ପାରମ୍ପରିକ ବେଉସାକୁ ବଞ୍ଚାଇ ଗଢି ଚାଲିଛନ୍ତି ସୁନ୍ଦର ସୁନ୍ଦର ମାଟିଦୀପ। କିଏ ମାଟି ଚକଟି ସୁନ୍ଦର ଦୀପ ତିଆରି କରିବାରେ ଲାଗି ପଡିଛି ତ କିଏ ଦୀପକୁ ଶୁଖେଇବାରେ ବ୍ୟସ୍ତ। ପୁଣି କିଏ ଭାଟିରେ ଦୀପକୁ ପୋଡୁଛି ତ କିଏ ତାକୁ ରଙ୍ଗରେ ରଙ୍ଗାୟିତ କରି ବାହାରେ ବିକ୍ରି ପାଇଁ ପ୍ୟାକିଂ କରୁଛି। ଏଥ ?ପାଇଁ ଗାଁ ଦାଣ୍ଡ ଭରିଛି ଦୀପ, ଝୁଣାଦାନୀ, କଳସ, ପଲମ ଓ ହାଣ୍ଡି ଶୁଖାଇବାରେ।



ଗୋଲାସାହିର କୁମ୍ଭକାରଙ୍କ କ୍ଷୋଭ

ପ୍ରତି ବର୍ଷ ଦୀପାବଳିରେ ଗୋଲା ସାହି ଗ୍ରାମର ପ୍ରତ୍ୟେକଟି କୁମ୍ଭାର ପରିବାର ଲୋକେ ଦୀପ ବିକ୍ରି କରି ଦି' ପଇସା ରୋଜଗାର କରିଥାନ୍ତି। ଦୀପ ବିକ୍ରି ପାଇଁ ବେପାରୀ ମଧ୍ୟ ଘର ପାଖକୁ ଆସି ଦୀପ ନେଉଛନ୍ତି। ତେବେ ଆଧୁନିକ ଜ୍ଞାନ କୌଶଳ ବୃଦ୍ଧି ସହିତ ବୈଦ୍ୟୁତିକ ବତୀ ପ୍ରତି ଯୁବ ଗୋଷ୍ଠୀଙ୍କ ଆଶକ୍ତି ରହୁଥିବା ବେଳେ ବୟସ୍କ ମାନେ ଏବେବି ମାଟି ଦୀପ ଉପରେ ଆଦର ରଖୁଛନ୍ତି। କିନ୍ତୁ ମାଟି ସହଜରେ ମିଳୁନଥିବାରୁ ଅନେକ ସମୟରେ ଚଢା ଦରରେ ମାଟି କିଣିଥାନ୍ତି କୁମ୍ଭକାର ମାନେ ଏଥି ସହିତ ବଜାରରେ ମାଟିତିଆରୀ ସାମଗ୍ରୀର ଉଚିତ ମୂଲ୍ୟ ନମିଳିବା ଏବଂ ସରକାରୀ ପ୍ରୋତ୍ସାହନ ମିଳୁନଥିବାରୁ ଲୁଚିଯିବାକୁ ବସିଲାଣି ଏହି କୌଳିକ ବୃତ୍ତି ବୋଲି କୁମ୍ଭକାର ମହିଳା କାରିଗର ମାନେ କୁହନ୍ତି। ଯଦି ସରକାର ଏହି କୁମ୍ଭକାର ମାନଙ୍କୁ ଆର୍ଥିକ ସହାୟତା ଦେବା ସହିତ ଏମାନଙ୍କ ସୁକ୍ଷ୍ମ ମାଟି ଗଢ଼ା ସାମଗ୍ରୀକୁ ପ୍ରଚାର ପ୍ରସାର କରନ୍ତେ ତାହାଲେ ଏହି ମହିଳା କାରିଗର ମାନେ ନିଜେ ସ୍ୱାଲମ୍ବୀ ଦେବା ସହିତ ଏହା ଏକ କୁଟୀର ଶିଳ୍ପରେ ପରିଣତ ହୋଇପାରନ୍ତା ବୋଲି କହିଛନ୍ତି ଗୋଲାସାହିର କୁମ୍ଭକାର ମାଟି କାରିଗର ବନ୍ଦିତା ମୁଦୁଲି, ଜୋସ୍ନାରାଣୀ ମୁଦୁଲି, ଶିଶୁଳା ମୁଦୁଲି, ରଶ୍ମିତା ମୁଦୁଲି ଏବଂ ଯମୁନା ମୁଦୁଲି। ଆଧୁନିକତାର ଛାପରେ ଧିରେ ଧିରେ ହଜିଯିବାକୁ ବସିଲାଣି ଏହି କୈଳିକ ବୃତ୍ତି। ଚାହିଦା କମିଛି ସତ କିନ୍ତୁ ଚେଷ୍ଟା ଏବେବି ଜାରିରହିଛି। ଏମାନେ ଛାଡି ନାହାନ୍ତି ନିଜ କୈଳିକ ବୃତ୍ତି। ଏବେବି ଏମିତି ମାଟି ଚକଟା ହେଉଛି, ଦୀପ ବନିଆ ଯାଉଛି, ବଜାରରେ ବିକ୍ରୀ ପାଇଁ ମଧ ପଠାଯାଉଛି ଆଉ ପୁଣିଥରେ ସେହି ମାଟି ଦୀପର ପରମ୍ପରାକୁ ଫେରାଇ ଆଣିବାକୁ ପ୍ରୟାସ ମଧ୍ୟ କରୁଛନ୍ତି ଗଣେଶ୍ୱର ପଞ୍ଚାୟତ ଗୋଲାସାହି କୁମ୍ଭକାର କାରିଗର ମାନେ।

### ବଳବତ୍ତର ରହିଛି ଧାରା ୧୬୩ ବିଏନ୍ଏସ୍ଏସ୍

## ଉଭୟ ଗାଁର ୧୮ଜଣଙ୍କୁ ବାନ୍ଧି କୋର୍ଟ ଚାଲାଣ କଲା ପୁଲିସ୍



ବ୍ରହ୍ମପୁର (ପିପିଏସ୍): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ଓ ରତ୍ନମଣିପୁର ଗାଁ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ଉଭୟ ଗାଁର ୧୮ଜଣଙ୍କୁ ଉଠାଇ ନେଇ କୋର୍ଟଚାଲାଣ କରିଛି ପୁଲିସ। ତା ସହିତ କାଲିଠାରୁ ଲାଗିଥିବା ୧୬୩ ବିଏନ୍ଏସ୍ଏସ୍‌କୁ ବଳବତ ରଖିଛି ପ୍ରଶାସନ। ସୂଚନା ଅନୁସାରେ କିଛିମାସ ହେବ ଏକ ସରକାରୀ ଜାଗାକୁ ନେଇ ଦୁଇ ଗାଁ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ସିଙ୍ଗିପୁର ପଞ୍ଚାୟତର ଡେଙ୍ଗାଉସ୍ତା ଛକ ଓ ରତ୍ନମଣୀପୁର ଗାଁରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏକ ପୋଖରୀକୁ ରତ୍ନମଣୀପୁର ଗ୍ରାମବାସୀ ପୋତି ସେଠାରେ ଏକ ମାର୍କେଟ କମ୍ପ୍ଲେକ୍ସ, ଗୋଟିଏ କୋଠ ଘର ଓ ଏକ ହନୁମାନ ମୂର୍ତ୍ତି ନିର୍ମାଣ କରିଥିଲେ। ସିଙ୍ଗିପୁର ଗ୍ରାମବାସୀ ଏଥିରେ କୌଣସି ପ୍ରତିବାଦ ନକରି ଉକ୍ତ ସରକାରୀ ଜାଗାରେ ଡ଼େଙ୍ଗାଉସ୍ତା ଛକକୁ ଆସୁଥିବା ଶହ ଶହ ଗ୍ରାହକ ବେପାରୀ, ଛାତ୍ରଛାତ୍ରୀଙ୍କ ସାମୂହିକ ବ୍ୟବହାର ସକାଶେ ବିଶ୍ରାମଗାର, ଶୌଚାଳୟ ଓ ସାଇକେଲ ଷ୍ଟାଣ୍ଡର ନିର୍ମାଣ ପାଇଁ ଦାବି କରିଥିଲେ। ପ୍ରଶାସନ ଉଭୟ ଗାଁ ଲୋକଙ୍କୁ ବସାଇ ତୁରନ୍ତ ବିଶ୍ରାମଗାର, ଶୌଚାଳୟ ଓ ସାଇକେଲ ଷ୍ଟାଣ୍ଡର ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ହେଲେ ମାସ ମାସ ବିତିଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇନଥିଲା। ଫଳରେ କିଛି କୁଚକ୍ରି କୁଜି ନେତାଙ୍କ କଥାରେ ପ୍ରଶାସନ ବିଳମ୍ବ କରୁଥିବା ସନ୍ଦେହ କରି କାଲି ସକାଳେ ସିଙ୍ଗିପୁର ଗାଁର ଶହ ଶହ ଲୋକ ତହସିଲ କାର୍ଯ୍ୟାଳୟ ଓ ପରେ ବ୍ରହ୍ମପୁର ଗଜପତି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ତଥାପି ସମସ୍ୟା ସମାଧାନ ନ ହେବାରୁ ଉଭୟ ଗାଁ ମଧ୍ୟରେ ଇଟା ପଥର ବର୍ଷା କରିବା ସହ ଗଣ୍ଡଗୋଳ କରି ହନୁମାନ ମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତୁତ ହୋଇଥିବା ଯଜ୍ଞ ମଣ୍ଡପ, ପାଚେରୀ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପ୍ରଶାସନିକ ଉପରିସ୍ତ ଅଧିକାରୀ ପହଞ୍ଚି ୧୬୩ ବିଏନ୍ଏସ୍ଏସ୍ ଲାଗୁକରି ପରିସ୍ଥିତିକୁ ଆୟତ୍ତକୁ ଆଣିଥିଲେ। ଘଟଣାକୁ ଦୁଇଦିନ ହୋଇଯାଇଥିଲେ ସୁଦ୍ଧା ଏଯାଏଁ କୌଣସି ସମାଧାନର ବାଟ ବାହାରି ନଥିବା ଦେଖିବାକୁ ମିଳିଛି। ତେଣୁ ପୁଣି ଅଘଟଣ ଘଟିବାର ଆଶଙ୍କା ରଖି ୧୬୩ ବିଏନ୍ଏସ୍ଏସ୍‌କୁ ବଳବତ ରଖି ଉଭୟ ଗାଁର ୧୮ଜଣ ହିଂସାକାରୀଙ୍କୁ କୋର୍ଟ ଚାଲାଣ କରିଛି ପାଲିସ୍। ଆଗକୁ ଏହା ଆହୁରି ବଢ଼ିପାରେ ବୋଲି ସୂଚନା ମିଳିଛି। କେବେ ଶାନ୍ତ ହେବ ଉଭୟ ଗାଁ, କେବେ ଉଠିବ ୧୬୩ ବିଏନଏସଏସ ତାହା ଏବେ ଦେଖିବାକୁ ବାକି ରହିଲା।


## ଦେବୀ ନଦୀ ଅଞ୍ଚଳରୁ କଙ୍କଡ଼ା ଚାଲାଣ ବୃଦ୍ଧି

### ମାଫିଆ ସକ୍ରିୟ; ମାଲାମାଲ ବେପାରୀ

ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଜଙ୍ଗଲ ଓ ଦେବୀ ନଦୀ ପଠାରେ ଗାତରେ ରହୁଥିବା କଙ୍କଡା ହୋଟେଲରେ ଗ୍ରାହକମାନଙ୍କର ପ୍ରଥମ ପସନ୍ଦ। ଏଥିପାଇଁ ବିଭିନ୍ନ ଉପାୟରେ କଙ୍କଡା ବ୍ୟବସାୟୀମାନେ ଗଳାବାଟ ଦେଇ ଜଙ୍ଗଲ ଓ ନଦୀପଠାରୁ କଙ୍କଡା ଧରୁଛନ୍ତି। ତେବେ କେତେକ ଲୋକ ବିନା ଅନୁମତିରେ କଙ୍କଡାଗୁଡିକୁ ଧରିବା ପରେ ଡ଼ଙ୍ଗାରେ ଆଣି ବ୍ୟବସାୟୀଙ୍କୁ ଦେଉଛନ୍ତି। ଏହି ରାକେଟରେ ବଡ଼ ବଡ଼ କଙ୍କଡା ବ୍ୟବସାୟୀ ରହିଛନ୍ତି। ସେମାନେ ସ୍ଥାନୀୟ ଗରିବ ଓ ଅବହେଳିତ ଶ୍ରେଣୀର ଲୋକମାନଙ୍କୁ ଦିନ ମଜୁରିଆ ହିସାବରେ ଡ଼ଙ୍ଗା ଦ୍ୱାରା ନିଷିଦ୍ଧାଞ୍ଚଳକୁ ପଠାଇଥାନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ କଙ୍କଡା ଧରିବା ପରେ ସନ୍ଧ୍ୟା ପୂର୍ବରୁ ପୁଣି କୂଳକୁ ଫେରି ଆସିଥାନ୍ତି। ସେଠାରେ କଙ୍କଡା ବ୍ୟବସାୟୀମାନେ ଅପେକ୍ଷା କରି ରହୁଥାନ୍ତି। ଏହାପରେ ଏହି କଙ୍କଡା ଗୁଡିକୁ ଫିସାରୀ କୁ ନିଆଯାଇଥାଏ। ଏଠାରେ କଙ୍କଡା ଗୁଡିକର ଓଜନ ଓ ଗ୍ରେଡେସନ କରାଯିବା ପରେ ପ୍ୟାକିଂ କରି ସୁରକ୍ଷିତ ସ୍ଥାନରେ ରଖିଥାନ୍ତି। ପରେ ଅସ୍ତରଙ୍ଗରୁ ବସ ଯୋଗେ କଲିକତା, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏସବୁ ପ୍ରକ୍ରିୟା ଦୀର୍ଘ ବର୍ଷ ଧରି ଚାଲୁ ରହିଛି। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଛୁରିଆନା, ନଗର, ଆଳସାହି, ଝାଡ଼ଲିଙ୍ଗ, ଶିଶୁଅ ଆଦି ପଞ୍ଚାୟତରେ ଅନେକ କଙ୍କଡା ବ୍ୟବସାୟୀ ବୃଦ୍ଧି ପାଇଚାଲିଛି।



# କୋଇଲା ଡମ୍ପିଂ ଓ ଚୋରିକୁ ନେଇ ତାଳଚେର ବିଧାୟକଙ୍କ ଥାନାରେ ମାମଲା



ତାଳଚେର, (ପିପିଏସ୍): ତାଳଚେର ଏକ କୋଇଲା ଭିତ୍ତିକ ଶିଳ୍ପାଞ୍ଚଳ ଏଠାରେ ଗୋଟିଏ ଭୂତଳ ନନ୍ଦୀରା କୋଇଲା ଖଣି ସହିତ ,ଖୋଲା ମୁହାଁ ବା ଓପନ କାଷ୍ଟ କୋଇଲା ଖଣି ଭାବେ ଜଗନ୍ନାଥ ,ହିଙ୍ଗୁଳା ,ଭୁବନେଶ୍ୱରୀ ,ଲିଙ୍ଗରାଜ ,କଣିହାଁ ,ଅନନ୍ତ ,ବଳରାମ କୋଇଲା ଖଣିରୁ ଦୈନିକ ଲକ୍ଷାଧିକ ଟନ କୋଇଲା ଉତ୍ତୋଳନ କରି ରେଳ ଯୋଗେ ବିଭିନ୍ନ ରାଜ୍ୟ ସହିତ ନାଲକୋ, ଏନଟିପିସି, କୋଲ୍ ୱାଶରିକୁ ରପ୍ତାନି କରାଯାଏ। ତାଳଚେର ବାସୀ ଦେଶର ବିକାଶ ଓ ସ୍ୱାର୍ଥ ନିମିତ୍ତ ନିଜ ଘର ଦ୍ୱାର,ଜମି ବାଡ଼ି ଉତ୍ସର୍ଗ କରି ବିସ୍ଥାପିତ ହେଲେ କିନ୍ତୁ ଯେତେବେଳେ ଜାଣିଲେ କୋଇଲା ଖଣି ଅଧିକାରୀ ,ଖଣି ମ୍ୟାନେଜର ,ପ୍ରୋଜେକ୍ଟ ଅଫିସର୍ ଶ୍ରୀ ମାଣିକ ମିଳିତ ଭାବେ ବି ଏଲ କମ୍ପାନୀ ଠିକାଦାର ସହିତ ମିଶି ଲକ୍ଷ ଲକ୍ଷ ଟନ କୋଇଲା ନଷ୍ଟ କରୁଛନ୍ତି ଏବଂ ଉପରି ଭାଗ ମାଟି କାଟିବା ସହିତ ଉକ୍ତ ଲକ୍ଷାଧିକ ଟନ୍ କୋଇଲା କୁ ଓବି ସହିତ ପୁଣି ମାଟିରେ ପୋତି ନଷ୍ଟ କରୁଛନ୍ତି ଓ ଶହ ଶହ ଟନ କୋଇଲା ମଧ୍ୟ ବିକ୍ରୟ କରୁଛନ୍ତି ଯାହା ସ୍ଥାନୀୟ ଅଧିବାସୀଙ୍କୁ କ୍ରୋଧ ଜର୍ଜରିତ କରିଥିଲା।

ଏକ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଖଣି ଅଧିକାରୀ ଶୁଭେନ୍ଦୁ ସାମଲଙ୍କ ସହିତ ଜଗନ୍ନାଥ କୋଇଲା ଖଣି ପ୍ରୋଜେକ୍ଟ ଅଫିସର୍ ଫେଜ୍ ଦୁଇ କୁ ପ୍ରତେକ୍ଷ ପରିଦର୍ଶନ ଯାଇ ସେଠାରେ ଯାହା ଦେଖିଲେ ତାହା ତାଙ୍କୁ ଦୁଃଖରେ ପ୍ରୀୟମାଣ କରିଥିଲା। ଲକ୍ଷ ଲକ୍ଷ ଟନ କୋଇଲା ବିଏଲ୍ କମ୍ପାନୀ ଓବୀ ହଟାଇବା ଉପରଭାଗ ମାଟି କାଟି ତଳ ସ୍ତର କୋଇଲା ପର୍ଯ୍ୟନ୍ତ ଗଭିରକୁ ଜିବା ବେଳେ କଞ୍ଚା ମୂଲ୍ୟବାନ କୋଇଲାକୁ ଦୁଇ ମିଟର ପର୍ଯ୍ୟନ୍ତ କାଟି ଉଡେଇ ଦେଉଥିବା ବିଧାୟକ ଦୃଷ୍ଟିନିକ୍ଷପ କରିଥିଲେ। ଏଭଳି ଭାବେ ତାଳଚେର କଳିଜା କୁ ନଷ୍ଟ ଭ୍ରଷ୍ଟ କରିବା ଅଧିକାର କୋଇଲା ଖଣି ଅଧିକାରୀ ଓ ଠିକାଦାରଙ୍କୁ କିଏ ଦେଉଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଥିଲେ। କୋଇଲା ଉତ୍ତୋଳନ ନିମିତ୍ତ ମାଟିର ଉପରିଭାଗ କଟିବାକୁ ହୁଏ କିନ୍ତୁ ମାଟି ସହିତ ମୂଲ୍ୟବାନ ଲକ୍ଷ ଲକ୍ଷ ଟନ କୋଇଲା ସିମ କାଟି ଉଡ଼ାଇ ଦେବାକୁ ସେ ବିରୋଧ କରିଥିଲେ। ଏନେଇ ବିଧାୟକ ବ୍ରଜ କିଶୋର ଏଲ ଲିଖିତ ଅଭିଯୋଗ କୋଇଲା ଖଣି ଅଧିକାରୀ। ବିଏଲ କମ୍ପାନୀ ନାମରେ ଗୋପାଳ ପ୍ରସାଦ ଥାନାରେ କେସ ଦେଇଥିବା ସାମ୍ବାଦିକ ସମ୍ମିଳନୀ ଆଗରେ ପ୍ରକାଶ କରିଥିଲେ ନିଜ ଲିଖିତ ଅଭିଯୋରେ ସେ ଦର୍ଶାଇ ଥିଲେ ପ୍ରଥମେ ଓବି ଡମ୍ପ ଯାଞ୍ଚ କରାଯାଉ, ଖଣି ଭିତର ସିସି ଟିଭି ଜବତ କରାଯାଉ, ପାଖାପାଖି ଦୁଇଲକ୍ଷ ଟନ୍ ଓବି ମାଟି ସହିତ ପୋତି ଦିଆଯାଇଛି। ତାକୁ ଉଦ୍ଧାର କରାଯାଉ ଓ ଏହି କାର୍ଯ୍ୟରେ ସାମିଲ ଠିକାଦାର ବି ଏଲ କମ୍ପାନୀ ଓ କୋଇଲା ଅଧିକାରୀ ପି ଓ, ମ୍ୟାନେଜରଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଯେବେ ଏହାର ବିଚାର ବିଳମ୍ବିତ ହୁଏ ତେବେ ବ୍ୟାପକ ଜନଆନ୍ଦୋଳନ କରାଯିବାକୁ ସେ ଚେତାବନୀ ଦେଇଥିଲେ।

# ବେଧଡ଼କ ଚାଲିଛି ବାଣ ପ୍ରସ୍ତୁତି


ଚାରିଛକ,(ପିପିଏସ): ପୁରୀ ଜିଲ୍ଲାର ଚାରିଛକ ଥାନା ଓ ନୟାହାଟ ଫାଣ୍ଡି ଅଞ୍ଚଳରେ ବେଆଇନ ଭାବେ କିଛି ବ୍ୟକ୍ତି ବାଣ ତିଆରି କରି ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନକୁ ପଠାଉଥିବା ଅଭିଯୋଗ ହେଉଛି। ଆଗକୁ ଦୀପାବଳୀ ଥିବାରୁ ବାଣ ପ୍ରସ୍ତୁତି ପାଇଁ ପ୍ରଚୁର ପରିମାଣରେ ବାରୁଦ ଏହି ଅଞ୍ଚଳରେ ମହଜୁଦ ରହିଥିବା ଦେଖିବାକୁ ମିଳୁଛି। ଏଥିଯୋଗୁଁ ବେଆଇନ ଭାବେ ଚାଲିଥିବା ବାଣ ପ୍ରସ୍ତୁତି ସ୍ଥାନରେ ଯେ କୌଣସି ସମୟରେ ବଡ଼ଧରଣର ଅଘଟଣ ଘଟିବାର ଆଶଙ୍କା ଦେଖା ଦେଉଛି। ସ୍ଥାନୀୟ ପୋଲିସ ବହୁ ଚୁପ ବସିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଦୀପାବଳୀକୁ ଦୃଷ୍ଟିରେ ରଖି ପ୍ରଚୁର ପରିମାଣର ବାରୁଦ ମହଜୁଦ ରଖି ବାଣ ପ୍ରସ୍ତୁତି ନିମନ୍ତେ ଅଧିକ ସଂଖ୍ୟାରେ ଶ୍ରମିକ ନିୟୋଜିତ କରାଯାଇଛି। ବେଆଇନ ବାଣ କାରଖାନାରେ ପ୍ରଚଣ୍ଡ ଶବ୍ଦ କରୁଥିବା ଗଡ଼ମାରୁ ଆରମ୍ଭ କରି ଫୁଲଝରି, ଧପଧପି, ଖଇ, ଫୋଟକା ଆଦି ବାଣ ପ୍ରସ୍ତୁତ କରାଯାଉଛି। ପରିବେଶ ଓ ବାୟୁ ପ୍ରଦୂଷଣ କରୁଥିବା ବାଣ ପ୍ରସ୍ତୁତ ଓ ବିକ୍ରି ଉପରେ କଟକଣା ରହିଥିବା ସତ୍ତ୍ୱେ କିପରି ଉକ୍ତ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ବାଣ ତିଆରି କରାଯାଇ ପୁରୀ ଜିଲ୍ଲାର ବିଭିନ୍ନ ଛକ ବଜାର ସମେତ ନିକଟସ୍ଥ ଜଗତସିଂହପୁର ଜିଲ୍ଲାକୁ ଚାଲାଣ କରାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ସବୁଠୁ ବଡ଼ କଥା ହେଲା ଚାରିଛକ ଥାନା ଠାରୁ କିଛି ମିଟର ଦୂରରେ କେନାଲ ବନ୍ଧ ପାଖରେ ବାଣ କାରଖାନା ଚାଲିଥିବା ଦେଖିବାକୁ ମିଳୁଛି। ସେହିପରି ଚାରିଛକ ଥାନାର ଜଙ୍କଡ଼ ଓ ନୟା ହାଟ ଫାଣ୍ଡି ଅନ୍ତର୍ଗତ କୋଇଆଳ ପାଞ୍ଚଣା ଗ୍ରାମଠାରେ ବେଆଇନ ଭାବେ ଦିନ ରାତି ବାଣ ତିଆରି ଚାଲିଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଉନାହିଁ। ଗତ ଦୁଇ ବର୍ଷ ତଳେ ଚାରିଛକ କେନାଲ ବନ୍ଧଠାରେ ଗଚ୍ଛିତ ପ୍ରବଳ ବାରୁଦରେ ଅଗ୍ନି କାଣ୍ଡ ଘଟି ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ଯଦିଓ କେହି ମୃତାହତ ହୋଇ ନ ଥିଲେ ତେବେ ବାଣ ତିଆରି କରୁଥିବା ଶ୍ରମିକମାନେ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲେ। ବିସ୍ଫୋରଣ ଶବ୍ଦରେ ସମଗ୍ର ଚାରିଛକ ଅଞ୍ଚଳ ଥର ହର ହୋଇ ପଡ଼ିଥିଲା। ସେ ସମୟରେ ଚାରିଛକ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ସେହିପରି ନୟାହାଟର କୋଇଆଳ ପାଞ୍ଚଣା ଗ୍ରାମରେ ଗତ ବର୍ଷ ବାଣ ତିଆରି ସ୍ଥାନରେ ବିସ୍ଫୋରଣ ଘଟି ଏକ ଛାତ ଘର ସଂପୂର୍ଣ୍ଣ ଭାବେ ମାଟି ରେ ମିଶିଯିବା ସହିତ ୩/୪ ଜଣ ଲୋକ ଆହତ ହୋଇଥିଲେ। ଏବେ ଚାରିଛକ ଥାନା ଓ ନୟାହାଟ ଫାଣ୍ଡି ଅଞ୍ଚଳରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରାଯିବା ସହିତ ବହୁ ବାରୁଦ ମହଜୁଦ ରଖାଯାଇଥିବାରୁ ଯେ କୌଣସି ମୁହୂର୍ତ୍ତ ରେ ଅଘଟଣ ଘଟି ଜୀବନ ହାନୀ ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ପୁରୀ ଜିଲ୍ଲା ଏସପି ତୁରନ୍ତ ଏ ଦିଗରେ ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ବିଭିନ୍ନ ଆଇନ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର(ପିପିଏସ): ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ୍ ଡ଼.ଗାୟତ୍ରୀଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ତରଫରୁ ଗତ ୧୦ତାରିଖ ଦିନ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଗୋପାଳପୁର ସ୍ଥିତ ଜରା ନିବାସରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇନ୍‌ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ବରିଷ୍ଠ ନାଗରିକଙ୍କ ନିମିତ୍ତ ବିଭିନ୍ନ ଆଇନ ଏନ୍‌ଏଏଲ୍‌ଏସ୍‌ଏ (ବରିଷ୍ଠ ନାଗରିକଙ୍କୁ ଆଇନଗତ ସେବା) ଯୋଜନା ୨୦୧୬, ପିତାମାତାଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ଏବଂ ବରିଷ୍ଠ ନାଗରିକ ଆଇନ ୨୦୦୭ ବିଷୟରେ ବର୍ଣ୍ଣନା କରି ସଚେତନତା ସୃଷ୍ଟି କରିବା ସହ ସେମାନଙ୍କ ସୁବିଧା ନିମିତ୍ତ ବିଭିନ୍ନ ସରକାରୀ ଯୋଜନା ତଥା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନସନ ଯୋଜନା, ବୟସ୍କଙ୍କ ସ୍ୱାସ୍ଥ୍ୟବସ୍ଥା ପାଇଁ ଜାତୀୟ କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସହ ସେଠାକାର କର୍ମଚାରୀଗଣ ଯୋଗ ଦେଇଥିଲେ। ପୁନଶ୍ଚ ଉକ୍ତ ଦିନ ଆନ୍ତର୍ଜାତୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ମାନସିକ ରୋଗ ବିଭାଗ ଏମ୍‌କେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଚ୍‌ଓଡ଼ିଏମ୍ ସନ୍ଧନ କୁମାର, ବରିଷ୍ଠ ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକ ମାନସିକ ରୋଗୀ ନିମିତ୍ତ ଥିବା ଆଇନ ଯଥା ମାନସିକ ସ୍ୱାସ୍ଥ୍ୟ ଆଇନ ଏବଂ ଏନ୍‌ଏଏଲ୍‌ଏସ୍‌ଏ(ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ ସେବା) ଯୋଜନା ୨୦୨୪ ବିଷୟରେ ବର୍ଣ୍ଣନା କରି ସଚେତନତା ସୃଷ୍ଟି କରିଥିଲେ। ଉକ୍ତ ଦିବସ ପରିପ୍ରେକ୍ଷୀରେ ବହୁ ମାନସିକ ରୋଗୀଙ୍କୁ ଫଳ ବିତରଣ କରାଯାଇଥିଲା। ଏହି ଦୁଇଟି କାର୍ଯ୍ୟକ୍ରମ ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକଙ୍କ ଦ୍ୱାରା ସୂଚାରୁ ରୂପେ ସମ୍ପାଦନ ହୋଇଥିଲା।

## ବିଳମ୍ବିତ ବେଉଷଣର ପ୍ରଭାବ

# ଗର୍ଭଣା ସଂକ୍ରାନ୍ତିରେ ଧାନ ଗଛରେ ଦେଖା ଯାଉନି କେଣ୍ଡା



ଧାମନଗର (ପିପିଏସ): ଆଜି ଗର୍ଭଣା (ତୁଳା) ସଂକ୍ରାନ୍ତି। ଭାରତୀୟ ଧର୍ମ ଧାରାରେ ଆଜି ଏକ ପବିତ୍ର ଦିନ। ସୂର୍ଯ୍ୟ ଆଜିଠାରୁ ଏକ ମାସ ପର୍ଯ୍ୟନ୍ତ ତୁଳା ରାଶିରେ ପ୍ରବେଶ କରୁଥିବାରୁ ଆଜି ଦିବସ ତୁଳା ସଂକ୍ରାନ୍ତି ଭାବେ ନାମିତ।ଯେଉଁ ଅଞ୍ଚଳରେ ଧାନ ମୁଖ୍ୟ ଖରିଫ ଫସଲ ହିସାବରେ ଚାଷ କରାଯାଏ। ସେହି ଅଞ୍ଚଳରେ ବହୁଳଭାବେ ଏହି ପର୍ବ ପାଳନ କରାଯାଏ। ଏହା ଏକ କୃଷି ଭିତ୍ତିକ ପର୍ବ ହୋଇଥିବାରୁ ଚାଷୀମାନଙ୍କ ପରିବାର ଲୋକେ ଏହାକୁ ନିଷ୍ଠାର ସହିତ ପାଳନ କରନ୍ତି। ଭାରତର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଭଦ୍ରକ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଏହାର ପାଳନ ବିଧି ନିଆରା।

ପର୍ବପର୍ବାଣିଗୁଡ଼ିକ ଋତୁ, ଧର୍ମ ଓ ସାମାଜିକ ଭିତ୍ତିରେ ପାଳନ କରାଯାଏ। ତନ୍ମଧ୍ୟରୁ ଅନେକ ପର୍ବ କୃଷି ସମ୍ବନ୍ଧୀୟ।ତୁଳା ମାସର ସଂକ୍ରାନ୍ତି ଗର୍ଭଣା ସଂକ୍ରାନ୍ତି ନାମରେ ଜଣାଯାଏ। ଇଂରାଜୀ ମାସ ଅକ୍ଟୋବରରେ ପଡ଼େ ଏହି ସଂକ୍ରାନ୍ତି। ଏହି ସଂକ୍ରାନ୍ତି ବେଳକୁ ଧାନ ଗଛର ଗର୍ଭରେ ଧାନ କେଣ୍ଡା ବାହାରେ। ଏହି ସମୟରେ ଗର୍ଭଣା ଗଛର ଡାଳକୁ ପୂଜା କରି କ୍ଷେତରେ ପୋତିଲେ ଭଲ ଫସଲ ହୁଏ ବୋଲି ପ୍ରବାଦ ରହିଛି।ଚାଷୀମାନେ ଏହିଦିନ ନିଷ୍ଠାର ସହିତ ପାଳନ କରନ୍ତି। ଗୃହ ମାଲିକ ତଥା କୃଷକ ସ୍ନାନାଦି କର୍ମ ସାରି ଗର୍ଭଣା ଗଛର ଡାଳ ଆଣି ବିଧିପୂର୍ବକ ପୂଜା କଲା ପରେ ଧାନ କ୍ଷେତରେ ପୋତି ଦିଅନ୍ତି ଏବଂ ଭଲ ଫସଲ ପାଇଁ ପ୍ରାର୍ଥନା କରନ୍ତି। ଗର୍ଭଣା ସଂକ୍ରାନ୍ତି ଉପରେ ଏକ କୃଷି ବଚନ ଅଛି-ଆଗେ ବୁଣ୍ଡୁ ପଛେ ବୁଣ୍ଡୁ, ଗର୍ଭଣାକୁ ଟୁଣ୍ଡୁଟୁଣ୍ଡୁ। ଅର୍ଥାତ ଏହି ସମୟକୁ ଧାନଗଛ ଗର୍ଭଧାରଣ କରିସାରିଥାଏ। ମାତ୍ର ଏ ଉକ୍ତିର ଯଥାର୍ଥତା ଆଉ ଅନୁଭୂତ ହେଉନି। କଳ କାରଖାନା ନିର୍ମାଣ ଓ ରାସ୍ତା ପ୍ରଶସ୍ତିକରଣ ଆଳରେ ଜଙ୍ଗଲ ଏବଂ ବୃକ୍ଷ ନଷ୍ଟ କରିବା ଦ୍ୱାରା ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଋତୁ ଚକ୍ରରେ ପରିବର୍ତ୍ତନ ପାଇଁ ଖରିଫ ଧାନ ଚାଷକୁ ପାଗ ପ୍ରତିକୂଳ ସାଜୁଛି। ଦୁର୍ବଳ ମୌସୁମୀ ପାଇଁ ଖରିଫ ଚାଷର ପ୍ରଭୂତ କ୍ଷତି ହେବା ସ୍ଥାନରେ ବାରମ୍ବାର ଲଘୁଚାପ ବର୍ଷାପାଇଁ ଅଳ୍ପକେ ରକ୍ଷା ପାଉଛି। ଏଥର ବାରମ୍ବାର ଲଘୁଚାପ ବର୍ଷା ପାଇଁ ବେଉଷଣ ଡେରି ହେବା ସହ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଧାନରୁଆ ଚାଲିଥିଲା। ଏଥିପାଇଁ ଏଥର ଡେରିରେ ଧାନ ଥୋଡ (କେଣ୍ଡା) ବାହାରିବ। ତେବେ ଅଧିକ ଥଣ୍ଡା (ଶୀତ) ଅନୁଭୂତ ହେଲେ କେଣ୍ଡା ବାହାରିବା ଧିମେଇ ଯିବ। ମୋଟ ଉପରେ କହିବାକୁ ଗଲେ ଏଥର ଅମଳ କମ ହେବାର ସମ୍ଭାବନା।

# ସ୍ମିତା ପ୍ରଧାନ ହେଲେ ବିଜେପି ରାଜ୍ୟ ସମ୍ପାଦକ

ରଘୁନାଥପୁର (ପିପିଏସ): ରାଜ୍ୟ ଭାଜପାର ଦୃଢ ସଂଗଠକ ତଥା ବର୍ଷୀୟାନ ନାରୀନେତ୍ରୀ ସ୍ମିତା ପ୍ରଧାନ ଜଗତସିଂହପୁର ରାଜ୍ୟ ସଙ୍ଗଠନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଓଡିଶା ପ୍ରଦେଶ ଭାଜପା ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ତାଙ୍କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ନାରୀନେତ୍ରୀ ପ୍ରଧାନ



ଦୀର୍ଘଦିନ ଧରି ବିଶେଷ କରି ରଘୁନାଥପୁର, ତିର୍ତ୍ତୋଲ,ବିରିଡି ଓ ଜିଲ୍ଲାର ବିଭିନ୍ନ ବ୍ଲକର ସାଂଗଠାନିକ କାର୍ଯ୍ୟକ୍ରମ ତଥା ସାଧାରଣଜନତାଙ୍କ ସେବାରେ ସେ ନିୟୋଜିତ ଅଛନ୍ତି। ତାଙ୍କୁ ଏହି ଦାଇତ୍ୱ ଅର୍ପଣ ଦିଆଯାଇ ଥିବାରୁ ସେ ଭାଜପା ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।ଆଗାମୀ ଦିନରେ ନାରୀନେତ୍ରୀ ପ୍ରଧାନ ଜିଲ୍ଲାରେ ସଙ୍ଗଠନକୁ ସଦୃଢ଼ କରିବା ସହ ସମସ୍ତଙ୍କ ସହଯୋଗରେ ଦଳୀୟ କାର୍ଯ୍ୟକ୍ରମ ଆଗେଇ ନେବାକୁ ଆଶାପୋଷଣ କରିଛନ୍ତି।

## ଜିଲ୍ଲାପାଳଙ୍କ ଜନଶୁଣାଣିରେ ୩ ଥର ଅଭିଯୋଗ ହେଲାଣି

# ରବେରା ଗାଆଁକୁ ବସ୍‌ସେବା ପାଇଁ ଦାବି



ଓଡ଼ଗାଁ, (ପିପିଏସ୍): ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ରାବେରା ଗାଁକୁ କେବେ ଲକ୍ଷ୍ମୀ ବସ ସେବା ବୋଲି ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୩ଥର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ନିଷ୍ଫଳ ବାହାରୁନଥିବା ଗ୍ରାମବାସୀ କହିଛନ୍ତି। କେବଳ ସେତିକି ନୁହଁ ରାବେରା ନାଁରେ ବୋର୍ଡମାରି ବସ ଅନ୍ୟ ଗାଁ'କୁ ଯାଉଥିଲେ ମଧ୍ୟ ରାବରା ଗାଁକୁ ଗାଡ଼ି ନଯିବା ପଛର କାରଣ କ'ଣ ବୋଲି ଜାଣିବାକୁ ଚାହିଁଛନ୍ତି। ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ପୁଣିଥରେ ଗ୍ରାମବାସୀ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସରକାର ପ୍ରତିଗାଁକୁ ଲକ୍ଷ୍ମୀ ବସସେବା ଯୋଗାଇବେ ବୋଲି ଯୋଜନା କାର୍ଯ୍ୟକାରୀ କରିବାପରେ ଗାଡ଼ି ପ୍ରତି ଗାଁକୁ ଗଡ଼ିଲା ମାତ୍ର ରାବେରା ଏହି ସୁବିଧାରୁ ବାଦ ପଡ଼ିଛି। ଏହା ଏକ ପଞ୍ଚାୟତ ହୋଇଥିଲେ ମଧ୍ୟ ଗାଁକୁ ଗାଡ଼ି ନଯିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଲୋକମାନେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଅଟୋ କିମ୍ବା କାର ଭଡ଼ାକରି ଅଯଥା ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ଓଡଗାଁରୁ ରାବେରା ୬ କିଲୋମିଟର ଦୂରତା ହୋଇଥିବା ବେଳେ ଅଧିକାଂଶ ଲୋକ ଲକ୍ଷ୍ମୀବସ ଉପରେ ନିର୍ଭରଶୀଳ ହୋଇ ଥାନ୍ତି।ସେତିକି ନୁହଁ ଗାଁକୁ ଅନ୍ୟ କୌଣସି ବସ ସେବା ମଧ୍ୟ ନାହିଁ। ଗାଁର ଲୋକମାନେ ବାଧ୍ୟ ହୋଇ ଅଟୋ ଭଡ଼ାକରି ଯିବାଆସିବା କରୁଛନ୍ତି। ଗାଁକୁ ବସ୍ ନଯିବା ପଛର କାରଣ କ'ଣ? ଏହା ପଛରେ କିଛି ଷଡ଼ଯନ୍ତ୍ର କରାଯାଇନି ତ ଏମିତି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି। ଗ୍ରାମବାସୀମାନେ ଆଞ୍ଚଳିକ ପରିବହନ, ବିଡିଓ, ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆପତ୍ତି ଉଠାଇଥିଲେ ମଧ୍ୟ ଲକ୍ଷ୍ମୀ ବସସେବା କାର୍ଯ୍ୟକାରୀ ନ ହେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ଦାସ କହିଛନ୍ତି। ଯଦି ଏହା କାର୍ଯ୍ୟକାରୀ ନହୁଏ ତେବେ ରବେରା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସୂଚନା ଦେଇଛନ୍ତି।

# ଇଣ୍ଡିଆନ୍ ବ୍ୟାଙ୍କର ୧୦୦ ଦିନରେ ୧୦୦ ଦେୟ ଅଭିଯାନ




ଭୁବନେଶ୍ୱର : ଇଣ୍ଡିଆନ୍ ବ୍ୟାଙ୍କ ଦେଶବ୍ୟାପୀ ପ୍ରତ୍ୟେକ ଜିଲ୍ଲାର ଦାବିହୀନ ଜମାକାରୀଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କର ଜମା ପୁନରୁଦ୍ଧାର କରିବା ପାଇଁ ଏକ ଉତ୍ସର୍ଗୀକୃତ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍ ଅରୁଣାଙ୍କ ଦ୍ୱାରା କଟକ କ୍ଷେତ୍ରର ଶାଖା ପ୍ରବନ୍ଧକମାନଙ୍କର ସମୀକ୍ଷା ବୈଠକରେ ଉଦବୋଧନ ଦେଇଥିଲେ। ବ୍ୟାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ୧୦୦ ଡେଜ୍ ଓ ୧୦୦ ପେଜ୍ କ୍ୟାମ୍ପେନ୍ ୧.୧୦.୨୦୨୫ରୁ ୩୧.୧୨.୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ। କ୍ଷେତ୍ର ମହାପ୍ରବନ୍ଧକ ଶାଖା ପ୍ରବନ୍ଧକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜ ନିଜ ଶାଖାର ଉପଭୋକ୍ତାମାନଙ୍କୁ ଯାହାଙ୍କର ଜମା ଖାତା୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲୁ ନ ରହିବା ଫଳରେ ଆରବିଆଇ ଡିଫ୍‌କୁ ସ୍ଥାନାନ୍ତର ହୋଇଯାଇଛି ସେମାନଙ୍କ ସହ ସମ୍ପର୍କ କରି ସେମାନଙ୍କର ଜମା ରାଶି ଉପଲବ୍ଧ କରାଇବାରେ ସାହାଯ୍ୟ କରନ୍ତୁ। ଏହି କ୍ୟାମ୍ପେନ ଚାଲୁ ରହିବା ଭିତରେ ନିଜ ନିଜ କ୍ଷେତ୍ରରେ ପ୍ରସାର ଓ ପ୍ରଚାର ଅଧିକ ମାତ୍ରାରେ କରନ୍ତୁ, ଯାହା ଫଳରେ ଅଧିକରୁ ଅଧିକ ଜମାକାରୀ ତାଙ୍କର ଦୀର୍ଘ ଦିନ ଧରି ଅବ୍ୟବହୃତ ଜମାରାଶି ପାଇପାରିବେ।

# ଜାରିହେଲା ଗାଇଡ୍ ଲାଇନ: ସବୁଜ ବାଣ ବିକ୍ରିକୁ ଅନୁମତି

ଅସ୍ତରଙ୍ଗ, (ପିପିଏସ୍): ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳୀ। ଦୁଇ ଦିନ ପୂର୍ବରୁ ଅର୍ଥାତ ୧୯ତାରିଖରୁ ବାଣ ବିକ୍ରି ଆରମ୍ଭ ହେବ ୨୧ତାରିଖ ପର୍ଯ୍ୟନ୍ତ। ଏଥିପାଇଁ ବାଣ ବ୍ୟବସାୟୀ ମାନେ ଲାଇସେନ୍ସ ଲାଗି ଆବେଦନ ପ୍ରକ୍ରିୟା ଜାରି ରଖିଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ କଲେଜ ଛକ ରାସ୍ତାରେ ଅସ୍ତରଙ୍ଗ ବାଣ ଦୋକାନ ପାଇଁ ଗାଇଡ଼ି ଲାଇନ ଜାରି କରାଯାଇଛି। ଅସ୍ତରଙ୍ଗରେ ୪ଟି ଓ କାକଟପୁରରେ ଶୁକ୍ରବାର ସନ୍ଧ୍ୟା ସୁଧା ତହସିଲଦାରଙ୍କ ଠାରୁ ଅସ୍ଥାୟୀ ଦୋକାନ ଖୋଲିବାକୁ ଅନୁମତି ମିଳିନାହିଁ ବୋଲି ସୂଚନା। ଏଥିସହ ବିଭାଗୀୟ ଅଧିକାରୀ ସହ ପୋଲିସ ଯାଞ୍ଚ ଆରମ୍ଭ କରିବା ସହ ବ୍ୟବସାୟୀଙ୍କୁ ସଚେତନ କରୁଛନ୍ତି। ବାଣ ବିକ୍ରି ବେଳେ କିମ୍ବା ବାଣ ପାଇଁ ଯେପରି ଆଲୋକପର୍ବରେ କୌଣସି ଅପ୍ରିତିକର ସ୍ଥିତି ନ ଉପୁଜିବ, ତାହାକୁ ଦୃଷ୍ଟିରେ ରଖି କେବଳ ସବୁଜ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ବାଣ ଦୋକାନ ଗୁଡିକ କୌଣସି ସୁରକ୍ଷିତ କାର୍ଯ୍ୟସ୍ଥଳଠାରୁ ଅତିକମ୍ ରେ ୧୫୦ଫୁଟ ଦୂରତା ରହିବ। ଦୋକାନ ଗୁଡିକ ସାମ୍ନାସାମ୍ନି ହୋଇ ରହିବେ ନାହିଁ ଓ ଦୋକାନ ମଧ୍ୟରେ ଅତି କମ୍‌ରେ ୫ଫୁଟ ଦୂରତା ରହିବ। ଦୋକାନରେ କିମ୍ବା ନିରାପତ୍ତା ଦୂରତା ମଧ୍ୟରେ କୌଣସି ତେଲ ଦୀପ, ଗ୍ୟାସ ଦୀପ କିମ୍ବା ଖୋଲା ଲାଇଟି ବ୍ୟବହାର କରାଯିବ ନାହିଁ। ବିଦ୍ୟୁତ ଲାଇଟିଗୁଡିକୁ ଖୋଲା ଏବଂ ଝୁଲୁଥିବା ନମନୀୟ ତାର ଦ୍ୱାରା ନ ରଖି କାନ୍ଥ କିମ୍ବା ଛାତରେ ସ୍ଥାୟୀଭାବେ ଲଗାଯିବ ଉଚିତ। ପ୍ରତ୍ୟେକ ଦୋକାନ ପାଇଁ ସୁଇଚି ଗୁଡିକ କାନ୍ଥରେ ସ୍ଥାୟୀ ଭାବେ ଲଗାଯାଇ ପ୍ରତି ଧାଡିରେ ଥିବା କୋଠରୀ ପାଇଁ ଏକ ମାଷ୍ଟର ସୁଇଚ ବ୍ୟବସ୍ଥା କରାଯିବ। କୌଣସି ଦୋକାନର ୫୦ମିଟର ଦୂରତା ମଧ୍ୟରେ ବାଣ ପ୍ରଦର୍ଶନକୁ ନିଷିଦ୍ଧ କରାଯାଇଥିବା ବେଳେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଦୋକାନ ରହିବା ଅନୁମତି। ଦୋକାନ ରେ ଥିବା ବାଣକୁ ମୂଳ ପ୍ୟାକେଟରେ ରଖାଯିବ। କେବଳ ସ୍ୱୀକୃତି ପ୍ରାପ୍ତ ଆବେଦନକାରୀଙ୍କୁ ଦୋକାନରେ ବାଣ ବିକ୍ରି ଏବଂ ବାଣ ସଂରକ୍ଷିତ ରଖିବା ନିମନ୍ତେ ଅନୁମତି ଦିଆଯିବ। ବାଣ ବ୍ୟତୀତ ଅନ୍ୟ କୌଣସି ବିସ୍ଫୋରଣ ଓ ଅନ୍ୟାନ୍ୟ ସାମଗ୍ରୀ ରଖିବା କିମ୍ବା ବିକ୍ରି କରିବାକୁ ଅନୁମତି ଦିଆଯିବ ନାହିଁ। ବାଣ ଦୋକାନ ସମ୍ମୁଖରେ ଗାଡି ପାର୍କିଂ ଓ ଧୂମପାନକୁ କଡାକଡି ଭାବେ ନିଷେଧ କରାଯାଇଛି।

# ରେଳଡବା କାରଖାନା ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୀତଳାପଲ୍ଲୀ ଠାରେ ରେଳଡ଼ବା କାରଖାନା ସ୍ଥାପନ ପାଇଁ କଂଗ୍ରେସ ନେତା ଶମ୍ଭୁନାଥ ପାଣିଗ୍ରାହୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ସେ ଦର୍ଶାଇଛନ୍ତି ଯେ, ତତ୍କାଳୀନ କେନ୍ଦ୍ରର କଂଗ୍ରେସ ସରକାର ୨୦୧୪-୧୫ରେ ରେଳଡବା ନିର୍ମାଣ କାରଖାନା ସ୍ଥାପନ ନିମନ୍ତେ ଘୋଷଣା ସହ ଜମି ଅଧିଗ୍ରହଣ କରାଯାଇଥିଲା। ଇତି ମଧ୍ୟରେ ଏହା ମଧ୍ୟରେ ୧୦ବର୍ଷ ବିତିବାକୁ ଯାଉଥିବା ବେଳେ ରେଳ ବିଭାଗ ପକ୍ଷରୁ ଏହାର ସ୍ଥାପନ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗଞ୍ଜାମ ଜିଲ୍ଲା ଏକ ଶିଳ୍ପ ବିହୀନ ଜିଲ୍ଲା ହୋଇଥିବା ବେଳେ ଗଞ୍ଜାମର ହିଞ୍ଜିଳିକାଟୁ, ଶେରଗଡ, ଛତ୍ରପୁର, ଗଞ୍ଜାମ, ଚିକିଟି, ଦିଗପହଣ୍ଡି ଅଞ୍ଚଳର ପ୍ରାୟ ୧୨ଲକ୍ଷ ଲୋକ ସୁରତ ସମେତ ଗୁଜରାଟର ବିଭିନ୍ନ ଅଞ୍ଚଳକୁ ଦାଦାନ ଯିବାକୁ ବାଧ ହୋଇଥାନ୍ତି। ଏହା ଟାଟା ଏସ୍‌ଇଜେଡ୍ ନାମରେ ହଜାର ହଜାର ଏକର ଜମି ପଡି ରହିଥିବା ବେଳେ ସେଠାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଟାଟା କିମ୍ବା ସରକାର ଧ୍ୟାନ ଦେଉନଥିବାରୁ ଜମି ଗୁଡ଼ିକ ଖାଲି ପଡ଼ିରହିଛି। ତେଣୁ ଗଞ୍ଜାମ ସମେତ ଏହି ନିର୍ବାଚନ ମଣ୍ଡଳୀରେ ତୁରନ୍ତ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଯୋଜନା ପ୍ରସ୍ତୁତ ସହ ଶୀତଳାପଲ୍ଲୀ ରେଳବାଇ କାରଖାନା ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ଶ୍ରୀ ପାଣିଗ୍ରାହୀ ଦାବି ଜଣାଇଛନ୍ତି।

## ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ

# ପାଚିକା ଓ ସହାୟିକା ଚୟନ ପ୍ରକ୍ରିୟାକୁ ବିରୋଧ

## ବୈଠକରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ ପାଇଁ ନିଷ୍ପତ୍ତି



ରଘୁନାଥପୁର (ପିପିଏସ): ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର ବହୁ ପୁରାତନ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଚିକା ଓ ସହାୟିକା ଚୟନ ପ୍ରକ୍ରିୟାକୁ ବିରୋଧ କରାଯିବା ସହ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ ପାଇଁ ସରପଞ୍ଚ ଓ ୱାର୍ଡସଭ୍ୟଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ଗତ ଗୁରୁବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ଦାଶ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆବେଦନକାରୀ ୧୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ପାଚିକା ଓ ସହାୟିକା ପାଇଁ ଚୟନ କରାଯାଇଥିଲା। ତେବେ ଏହି ବୈଠକରେ କମିଟି ସଦସ୍ୟ ସରପଞ୍ଚ ଓ ସ୍ଥାନୀୟ ୱାର୍ଡସଭ୍ୟ ଉପସ୍ଥିତ ନଥିବାରୁ ଏହାକୁ ଚଞ୍ଚକତା ପୂର୍ଣ୍ଣ ଭାବେ କରାଯାଇଥିବା ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା, ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା ଓ ୧୦ ଜଣ ୱାର୍ଡସଭ୍ୟ ବିଦ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ। ଏହାଛଡ଼ା ପାଚିକା ସହାୟିକା ନିଯୁକ୍ତି ସମ୍ପର୍କିତ ନୋଟିସ ପଞ୍ଚାୟତ କାର୍ଯ୍ୟାଳୟରେ ମରାନଜିବା ଓ ମନମୁଖୀ ଏହି ଚୟନ ପ୍ରକ୍ରିୟାକୁ କରିନେବା ଅଗଣତାନ୍ତ୍ରିକ ଓ ନ୍ୟାୟିକ ପରିପନ୍ଥୀ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଣୁ ଗତ ୧୬ ଅକ୍ଟୋବର ଗୁରୁବାରରେ ହୋଇଥିବା ଚୟନ ପ୍ରକ୍ରିୟାକୁ ରଦ୍ଦ କରି ପୁନର୍ବାର ଆଉଥରେ ସରପଞ୍ଚ, ସ୍ଥାନୀୟ ୱାର୍ଡସଭ୍ୟ ଓ ପରିଚାଳନା କମିଟି ଉପସ୍ଥିତିରେ ସମ୍ପୃକ୍ତ ପଦବୀ ପାଇଁ ଚୟନ କରାଯିବ ବୋଲି ସରପଞ୍ଚ ସୁଚିତ୍ରା ପଣ୍ଡା ପ୍ରକାଶ କରିଥିଲେ। ଏଥିପାଇଁ ସର୍ବସମ୍ମତି କ୍ରମେ ଏକ ଲିଖିତ ଅଭିଯୋଗ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦିଆଯିବା ବୋଲି ସ୍ଥିର ହେଲା। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଦାଶ କୁହନ୍ତି ଯେ ଉକ୍ତ ପାଚିକା ସହାୟିକା ନିଯୁକ୍ତି ପାଇଁ ଚିଠି ଆସିବା ପରେ ନୋଟିସ ସ୍କୁଲ କାନ୍ଥରେ ଲଗା ହୋଇଥିଲା। ଏହାଛଡା ଚୟନ ପ୍ରକ୍ରିୟା ଦିନ ପରିଚାଳନା କମିଟି ସଦସ୍ୟ ଓ ସରପଞ୍ଚଙ୍କୁ ଉପସ୍ଥିତ ରହିବା ପାଇଁ ଅବଗତ କରାଯାଇଥିଲା। ତେବେ ଉକ୍ତଦିନ କୌଣସି କାରଣ ବଶତଃ ୱାର୍ଡସଭ୍ୟ ଓ ସରପଞ୍ଚ ଉପସ୍ଥିତ ହୋଇପାରି ନଥିଲେ। ତେବେ ସରପଞ୍ଚ ଓ ୱାର୍ଡସଭ୍ୟଙ୍କ ଅଭିଯୋଗକୁ ସମ୍ମାନ ଜଣାଇ ଏହି ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଗଲା। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ସମୟରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନଶିକ୍ଷକ ଦାଶ ପ୍ରକାଶ କରିଛନ୍ତି।

# ଗୋଟିଏ ରାତିରେ ୩ ମଦ ଦୋକାନରୁ ଚୋରି

## ୧ଲକ୍ଷ ୬୨ ହଜାର ଟଙ୍କା, ଟାଟା ଇଣ୍ଡିଗୋ, ୪ଟି ବାଇକ୍ ଓ ୧୧ଟି ମୋବାଇଲ୍ ଜବତ

ଓଡ଼ଗାଁ, (ପିପିଏସ୍): ଓଡ଼ଗାଁ ଆଦର୍ଶ ଥାନା ସିନେମା ହଲଛକ ନିକଟରେ ଥିବା ଦୁଇଟି ବିଦେଶୀ ମଦ ଦୋକାନ ଓ ରୋହିବାଙ୍କ ଠାରେ ଥିବା ଅନ୍ୟ ଏକ ମଦ ଦୋକାନର ସଟରକୁ ଭାଙ୍ଗି ଦୋକାନରୁ ୧ଲକ୍ଷ ୯୮ ହଜାର ଟଙ୍କା ଓ ବିଦେଶି ମଦଚୋରି କରି ଧରାପଡ଼ିଛନ୍ତି ୭ଜଣ ଡ଼କାୟତ। ସେମାନଙ୍କ ଠାରୁ ୧ଲକ୍ଷ ୬୨ ହଜାର ଟଙ୍କା,ଇଣ୍ଡିଗୋ କାର, ୪ଟି ବାଇକ୍, ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ନୟାଗଡ଼ ଏସପି ଏସ. ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ଚଳିତ ମାସ ୧ତାରିଖ ଦିନ ସକାଳୁ ମଦଦୋକାନ ସଟର ଭାଙ୍ଗି ଚୋରି ହୋଇଥିବା ଘଟଣା ଜଣାପଡ଼ିବା ପରେ ସିନେମା ହଲଛକ ମଦ ଦୋକାନର ମ୍ୟାନେଜର ସମୀର ସାମାନ୍ତସିଂହାର,ରୋହିବାଙ୍କ ମଦ ଦୋକାନ ମାଲିକ ଶରତ କୁମାର ଡ଼ାକୁଆ ଓ ଓଡ଼ଗାଁ ଭଞ୍ଜନଗର ରୋଡ଼ରେ ଥିବା ଆଉ ଏକ ମଦ ଦୋକାନ ମାଲିକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପୃଥକ ଭାବେ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ତିନୋଟି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ନୟାଗଡ଼ ଏସପି ଏସ. ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଓଡ଼ଗାଁ ପୁଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢଉ କରିଥିଲା।ସିସିଟିଭି ଫୁଟେଜ ଆଧାରରେ ଡ଼କାୟତ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡକୁ ଭଞ୍ଜନଗର ପୁଲିସ ଜାଣିପାରିଥିଲା।

ଏହି ଡକାୟତ ଦଳର ମାଷ୍ଟର ମାଇଣ୍ଡ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅରଖପୁର ଗ୍ରାମର ଦୋଳଗୋବିନ୍ଦ ଜେନାଙ୍କ ପୁଅ ଚିତ୍ରସେନ ଜେନା (୨୨) ଓ ହିଞ୍ଜିଳିକାଟ ବୁରୁପଦା ଗ୍ରାମର ସନ୍ତୋଷ ଦଳେଇଙ୍କ ପୁଅ ବାବୁଲା ଦଳେଇ (୨୧)ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଏହି ଦୁଇଜଣ ଡକାୟତ ମାର୍ଚ୍ଚ ମାସରେ କୋର୍ଟରୁ ବାହାରିବାପରେ ପୁଣି ନୂଆ ଯୋଜନା କରି ଯୁବକମାନଙ୍କୁ ଡ଼କାୟତି କାର୍ଯ୍ୟରେ ସାମିଲ କରିଥିଲେ। ଯୋଜନା ମୁତାବକ ଓଡ଼ଗାଁ ବିଦେଶୀ ମଦଦୋକାନ ଉପରେ ଟାର୍ଗେଟ କରି ରାତିରେ ଡକାୟତି କରିଥିଲେ। ଏହି ଡ଼କାୟତ ଦଳ ରମ୍ଭା ନିକଟସ୍ଥ ଏକ ଗାଁରେ ଭଡ଼ାଘର ନେଇ ଯୋଜନା କରୁଥିଲେ। ପୁଲିସ ଡ଼କାୟତ



ଦଳର ମାଷ୍ଟର ମାଇଣ୍ଡ ଚିତ୍ରସେନଙ୍କ ଫୋନ୍ ନମ୍ବର ବିଶ୍ୱସ୍ତ ସୂତ୍ରରୁ ପାଇ ଟ୍ରାକିଂ କରିଥିଲେ। ୭ଜଣ ଡକାୟତଙ୍କୁ ଭଞ୍ଜନଗର ପୁଲିସ ସହାୟତାରେ ଭଡ଼ା ଘରୁ ଗିରଫ କରିଥିଲେ। ଦୁଇ ଜଣ ମାଷ୍ଟର ମାଇଣ୍ଡଙ୍କ ସମେତ ଗଞ୍ଜାମ ଜିଲ୍ଲା କୋଦାଳ ଥାନା ପ୍ରକାଶ ରାଉଳଙ୍କ ପୁଅ ରଞ୍ଜନ ରାଉଳ (୨୬), ରମ୍ଭା ଥାନା ଅରୁଣପୁର ଗ୍ରାମର ମୁନି ମହାରଣାଙ୍କ ପୁଅ ଶଙ୍କର ମହାରଣା,ରମ୍ଭା ଥାନା ବାଲିପଦର ଅରଖପୁର ଗ୍ରାମର ଦୋଳଗୋବିନ୍ଦ ଜେନାଙ୍କ ପୁଅ ନାରାୟଣ ଜେନା (୨୭) ବୁଗୁଡ଼ା ଥାନା ପୋଚାରମୁଣ୍ଡି ଗ୍ରାମର ଭଗବାନ ସ୍ୱାଇଁଙ୍କ ପୁଅ ଶିଶିର ସ୍ୱାଇଁ (୨୭) ଓ କୋଦାଳ ଥାନା ଯୁଧିଷ୍ଠିର ପାଣ୍ଡିଙ୍କ ପୁଅ କିଶାନ ପାଣ୍ଡି (୨୩)ଙ୍କୁ ପୁଲିସ ଗିରଫ କରିଥିଲା। ଏହି ଡ଼କାୟତମାନେ ବିଦେଶି ମଦ ଦୋକାନରୁ ଚୋରି କରିଥିବା ୧ଲକ୍ଷ ୯୨ ହଜାର ଟଙ୍କା ମଧ୍ୟରୁ ୩୬ ହଜାର ଟଙ୍କା ଖର୍ଚ୍ଚ ଦେଇଥିବାବେଳେ ବାକି ୧ଲକ୍ଷ ୬୨ ହଜାର ଟଙ୍କା ସହିତ ବ୍ୟବହାର କରୁଥିବା ଇଣ୍ଡିଗୋ କାର, ୪ଟି ବାଇକ୍, ୯ଟି ସ୍ମାର୍ଟ ଫୋନ୍, ୨ଟି କି ପ୍ୟାଡ଼ ଫୋନ୍, ଗୋଟିଏ ଶାବଳ,୩ଟି ତାଲା, ପେଚକସ, ମୋବାଇଲ୍ ଚାର୍ଜର, କଟୁରୀ ଜବତ କରାଯାଇଛି। ଏହାପୂର୍ବରୁ ଏହି ଡକାୟତମାନଙ୍କ ନାମରେ ବିଭିନ୍ନ ଜିଲ୍ଲାରେ ୯ଟି ମାମଲା ଥିବା ନୟାଗଡ଼ ଏସପି ସୂଚନା ଦେଇଛନ୍ତି। ସେ କହିଛନ୍ତି ଜନସାଧାରଣ ଓ ଭଞ୍ଜନଗର ପୁଲିସ ପାଇଁ ଅପରେସନ ସଫଳତାର ସହ ଶେଷ ହୋଇଛି। ଏହି ପୁଲିସ ଟିମ୍‌ରେ ଓଡ଼ଗାଁ ଆଦର୍ଶ ଥାନା ଅଧିକାରୀ ଅଭୟ ବେହେରା,ସବ ଇନସପେକ୍ଟର ଚକ୍ରଧର ସିଂହ ଓ ପୁଲିସ କର୍ମଚାରୀମାନେ ସାମିଲ୍ ଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଶରଣକୁଳ ଏସଡିପିଓ ଦିପ୍ତିକାନ୍ତ ପ୍ରଧାନ ଓ ଥାନାର ସମସ୍ତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିବା ଜଣାପଡ଼ିଛି।

# ରୟତ ଜାଗାରେ ରାସ୍ତା ନିର୍ମାଣ ଅଭିଯୋଗ

## ଅଭିଯୋଗ ପତ୍ର ରଖିଲେ ନାହିଁ ବିଡିଓ

ମୁଖୀଗୁଡା, (ହି.ସ.)- ରୟତି ଜମିରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ କରାଯାଉଥିବାରୁ ମେଟ ଏବଂ ଜିଆରଏସ ନଶୁଣିବାରୁ ଜୟପାଟଣା ବିଡ଼ିଓଙ୍କ ନିକଟକୁ ଅଭିଯୋଗ ନେଇଯାଇଥିଲେ । ହେଲେ ବିଡ଼ିଓ ମଧ ଅଭିଯୋଗ ନରଖି ଫେରାଇଦେବା ପରେ ଅସହାୟ ହୋଇପଡିଛନ୍ତି ଜୟସିଂ ରାଉତ । ଅଭିଯୋଗରୁ ପ୍ରକାଶ ଯେ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନଅ ଲକ୍ଷ ପଂଚାନବେ ହଜାର ଟଙ୍କା ବ୍ୟୟ ଅଟକଳରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଚିର୍କା ପ୍ରଧାନମନ୍ତ୍ରୀ ସଡକ ଠାରୁ ଖାଜନ୍ତିବନ୍ଧ ରାସ୍ତା ଉନ୍ନତିକାରଣ କାମ କରାଯାଉଛି ।

ଜୟପାଟଣାର ଜୟସିଂ ରାଉତଙ୍କ ପିତାଙ୍କ ନାମରେ ଥିବା ଜମିରେ ଧାନ ଚାଷ ହୋଇଥିବା ସମୟରେ ଜୋର ଜବରଦସ୍ତ ଜେସିବି ଲଗାଇ ଖୋଲି ଦେଇ ମୋରମ ପକାଇ ଦିଆଯାଇଛି । ବ୍ୟକ୍ତିଗତ ଜାଗାରେ କାହିଁକି କାମ କରାଯାଉଛି ବୋଲି ଜିଆରଏସ ଏବଂ ମେଟଙ୍କୁ ଅଭିଯୋଗ କରିଥିଲେ ସେମାନେ ନଶୁଣିବାରୁ ବୁଧବାର ଜୟସିଂ ଜୟପାଟଣା ବିଡ଼ିଓଙ୍କ ପାଖଙ୍କୁ ଲିଖିତ ଅଭିଯୋଗ ନେଇ ଯାଇଥିଲେ ହେଲେ ବିଡ଼ିଓ ତାଙ୍କ ଅଭିଯୋଗ ପତ୍ର ରଖିନଥିବାରୁ ନିରାଶରେ ଫେରିଥିଲେ । ଏହି କାମରେ ଶ୍ରମିକ ବଦଳରେ ମେସିନର ବ୍ୟବହାର କରାଯାଇଛି । କେବଳ ଶ୍ରମିକଙ୍କୁ ୫୦ ଟଙ୍କା ଦେଇ ଫଟୋ ଅପଲୋଡ଼ କରାଯାଉଥିବା ବେଳେ ବ୍ୟକ୍ତିଗତ ଜାଗାରେ ଜମି ମାଲିକଙ୍କ ସହମତି ବିନା କାମ କରାଯାଉଥିବାରୁ ଏହାର ଏକ ତଦନ୍ତ କରାଯିବା ପାଇଁ ଜୟସିଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏନେଇ ଜୟପାଟଣା ବିଡ଼ିଓଙ୍କୁ ଯୋଗାଯୋଗ କରାଯାଇଥିଲା ହେଲେ ସେ ଫୋନ ଉଠାଇ ନଥିଲେ ।

# କଣ୍ଟାବାଞ୍ଜିରୁ ଚାଲିଛି ଦାଦନଶ୍ରମିକ ଚାଲାଣ



## ● ପ୍ରଶାସନ ନିରବ
## ● ଟାସ୍କଫୋର୍ସ ଗଠନ କାହା ପାଇଁ ?

ବଲାଙ୍ଗୀର(ପିପିଏସ୍) : ବଲାଙ୍ଗୀର ଜିଲ୍ଲାର ଦାଦନ ପ୍ରବଣ କଣ୍ଟାବାଞ୍ଜି ଅଞ୍ଚଳରୁ ଦାଦନ ଶ୍ରମିକ ଚାଲାଣ ବର୍ଷ ବର୍ଷ ଧରି ଜାରି ରହିଛି । ଶ୍ରମିକ ଚାଲାଣ ଦାଦନ ସର୍ଦ୍ଦାର ଓ ରାଜ୍ୟ ବାହାର ଅଣ ଓଡ଼ିଆ ଇଟାଭାଟି ମାଲିକମାନଙ୍କ ଏକ ପ୍ରମୁଖ ବ୍ୟବସାୟ ପାଲଟିଛି । ଜିଲ୍ଲା ଶ୍ରମ ବିଭାଗ ସବୁ ଜାଣି ଚୁପ୍ ରହିଥିବାବେଳେ ନାମକୁ ମାତ୍ର କିଛି ଦାଦନ ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି କାମ ସାରି ଦେଉଛି । କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ତୁରେକେଲା,ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ପଡୋଶୀ ବ୍ଲକ ଖପ୍ରାଖୋଲ ଓ ବେଲପଡ଼ାର ଦାଦନ ଶ୍ରମିକମାନେ ମଧ କଣ୍ଟାବାଞ୍ଜିରୁ ଚାଲାଣ ହେଉଛନ୍ତି । ପ୍ରତିବର୍ଷ ରେଳଷ୍ଟେସନ ମୁଖ୍ୟ ଫାଟକରେ ପ୍ରଶାସନ ଶିବିର ଅନୁଷ୍ଠିତ କରି ଦାଦନ ଶ୍ରମିକର ହିସାବ କରିବାକୁ ଚେଷ୍ଟା କରୁଛନ୍ତି । ପୂର୍ବରୁ ସ୍ଥାନୀୟ ପୁଲିସ ସହାୟତାରେ ଏହି ଶିବିର କରାଯାଉଥିଲା । ଏବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଟାସ୍କଫୋର୍ସ ଗଠନ କରାଯାଇଛି । ହେଲେ ସେହି ସ୍ଥାନୀୟ ପୁଲିସ ସହାୟତାରେ ଶିବିର ଆୟୋଜନ କରାଯାଉଛି । ଯାହାକି ଟାସ୍କ ଫୋର୍ସ ଗଠନ ପରେ ବି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନି । ପୂର୍ବରୁ ଯେଭଳି ଏହି ପ୍ରକ୍ରିୟା ଚାଲିଥିଲା,ଏବେବି ସେଭଳି ଲାଗି ରହିଛି । ଏହିପରି ସର୍ଦ୍ଦାର -ପୁଲିସ ପ୍ରଶାସନ ଭିତରେ ଗୁପ୍ତ ବୁଝାମଣା ହୋଇ ଦାଦନ ଶ୍ରମିକଙ୍କୁ ଚାଲାଣ କରାଯାଉଛି । ଯାହାକୁ ନେଇ ବେଆଇନ ଦାଦନ ଚାଲାଣ ରୋକିବା ପ୍ରଶାସନ ହାତରେ ନାହିଁ ବୋଲି ଜନସାଧାରଣରେ ଚର୍ଚ୍ଚା ଚାଲିଛି । ଏ ସମ୍ପର୍କରେ ଥାନାଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି ଯେ, ଚଳିତବର୍ଷ ବେଆଇନ ଶ୍ରମିକ ଚାଲାଣ ରୋକିବା ପାଇଁ ବ୍ୟାପକ ଚେଷ୍ଟା ଜାରି ରହିଛି । ଅନେକ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଆମେ ପାଟ୍ରୋଲିଂ କରୁଛୁ ବୋଲି କହିଛନ୍ତି । ଅପରପକ୍ଷରେ ଉଦ୍ଧାର କରାଯାଇଥିବା ଶ୍ରମିକଙ୍କ କହିବା କଥା ହେଲା ଯେ, କଣ୍ଟାବାଞ୍ଜି ଅଞ୍ଚଳରେ କାମଧନ୍ଦା କିଛି ନାହିଁ । ଆମେ ଏଠି ଥିଲେ କରିବୁ କ'ଣ ? ସରକାର ଯୋଗାଉଥିବା ମନରେଗା କାମ ନିଅଣ୍ଟ । ରାଜ୍ୟ ବାହାରକୁ କାମ କରିଗଲେ ଦାଦନ ଚାଲାଣ କରୁଥିବା ଠିକାଦାର ମାନେ ମୋଟା ଟଙ୍କା ଦେଉଛନ୍ତି । କିଛି ଟଙ୍କା ପାଇ ଆମେ ଖୁସି ଅଛୁ ଏ ଅଞ୍ଚଳରେ କାମ ପାଇଲେ ଏତେ ଦୂର କାହିଁକି ଯିବୁ ଦାଦନ ଖଟି ବୋଲି କଣ୍ଟାବାଞ୍ଜି ଓ ତୁରେକେଲା ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା କିଛି ଦାଦନ ଶ୍ରମିକ ପ୍ରକାଶ କରିଛନ୍ତି ।

# ବିଶ୍ୱ ହାତ ଧୁଆ ଦିବସ

କେନ୍ଦୁଝର : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋବିନ୍ଦପୁର ଠାରେ ବିଶ୍ୱ ହାତ ଧୁଆ ଦିବସ ୨୦୨୫ ପାଳିତ ହୋଇଯାଇଛି । କେନ୍ଦୁଝରର ଜିଲା ପରିମଳ ପରାମର୍ଶଦାତା ଅସିତ କୁମାର ପାତ୍ରଙ୍କ ମାର୍ଗଦର୍ଶନରେ ର ଏହି କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା । କେନ୍ଦୁଝର ସଦର ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ହାତ ଧୁଆ ଦିବସର ତାତ୍ପର୍ଯ୍ୟ ସଂପର୍କରେ ବୁଝାଇ ଥିଲେ । ଅହଲ୍ୟା ମହାନ୍ତ ଯୋଗ ଦେଇଥିଲେ ।

# ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ମୃତ୍ୟୁ

ବାରିପଦା, (ହି.ସ.) : ପୋଖରୀରେ ବୁଡ଼ି ଦୁଇ ନିଷ୍ପାପ ନାବାଳକ ସଲିଳ ସମାଧି ନେଇଛନ୍ତି । ଏପରି ଏକ ଦୁଃଖଦ ଘଟଣା ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଂଚଳ ଥାନା ଅନ୍ତର୍ଗତ ଚାଡରିପାହାଡି ଗ୍ରାମରେ ଘଟିଯାଇଛି । ସୂଚନା ଅନୁଯାୟୀ, ଚାଡରିପାହାଡି ଗ୍ରାମର ଦାଶରଥି ହାଁସଦାଙ୍କ ୯ ବର୍ଷର ପୁଅ ସାକିଲା ସିଂ ହାଁସଦା ଓ ମୁନିରାମ ମୁର୍ମୁଙ୍କ ୮ବର୍ଷର ପୁଅ ସୁବୋଧ ମୁର୍ମୁ ଗୁରୁବାର ସକାଳ ପ୍ରାୟ ୯ ସମୟରେ ସାଙ୍ଗ ହୋଇ ପରିବାର ଲୋକଙ୍କୁ ଜଣାଇ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଦୁହେଁ ଘରକୁ ଆସିବାରୁ ବିଳମ୍ବ ହେବାରୁ ପରିବାର ଲୋକେ ନିକଟସ୍ଥ ପୋଖରୀକୁ ଯାଇ ଦେଖିଥିଲେ । ସେଠାରେ ଜଣେ ଭାସମାନ ଅବସ୍ଥାରେ ଥିବାବେଳେ ତାକୁ ପରିବାର ଲୋକେ ଉଦ୍ଧାର କରିଥିଲେ । ତେବେ ଅନ୍ୟ ବାଳକକୁ ଦେଖିବାକୁ ପାଇ ନ ଥିଲେ ପରିବାର ଲୋକେ । ତୁରନ୍ତ ଏ ସମ୍ପର୍କରେ ନିକଟସ୍ଥ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଂଚି ପୋଖରୀରୁ ଆଉ ଜଣେ ବାଳକଙ୍କୁ ଉଦ୍ଧାର କରି ତୁରନ୍ତ ଦୁହିଁଙ୍କୁ ରାଇରଙ୍ଗପୁର ମେଡିକାଲ ଆଣିଥିଲେ ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ରାଇରଙ୍ଗପୁର ଗ୍ରାମାଂଚଳ ଥାନା ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ପହଂଚି ଘଟଣାର ତଦନ୍ତ ଆରମ୍ଭ କରି ମୃତ ବାଳକଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ମେଡିକାଲ ପଠାଇଥିଲେ । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରାଯାଇଛି । ମୃତ ସୁବୋଧ ମୁର୍ମୁଙ୍କ ବାପା ମୁନିରାମ ମୁର୍ମୁ ଓ ମାଆ ବାଙ୍ଗାଲୋର କାମ ନିମନ୍ତେ ଯାଇଥିବାବେଳେ ସୁବୋଧ ଘରେ କକା କାକି ସହିତ ରହୁଥିଲେ । ସେପଟେ ମୃତ ସୁବୋଧଙ୍କ ବାପା ମାଆଙ୍କୁ ଫୋନ ଯୋଗେ ଦୁଃଖଦ ଘଟଣାର ଖବର ଦିଆଯାଇଛି ।

# ଭାଲୁ କାମୁଡାରେ ବୃଦ୍ଧାଙ୍କ ଜୀବନଗଲା

ଜୟପୁର, (ହି.ସ.)-ଜୟପୁର ବନଖଣ୍ଡ ବୋରିଗୁମ୍ମା ବନାଂଚଳ ଅଧିନସ୍ଥ ବିସିଂହପୁର ଛକ ନିକଟରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଭୋର ୫ଟା ବେଳେ ଘଟିଛି ଏଭଳି ଘଟଣା । ମୃତ ବୃଦ୍ଧା ଜଣକ ହେଲେ ମୁଣ୍ଡାଗୁଡା ଗ୍ରାମର ମିଟିକି ଅମାନାତ୍ୟ । ସେ ଆଜି ଭୋର ସମୟରେ ଡଙ୍ଗରକୁ ଯାଉଥିବା ବେଳେ ବିସିଂହପୁର ଛକ ନିକଟରେ ଏକ ଭାଲୁ ହାବୁଡ଼ରେ ପଡିଗଲେ । ଭାଲୁଟି ମହିଳାଙ୍କୁ ଆକ୍ରମଣ କରି କାମୁଡି କାମୁଡି ଜୀବନ ନେଇଗଲା । ଘଟଣା ବିଷୟରେ ଜାଣିବା ପରେ ସ୍ଥାନୀୟ ଲୋକ ଏବଂ ସମ୍ପର୍କୀୟ ମାନେ ଶବ ନିକଟରେ ଜଗି ବସିଛନ୍ତି । ବନ ବିଭାଗ ରରଫରୁ କିଛି କ୍ଷତିପୂରଣ ଯୋଗେଇଦେବା ପାଇଁ ଦାବି କରିଛନ୍ତି ସମ୍ପର୍କୀୟ । ଘଟଣାସ୍ଥଳରେ ବନ ବିଭାଗ ଓ ପୋଲିସ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ।

# ବନ୍ଧୁକ ଚୋରାଚାଲାଣ ଅଭିଯୋଗରେ ୨ ଗିରଫ

ସମ୍ବଲପୁର : ରେଙ୍ଗାଲି ଥାନା ପୋଲିସକୁ ବେଶ୍ ସଫଳତା ମିଳିଛି । ବନ୍ଧୁକ ଚୋରାଚାଲାଣ କରୁଥିବା ଅଭିଯୋଗରେ ଦୁଇଜଣ ଦୁର୍ବୃତ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏସମ୍ପର୍କରେ ପୋଲିସ ୨୫(୧/କକ) ଓ ୩୫ ଆର୍ମସ ଆକ୍ଟରେ ୨୩୧/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ବଡମାଲ ଥାନା ମାଲଡା ଗ୍ରାମର ସୁରଥ କିଷାନର ୨୬ ବର୍ଷିୟ ପୁଅ ସିଦ୍ଧାନ୍ତ ଏବଂ ସ୍ୱର୍ଗତ ସୁଦର୍ଶନ କିଷାନର ପୁଅ ଯୁଧିଷ୍ଠିର ଥିବା ଜଣାପଡିଛି । ସୂଚନାନୁଯାୟୀ ଆଜି ସକାଳେ ପୋଲିସ ପାଟ୍ରୋଲିଂ ସ୍କାର୍ଡ ଅଭିଯୁକ୍ତ ସିଦ୍ଧାନ୍ତ କିସାନ ଓ ଯୁଧିଷ୍ଠିର କିସାନଙ୍କୁ ଗିରଫ କରିଥିଲା । ଏମାନେ ଆଜି ଓଡି ୨୩ ବି ୪୪୫୫ ନମ୍ବରର ଏକ ହୁଣ୍ଡାଇ ଆଇ ଟ୍ୱେଂଟି କାରରେ ସମ୍ବଲପୁର ଦିଗରୁ ଝାରସୁଗୁଡା ଦିଗକୁ ଗୋଟିଏ ଦେଶୀ ତିଆରି ସ୍ୱୟଂଚାଳିତ ପିସ୍ତଲ ୭.୬୫ ଏମ୍ଏମ୍ଓ ମ୍ୟାଗାଜିନ ଏବଂ ଗୋଟିଏ ଦେଶୀ ତିଆରି ସିଙ୍ଗଲ ସଟ୍‌ଗନ ବେପାର ଉଦ୍ଦେଶ୍ୟରେ ଚାଲାଣ କରୁଥିଲେ ବୋଲି ପୋଲିସ ଯାଂଚବେଳେ ଜଣା ପଡିଥିଲା । ପୋଲିସ ସେମାନଙ୍କ ଠାରୁ ଚାଲାଣ ହେବାକୁ ଥିବା ଦୁଇ ମାରଣାସ୍ତ୍ର ସହ ଗୋଟିଏ ଖାଲି ମ୍ୟାଗାଜିନ୍, ଗୋଟିଏ ୧୫ ପ୍ରୋ ଆପଲ ମୋବାଇଲ, ଗୋଟିଏ ଭିଭୋ ୨୯ ମୋବାଇଲ, ବ୍ୟବହୃତ କାର୍ ଜବତ କରିଛି ।

# ବଜ୍ରପାତରୁ ସୁରକ୍ଷା ଚିନ୍ତା
# ଗଢ଼ିଲା ସଚେତନତା ରଥ

ଭବାନୀପାଟଣା: ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ କଳାହାଣ୍ଡି ତରଫରୁ ବଜ୍ରପାତରୁ ସୁରକ୍ଷା ନିମନ୍ତେ ଏକ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ଜିଲ୍ଲାର ୧୩ ଗୋଟି ବ୍ଲକ ଓ ୪ ଗୋଟି ୟୁଏଲବି ଅଂଚଳ ପରିକ୍ରମା କରି ବଜ୍ରପାତ ସମୟରେ ଲୋକେ କିପରି ସଚେତନ ହୋଇ ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର ପ୍ରଚାର କରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ମନୀଷା ଗୁପ୍ତା, ଡେପୁଟି କଲେକ୍ଟର ଅଭିଷେକ ବଗର୍ତୀ, ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ବିକଶିତ ଭାରତ କର୍ମଶାଳା

ସମ୍ବଲପୁର: 'ସେବା ପର୍ବ-୨୦୨୫' ଅବସରରେ 'ବିକଶିତ ଭାରତ ୨୦୪୭" ବିଷୟରେ ଆଧାରିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା-କମ୍-ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ବଲପୁରର ଆଂଚଳିକ କଳା ଭବନ(ଓ.ଏଲ.କେ.ଏ.) ଠାରେ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପ୍ରୋଫେସନାଲ୍ ଆର୍ଟିଷ୍ଟ, କଲେଜ୍ ଓ ସ୍କୁଲ୍ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ସେଥିରୁ ଶ୍ରେଣୀ ଭିତିକ ଶ୍ରେଷ୍ଠ ୩ ଜଣ ବିଜେତା ଭାବେ କୃତି ଅର୍ଜନ କରିଛନ୍ତି । ପ୍ରୋଫେସନାଲ୍ ଆର୍ଟିଷ୍ଟ ସ୍ତରରେ ସଞ୍ଜୟ କୁମାର ସାହୁ ପ୍ରଥମ ସ୍ଥାନ, କୁଳଦୀପ ବର୍ମା ଦ୍ୱିତୀୟ ସ୍ଥାନ, ସମୀର ମହାରଣା, ତୃତୀୟ ସ୍ଥାନ, କଲେଜ୍ ଛାତ୍ରଛାତ୍ରୀ ସ୍ତରରେ ଖୁସି ସାହୁ ପ୍ରଥମ ସ୍ଥାନ, ଆଶିଷ କୁମାର ସାହୁ ଦ୍ୱିତୀୟ ସ୍ଥାନ, ଓ ସୂର୍ଯ୍ୟାଂଶ ଧରୁଆ ତୃତୀୟ ସ୍ଥାନ ହାସଲ କରିଛନ୍ତି । ସ୍କୁଲ୍ ଛାତ୍ରଛାତ୍ରୀ(ଦଶମ ଓ ଏକାଦଶ) ସ୍ତରରେ ରେ ସିଅନ୍ ଖେସ୍ ପ୍ରଥମ ସ୍ଥାନ, କୃତିବଲ୍ଲଭ ମେହେର ଦ୍ୱିତୀୟ ସ୍ଥାନ, ଅର୍ପିତା ନାଏକ ତୃତୀୟ ସ୍ଥାନ,ସ୍କୁଲ୍ ଛାତ୍ରଛାତ୍ରୀ(ଷଷ୍ଠ-ଅଷ୍ଟମ) ସ୍ତରରେ ଗାୟତ୍ରୀ ଭରଦ୍ୱାଜ ପ୍ରଥମ ସ୍ଥାନ, ପ୍ରିତୀ ନାଏକ ଦ୍ୱିତୀୟ ସ୍ଥାନ, ଏବଂ ଗୁନଗୁନ ବିଭାର ଓ ହରି ପ୍ରିୟଜିତ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।

# ନଗର କଂଗ୍ରେସର ବୈଠକ



ବଲାଙ୍ଗିର, (ପିପିଏସ୍) : ବଲାଙ୍ଗିର ନଗର କଂଗ୍ରେସ କମିଟି ତରଫରୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ଏକ ଜରୁରୀ କାଳିନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଟାଉନ କଂଗ୍ରେସ ର ଆଗାମୀ ଦିନର କାର୍ଯ୍ୟପନ୍ଥା ତଥା ସହରର ପରିମଳ ଏବଂ ଟ୍ରାଫିକ ସମସ୍ୟାକୁ ନେଇ ହେଉଥିବା ଅସୁବିଧାକୁ ନେଇ ଶ୍ରୀ ଦାନୀ କ୍ଷୋଭ ପ୍ରକାଶ କରିଥିଲେ । ପରେ ପରେ ପୂର୍ବତନ କିଶାନ ସେଲ ସଭାପତି ସାନନ୍ଦ ମିଶ୍ର ଓଡିଶା ପ୍ରଦେଶ କିଶାନ କଂଗ୍ରେସ ସଂଯୋଜକ ଭାବେ, ନାରୀ ନେତ୍ରୀ ମୀରା ମଣ୍ଡଳ ରାଜ୍ୟ ମହିଳା କଂଗ୍ରେସ ର ସାଧାରଣ ସଂପାଦିକା ଏବଂ ଛାତ୍ର ନେତା ନିତିଶ ପଧାନଙ୍କୁ ଛାତ୍ର କଂଗ୍ରେସ ର ସାଧାରଣ ସଂପାଦକ ଭାବେ ମନୋନିତ କରିଥିବାରୁ ସମସ୍ତଙ୍କୁ ଟାଉନ କଂଗ୍ରେସ ତରଫରୁ ଉଚ୍ଛୁର୍ଷିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ତିନି ଜଣଙ୍କୁ ରାଜ୍ୟ ସ୍ତରୀୟ ପଦବୀ ପ୍ରଦାନ କରିଥିବାରୁ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଯୁବନେତା ସମରେନ୍ଦ୍ର ମିଶ୍ର, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲ୍ଲା କିଶାନ ସେଲ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ ଆହୁରି ସୁଦୃଢ ହେବ ବୋଲି ନଗର କଂଗ୍ରେସ ସଭାପତି ବୁଲୁ ଦାନିଙ୍କ ସହ ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ବ୍ଲକ ସଭାପତି ଉମାକାନ୍ତ ସାହୁ, ଏସ୍‌ସି ସେଲ୍ ସଭାପତି ଓମ୍ ପ୍ରକାଶ କୁମ୍ଭାର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଅଙ୍କିତ ସାହୁ, ଚିନ୍ମୟ ବେହେରା, ଅଜୟ ବାଲି, ଜୁଲୁ ପଟ୍ଟନାୟକ, ଜ୍ୟୋତି ନାଗ, ସଂଜୟ ମିଶ୍ର, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ଲଳିତ ପଟେଲ, ପରଦୋଶ ପାଣିଗ୍ରାହୀ, ସମୀର କୁମ୍ଭାର, କିରନ ସେଠ, କୈଳାସ ମିଶ୍ର, ନାରୀ ନେତ୍ରୀ ବବିତା ସାହୁ, ସାଇନା ବେଗମ, କଳ୍ପନା ନାଏକ, ସବିତା ଶତପଥି, ଆରତିପ୍ରୀତି ନାଗ, ଅନ୍ନପୂର୍ଣ୍ଣା ବଡିଆ, ଲକ୍ଷ୍ମୀ ପ୍ରଧାନ, ସୁନିତା ତାଣ୍ଡି, ସୋହନ ନାଏକ, ରଶ୍ମି ରଂଜନ ପ୍ରଧାନ , ଆଶୁତୋଷ ମିଶ୍ର, ଉଦିତ ସାହୁ, ଚନ୍ଦନ ସାହୁ, ସୁମନ ସାହୁ, ସଞ୍ଜୁ ଦୋରା, ଘୁଣ୍ଟୁ ଦାସ ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଅତିରିକ୍ତ ଶାସନ ସଚିବଙ୍କ ସମୀକ୍ଷା ବୈଠକ

କନ୍ଧମାଳ : ଅତିରିକ୍ତ ଶାସନ ସଚିବ, କୃଷି ଓ କୃଷକ ମଙ୍ଗଳ ବିଭାଗ, ଓଡ଼ିଶା ସରକାର ପ୍ରମୋଦ କୁମାର ମେହେର୍ଦ୍ଦା, ଭା.ପ୍ର.ସ ଙ୍କ ନେତୃତ୍ୱରେ ଆକାଂକ୍ଷା ଜିଲ୍ଲା କନ୍ଧମାଳର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସବୁ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟ ଉପସ୍ଥାପନା କରିଥିଲେ । ଶ୍ରୀ ମେହେର୍ଦ୍ଦା ସମସ୍ତ ବିଭାଗ ମିଳିମିଶି ଜିଲ୍ଲାର କେମିତି ପୂର୍ଣ୍ଣାଙ୍ଗ ବିକାଶ ହେବ ସେହି ବିଷୟରେ ଆଲୋଚନା କରି ବିକାଶ ଖସଡ଼ା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକ ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା ଏବଂ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ, ଉପ- ଜିଲ୍ଲାପାଳ, ବାଲିଗୁଡ଼ା ପ୍ରଣିତା ଦାଶ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଶ୍ରୀ କୃପାସିନ୍ଧୁ ବେହେରାଙ୍କ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଏମ୍‌ଏସ୍‌ପି ସ୍ୱଞ୍ଜ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର, (ହି.ସ.) - ଏମ୍‌ଏସ୍.ପି. ସ୍ୱଞ୍ଜ ଆଇରନ ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି । ଦୀର୍ଘଦିନ ଧରି ଏମଏସପି ସ୍ୱଞ୍ଜ ଆଇରନ ପ୍ଲାଣ୍ ପ୍ଲାଂଟରୁ ସଂଘର ସାଧାରଣ ରଣ ସମ ସମ୍ପାଦକ ଓ ୬୦ଜଣରୁ ଉର୍ଦ୍ଧ ଶ୍ରମିକମାନଙ୍କୁ ବିନାକାରଣରେ ଆକ୍ରୋଶମୂଳକ ଭାବେ କମ୍ପାନୀ କର୍ତୃପକ୍ଷ କାର୍ଯ୍ୟରୁ କରିଥୂବା ଅଭିଯୋଗ ହୋଇଛି । ସେ ନେଇ କମ୍ପାନୀ କର୍ତୃପକ୍ଷଙ୍କୁ ୨୮ ଦଫା ଦାବିପତ୍ର ଦିଆଯାଇଥିଲା ମାତ୍ର ଏହାର କୌଣସି ଦାବି ପୂରଣ ହୋଇପାରି ନାହିଁ । ଏନେଇ ଜିଲା ଶ୍ରମ ଆୟୁକ୍ତ ସଂଖ୍ୟା-୧୧୭ ୬/୨୦୯୯, ୨୨.୦୬.୨୦୨୨ରିଖରେ ଲିଖୂତ ଙ୍କୁ ଚିଠି ତା ଭାବରେ କମ୍ପାନୀ ଜଣାଇଲେ ମଧ କମ୍ପାନୀ କର୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିନଥିବା ଜଣାପଡିଛି । ଛଟେଇ ହୋଇଥିବା ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି ୨୮ଦଫା । ଦାବିପତ୍ର ପୂରଣ ପାଇଁ ଦାବି ହେଉଛି । ଏସବୁ ସମସ୍ୟାର ସମାଧାନ ଶୀଘ୍ର ନ କରାଯାଏ ତାହାହେଲେ ଚଳିତ ମାସ ୨୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ (ସୋମବାର) ଠାରୁ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାସହ କମ୍ପାନୀ ' ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିବା ନେଇ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି । ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ କିମ୍ବା କୌଣସି ଅଘଟଣ ଘଟିଲେ ସେଥିପାଇଁ କମ୍ପାନୀ କର୍ତୃପକ୍ଷ ଦାୟୀ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି ।

# ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର

ବାରିପଦା, (ହି.ସ.) – ମୟୂରଭଞ୍ଜ ଜିଲ୍ଲା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଓ ନାରାୟଣ ହୃଦାଳୟ, ଜାମସେଦପୁର ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି) ରେ ଶିଶୁ ହୃଦ୍ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କାଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର କିଶୋର କୁମାର ଆଚାର୍ଯ୍ୟ ଉଦଘାଟନ କରିବା ସହ ଏଭଳି ଶିବିରର ଆବଶ୍ୟକ ସଂପର୍କରେ କହିଥିଲେ । ଶିଶୁ ମାନଙ୍କଠାରେ ହୃଦ୍ ରୋଗ ଜନିତ ଜଟିଳ ସମସ୍ୟା ଦେଖା ଦେଲେ, ଏହାର ଚିକିତ୍ସା ନିମନ୍ତେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର.ବି.ଏସ.କେ) ମାଧ୍ୟମରେ ଓ ନାରାୟଣ ହୃଦାଳୟ ସହାୟତା ରେ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇ ଦିଆଯାଉଅଛି ବୋଲି କହିଥିଲେ । ଶିବିରରେ ନାରାୟଣ ହୃଦାଳୟ ଜାମସେଦପୁର ରୁ ଆସିଥିବା ଶିଶୁ ହୃଦରୋଗ ବିଶେଷଜ୍ଞ ଡ଼ାକ୍ତର ଅନ୍ୟେସା ମୁଖାର୍ଜୀ ଓ ଡ଼ାକ୍ତର ଧର୍ମା ରାଓ ଯୋଗ ଦେଇ ୧୬୪ ଜଣ ଶିଶୁଙ୍କ ହୃଦରୋଗ ପରୀକ୍ଷା କରିଥିଲେ । ଏଥି ମଧ୍ୟରୁ ୫୮ ଜଣ ଶିଶୁଙ୍କ ଅସ୍ତ୍ରୋପଚାର ପରବର୍ତୀ ପରୀକ୍ଷା କରାଯାଇଥିଲା । ଆର.ବି.ଏସ.କେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ ମାଧ୍ୟମରେ ନୂତନ କରି ଚିହ୍ନଟ କରାଯାଇଥିବା ୧୦୬ ଜଣ ଶିଶୁଙ୍କ ହୃଦରୋଗ ପରୀକ୍ଷା ପରୀକ୍ଷା କରାଯାଇଥିଲା । ଏହି ୧୦୬ ଜଣ ଶିଶୁଙ୍କ ମଧ୍ୟରୁ ୭୧ ଜଣଙ୍କ ଠାରେ ହୃଦରୋଗ ଜନିତ ସମସ୍ୟା ଚିହ୍ନଟ କରାଯାଇଅଛି । ସେମାନଙ୍କୁ ପ୍ରର୍ଯ୍ୟାୟକ୍ରମେ ଆର.ବି.ଏସ.କେ ମାଧ୍ୟମରେ ନାରାୟଣ ହୃଦାଳୟ କୁ ପଠାଯାଇ ବିନା ମୂଲ୍ୟ ରେ ଅସ୍ତ୍ରୋ ପଚାର କରାଯିବ ବୋଲି ଡ଼କ୍ଟର ଆଚାର୍ଯ୍ୟ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡ଼ାକ୍ତର ସୁନନ୍ଦା ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ଭି.ବି.ଡି) ବିଜୟ କୁମାର ଦାସ୍, ରାଜ୍ୟର ଆରବିଏସକେ ୟୁନିଟରୁ ଆସିଥିବା ପ୍ରଶାନ୍ତ କୁମାର ଦାଶ, ଚନ୍ଦନ କୁମାର ପତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଇଆଇସି)ର ଶିଶୁ ରୋଗ ବିଶେଷଜ୍ଞ ଡ଼ାକ୍ତର ପ୍ରଦିପ୍ କୁମାର ମହାପାତ୍ର, ଡ଼ାକ୍ତର ଭବାନୀ ଶଙ୍କର ମହାନ୍ତି, ଡିପିଏମ ଏନ୍‌ଏଚ୍‌ଏମ୍ ଅନିଲ କୁମାର ମହାନ୍ତି, ଆରବିଏସ କେ ମ୍ୟାନେଜର ବିଜନ କୁମାର ସାହୁ, ହସ୍ପିଟାଲ ମ୍ୟାନେଜର ଶ୍ରୀରାମ ମହାନ୍ତି, ଡିଇଆଇସିର ସମସ୍ତ କର୍ମକର୍ତ୍ତା ଓ ଆର.ବି.ଏସ.କେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳର କର୍ମଚାରୀ ବୃନ୍ଦ ଯୋଗ ଦେଇ ଶିଶୁ ହୃଦରୋଗ ପରୀକ୍ଷା ଶିବିର ପରିଚାଳନା ରେ ସହଯୋଗ କରିଥିଲେ ।

# ବିଜେଡି ତରଫରୁ ରକ୍ତଦାନ ଶିବିର



ଦେବଗଡ(ପିପିଏସ୍) : ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମଦିନ ଅବସରରେ ବିଜେଡି ତରଫରୁ ସେବା ଦିବସ ପାଳିତ ହୋଇଛି । ଜିଲ୍ଲା ରେଡକ୍ରସ ରକ୍ତଭଣ୍ଡାର ପରିସରରେ ଜିଲ୍ଲା ବିଜେଡି ତରଫରୁ ମେଗା ରକ୍ତଦାନ ଶିବିର କରାଯାଇଥିଲା । ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ ଓ ସୋସିଆଲ ମିଡିଆ ପ୍ରଭାରୀ ଶୁକଦେବ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଓ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କ ସହ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌରାଧ୍ୟକ୍ଷା ଅନିତା ପାତ୍ର, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ବରିଷ୍ଠ ନେତ୍ରୀ ସୁଜାତା ପ୍ରଧାନ, ପାର୍ବତୀ ସାହୁ, ତିଳେଇବଣି ବ୍ଲକ ବିଜେଡି ସଭାପତି ବାବୁ ଲାଲ ପୃଷ୍ଟେଠ୍, ପୂର୍ବତନ ପୌର ଉପାଧ୍ୟକ୍ଷ ଚନ୍ଦ୍ରଶେଖର ଭୁକ୍ତା, ପୂର୍ବତନ କାଉନସିଲର ମାନସ ପ୍ରଧାନ, ଦଳୀୟ କର୍ମୀ ଅନନ୍ତ ମେହେର, ସମୀର ରଞ୍ଜନ ପ୍ରଧାନ, ଭବାନୀ ଶଙ୍କର ସାହୁ, ନରେନ ପଣ୍ଡା, ସୁଶାନ୍ତ ବାଙ୍କ, ମନୋଜ ପ୍ରଧାନ ଓ ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ଜିଲ୍ଲା ରକ୍ତଭଣ୍ଡାର ଡାକ୍ତର ଓ ବୈଷୟିକ କର୍ମଚାରୀଙ୍କ ଦ୍ୱାରା ୭୯ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

# ଅବହେଳିତ ଅବସ୍ଥାରେ କେନ୍ଦୁଝର ବଳଦେବଜିଉ ମନ୍ଦିର

କେନ୍ଦୁଝର, (ହି.ସ.) - କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବତା ଭାବେ ବଳଦେବଜିଉ ପୂଜା ପାଉଛନ୍ତି । ଏହି ମନ୍ଦିର ରେ ସ୍ୱତନ୍ତ୍ର ନିତିକ୍ରାନ୍ତି ସହ ପୂଜା ବିଦ୍ଧି ସମ୍ପନ୍ନ ହୋଇଥାଏ । ଏହି ମନ୍ଦିରର ସମ୍ପୂର୍ଣ୍ଣ ରକ୍ଷଣା ବେକ୍ଷଣ କେନ୍ଦୁଝର ଉପଜିଲ୍ଲାପାଳ ଓ ଦେବୋତର ବିଭାଗ ଦ୍ୱାରା ହୋଇଥାଏ । ମନ୍ଦିର ଟ୍ରଷ୍ଟ ବୋର୍ଡ ଦୀର୍ଘ ଦିନ ହେଇ ନଥିବାରୁ ଏହାକୁ ଉପ ଜିଲ୍ଲାପାଳ ପରିଚାଳନା କରି ଆସୁଛନ୍ତି । କିନ୍ତୁ ବହୁ ସମୟରେ ଏହାର ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଇ ଆସୁଛି । ମନ୍ଦିର ନୀତିକ୍ରାନ୍ତି ସଠିକ ହେଉ ନଥିବା ବେଳେ ମନ୍ଦିର ଆସୁଥବା ଭକ୍ତ ମଧ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବର୍ତମାନ କାର୍ତିକ ମାସ ଚାଲୁଥିବା ବେଳେ ବହୁ ଭକ୍ତ ମନ୍ଦିରକୁ ଆସୁଛନ୍ତି । ମନ୍ଦିରରେ ଲାଗିଥିବା ପତିତପାବନ ବାନା ଛିଣ୍ଡି ଯାଇଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ବୁଦ୍ଧିଜୀବି ।

# ବେଆଇନ କ୍ରସର୍ ୟୁନିଟ୍‌କୁ ସିଲ୍‌କଲା ପ୍ରଶାସନ

ଜୟପୁର, (ହି.ସ.): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ତହସିଲ ଅଧିନ ବେହେରା ଗୁଡ଼ା ସ୍ଥିତ ଏଲ ଜି କନଷ୍ଟ୍ରକସନ ନାମକ ଏକ କ୍ରସର ୟୁନିଟ କୁ ସିଲ କରିଛି ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ । ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ କୋରାପୁଟ,ଜିଲ୍ଲା ଖଣି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରି ଉକ୍ତ କ୍ରସରକୁ ସିଲ୍ କରାଯାଇଛି । ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ରିଜିଓନାଲ ଅଫିସର ଦିପେଶ ବିଶ୍ୱାଳଙ୍କ କହିବା ମୁତାବକ କ୍ରସର ୟୁନିଟ୍ ଗୁଡିକୁ କେନ୍ଦ୍ରୀୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ର ୨୦୨୩ ନିୟମ ଅନୁସାରେ ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ପ୍ରଦାନ କରିଥାଏ । ଯେଉଁ ନିୟମକୁ ୟୁନିଟ୍ ଗୁଡିକ ମାନିବା ଜରୁରୀ । କିନ୍ତୁ ସଂପୃକ୍ତ କ୍ରସର ୟୁନିଟ୍ ତାହା ମାନୁ ନଥିବାରୁ ଗତ କିଛିମାସ ତଳେ ଜିଲ୍ଲା ରେ ଟାସ୍କଫୋର୍ସ ଗଠନ କରାଯାଇ ନୋଟିସ କରାଯାଇଥିଲା । ନୋଟିସ କରିବା ସତ୍ତ୍ୱେ କ୍ରସର ମାଲିକ କୌଣସି ଉତ୍ତର ଦେଇନଥିଲେ ତେଣୁ କ୍ରସରଟିକୁ ସିଲ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ଉକ୍ତ କ୍ରସର କୁ ଗତ ୨୦/୦୨/୨୦୨୫ ରେ ମିଳିତ ଚଢ଼ାଉ କରି ୨୧୫୦ ସିଏଏମ ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ କୁ ଜବତ କରାଯାଇ ୭ ଲକ୍ଷ ୫ ହଜାର ୨୩୦ ଟଙ୍କା ଜରିମାନା କରାଯାଇଥିଲା । ଯାହା ଆଜି ର୍ପ୍ୟନ୍ତ ବନ୍ଧାଯାଇ ନଥିବା ଓ ଏହାର କୌଣସି ଉତ୍ତର ଦେଇନଥିବା ସି ଟି, ସି ଟି ଓ ଭଳି କୌଣସି ଗାଇଡ଼ ଲାଇନକୁ ମାନି ନଥିବାରୁ ଆଜି ଉକ୍ତ ୟୁନିଟ କୁ ସିଲ କରା ଯାଇଥିବା ଖଣି ଅଧିକାରୀ କୃଷ୍ଣ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି । ଏଥିସହିତ କେନ୍ଦ୍ରୀୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ଗାଇଡ଼ ଲାଇନ କୁ ଅବମାନନା କରୁଥିବା ସମସ୍ତ କ୍ରସର ୟୁନିଟ ଉପରେ ଆଗକୁ ଚଢ଼ାଉ ଜାରି ରହିବ ବୋଲି ଉଭୟ ଅଧିକାରୀ ଗଣ ମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ସେମିଳିଗୁଡ଼ା ତହସିଲଦାର ସେମିଳିଗୁଡ଼ା ଥାନା ଇନସ୍ପେକ୍ଟର ପୁର୍ଣିମା ତାର୍କୀ, ଟାଟା ପାୱାର ଏବଂ ଅନ୍ ସମସ୍ତ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସୂଚନା ଥାଉ କି ମିଳିତ ଚଢ଼ାଉ ସମୟରେ କ୍ରସର ୟୁନିଟରୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯିବା ସହ କ୍ରସରର ସମସ୍ତ ଯନ୍ତ୍ରାଂଶ ଗୁଡିକୁ ଯଉ ମୁଦ ଦେଇ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି । ଖଣି ଅଧିକାରୀ କୋରାପୁଟ କୃଷ୍ଣ ଚନ୍ଦ୍ର ଖୁଣ୍ଟିଆ ,,ରିଜିନାଲ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୮।୧୦।୨୦୨୫ ■ ଶନିବାର

## ସପ୍ତାହାନ୍ତ ବିଚାର

# ସମର୍ଥ ହେଉ ସଂସଦୀୟ କମିଟି

ପାର୍ଲାମେଣ୍ଟର ସ୍ଥାୟୀ କମିଟି ଯାହାକୁ ଷ୍ଟାଣ୍ଡିଙ୍ଗ କମିଟଇ ମଧ୍ୟ କୁହାଯାଏ, ତାହାର କାର୍ଯ୍ୟକାଳ ଏକବର୍ଷରୁ ବଢ଼ାଇ କରି ଦୁଇବର୍ଷ କରିବା ଲାଗି ବିଚାର କରାଯାଉଛି । ସାଂସଦମାନଙ୍କର ଆପତ୍ତି ଯେ ଗୋଟିଏ ବର୍ଷରେ କୌଣସି ବିଷୟରେ ବିଶେଷ ଭାବେ ଅଧ୍ୟୟନ କି ସାର୍ଥକ ପରିଣାମ ସାମନାକୁ ଆସିପାରେ ନାହିଁ । ସରକାର ଅବଶ୍ୟ ବ୍ୟବସ୍ଥାପିକା ପାଖରେ ଉତ୍ତରଦାୟୀ । ଏହି ଉତ୍ତର ଦେବାର ପ୍ରକ୍ରିୟା ପାର୍ଲାମେଣ୍ଟରେ ପ୍ରଶ୍ନକାଳ, ସଂକଳ୍ପ ଓ ଅବିଶ୍ୱାସ ପ୍ରସ୍ତାବ ଆଦି ମାଧ୍ୟମରେ କରାହୋଇଥାଏ । ସଂସଦୀୟ କମିଟି ସବୁ ମଧ୍ୟ ଏହି କାର୍ଯ୍ୟରେ ମହତ୍ତ୍ୱପୂର୍ଣ୍ଣ ସହଯୋଗ କରିଥାଏ । କମିଟି ହେଉଛି ପାର୍ଲାମେଣ୍ଟର ଅଙ୍ଗ । ରାଷ୍ଟ୍ର ଆଗରେ ଅନେକ ଜଟିଳ ପ୍ରଶ୍ନ ଉତ୍‌ଥାପନ ହୋଇଚାଲିଥାଏ । ଅନେକ ପ୍ରକାରର ପ୍ରସଙ୍ଗ ମଧ୍ୟ ଆସେ । ମହତ୍ତ୍ୱପୂର୍ଣ୍ଣ ମାମଲାମାନଙ୍କରେ ଚର୍ଚ୍ଚା ମଧ୍ୟ ଢେର ସମୟ ଲାଗିଥାଏ । କେତେକ ପ୍ରସଙ୍ଗରେ ବିଷୟ ସଂପର୍କିତ ବିଶେଷଜ୍ଞଙ୍କ ଦ୍ୱାରା ଗଭୀର ଅଧ୍ୟୟନର ଆବଶ୍ୟକତା ଥାଏ । ଆଉ କିଛି ପ୍ରସଙ୍ଗ ଏପରି ମଧ୍ୟ ହୋଇଥାଏ, ଯାହାକି ଟେକ୍‌ନିକାଲ୍ । ସଂସଦର ସମୟ ଏପ୍ରକାର ଛୋଟମୋଟ ପ୍ରସଙ୍ଗରେ ଏବଂ ଅନାବଶ୍ୟକ ହଟ୍ଟଗୋଳ ବ୍ୟବସ୍ଥାକୁ ଦୂର କରିବାରେ ସମୟ ଲାଗିଯାଇଥାଏ । କମିଟି ପ୍ରଣାଳୀ ଦ୍ୱାରା ସଂସଦର ସମୟ ବଞ୍ଚିଯାଏ । ଭାରତୀୟ ସଂସଦୀୟ ବ୍ୟବସ୍ଥାରେ ପିଟିସନ କମିଟି, ପ୍ରିଭିଲେଜ କମିଟି, ଏସ୍ୟୁରାନ୍ସ କମିଟି ସ୍ଥାୟୀ କମିଟି ଭାବେ ଚିହ୍ନିତ ଯଦିଓ ଏଯାଏ ପ୍ରିଭିଲେଜ କମିଟି କି ଏଥିକ୍‌ସ୍ କମିଟି ଗଠିତ ହୋଇପାରି ନାହିଁ । ତେବେ ଲୋକସଭା ଓ ରାଜ୍ୟସଭାର ସଦସ୍ୟଙ୍କୁ ମିଶାଇ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ଗଢ଼ାଯାଏ । ତା'ଛଡ଼ା ଲୋକସଭାର ଅନ୍ୟ ସବୁ ମଧ୍ୟ ଅଛି । କୌଣସି ବିଧେୟକ ପାଇଁ ସିଲେକ୍ଟ କମିଟି ମଧ୍ୟ ଗଢ଼ାଯାଇଥାଏ । କମିଟିର ନିଯୁକ୍ତି, କାର୍ଯ୍ୟକାଳ, କାର୍ଯ୍ୟ ସଂଚାଳନର ପ୍ରକ୍ରିୟାର ନିୟମ ଲୋକସଭା ବାଚସ୍ପତିଙ୍କ ଦ୍ୱାରା କରାଯାଇଥାଏ । ପବ୍ଲିକ୍ ଏକାଉଣ୍ଟସ କମିଟି ସରକାରୀ ସଂସ୍ଥାମାନଙ୍କର ଆୟ-ବ୍ୟୟର ହିସାବ ସିଏଜିଙ୍କ ରିପୋର୍ଟ ଅନୁଯାୟୀ ନିରୀକ୍ଷଣ କରୁଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ସମ୍ବନ୍ଧୀୟ କମିଟି ସେମାନଙ୍କ ଲାଗି ହୋଇଥିବା ବ୍ୟୟବରାଦ ସଠିକ୍ ଭାବେ ଖର୍ଚ୍ଚ ହେଉଛି କି ନା, ଆଦି ପ୍ରସଙ୍ଗକୁ ନିରୀକ୍ଷଣ କରିଥାଆନ୍ତି ।

ସଂପ୍ରତି ରାଷ୍ଟ୍ର ସମ୍ମୁଖରେ ଅନେକ ଆହ୍ୱାନ ଆସୁଛି । ପାର୍ଲାମେଣ୍ଟ ତାହାର ଆଭା ହରାଇ ବସିଛି । ଗୃହ ଭିତରେ ଚରମ ବିଶୃଙ୍ଖଳା । ଏ ଅବସ୍ଥାରେ ପାର୍ଲାମେଣ୍ଟାରୀ କମିଟିଗୁଡ଼ିକୁ ଶକ୍ତିଶାଳୀ କରିବା ଲାଗି ଠୋସ୍ ବିଚାର କରିବାକୁ ହେବ । ସାଂସଦମାନେ ସମୟ ଅଭାବର କଥା ଉଠାଇଛନ୍ତି । ତେଣୁ କମିଟିକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ସାମଗ୍ରିକ ଭାବେ ବିଚାର କରିବା ଦରକାର । ବ୍ୟବସ୍ଥାପିକାମାନଙ୍କରେ ସମୟ ଅଭାବ ଏକ ବିଚାରଯୋଗ୍ୟ ପ୍ରସଙ୍ଗ । ସଂସଦୀୟ କମିଟି ଗୁଡ଼ିକ ବିଷୟ ବା ପ୍ରସଙ୍ଗର ଗଭୀରତାକୁ ଯାଇଥାଏ, ବୁଝିଥାଏ, ବିକଳ୍ପ ମଧ୍ୟ ଖୋଜିଥାଏ କିନ୍ତୁ ମୁଖ୍ୟ ସଦନରେ, ପାର୍ଲାମେଣ୍ଟର ଉଭୟ ଗୃହର କମିଟିମାନଙ୍କ ଭଳି ଅନୌପଚାରିକ ଶାନ୍ତ ବାତାବରଣ କ୍ୱଚିତ ମିଳିଥାଏ । କମିଟି ଗୁଡ଼ିକର ବୈଠକ ପରିଚାଳନା ମୁଖ୍ୟତଃ ସଦନ ଗୃହ କାର୍ଯ୍ୟ ଭଳି ହିଁ ହୋଇଥାଏ । ମୁଖ୍ୟ ପାର୍ଲାମେଣ୍ଟ ସଦନ ଓ କମିଟି ବୈଠକର ପରିଚାଳନାର ବିଶେଷଅଧିକାର ବା ପ୍ରିଭିଲେଜ ସମାନ । କିନ୍ତୁ କମିଟିର ବାତାବରଣ ଶାନ୍ତ ଓ ସଦ୍‌ଭାବପୂର୍ଣ୍ଣ ଥାଏ । କମିଟିରେ ବିଚାରାଧୀନ ସବୁ ବିଷୟକୁ ଗହନ ଭାବେ ସମୀକ୍ଷା କରାଯାଇଥାଏ । ଆମନ୍ତ୍ରିତ ସଂସ୍ଥା ଓ ସରକାରଙ୍କ ପ୍ରତିନିଧି ସେ କମିଟି ସାମନାରେ ଉତ୍ତର ଦେଇଥାଏ । କମିଟି ମଧ୍ୟ ତାହାର ବିଚାରାଧୀନ ଯାଞ୍ଚ ଯୋଗ୍ୟ କି ଅନ୍ୱେଷଣାଧୀନ ବିଷୟ ସମ୍ବନ୍ଧରେ ସଂପୃକ୍ତ ବ୍ୟକ୍ତିଠାରୁ ମୌଖିକ କି ଲିଖିତ ସାକ୍ଷ୍ୟ ଗ୍ରହଣ କରିଥାଆନ୍ତି । ପ୍ରତ୍ୟେକ କମିଟି ସାକ୍ଷ୍ୟ ଦେବା ଲାଗି ହେଉ କି ଲିଖିତ ସାକ୍ଷ୍ୟ ଗ୍ରହଣ କରିଥାଆନ୍ତି । ପ୍ରତ୍ୟେକ କମିଟି ସାକ୍ଷ୍ୟ ଦେବା ଲାଗି ହେଉ କି ଲିଖିତ ଉତ୍ତର ପାଇବା ଲାଗି ଅଧିକାର ରହିଛି । ଷ୍ଟାଣ୍ଡିଙ୍ଗ ବା ସ୍ଥାୟୀ କମିଟି ଆଗରେ ରାଷ୍ଟ୍ରଜୀବନ ସଂପର୍କିତ ପ୍ରାୟ ସବୁ ବିଷୟ ମଧ୍ୟ ବିଚାର ପାଇଁ ଆସିଥାଏ । ତେଣୁ ଷ୍ଟାଣ୍ଡିଙ୍ଗ୍ କମିଟିଗୁଡ଼ିକର ସଂଖ୍ୟା ୨୦୦୪ରେ ୧୭ରୁ ୨୪କୁ ବଢ଼ାଇ ଦିଆଯାଇଛି । ପାର୍ଲାମେଣ୍ଟର ଉଭୟ ଗୃହର ସଦସ୍ୟଙ୍କୁ ନେଇ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ଗଠନ କରାଯାଇଥାଏ । ଏ ପ୍ରକାର କମିଟି ଆମ ଦେଶରେ ଲୋକପ୍ରିୟ । ସାଧାରଣ ଜନତାଙ୍କୁ ୨ଜି ସ୍ପେକ୍ଟ୍ରମ ଆବଣ୍ଟନ ଘୋଟାଲା, ବୋଫର୍ସ ଦୁର୍ନୀତି, ହର୍ଷଦ ମେହେଟ୍ଟା ଘୋଟାଲା ଆଦିର ଯାଞ୍ଚ ଗଠିତ ଜେପିସି ଦ୍ୱାରା ହିଁ କରାହୋଇଥିଲା । ଏପ୍ରକାର ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ଲୋକସଭା ହେଉ କି ରାଜ୍ୟସଭାରେ ଗହନ ବିଚାର ସମ୍ଭବପର ନଥିଲା । ଯେଉଁ ସମସ୍ୟା ମୂଳତଃ ପାର୍ଲାମେଣ୍ଟ ସାମନାକୁ ଆସିଥିଲା, ତାହା କମିଟି ଆଗରେ ଉପସ୍ଥାପିତ ହେଲା ପରେ ସହଜରେ ନିଷ୍କର୍ଷ ଯାଏ ପହଞ୍ଚି ପାରିଥିଲା । ତେଣୁ ପ୍ରଶ୍ନ ହେଉଛି ପାର୍ଲାମେଣ୍ଟର ଗୃହ କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ ଚାଲିପାରୁ ନାହିଁ କାହିଁକି ? ପୁଣି ମହତ୍ତ୍ୱପୂର୍ଣ୍ଣ ବିଧେୟକ ବି ବିନା ଆଲୋଚନାରେ ଗୃହୀତ ହୋଇଯାଉଛି ।

ବ୍ରିଟେନରେ ମଧ୍ୟ କମିଟି ବ୍ୟବସ୍ଥା ଅଛି । ସିଲେକ୍ଟ କମିଟି ସରକାରୀ ବିଭାଗଗୁଡ଼ିକର ମନିଟରିଙ୍ଗ କରିଥାଏ । ସେଇଭଳି ପବ୍ଲିକ ଏକାଉଣ୍ଟସ କମିଟି ପବ୍ଲି ବ୍ୟୟର ଯାଞ୍ଚ କରିଥାଏ । ବ୍ରିଟେନରେ ବହୁଦଳୀୟ ପ୍ରଣାଳୀ ଅଛି । ଭାରତ ଭଳି ନିଜ ଦଳର ସଦସ୍ୟ ସଂଖ୍ୟା ଅନୁପାତରେ ବିଭିନ୍ନ ଦଳମାନଙ୍କୁ ସଦସ୍ୟତା ମିଳିଥାଏ । ଭାରତରେ ପିଏସିର ଅଧ୍ୟକ୍ଷ ୧୯୬୭ରୁ ବିରୋଧୀ ଦଳର ହୋଇ ଆସୁଛନ୍ତି । ଆମେରିକାରେ ମଧ୍ୟ କମିଟି ବ୍ୟବସ୍ଥା ଅଛି । ସେଠି ଉଭୟ ଗୃହର ଅଲଗା ଅଲଗା କମିଟି ଗଠିତ ହୋଇଛି । ଏବେ ଭାରତ ଭଳି ସେଠି ମଧ୍ୟ ଷ୍ଟାଣ୍ଡିଙ୍ଗ କମିଟି ଗଢ଼ା ହେଲାଣି । ଜର୍ମାନୀ, ଇଉରୋପୀୟ ୟୁନିଅନ, ଫ୍ରାନ୍ସ ଓ କନାଡାରେ ମଧ୍ୟ କମିଟି ବ୍ୟବସ୍ଥା ଅଛି । କନାଡାରେ ନାଗରିକ, ବିଶେଷଜ୍ଞ ଓ ଏନଜିଓ କୌଣସି ମାମଲାରେ ସାକ୍ଷ୍ୟ ଦେଇପାରିବେ । ଏହି କମିଟି ସବୁ ବେଶ୍ ଶକ୍ତିଶାଳୀ ଓ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ । ଅଷ୍ଟ୍ରେଲିଆରେ ଏଷ୍ଟିମେଟ କମିଟି ସରକାରୀ ବ୍ୟୟ ଓ ବଜେଟକୁ ଗଭୀର ଭାବେ ଯାଞ୍ଚ କରିଥାଏ । ଜାପାନରେ ଷ୍ଟାଣ୍ଡିଙ୍ଗ କମିଟି ଓ ମନ୍ତ୍ରାଳୟ ସମ୍ବନ୍ଧୀୟ ପରାମର୍ଶଦାତା କମିଟି ମଧ୍ୟ ଅଛି । କମିଟି ବ୍ୟବସ୍ଥା ସ୍ୱୟଂସିଦ୍ଧ । ମର୍ଯ୍ୟାଦାପୂର୍ଣ୍ଣ ଭାବେ ଅନେକ ସୁନ୍ଦର କଥା ମଧ୍ୟ କୁହାହୋଇଥାଏ । ଜନୈକ କମିଟି ଅଧ୍ୟକ୍ଷ ଥରେ କହିଥିଲେ–ଆପଣଙ୍କ କାମ ନୀତି ନିର୍ଦ୍ଧାରଣ କରିବା ନୁହେଁ; ସଂସଦ ଦ୍ୱାରା ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଥାଏ, ତାହା ଠିକ୍ ଭାବେ ପାଳନ କରାଯାଉଛି କି ନା, ତାହା ଦେଖିବା ହେଉଛି କର୍ତ୍ତବ୍ୟ... ତା' ସହିତ ଦେଖିବାକୁ ହେବ ଯେପରି ତାହାର ଭିନ୍ନ ପ୍ରଭାବ ବିତ୍ତୀୟ ବ୍ୟବସ୍ଥା ଉପରେ ନ ପଡ଼ିବ ।

ସଂସଦ ଓ ବିଧାନସଭାର କାର୍ଯ୍ୟପ୍ରଣାଳୀ ସମାନ । କମିଟି ପ୍ରଣାଳୀ ଯେତେ ଦୃଢ଼ ହେବ ବିଧାନସଭାମାନଙ୍କରେ କାର୍ଯ୍ୟ ମଧ୍ୟ ସେତେ ତେଜୋଦୀପ୍ତ ହେବ । ଦୁଃଖର ବିଷୟ ଏହି ଯେ ସଂସଦରେ କମିଟିଗୁଡ଼ିକ ଭଲଭାବେ କାର୍ଯ୍ୟ କରୁଥିବାବେଳେ ବିଧାନସଭାମାନଙ୍କର କମିଟି ସେତେ ଉତ୍ତମ ଢଙ୍ଗରେ କାର୍ଯ୍ୟ କରିପାରୁ ନାହିଁ । ସେଥିପାଇଁ ପ୍ରତ୍ୟେକ ସ୍ତରରେ ସଚେତନତା ଆବଶ୍ୟକ । ତେଣୁ ଯଥୋଚିତ ନିୟମ କମିଟି ପାଇଁ ଗଢ଼ାଯାଇ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ।□□

## ଦୁଇ ବର୍ଷ ହେଲା ମିଳିନି ଏସଡିସି ପାଣ୍ଠି

### ପ୍ରାପ୍ତପତ୍ର

ଆଦିବାସୀଙ୍କ ବିକାଶ ଲାଗି ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ । ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ଅନୁମୋଦନ ହୋଇଥିଲା ତାହା ଏବେ କାର୍ଯ୍ୟାନ୍ୱୟନ ହେଉଛି ବୋଲି ଚଳିତମାସ ୪ରେ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ମାସିକିଆ ରିପୋର୍ଟରୁ ଜଣାଯାଇଛି । ତଥ୍ୟ ଅନୁଯାୟୀ, ଆଦିବାସୀଙ୍କ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଏସଡିପି ଗଠନ କରିଛନ୍ତି । ଏଥିରେ ଆଦିବାସୀମାନଙ୍କୁ ଅଧିକରୁ ଅଧିକ ସାମିଲ କରି ଉନ୍ନତି ପ୍ରକ୍ରିୟାରେ ଭାଗୀଦାରି କରିବାକୁ ଲକ୍ଷ୍ୟ ରହିଛି; ଯାହାଦ୍ୱାରା ଅନୁନ୍ନତ ଅଞ୍ଚଳଗୁଡ଼ିକ ଠିକଣା ଭାବେ ଚିହ୍ନଟ ହେବା ସହିତ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା, କାର୍ଯ୍ୟାନ୍ୱୟନ କରିବା ଏବଂ ତଦାରଖକୁ ବ୍ୟାପକ କରାଯାଇପାରିବ । ଏହାକୁ ନେଇ ରାଜ୍ୟ ସରକାର ୨୦୧୭ରେ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଯଥା ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ କନ୍ଧମାଳକୁ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିଲେ । ମାତ୍ର ୨୦୨୩ରେ ଏଥିରେ ଅତିରିକ୍ତ ୧୪ଟି ଜିଲ୍ଲା ଯଥା ଅନୁଗୁଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ନୟାଗଡ଼, ନୂଆପଡ଼ା ଓ ସମ୍ବଲପୁରର ୬୦ଟି ବ୍ଲକ ସାମିଲ କରାଯାଇଥିଲା । ଫଳରେ ଏସଡିପି ଜିଲ୍ଲା ଗୁଡ଼ିକର ସଂଖ୍ୟା ୨୩ରେ ପହଞ୍ଚିଥିଲା ଓ ସମୁଦାୟ ବ୍ଲକ ୧୭୭ ହୋଇଥିଲା । ଏହି ପରିଷଦ ଗୁଡ଼ିକ ବିଶେଷ କରି ଆଦିବାସୀ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ପ୍ରତ୍ୟେକ ଜାଜିର ବିଶିଷ୍ଟ ପରିଚୟର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାଏ । ତେବେ ୧୭୭ଟି ବ୍ଲକ ମଧ୍ୟରୁ ୧୧୯ଟି ବ୍ଲକ ସିଡ୍ୟୁଲଡ ଅଞ୍ଚଳରେ ରହିଛି । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ରୁ ପ୍ରତ୍ୟେକ ଏସଡ଼ିପି ପାଇଁ ଅନୁଦାନ ଦେବାର ବ୍ୟବସ୍ଥା କରାଯାଇଥିଲା । ଏହାକୁ ସେହି ଜିଲ୍ଲାର ବ୍ଲକ ସଂଖ୍ୟା ଆଧାରରେ ନିର୍ଣ୍ଣୟ କରାଯିବ ଓ ପ୍ରତ୍ୟେକ ଏସଡିପି ବ୍ଲକ ପାଇଁ ୧.୫୦ କୋଟି ଟଙ୍କା ଅନୁଦାନ ମିଳିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ତେବେ ନୂଆ ଏସଡିପି ଜିଲ୍ଲାରେ ୫୦ ହଜାରରୁ ଅଧିକ ଆଦିବାସୀ ଜନସଂଖ୍ୟା ଥିବା ବ୍ଲକକୁ ୧.୫୦ କୋଟି ଓ ୫୦ ହଜାରରୁ କମ ଆଦିବାସୀ ଜନସଂଖ୍ୟା ଥିବା ବ୍ଲକକୁ ୭୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବାକୁ ସ୍ଥିର ହୋଇଛି । ଏହାକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ୯ଟି ପୁରୁଣା ଏସଡିପି ଜିଲ୍ଲାର ପ୍ରତ୍ୟେକ ବ୍ଲକ ପାଇଁ ୩ କୋଟି ଅନୁଦାନ ଦିଆଯାଇଥିବା ବେଳେ ୧୪ଟି ନୂଆ ଏସଡିପି ଜିଲ୍ଲାକୁ ଆଦିବାସୀ ଜନସଂଖ୍ୟା ଅନୁପାତରେ ୧.୫୦ କୋଟି ଓ ୭୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଇଛି । ହେଲେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ କୌଣସି ଟଙ୍କା ସମ୍ପୃକ୍ତ ଏସଡ଼ିପି ଜିଲ୍ଲା ତଥା ବ୍ଲକ ପାଇଁ ଆବଣ୍ଟନ କରାଯାଇ ନଥିବା ରିପୋର୍ଟରୁ ଜଣାଯାଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ସମ୍ପ୍ରଦାୟ ହୋଇଥିବାରୁ ଏବଂ ଓଡ଼ିଶା ମୋଟ ଜନସଂଖ୍ୟାର ୩୦ ଭାଗରୁ ଉର୍ଦ୍ଧ୍ୱ ଏହି ଜନଜାତି ସମ୍ପ୍ରଦାୟ ପ୍ରତିନିଧିତ୍ୱ କରୁଥିବାରୁ ସ୍ୱତନ୍ତ୍ର ଉନ୍ନୟନ ନିମିତ୍ତ ପାଣ୍ଠି ମିଳିନଥିବାରୁ ଯୋଜନା ବାଧାପ୍ରାପ୍ତ ହେବାସହ ଆଦିବାସୀ ମାନଙ୍କ ବିକାଶ ନିମିତ୍ତ ସରକାରଙ୍କ ଅନେକ କାର୍ଯ୍ୟକ୍ରମ ମଧ୍ୟ ବାଧାପ୍ରାପ୍ତ ହେଉଛି । ସରକାର ଏ ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରନ୍ତୁ ।

ଶ୍ୟାମ ସୁନ୍ଦର ସାମଲ
ବିଡ଼ାନାସୀ , କଟକ

# କଠୋର ବାସ୍ତବତାର ଆହ୍ୱାନ



**ମାୟାଧର ନାୟକ**

॥୨॥

ଲକ୍ଷଲକ୍ଷ କର୍ମନିଯୁକ୍ତ ମଣିଷଙ୍କୁ ଏଇ ଚକ୍‌କରରେ କରିଦିଆଯିବ କୁଂଚିତ କୂର୍ମ ! ସେମାନେ ହୋଇଯିବେ ପୁଣିସେଇ ବେକାର ବାହିନୀର ବେରୋଜଗାର ବେତାଳ ! ଅଥଚ ବର୍ଷ ବର୍ଷ ଧରି ମୁନାଫା ମହଜୁଦ କରିଆସିଥିବା ଦେଶୀ ବିଦେଶୀ କମ୍ପାନୀ ମାଲିକବର୍ଗ ନିଜ ନିଜ ଗଚ୍ଛିତ ଗୁପ୍ତଧନର ସିନ୍ଦୁକରୁ କାଣିଚାଏ ଯଦି କାଢ଼ିପାରନ୍ତେ, ତା'ହେଲେ ମାର୍କିନ୍ ମାର୍କେଟ୍ ଦ୍ୱାରା ପ୍ରାୟୋଜିତ ଉପରୋକ୍ତ ଅପ୍ରଚାରିତ ଅର୍ଥନୈତିକ ମାନ୍ଦାବସ୍ଥା-ଫାର୍ସ୍ ବା ପ୍ରହସନକୁ ଅନାୟାସରେ ରୋକା ଯାଇପାରନ୍ତା । ମାତ୍ର ଏହାସେମାନଙ୍କର ଉଦ୍ଦେଶ୍ୟ ନୁହେଁ ।ସେମାନଙ୍କର ଅସଲ ଅଭିସନ୍ଧି ହେଲା ଏ ପ୍ରକାର ଅପପ୍ରଚାରର ସୁଯୋଗ ନେଇ ତୁରନ୍ତ ଛଟେଇର ଛାଟ ମାରି ଶିଳ୍ପଶ୍ରମିକ ଓ କର୍ମଜୀବୀଙ୍କୁ ସମୂଳେ ଉଚ୍ଛେଦ କରିବା । ଅର୍ଥନୈତିକ ମାନ୍ଦାବସ୍ଥାକୁ ଦ୍ରୁତବେଗରେ ଏବେ ସମ୍ବାଦପତ୍ରଠୁ ଆରମ୍ଭ କରି ଦୂରଦର୍ଶନ ପର୍ଯ୍ୟନ୍ତ ବିଭିନ୍ନ ଗଣମାଧ୍ୟମରେ ଏଭଳି କୀର୍ତନ କରାଯାଉଛି ଯେ ସରଳ ନିରୀହ ନାଗରିକମାନେ ତ୍ରସ୍ତସଂତ୍ରସ୍ତ । ବର୍ତମାନ ବିଶ୍ୱ ବଜାରକୁ ନିୟନ୍ତ୍ରଣ କରୁଛି ଆମେରିକା । ଆମେରିକାହେଉଛି କୁତ୍ସିତ କୁବେରତନ୍ତ୍ରର ସେଇ କଳା କାରବାରୀ କାର୍ପଟ୍‌ଦାର୍, ଯିଏ ଅର୍ଥ ଦ୍ୱାରା ଅନର୍ଥ ଭିଆଏ ସାରା ପୃଥିବୀରେ । ଅର୍ଥ ବିନିମୟରେ ଏହି ସଂସ୍କୃତିହୀନ ୟାଙ୍କିସଭ୍ୟତା ଅନ୍ୟଠୁ କିଣିନିଏ ବୁଦ୍ଧି, ବୈଷୟିକ ଜ୍ଞାନକୌଶଳ ଓ ବିରଳ ପ୍ରତିଭା । ଧରାକୁ ସରା ମଣୁଥିବା ଏହି ମାରାତ୍ମକ ମହାଦେଶର ମୁନାଫାଖୋର୍ ବେପାରୀ ମହାଜନମାନେ ବର୍ତମାନ ତୃତୀୟବିଶ୍ୱ ସମେତ ବହୁ ୟୁରୋପୀୟ ଓ ଏସୀୟ ରାଷ୍ଟ୍ରଙ୍କୁ ନିଜ ଯୁକ୍ତି ଓ ଚୁକ୍ତିରେ ବାନ୍ଧିସାରିଲେଣି । ସେମାନେ ଗୋଟାଏପଟେ ଆତଙ୍କବାଦର ନିଆଁ ପକାଇ ଆଉ ଗୋଟାଏ ପଟେ ସେଇ ଆତଙ୍କବାଦର ନିଆଁ ଲିଭାଇବା ପାଇଁ ନୀତିବାଣୀ ଶୁଣାଇ ପାରନ୍ତି । ନୀତି କୁହ, ନ୍ୟାୟ କୁହ, ମାନବିକ ମୂଲ୍ୟବୋଧ କୁହ - କିଛି ମାନନ୍ତିନି ଏ ମାର୍କିନ୍ ମାର୍କେଟ୍‌ର ମସ୍ତ ମାତବରମାନେ । ସେମାନେ ବିଭିନ୍ନଦେଶରେ ବାଣିଜ୍ୟ ବ୍ୟବସାୟର ବ୍ୟୂହ ବିସ୍ତାର କରି ପ୍ରଥମେ ଦୁର୍ନୀତିଗ୍ରସ୍ତ କରାଇବାକୁ ଚକ୍ରାନ୍ତ କରନ୍ତି ଶାସନବ୍ୟବସ୍ଥାକୁ । ସରକାର ଗଢ଼ାନ୍ତି ଓ ଭଙ୍ଗାନ୍ତି - ତାପରେ ନିଲାମ କରିନେବାକୁଚେଷ୍ଟା କରନ୍ତି ପ୍ରତିବାଦଶୀଳ ଓ ପ୍ରଗତିଶୀଳ ପ୍ରତିଭାମାନଙ୍କୁ । ଆମେରିକାର କୁଖ୍ୟାତ ଗୁପ୍ତଚର ଚକ୍ର ସିଆଇଏ ଭିତରେ ଏବେ ଫାଟ ସୃଷ୍ଟି ହୋଇସାରିଥିବାର ଭିତିରିଖବର ଶୁଣାଯାଉଛି । ଯଦି ଏହା ସତ୍ୟ ହୋଇଥାଏ, ତା'ହେଲେ ଅଦୂର ଭବିଷ୍ୟତରେ ସିଆଇଏ ମାଧ୍ୟମରେ ସାରା ପୃଥିବୀକୁ ଆମେରିକା କିପରି ଚଳୁ କରିଦେବାର ବହୁବିଧ ଯୋଜନାର ଫିକା ଫର୍ଦ୍ଦ ପ୍ରସ୍ତୁତ କରିଛି - ଏ ବାବଦରେ ଅଜସ୍ର ବିସ୍ମୟକର ତଥ୍ୟ ପଦାରେ ପଡ଼ିବ ।

ଆମେରିକା - ଏକ ଆରଣ୍ୟକ ଅର୍ଥନୀତିର ଅତିକାୟ ଅଜଗର । ସେ ଗିଳିବାକୁ ଯାଉଛିକେବଳ ଏ ଗ୍ରହ ନୁହେଁ, ଆର ଗ୍ରହ - ଏପରିକି ଅନ୍ୟାନ୍ୟ ଆକାଶର ଉପଗ୍ରହ ମ୍ଭା ସ୍ୱର୍ଗମର୍ତ୍ୟପାତାଳ - ସବୁ ଅସମ୍ଭାଳ - ଆମେରିକାର ଏ ସର୍ବଗ୍ରାସୀ ଆକାଂକ୍ଷା ଆଗରେ । ଯେଉଁ ମହାଦେଶରେ ଲିଙ୍କନ୍‌ଙ୍କ ପରି ମାନବତାବାଦୀ ନେତୃପୁରୁଷ ଓ ହୁଇଟ୍‌ମ୍ୟାନ୍‌ଙ୍କ ପରି ସକାରାତ୍ମକ ଗଣତନ୍ତ୍ରର ସଭାକବି ଜନ୍ମ ହୋଇସାରିଛନ୍ତି, ସେଠି ସାରା ମଣିଷଜାତିର ସ୍ୱପ୍ନକୁ ଭାଙ୍ଗିଚୂରି ଦେବାର ନକାରାତ୍ମକ ଦୃଷ୍ଟିଭଂଗୀ ପ୍ରଶ୍ରୟ ପାଇଲା କିଭଳି ? ହ୍ୱାଇଟ୍ ହାଉସ୍‌ର ରାଜନୀତି ଆମେରିକୀୟ ଅର୍ଥକୁବେରମାନଙ୍କ ଅଙ୍ଗୁଳି ଚାଳନାରେ ବସ୍‌ଉଠ୍ ହେବାକୁ ମଙ୍ଗିପାରିଲା କିପରି ? ମନେଅଛି ଏଇ କେଇ ବର୍ଷ ତଳର ସେ ବର୍ବର ବ୍ୟାପାର ? ବୁଶ୍ ଶାସନର ରାଜନୈତିକ କୂଟଚକ୍ରାନ୍ତ ଦ୍ୱାରା କବଳିତ ହୋଇ କଏଦୀହେଲେ ସଦ୍ଦାମ ହୁସେନ୍ - ଯିଏ ଥିଲେ ଏକଦା ଆରବୀୟ ମହାଜାତିର ଏକ ଦୁର୍ଦ୍ଧର୍ଷ ଅଧିନାୟକ । ତାଙ୍କୁ ଫାଶୀଦଣ୍ଡ ଦିଆଗଲା ବୁଶ୍ ଶାସନର ଦୁଷ୍ମନ୍ ରୂପେ ଏକତରଫା ବିଚାର କରି । ମାତ୍ର ସବୁଠୁ ବର୍ବର ଘଟଣାହେଲା, ଜଣେ ବିଶ୍ୱବିଖ୍ୟାତ ରାଜନେତାଙ୍କ ମୃତ୍ୟୁଦଣ୍ଡକୁ ଦେଶବିଦେଶର ଦୂରଦର୍ଶନରେ ପ୍ରତ୍ୟକ୍ଷଭାବରେ ପ୍ରସାରଣ କରାଯିବାର ଅବିଚାରିତ ଆମେରିକୀୟ ଆଭିମୁଖ୍ୟ ! ଅର୍ଥାତ୍ - ହେ ବିଶ୍ୱବାସୀ, ହେ ବିଭିନ୍ନ ଦେଶବାସୀ, ଦେଖ, ଦେଖ, ଦେଖ - ଆଖିବାଟେ ଏ ନାରକୀୟ ଦୁର୍ଦ୍ଦଶା ଦେଖି ମୁଣ୍ଡ ପୋତିଦିଅ ଚୁପ୍‌ଚାପ୍ - ଯିଏ ଆମେରିକାକୁ ଅବଜ୍ଞା କରିବ, ତା' ପାଇଁ ଏଭଳି ଫୁଙ୍ଗୁଳା ଫାଶୀଦଣ୍ଡାଜ୍ଞା !

ସତକୁ ସତ ସେଦିନ ସଦ୍ଦାମ ହୁସେନ୍‌ଙ୍କ ଅବିଚଳିତ ଇସ୍ପାତୀ ମୁହଁ ଉପରେ ଜହ୍ଲାଦ ଆମେରିକା ଯେତେବେଳେ କଳାକନା ଘୋଡାଇଦେଇ ତାଙ୍କୁ ବଧ୍ୟମଂଚକୁ ଟାଣିନେଇଗଲା, ସେତେବେଳେ ସ୍ତବ୍ଧ ପୃଥିବୀ ଶବ୍ଦଟିଏ ବି ଉଚ୍ଚାରଣ କରିପାରିନଥିଲା ! ସଦ୍ଦାମ ହୁସେନ ଥିଲେ ଭାରତର ଜଣେ ଜୋର୍‌ଦାର୍ ସମର୍ଥକ । ମାତ୍ର ଆମେରିକାର ବୁଶ୍ ସରକାରକୁ ଖୁସ୍ କରିବାକୁ ଯାଇ ଭାରତ ଭଳି ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ମଧ୍ୟ ନିଷ୍କ୍ରିୟ ଭୂମିକା ନିର୍ବାହ କରିଥିବାର ନିର୍ଲଜ୍ଜତା ପ୍ରଦର୍ଶନ କରିଥିଲାସେଦିନ । ତାପରେ ତ ପ୍ରଚୁର ଜଳ ବହିଗଲା ସିନ୍ଧୁରୁ ଗଙ୍ଗାଯାଏ, ପ୍ରଚୁର ବରଫ ପଡ଼ିଲା ଏଭରେଷ୍ଟରୁ ଉତର ଉପତ୍ୟକା ଯାଏ । ସୁନାଚଢ଼େଇ ସୋନିଆ ଗାନ୍ଧୀଙ୍କ ଶୂନ୍ୟକଳସ କୃପାରେ ହସ୍ତୀ ମନମୋହନ ସିଂହେଲେ ପ୍ରଧାନମନ୍ତ୍ରୀ ଓ ଆମେରିକା ସହିତ ଅର୍ଥନୈତିକ ସ୍ତରରେ ଚଲାଇଲେ ବୁଝାମଣା । ତା'ପରେ ପରେ ଦେଖିଲୁ ପାର୍ଲାମେଂଟକୁ ଯାଇଥିବା ଆମର କତିପୟ ରାଜନୈତିକ ମାନ୍ୟବର ମାତବରଙ୍କ ଅର୍ଥନୈତିକ ବିକାକିଣା ! ପୁଣି ନିର୍ବାଚନର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାରଙ୍କ ତରଫରୁ ତିନିଲକ୍ଷ କୋଟି ଟଙ୍କାର ପ୍ୟାକେଟ୍ ପ୍ରତିଶ୍ରୁତି ମିଡିଆ ମାଧ୍ୟମରେ ଭାରତର ଜନସମାଜକୁ ଜଣାଇ ଦିଆଯାଇଛି ! ଅଥଚ ଏ ଟଙ୍କା ଆସିଲାକେଉଁଠୁ ହଠାତ୍-ଯେତେବେଳେ କି ଅର୍ଥନୈତିକ ମାନ୍ଦାବସ୍ଥାର ମସ୍ତପ୍ରଚାର ମୁଣ୍ଡଟେକିଛି ମାର୍କେଟ୍‌ରେ ? ଏତେ ଏତେ ଅକଳ୍ପନୀୟ ଅର୍ଥ ଯେଉଁ ଆମେରିକା ଅକାତରରେ ଅଜାଡ଼ି ଦେଇପାରେ, ତଥାକଥିତ ସେଇ ଦାତାପ୍ରବକ୍ତା ମହାଜନ ମହାଦେଶର ଅର୍ଥନୀତି ଏବେ ହଠାତ୍ ଅକର୍ମଣ୍ୟ ହେବାକୁ ବସିଛି - ଏହା କେବେ ବିଶ୍ୱାସଯୋଗ୍ୟ କି ? ତଳେଇ କରି ଭାବ ଟିକିଏ ଭାଇ ! ଇଏ ତାଳଗଛର ଛାଇ । ଏଇ ଅବିକା ଅଛି ତ ଆଉ ଆଗକୁ ନାହିଁ ! ଆମେରିକା ଭାରତକୁ ଭିତରେ ଭିତରେ ଭେଦିସାରିଲାଣି ଭଲକରି ।ସେଇ ଲୋକକଥାର ନିରୁପାୟ ମନ୍ତ୍ରୀପୁଅ ପରି ଭାରତୀୟ ରାଜନୀତି ଆଜି ପାଦଠୁ ବେକପର୍ଯ୍ୟନ୍ତ ପଥର ! ମୁହଁଟା ଦିଶୁଚି ଖାଲି ଯାହା ମାଂସଳ ! (ସମାପ୍ତ)

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ସୁନା କେତେ ଜରୁରୀ ?

**ବିଷ୍ଣୁ ପ୍ରସାଦ ଦାସ**

ଇତିହାସକୁ ଯଦି ଅବଲୋକନ କରିବା ତେବେ ଆମକୁ ଖ୍ରୀଷ୍ଟ ପୂର୍ବ ୪୦୦୦ ବର୍ଷ ତଳକୁ ଯିବାକୁ ପଡିବ , ପ୍ରତ୍ନତାତ୍ୱିକ ପ୍ରମାଣ ଅନୁଯାଇ ପ୍ରାଚୀନ ମେସୋପଟାମିଆ ଯାହାକି ବର୍ତ୍ତମାନ ଇରାକ ରୂପେ ନାମିତ ହୋଇଅଛି ସେହିଠାରେ ସ୍ୱର୍ଣ୍ଣ ଏବଂ ସ୍ୱର୍ଣ୍ଣ କଳାକୃତିର ଆରମ୍ଭ ହୋଇଛି ବୋଲି କୁହା ଯାଇପାରେ । ଖ୍ରୀଷ୍ଟ ପୂର୍ବ ୨୫୦୦ ସମୟରେ ସୁମେରୀୟ ମାନେ ଲୁଇସ ବକ୍ସ ବ୍ୟବହାର ସହିତ ଆଲୁଭିଆଲ୍ ଜମା (ତୈଳ, ପଙ୍କ ତଥା ଅନ୍ୟାନ୍ୟ ପଦାର୍ଥ ଯାହାକି ପ୍ରବାହିତ ଜଳ ଦ୍ୱାରା ଏକତ୍ରିତ ହୋଇ ଥାଏ ) ଏବଂ ଭୂତଳ ଖଣିରୁ ସୁନା ବାହାର କରିବା ପାଇଁ କୌଶଳ ପ୍ରସ୍ତୁତ କରିଥିଲେ । ଖ୍ରୀଷ୍ଟପୂର୍ବ ୨୫୦୦ ମସିହାରେ ପ୍ରଥମ ଇଜିପ୍ଟ ରାଜବଂଶର ଜଣେ ରାଜାଙ୍କ ସମାଧିରେ ସୁନା ଅଳଙ୍କାର ମିଳିଥିଲା । ମିଶରୀୟ ମାନେ ଅଳଙ୍କାର, ଧାର୍ମିକ ବସ୍ତୁ ଏବଂ ମୁଦ୍ରା ପାଇଁ ସୁନା ବ୍ୟବହାର କରୁଥିଲେ । ସୁନା ପାଇଁ ଇଜିପ୍ଟର ସବୁଠାରୁ ଧନୀ ଅଞ୍ଚଳ ଥିଲା ନୁବିଆ, ଯେଉଁଠାରେ ବିଶ୍ୱର ପ୍ରଥମ ସକ୍ରିୟ ସୁନା ଖଣି ନିର୍ମାଣ ହୋଇଥିବା ଜଣାପଡିଛି । ପୃଥିବୀରେ ଏହି ସୁନା ପାଇଁ ଅନେକ ଯୁଦ୍ଧ ହୋଇଛି, ଲୁଟ୍ ହୋଇଛି ତଥାପି ସୁନାର ଆକର୍ଷଣ ରହିଥିଲା, ରହିଛି ଏବଂ ଆଗକୁ ମଧ୍ୟ ରହିବ । ଦର ଯେତେ ବଢ଼ିଲେ ମଧ୍ୟ ଗ୍ରାହକ ସୁନା କିଣିବେ ଏବଂ ଭବିଷ୍ୟତ ନିମନ୍ତେ ଗଚ୍ଛିତ ରଖିବେ । ବର୍ତ୍ତମାନ ସୁନାର ଚାହିଦା , ସୁନାର ଚୋରା କାରବାର ତଥା ସୁନା ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପକୁ କିପରି ପ୍ରୋତ୍ସାହନ ମିଳୁଛି ତାହା ଉପରେ କିଛି ଆଲୋକପାତ କରିବା । ଅନେକ ଅଭ୍ୟାସଗତ ବ୍ୟକ୍ତି ବିଶେଷ ଏହିପରି କୁତ୍ସିତ କାର୍ଯ୍ୟରେ ଲିପ୍ତ , କିଛି ସରକାରୀ ବାବୁ, ଏଆର୍ ହୋଷ୍ଟେସ୍, ବିମାନ ବନ୍ଦର କର୍ମଚାରୀ, ଚୋରା ବେପାରୀ ମାନଙ୍କ ଏଜେଣ୍ଟ, ସାଜିଛନ୍ତି, କେହି ମଳ ଦ୍ୱାର/ ଯୌନାଙ୍ଗ ଭିତରେ ତ କେହି ଜୋତା ଚପଲ, ଖେଳନା ,ଆଖାବାଡ଼ି, ଚୁଟି, ପ୍ରସାଧନ ସାମଗ୍ରୀ ଭିତରେ ତ କେହି ଅନ୍ତଃ ବସ୍ତ୍ର ଭିତରେ ତ କେହି ତରଳ ପ୍ରଲେପ ଦ୍ୱାରା ନିଜ ବସ୍ତ୍ର ମଧ୍ୟରେ ଆଣି ଥା'ନ୍ତି । କେବଳ ବିମାନ ଦ୍ୱାରା ଏହି ଚୋରା କାରବାର ହୁଏ ନାହିଁ ଏଥି ପାଇଁ ଜଳପଥ , ସ୍ଥଳ ପଥ ତଥା ପଶୁ ପକ୍ଷୀ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରା ହୁଏ । ପ୍ରତି ବର୍ଷ ଟନ୍ ଟନ୍ ଚୋରା ସୁନା ଜବତ ହୁଏ ଦୋଷୀ କେତେ ଦଣ୍ଡ ପାଆନ୍ତି କେତେ ଜରିମାନା ଦେଇ ଖଲାସ ହୁଅନ୍ତି ତାହା ନ୍ୟାସନାଲ କ୍ରାଇମ ରେକର୍ଡ ରୁ ହିଁ ବୁଝା ପଡେ । ଚୋରା ସୁନା ଦ୍ୱାରା ଭାରତୀୟ ଅର୍ଥନୀତି ଦିନକୁ ଦିନ ଦୁର୍ବଳ ହୋଇ ଯାଉଛି ବୋଲି ଅନେକ ଗୁଣି ଜ୍ଞାନୀ ବ୍ୟକ୍ତିଙ୍କ ମତ, ଭାରତରେ ୮୭, ୫୦୦ କୋଟି ଟଙ୍କାର ଚୋରା ସୁନା କାରବାର କିଛି ଛୋଟ କଥା ନୁହେଁ ।

ତେବେ ଚୋରା ସୁନା ଦେଶ ଭିତରକୁ ଏତେ ମାତ୍ରାରେ କାହିଁକି ଆସୁଛି ? ଏହା ଦ୍ୱାରା ଚୋରା ବେପାରୀ କେତେ ଲାଭବାନ ହେଉଛନ୍ତି ? ଏହା ପଛରେ କେବଳ ଆମଦାନୀ ଶୁଳ୍କ ଠକିବାର ପ୍ରୟାସ ହେଉଛି ନା ଅନ୍ୟ କିଛି ? କଳେ ବଳେ କୌଶଳେ ସରକାରଙ୍କୁ ଶୁଳ୍କ ନଦେଇ ଚୋରା ସୁନା ଆଣି ପାରିଲେ ବ୍ୟବସାୟୀ ଲାଭବାନ ହୋଇ ପାରୁଛି । କଥାରେ ଅଛି 'ଲୋଭରୁ ପାପ ଏବଂ ପାପରୁ ମୃତ୍ୟୁ କିନ୍ତୁ ବର୍ତ୍ତମାନ ସମୟରେ ଲୋଭରୁ ପାପ ଏବଂ ପାପରୁ ବିଳାସପୂର୍ଣ୍ଣ ଜୀବନ, ଧରା ପଡିଲେ କିଛି ମାସର ଜେଲ ତା' ପରେ ପୁଣି ରାଜକୀୟ ଠାଣିରେ ଜୀବନଚର୍ଯ୍ୟା । ତେବେ ପୂର୍ବରୁ ଏହି ଶୁଳ୍କ ୧୫% ପ୍ରତିଶତ ଥିବା ବେଳେ ବର୍ତ୍ତମାନ ସରକାର ଚୋରା କାରବାର ଉପରେ ଅଙ୍କୁଶ ଲଗାଇବାକୁ ଯାଇ ସୁନା ଉପରୁ ଆମଦାନୀ ଶୁଳ୍କ ଜୁଲାଇ ୨୦୨୪ ମସିହା ଠାରୁ ହ୍ରାସ କରି ୬% ପ୍ରତିଶତ କରି ଦେଇଛନ୍ତି । ଏହା ଦ୍ୱାରା କିଛି ପରିମାଣରେ ଚୋରା ସୁନା କାରବାର କମାଇ ଦିଆ ଯାଇଛି, କିନ୍ତୁ ଚୋର ସଦା ସର୍ବଦା ଚୋରି କରିବ ହିଁ କରିବ , ୬% ପ୍ରତିଶତ ଆମଦାନୀ ଶୁଳ୍କ ମାନେ ପ୍ରତି କିଲୋଗ୍ରାମ ସୁନା ଦର ଯଦି ୧ କୋଟି ୨୩ ଲକ୍ଷ ତେବେ ତାହାର ୬% ପ୍ରତିଶତ ହେଉଛି ୭ ଲକ୍ଷ ୩୮ ହଜାର ଟଙ୍କା । ଦୁବାଇ ପରି ବିମାନ ବନ୍ଦରରେ ଏତେ କଠୋର ତ୍ରିସ୍ତରୀୟ ଯାଞ୍ଚ ବ୍ୟବସ୍ଥାକୁ ଏଡାଇ ଯାଇ ବିମାନରେ ସୁନା ଆସୁଛି ତାହା ପୁଣି ଖୁବ୍ ଚତୁରତାର ସହିତ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି । ୧. ଚୋର ସିଧା ସଳଖ ଦୁବାଇରୁ ଭାରତ ନ ଆସି ଦୁବାଇରୁ ନାଇରବି (କେନିଆ ) ପୁଣି କେନିଆରୁ ଭାରତ ଆସିଲେ ହୁଏତ କେହି ସନ୍ଦେହ କରିବେନି, ୨. ଯଦି ସୁନା ଭାରତ ନ ଆସି ନେପାଳର କାଠମାଣ୍ଡୁ ଆସୁଛି ତେବେ ତାହା ଖୁବ୍ ସହଜରେ ବିନା ବାଧାରେ ଭାରତରେ ପ୍ରବେଶ କରୁଛି, ୩. ବାଂଲାଦେଶ ସୀମା ବାଟେ ଭାରତରୁ ଗୋଚାଲାଣ ହୁଏ ଏବଂ ସୁନା ଭାରତକୁ ଏଜେଣ୍ଟ ଦ୍ୱାରା ଆସୁଛି, ୪. ଶ୍ରୀଲଙ୍କା ଦେଶରୁ ସମୁଦ୍ର ମଧ୍ୟ ଦେଇ ମାଛ ଧରା ନୌକା ସାହାଯ୍ୟରେ ତାମିଲ୍ ନାଡୁ ଉପକୂଳ ଦେଇ କୋଟି କୋଟି ଟଙ୍କାର ସୁନା ଚୋରାରେ ପ୍ରବେଶ କରୁଛି, ୫. କିଛି ସ୍ଥାନରେ ପଶୁ ମାନଙ୍କ ଦ୍ୱାରା ମଧ୍ୟ ଏହି କାର୍ଯ୍ୟ ସମ୍ପାଦନ ହେଉଛି , ୬. ପାକିସ୍ତାନ ମଧ୍ୟ ଆତଙ୍କବାଦୀଙ୍କ ଜରିଆରେ ଭାରତରେ ଚୋରା ସୁନା କାରବାର କରୁଛି । ଏହି ପ୍ରକାର କାର୍ଯ୍ୟ କଳାପ ରୋକିବା ଯଦିଓ ସମ୍ପୂର୍ଣ୍ଣ ସମ୍ଭବ ନୁହେଁ ତଥାପି ନିଷ୍ଠାର ସହିତ ସଂପୃକ୍ତ ବିଭାଗ ଗୁଡିକ ଯଦି କାର୍ଯ୍ୟ କରିବେ ତେବେ ନିଶ୍ଚିତ ସୁଫଳ ମିଳି ପାରିବ । ଚୋରା ସୁନା ଆମଦାନୀ ଦ୍ୱାରା ଭାରତ ଉପରେ ପଡୁଥିବା ଅର୍ଥନୈତିକ ଚାପ ବଢି ବଢି ଯାଉଛି, ୨୦୨୩ - ୨୪ ମସିହାର ସେଣ୍ଟ୍ରାଲ ବୋର୍ଡ ଅଫ ଇନ୍ ଡାଇରେକ୍ଟ ଟାକ୍ସ ଆଣ୍ଡ କଷ୍ଟମ୍ ଏବଂ ଡାଇରେଟୋରିଏଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗର ରିପୋର୍ଟକୁ ମିଶାଇଲେ ଜଣାପଡେ ଯେ, ଭାରତରେ ଆନୁମାନିକ ୧୫୦ ରୁ ୨୦୦ ଟନ୍ ସୁନା ବିନା ଟିକସରେ ପ୍ରବେଶ କରୁଛି ଏବଂ ସେଥିରୁ ମାତ୍ର ୫% ପ୍ରତିଶତ ଧରା ହେଉଛି , ୯୫% ଗଳା ବାଟ ଦେଇ ଖସି ଯାଉଛି । ଅନୁମାନ କରନ୍ତୁତ ? ଦେଶର କେତେ କ୍ଷତି ହେଉଛି ଏବଂ ଚୋରା ବେପାରୀ ମାନେ କେତେ ଲାଭ ପାଉଛନ୍ତି ? ଦେଶ ପ୍ରାୟ ୯ ହଜାର କୋଟି ରୁ ୧୦ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛି । ତାହା ଛଡା ଏହି କଳା ଟଙ୍କା ଭାରତରେ ବିଭିନ୍ନ ସଂସ୍ଥାରେ ଉପଯୋଗ ହେଉଛି । ନକ୍ସଲ, ଆତଙ୍କବାଦୀଙ୍କ ପାଖକୁ ଏହି ଟଙ୍କା ଚାଲି ଯାଉଛି ତଥା ଅନେକ ବଡ଼ ବଡ଼ିଆ କଳା ଟଙ୍କାକୁ ନେଇ ସୁଇସ୍ ବ୍ୟାଙ୍କରେ ଜମା ରଖୁଛନ୍ତି । ଭାରତୀୟ ଟଙ୍କାର ମୂଲ୍ୟ ଧୀରେ ଧୀରେ କମି ଯାଉଛି ବର୍ତ୍ତମାନ ଏକ ଆମେରିକୀୟ ଡଲାର ପ୍ରାୟ ୮୯ ଟଙ୍କା , କୁହନ୍ତୁତ ଏଥିପାଇଁ କିଏ ଦାୟୀ ? ଆମେ ନା ସରକାର ନା ଚୋରା ବେପାରୀ ? ଭାରତୀୟ ମାନେ ଯେତେ ସୁନା କିଣନ୍ତି ତାହା ପୃଥିବୀରେ ଅନ୍ୟଦେଶ ମାନଙ୍କ ଠାରୁ ଅଧିକ । ସୁନା ପାଇଁ ଆମ ମାନଙ୍କ ମଧ୍ୟରେ ଖୁବ ଦୁର୍ବଳତା ରହିଯାଇଛି ଏବଂ ଭାରତୀୟ ନାରୀ ମାନଙ୍କର ସୁନା କିଣିବାର ଆଗ୍ରହ ଦିନକୁ ଦିନ ବଢି ଚାଲି ଥିବାରୁ ସୁନାର ଅହେତୁକ ମୂଲ୍ୟ ବୃଦ୍ଧି ସହିତ ଚୋରା ବେପାରୀଙ୍କୁ ଅନେକ ଲାଭ ମିଳୁଛି । ୧୦ ଗ୍ରାମ ସୁନାର ମୂଲ୍ୟ ବର୍ତ୍ତମାନ ୧ ଲକ୍ଷ ୨୩ ହଜାର ଟଙ୍କାରେ ପହଞ୍ଚି ଯାଇଛି ତଥାପି ଭାରତୀୟ ମାନେ କୌଣସି ନା କୌଣସି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ସୁନା କିଣିଥାନ୍ତି ।

ଦେଶରେ ଏତେ ସୁନା ଗଚ୍ଛିତ ଥାଇ ମଧ୍ୟ ସରକାର ମୁଦ୍ରା ମୂଲ୍ୟକୁ ନିମ୍ନଗାମୀ ହେବାରୁ ବଞ୍ଚିତ କରି ପାରୁ ନାହାନ୍ତି । ଅନେକ କୁଖ୍ୟାତ ଦାଗୀ, ଦେଶ ଦ୍ରୋହି, ଆତଙ୍କବାଦୀ ଅସାଧୁ ସରକାରୀ ଅଧିକାରୀ , ମନ୍ତ୍ରୀ ଯନ୍ତ୍ରୀ ମାନେ ମଧ୍ୟ ଏହି କାରବାର ସହିତ ଜଡିତ ଅଛନ୍ତି । ଏମାନଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦ୍ୱାରା ହିଁ ଭାରତ ଆମେରିକୀୟ ଡଲାର ସହିତ କିଛି ମାତ୍ରାରେ ସମକକ୍ଷ ହୋଇ ପାରିବ ବୋଲି ଆଶା କରାଯାଏ ।

ଝାଞ୍ଜିରୀ ମଙ୍ଗଳା, କଟକ
ମୋ:୯୯୩୭୧୭୪୦୯୭

# ଦେଖାଇ ହୁଅନ୍ତି ଅଯଥା

**ଧ୍ରୁବ ଚରଣ ଘିବେଲା**

ଆମ ଅଞ୍ଚଳରେ ଆଜ୍ଞା ଗୋଟେ ଲୋକୋକ୍ତି ରହିଛି -ଦାଲି(ଡାଲି) ନାହିଁ ଯେତକି ଫଦଫଦ ସେତକି । ଏହାର ଅର୍ଥ ଅତି ସାଧାରଣ, ଯେତିକିର ନ ଥାଇ ସେତିକି ଦେଖାଇ ହେବା । ଯିଏ ଯେଉଁମାନେ ନିଜର ଯାହାକିଛି ଜ୍ଞାନ ଗରିମା ଥାଏ, ତାହାଠୁ ଅଧିକ ଦେଖାଇ ଜଣେଇ ହୁଅନ୍ତି, ସେଇ ବାହାପିଆଙ୍କ ଉଦ୍ଦେଶ୍ୟରେ ସେଇ ଲୋକୋକ୍ତିକୁ ପ୍ରୟୋଗ କରାଯାଇଥାଏ ଆମ ଅଞ୍ଚଳରେ । ସତରେ ଆଜିର ଦିନରେ ଯିଏ ଯାହା ନୁହଁ, ତାହାଠୁ ଅଧିକ ଦେଖାଇ ହୁଅନ୍ତି କିଛି ଲୋକ ଓ ବେଳେ ବେଳେ କେଉଁଠି ନା କେଉଁଠି ବାହାପିଆ ଅଯଥା କଥା ପକାଇ କଥା ବଢ଼ାଇବା ଉଦ୍ଦେଶ୍ୟରେ ଚଢ଼ା(ଅଧିକ) କଥା କହିବା ଆରମ୍ଭ କରି ଦେଇଥାନ୍ତି ସେଠି ଥିବା କିଏ ଶୁଣନ୍ତୁ ନ ଶୁଣନ୍ତୁ । ଉପରେ ପଡ଼ି ଅଯଥା ଅଲଣା କଥା କହିଥାନ୍ତି । ଆଜେ ବାଜେ କଥା କହି ଅନ୍ୟକୁ ବୋର କରନ୍ତି ଓ ପୁଣି ଯାହାର ଯେତେ ନ ଥାଏ, ସିଏ ବେଶି ଫିରିଫିରି ହୁଅନ୍ତି । ସଂସ୍କୃତରେ କୁହାଯାଇଛି - 'ଅଗାଧ ଜଳ ସଞ୍ଚରି ରୋହିତ ନୈବ ଗର୍ବିତ, ଗଣ୍ଡୁଷ ଜଳମାତ୍ରେଣ ସଫରି ଫରଫରାୟତେ' । ଏହାର ଭାବାର୍ଥ ହେଉଛି ଗଭୀର ଜଳରେ ଥିବା ରୋହି ମାଛ ଦେଖାଇ ହୁଏନି, ପାଣି ଭିତରେ ରହିଥାଏ । ଅଥଚ ଅଳ୍ପ ପାଣିରେ ଥିବା ଜରଡ଼ା ମାଛ ଫିରିଫିରି ହୋଇ ଦେଖାଇ ହୁଏ । ଅସଲ ଜ୍ଞାନୀ କିନ୍ତୁ ଦେଖାଇ ହୁଅନ୍ତି ନାହିଁ । ନିଜ ଜ୍ଞାନଗରିମାକୁ ଅଯଥା ବିଜ୍ଞାପିତ କରନ୍ତି ନାହିଁ । ଅଳ୍ପ ଜ୍ଞାନୀ ମହାଜ୍ଞାନୀ ମଣି ଏଠି ସେଠି ଭୁଲ ଭଟକା କରି କଥା ଥୁଅନ୍ତି । ବେଶି ଜାଣିଥିବାର ଜଣେଇ ହୁଅନ୍ତି । ସ୍ଥଳବିଶେଷରେ ଉପହସିତ ବି ହୁଅନ୍ତି । ଲୋକହସା ହୁଅନ୍ତି । ତଥାପି ତାଙ୍କର ଅଯଥା ଦେଖେଇ ଜଣେଇ ହେବାର ମାନସିକତା ରଖିଥାନ୍ତି ।

ଆଜିର ଦିନରେ ଥୋକାଏ ସମାଜସେବୀ ବୋଲାଇ ହେବାର ମାନସିକତା ରଖନ୍ତି । ସେଇ ତଥାକଥିତ ସମାଜସେବୀଙ୍କ କାର୍ଯ୍ୟଧାରାରେ ବାସ୍ତବତା ଅପେକ୍ଷା ଦେଖାଇ ହେବାର ପ୍ରବଣତା ଅଧିକ ରହିଥାଏ । ସେବା ଦିଅନ୍ତି କମ, ଆତ୍ମପ୍ରଚାର କରନ୍ତି ଜହଁ । କମ ସେବା ଦେଇ ନିଜର ଅଧିକ ପ୍ରଚାର କରାନ୍ତି ମିଡ଼ିଆକୁ ଧରାକରା କରି । କମ ଥର ରକ୍ତ ଦେଇ କହି ବୁଲନ୍ତି ଆମେ ଅଧିକ ଥର ରକ୍ତଦାନ କରିଛୁ । ସେବା ନାଆଁରେ ମିଛ ତଥ୍ୟ ବାଢ଼ନ୍ତି । ବଢ଼େଇ ଚଢ଼େଇ ନିଜ ସପକ୍ଷରେ ତଥ୍ୟ ରଖିବାରେ ଆଦୌ ଅସୁଖ ମନେକରନ୍ତି ନାହିଁ । ଆଜିର ଦିନରେ ସବୁଠୁ ସହଜ ସମାଜସେବୀ ନାଁରେ ନିଜ ପରିଚୟ ତିଆରି କରିବା । ଥରେ ଏକ ସଭାରେ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ ପର୍ବରେ ପରିଚୟ ଦିଆଯାଇ କୁହାଗଲା, ଅମୁକ ଅତିଥି ଆମ ଅଞ୍ଚଳର ଜଣେ ବିଶିଷ୍ଟ ସମାଜସେବୀ । ଏହା ଶୁଣି ଉପସ୍ଥିତ ମଞ୍ଚ ତଳର ମଣିଷମାନେ ଆବାକାବା ହୋଇଥିଲେ । କୁହାକୁହି ବି ହେଲେ ଏ ମହାଶୟ କେବେଠୁ ସମାଜସେବୀ ହେଲେ । ସେଠି କିଏ ଜଣେ କହିଲେ ପରିଚୟ ପର୍ବରେ ଅତିଥିଙ୍କ ସମ୍ପର୍କରେ ଯାହାକିଛି ତ କୁହାଯିବ । ସେଇଥିପାଇଁ କଣ କହିବେ ନ କହିବେ ହୋଇ ସମାଜସେବୀ ବୋଲି କହିଦେଇଥିବେ । ତଥାପି ସେଠି ଗୋଟେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା ସେ ଅତିଥିଙ୍କୁ ନେଇ । ଯାହାଙ୍କୁ ସମାଜସେବୀ ବୋଲି ଚିତ୍ରଣ କରାଯାଇଥିଲା, ସେ ମହାଶୟ ଏଠୁ ସେଠୁ ଚାନ୍ଦା ଚନ୍ଦେଇ 'ଯାର ଧାନକୁ ତାର ମୁଡ଼ି' ନ୍ୟାୟରେ ସେବା ଦିଅନ୍ତି ନିଜର ଲାଭ ରଖି । ଲାଭକୁ ଶୁଭ ମଣିବା ଓ ଏମିତି ଚାଲୁ ସମାଜସେବୀଙ୍କ ସଂଖ୍ୟା ଆମ ସମାଜରେ ଆଜି ଅଧିକ । ଭଲ ସମାଜସେବୀ ବି ଥାଆନ୍ତି ଯେଉଁମାନଙ୍କ ସ୍ୱଭାବ ଥାଏ 'ଅଗାଧ ଜଳ ସଞ୍ଚରି ରୋହିତ ନୈବ ଗର୍ବିତ' ଭଳି । ସେମାନେ ଜମା ଦେଖେଇ ଜଣେଇ ହୁଅନ୍ତି ନାହିଁ ।ବାସ୍ତବତା ନ ଥାଇ କେବଳ ତଥ୍ୟ ଦେବା ପାଇଁ ଗୋଟେ ଗଛ ଲଗାଯାଇ ତାର ପ୍ରମାଣ ପେଶ କରାଯିବା ପାଇଁ ସେଇ ଗଛକୁ ନେଇ ଜଣେ ମାଆ ଫଟୋ ଉଠାଇବା କଥା । ପୁଣି ଯେତେ ଗଛ ଲଗାଯିବ ସେତିକି ଜଣ ମାଆ ଫଟୋ ଉଠାଇ ଫଟୋ ଛାଡ଼ିବା କଥା । ସେଇ କାର୍ଯ୍ୟକ୍ରମର ସୁନ୍ଦର ନାଆଁ ବି ରଖାଯାଇଛି 'ଏକ ପେଡ଼ ଏକ ମାଆକେ ନାମ । ସ୍କୁଲମାନଙ୍କରେ ଏ କାର୍ଯ୍ୟକ୍ରମ ଚାଲୁରହିଛି । ହେଲେ କେଉଁ କେଉଁ ସ୍କୁଲରେ ପର୍ଯ୍ୟାପ୍ତ ପରିମାଣରେ ଜାଗା ନାହିଁ ଗଛ ଲଗାଇବା ପାଇଁ । ଏମିତି ଯୋଜନାର ମୂଳ ଲକ୍ଷ୍ୟ,ଅସଲ ଉଦ୍ଦେଶ୍ୟ ସାଧିତ ହେବ କେମିତି ?


ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬



## ଖାଇଲେ ମାଙ୍କଡ଼ ବାଡ଼ିର କାଙ୍କଡ଼

### ଧ୍ରୁବ ଚରଣ ଘିବେଲା

ଆଈ ରୋଇଥିଲା ଅତି ଯତନରେ
ବାଡ଼ିରେ କାଙ୍କଡ଼ କନ୍ଦା
ଆଦର ଯତନେ ଦେଖାରଖା କରି
ଜଗାଇଲା କେତେ ମନ୍ଦା ଓ
ମାଡ଼ିଗଲା ଲହ ପତର ମେଲିକି
ଛନଛନ କନକନ
ଦିନ କେଇଟାରେ ଧରିଥିଲା କଷି
ଆଈ ମନ ଛନଛନ ଓ
ଧିରେ ଧିରେ କଷି ବଢ଼ିଯିବା ଦେଖି
ଆଈ ଖୁସି ଭାବ କେତେ
କେତେ କେତେ କଷି ରହିଛି
ଭରତ୍ତି ( ଭର୍ତ୍ତି )
ପତର ତଳକୁ ସେତେ ଓ
ହାତଲଗା ବାଡ଼ି ପନିପରିବାରେ
ଶରଧା ରହେ ଅଧିକ
କନ୍ଦା ରୋଇ ଆଈ ଶ୍ରଦ୍ଧା ଭାବ ଥାଇ
ଜଗାଇବାରେ ଆନନ୍ଦ ଓ
ପାକଳ ହେବାରୁ କାଙ୍କଡ଼ ରହିଲା
ଫଳି ସେଠି କେତେ କେତେ
କାଲିକି ତୋଳିବ ଏ ଭାବନା ରଖି
ଆଈ ରହିଲା ଉଷତେ ଓ
ଦିନକ ସକାଳୁ ଦେଖିଲା ବେଳକୁ
ନ ଥିଲା ବାଡ଼ିରେ କାଙ୍କଡ଼
ଆଈ ରଡ଼ି କଲା କିଏ ଚୋରାଇଲା
କେଉଁ ହଡ଼ାବୁଢ଼ା ମାଙ୍କଡ଼ ଓ
ମନସ୍ତାପ ଯେତେ ପଶ୍ଚାତାପ ସେତେ
ଆଈ ମନ ଦୁଃଖ କଲା
ତହିଁ ଆର ଦିନ ବେଗାବେଗି ଉଠି
ଚୋର ଧରିବ ଭାବିଲା ଓ
ଖାଇଲେ ମାଙ୍କଡ଼ ବାଡ଼ିର କାଙ୍କଡ଼
ବୁଢ଼ୀ ନ ପାରିଲା ଜାଣି
ଜାଣିଲା ବେଳକୁ ନ ଥିଲା କାଙ୍କଡ଼
ବାଡ଼ିରେ ଏତେଟା ପୁଣି ଓ
ରାତି ଚାରିଟାରୁ ବୁଢ଼ୀ ଉଠି ପଡ଼ି




ଦେଖିଲା ବାଡ଼ିରେ ମାଙ୍କଡ଼
ଅସଲ ଚୋରକୁ ଦେଖି ଜାଣି ପାରି
ଭୂଇଁରେ କଷିଲା ପାହାର ଓ
ପାହାର ଶବଦେ ତରକି ତେଇଁଲେ
ମାଙ୍କଡ଼ ଦୁଇଟା ଯାକ
ଆଈ ହାତେ ଲାଠି ଦି' ମାଙ୍କଡ଼ ଦେଖି
ଧରିଲେ ଫେରିବା ବାଟ ଓ
ଆଉ ତା' ପରଠୁ ଆଈର ବାଡ଼ିଠୁ
କାଙ୍କଡ଼ ଚୋରି ହେଲାନି
ଖାଇବାକୁ ବାଡ଼ି କାଙ୍କଡ଼ ମାଙ୍କଡ଼
କେବେ ବି ଆସିଲେନି ଓ
ଆଈ ଖୁସି ହେଲା ଚୋରି ବି ନୋହିଲା
ଆଈ ବାଡ଼ିରୁ କାଙ୍କଡ଼
କାଙ୍କଡ଼ ତର୍କାରି ପୁଣି ଭାଜି କରି
(ଆଈ )ଚୋବାଇଲା କଡ଼ମଡ଼ ଓ

ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## କୁଡ଼ିଆ ଘର

### କୀର୍ତ୍ତନ ସାହୁ

ଛୋଟି ମାଟି ଘେରା ଟିକି ଘରଟିରେ
ବାପା ମାଆ ସାଥେ ରହେ
ଭଲରେ
ମନ୍ଦରେ ଅଳି
ଅଝଟରେ
ମିଠା ମିଠା
କଥା କହେ ।
ଜିତା ଜିତା
ବୋଲି ଡାକନ୍ତି
ସଭିଏଁ
କରେ ନାହିଁ କେବେ ପର ।
ସ୍ନେହ ଶ୍ରଦ୍ଧା ପ୍ରେମ ଖୁନ୍ଦି ହେଇ ଅଛି



ନାଆଁ ତାର ଜ୍ୟୋତି ରେଖା
ସକାଳେ ସଞ୍ଜରେ ଯେତେ ବେଳେ ଗଲେ
କୁନି ଝିଅ ସହ ଦେଖା ।
ଭାରି ଭଲ ଲାଗେ ଥିରି ଥିରି ଚାଲି
ଥମ ଥମ ମିଠା କଥା
ତା ସାଥୀରେ ଥରେ ମିଶି ଗଲା ପରେ
ଦୂର ହୁଏ ଯେତେ ବ୍ୟଥା ।
ଖରା ବର୍ଷା ଶୀତ ପବନ ସାଥୀରେ
ରହିଛି କୁଡିଆ ଘର
ଦୁଃଖରେ ସୁଖରେ ଆଶରା ଦିଏ ସେ
ଏଇ ସେ କୁଡିଆ ଘରେ
ପରସ୍ପରେ ସବୁ ଛନ୍ଦା ଛନ୍ଦି ହୋଇ
ମମତାର ମହୁ ଝରେ ।
ଅତି ଆପଣାର ଘରଟି ଇଏରେ
ସ୍ୱର୍ଗପୁର ସମ ପରା
ଭାରି ଭଲ ଲାଗେ ଏହା ପରିବେଶ
ସତେକି ଅମୃତ ଝରା ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ଦୂର ଭାଷ - ୯୪୩୮୪୧୪୭୦୧

## ପାଳିବା ପରବ ଦୀପାବଳି

### ପ୍ରଫୁଲ୍ଲ କୁମାର ସାହୁ

ଆସରେ ପିଲାଏ ହସିହସି,
ଖୁସି ମନେ ଆମେ ବାଣ ଫୁଟାଇବା
ଦୀପାବଳି ପାଇଁ ମିଳିମିଶି ।୧ ।
ବରଷକେ ଆଜି ଏହି ଦିନେ,
ଘରେ ଘରେ ଲୋକେ ପାଳନ କରନ୍ତି
ଦୀପାବଳି ପର୍ବ ଖୁସି ମନେ ।୨ ।
ପୂର୍ବ ପୁରୁଷ ଙ୍କ ସ୍ମୃତି ପାଇଁ,
କାଉଁରିଆ କାଠି ଜାଳି ଥାନ୍ତି ଲୋକେ
ନିଜ ନିଜ ଘରେ ଶ୍ରାଦ୍ଧ ଦେଇ ।୩।
ଗାଆଁ ଠୁ ସହର ଉଠେ ହସି,
ବିଦେଶରୁ ଲୋକେ ଆସିଥାନ୍ତି ଫେରି
(ଘରେ)ପାଳିବା କୁ ପର୍ବ ମିଳିମିଶି ।୪।
ମାଆ କାଳୀ ଙ୍କର ପୂଜା ପାଇଁ,
ବରଷକେ ଥରେ ଏହି ଦିନଟିକୁ
ଭକ୍ତ ରହିଥାନ୍ତି ପରା ଚାହିଁ ।୫।
ଦୁଆରେ ଦୁଆରେ ଦୀପ ଜାଳି,



ଦୁଃଖ ନେଇ ସୁଖ ଯାଚି ଦେବା ପାଇଁ
(ଆସ) ମାଆ ଙ୍କୁ କରିବା ଆମେ ଅଳି ।୬।
ଜଗତ ଜନନୀ ମହାମାୟୀ,
ଜଗତ ଜନଙ୍କୁ ଯାଚି ଦେବେ ବର
ବୁଝି ଆମ ମନ ଖୁସି ହୋଇ କ୍ଷ ୭ କ୍ଷ
ଆମରି ସଂସ୍କୃତି ପରମ୍ପରା,
ପର୍ବ ପାଳନରେ ବଞ୍ଚି ରହିଅଛି
ସମାଜ ରେ ଯୋଡେ ଭାଇଚାରା ।୮।

ଯଦୁ - ମାଳତୀ କୃପା ନିବାସ,
ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା,
କଟକ, ମୋ -୭୬୦୯୦୪୪୩୮୩

# ଜେଜେଙ୍କ ରେଡ଼ିଓ

### ଅଧ୍ୟାପକ ରାଜେଶ୍ ରାୟ

ଜେଜେ ସବୁବେଳେ ନିଜର ପୁରୁଣା ରେଡ଼ିଓଟିକୁ ଧରି ବସି ରୁହନ୍ତି । ସେଥିରେ ବାଜୁଥିବା ସମାଚାର , ନୂଆ ପୁରୁଣା ଗୀତ, ପାଲା , ଘୋଡ଼ାନାଚ, ନାଟକ ଆଦି ମନଦେଇ ଶୁଣନ୍ତି । ସକାଳୁ ରାତି ଯାଏ ରେଡ଼ିଓର ସ୍ୱରରେ ଜେଜେଙ୍କ ରୁମ କମ୍ପିଉଠେ । ନାତି ସୌମ୍ୟ ଏ ସବୁ ଦେଖି ଆଶ୍ଚର୍ଯ୍ୟ ହୁଏ କାରଣ ରେଡ଼ିଓ କଣ ସିଏ ଭଲଭାବେ ଜାଣିନି । ମୋବାଇଲ୍ ଇଣ୍ଟରନେଟ ଯୁଗରେ ରେଡ଼ିଓକୁ ସିଏ କେମିତି ବା ଚିହ୍ନିବ ! ଦିନକର ଘଟଣା , ରବିବାର ହୋଇଥିବାରୁ ସୌମ୍ୟ ସ୍କୁଲକୁ ନଯାଇ ଘରେ ରହି ମୋବାଇଲରେ ଖେଳୁଥାଏ । ତା ମନକୁ କଣ କେଜାଣି ଆସିଲା ସେ ହଠାତ୍ ମୋବାଇଲକୁ ରଖି ଦୌଡ଼ିଯାଇ ଜେଜେଙ୍କ ରୁମରେ ପହଞ୍ଚିଲା । ଦେଖିଲା ଜେଜେ ତଳେ ବସି ପାନ ଭାଙ୍ଗୁଛନ୍ତି ଏବଂ ପୂର୍ବପରି ପାଖରେ ରେଡ଼ିଓକୁ ରଖି ଶୁଣୁଛନ୍ତି । ସୌମ୍ୟ ପଚାରିଲା ଜେଜେ ମତେ କହିଲ ଏଇଟା କଣ ? ମୁଁ ଯେତେବେଳେ ଦେଖୁଛି ତୁମେ ସବୁବେଳେ ଏହାକୁ ପାଖରେ ରଖି ଶୁଣୁଛ । ମୁଁ ଆଉ କାହା ପାଖରେ ତ ଏମିତିଆ ଯନ୍ତ୍ର ଦେଖିନି , କେବଳ ତୁମ ପାଖେ ଦେଖୁଛି । ଜେଜେ ହସିଦେଇ କହିଲେ ଇଏ ହେଉଛି ମୋ ଯନ୍ତ୍ରଣା କମାଉଥିବା ଯନ୍ତ୍ର ଯାହାକୁ ଇଂରାଜୀରେ କୁହନ୍ତି ପେନ୍ କିଲର । ସୌମ୍ୟ କିଛି ବୁଝି ପାରିଲାନି । ସେ ପୁଣି ପଚାରିଲା , ଜେଜେ ମତେ ଟିକେ ଭଲଭାବେ ବୁଝାଇ କୁହ । ଜେଜେ କହିଲେ ତୁ ଏହାକୁ ଚିହ୍ନି ପାରିବୁନି । ଇଏ ବହୁତ୍ ପୁରୁଣା କାଳର ଯନ୍ତ୍ର । ମୋ ବାପା ଆଉ ତାଙ୍କ ବାପା ଏହାକୁ ଶୁଣୁଥିଲେ । ସୌମ୍ୟ କହିଲା ଏବେ ତ ମୋବାଇଲର ଯୁଗ , ସମସ୍ତେ ଇଣ୍ଟରନେଟ ଏବଂ ସାମାଜିକ ଗଣମାଧ୍ୟମ ବ୍ୟସ୍ତ ଯେଉଁଥିରେ ଗୀତ ନାଚଠୁ ଆରମ୍ଭ କରି ଭିଡ଼ିଓ କରିବା , ଖେଳିବା ଆଦି ବିଭିନ୍ନ କାମ ସହଜରେ କରି ହେଉଛି ଯାହାଦ୍ୱାରା ଆମକୁ ବହୁତ୍ ମଜା ଲାଗୁଛି । ତମର ଏହି ଯନ୍ତ୍ରରେ କଣ ଏ ସବୁ ହୋଇପାରୁଛି ? । ଜେଜେ ପାଖରେ ଥିବା ଆଇନାଟିକୁ ବଢ଼ାଇ ଦେଇ କହିଲେ , ନେ ଏହି ଆଇନାରେ ତୋ ମୁହଁକୁ ଥରେ ଭଲଭାବେ ଦେଖ , କେମିତି ଆଖି ତଳ କଳା



ପଡ଼ିଗଲାଣି , ତୁ ଜାଣିଛୁ ଏ ସବୁ କଣ ପାଇଁ ହୋଇଛି ମୋବାଇଲର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା । ମୋବାଇଲ ପାଇଁ ଲୋକେ ଖାଇବା ପିଇବା ଭୁଲି ଯାଉଛନ୍ତି , କାନରେ କଣ ଗୋଟାଏ ଯନ୍ତ୍ରକୁ ଦେଇ ଦିନରାତି ଗୀତ ଶୁଣୁଛନ୍ତି । ଏମିତି କଲେ କାନ ଆଉ ରହିବ ଟି ! ସେଇଥିପାଇଁ ତତେ ବେଳେବେଳେ କମ୍ ଶୁଭୁଛି । ମୋବାଇଲ୍ ଅଧିକ ସମୟ ଧରିବା ଦ୍ୱାରା ବିଭିନ୍ନ ରୋଗ ଦେହରେ ପସୁଛି , ଆୟୁଷ କମି ଯାଉଛି । ମୁଁ ଯେଉଁ ଯନ୍ତ୍ରଟି ଶୁଣୁଛି ତା ନାଁ ହେଉଛି ରେଡ଼ିଓ । ଏହି ଯନ୍ତ୍ର ଶରୀର ଉପରେ କୌଣସିବି ଖରାପ ପ୍ରଭାବ ପକାଏ ନାହିଁ । ବାସ୍ ଏହାକୁ ଗୋଟିଏ ସ୍ଥାନରେ ରଖି ଆରାମରେ କାମ କରିହେଉଛି ଏବଂ ନାନାପ୍ରକାରର ମନୋରଞ୍ଜନ ମିଳୁଛି ଯାହା ତମ ମୋବାଇଲରେ ନାହିଁ । ସୌମ୍ୟ ଏଥର ପଚାରିଲା ଆଛା ଜେଜେ ତୁମର ଏହି ରେଡ଼ିଓ ଯଦି ଏତେ ଭଲ ତେବେ ଅନ୍ୟମାନେ କାହିଁକି ଏହାକୁ ବ୍ୟବହାର କରୁ ନାହାନ୍ତି । ଜେଜେ ଉତ୍ତର ଦେଇ କହିଲେ ତୁ ଠିକ୍ କଥା କହିଛୁ ବାବା । ଆମେ ଏବେ ଆଧୁନିକ ଯନ୍ତ୍ରପାତି ଯୁଗରେ ବହୁତ ନୂଆ ନୂଆ ଜିନିଷ ଉଦ୍ଭାବନ କଲୁଣି ଯାହା ଫଳରେ ଏହି ପୁରୁଣା ଯନ୍ତ୍ରଟିର ମହତ୍ତ୍ୱକୁ ଆମେ ବୁଝିପାରୁନୁ । ରେଡ଼ିଓ ଯାହା କହେ ସତକଥା କହେ । ଏଥିରେ ଆମ ସଂସ୍କୃତି ଓ ପରମ୍ପରା ବନ୍ଧା ହୋଇଅଛି । ମୋବାଇଲରେ କଣ ଘୋଡ଼ାନାଚ, ପାଲା, ଦାସକାଠିଆ ଶୁଣାଯାଉଛି ? କିନ୍ତୁ ରେଡ଼ିଓରେ ଆଜିବି ଏସବୁ ବାଜୁଛି। ମନେରଖ ଆମେ ଯେତେ ଆଧୁନିକ ହେବା ସେତେ ବିନାଶ ଆଡ଼କୁ ଟାଣି ହୋଇଯିବା। ଜେଜେଙ୍କ ପାଖରୁ ସବୁକଥା ଶୁଣିବା ପରେ ସୌମ୍ୟ ମୁଣ୍ଡରେ ବୁଦ୍ଧି ପଶିଲା । ତା ପର ଦିନଠାରୁ ସିଏ ବି କିଛି ସମୟ ରେଡ଼ିଓ ଶୁଣିବା ଆରମ୍ଭ କଲା । ଧିରେ ଧିରେ ରେଡ଼ିଓ ପ୍ରତି ସୌମ୍ୟ ଆକର୍ଷିତ ହେଲା ଯାହାଦ୍ୱାରା ତାର ମୋବାଇଲ୍ ବ୍ୟବହାର କରିବା କମିଗଲା ଏବଂ ଶରୀରରେ ସୁଧାର ଆସିଲା । ମନେ ମନେ ସେ ସଂକଳ୍ପ ନେଲା ଯେ ରେଡ଼ିଓର ପ୍ରଚାର ପ୍ରସାର କରିବ ଏବଂ ଯଥା ସମ୍ଭବ ଅନ୍ୟମାନଙ୍କ ପାଖରେ ରେଡ଼ିଓକୁ ପହଞ୍ଚାଇବ ।

ସାମୟିକ ଉଦଘୋଷକ, ଆକାଶବାଣୀ ଜୟପୁର
ମୋବାଇଲ୍ :- ୬୩୭୧୫୫୫୯୪୦

# ଶ୍ରୀ ଗଣେଶଙ୍କ ମହିମା..

### ମନୋଜ କୁମାର ବେହେରା

ଥରେ ଗଣେଶ ଗୋଟିଏ ବାଳକ ବେଶ ଧାରଣ କରି ନଗର ଭ୍ରମଣ କରିବାକୁ ବାହାରିଲେ । ସେ ନିଜ ସହିତ ଗୋଟିଏ ମୁଠା ଚାଉଳ ଆଉ ଗୋଟିଏ ଛୋଟ ପାତ୍ରେର କ୍ଷୀର ଭର୍ତ୍ତି କରି ସାଙ୍ଗେର ନେଇକରି ଗେଲ । ଆଉ ନଗର ବୁଲୁ ବୁଲୁ ଯିଏ ଦେଖା ହେଉଥିଲେ ତାଙ୍କୁ କ୍ଷୀରି ବନେଇବା ପାଇଁ ଆଗ୍ରହ କରୁଥିଲେ । ଯେଉଁ ମହିଳା ରାସ୍ତାରେ ଦେଖା ଦେଉଥିଲେ ସେମାନଙ୍କୁ କହୁଥିଲେ,ଏହି ଜିନିଷତକ ନେଇ ଟିକିଏ କ୍ଷୀରି ନେଇ ବନେଇ ଦେବ ! ତାଙ୍କର କଥା ଶୁଣିକରି ଲୋକମାନେ ହସିବାକୁ ଲାଗିଲେ ଆଉ ଆଗକୁ ବଢି ଯାଉଥିଲେ । କେହିବି କ୍ଷୀରି ବେନଇ କରି ଦେବା ପାଇଁ ପ୍ରସ୍ତୁତ ନଥିଲେ । ସମେସ୍ତ ଭାବୁଥିଲେ ଏେତ ଅଳ୍ପ ସାମଗ୍ରୀରେ କେମିତି କ୍ଷୀରି ହେବ ?

ଗଣେଶ ଯେଉଁ କ୍ଷୀରି ବନେଇବାକୁ ଚାହୁଁଥିଲେ ଶେଷରେ ଜେଣ ବୃଦ୍ଧା କହିଲେ,ପୁଅ ତୁ ମୋ ସାଙ୍ଗେର ମୋ ଘରକୁ ଚାଲ ! ହଁ ତୁମକୁ କ୍ଷୀରି ବେନଇ କରି ଖୁଆଇବି। ଆଉ ଗେଣଶ ସେହି ବୃଦ୍ଧାଙ୍କ ସହିତ ଚାଲିଲେ । ବୃଦ୍ଧା ତାଙ୍କଠାରୁ ଚାଉଳ ଆଉ କ୍ଷୀର ନେଇକରି ଗୋଟିଏ ବାସନ ପାତ୍ରେର କ୍ଷୀରକୁ ଫୁଟେଇବା ପାଇଁ ଚୁଲି ଉପେର ବେସଇେଲ । କିନ୍ତୁ ଗେଣଶ ଏହା ଦେଖିକରି କହିଲେ ମାତା ଘେର ଯେଉଁ ବଡ ପାତ୍ର ଅଛି ଆପଣ ସେହିଥିରେ କ୍ଷୀରି କରନ୍ତୁ । କିନ୍ତୁ ବୃଦ୍ଧା ଜଣଙ୍କ ଗେଣଶଙ୍କ କଥାକୁ ଟିକିଏ ହାଲୁକାରେ ନେଲେ । କିଛି ସମୟ ପେର କ୍ଷୀର ଏମିତି ଭାବେର ଫୁଟିବା ଆର ମ୍ଭ କଲା ଯେ ସେହି ଛୋଟ ବାସନ ଛୋଟ ପଡିଲା କ୍ଷୀରି ରାନ୍ଧିବାରେ । ଏହା ଦେଖିକରି ବୃଦ୍ଧା ଜଣଙ୍କ ବହୁତ ଆ୧/୨ର୍ଯ୍ୟ ହୋଇଗେଲ । ଆଉ ଘେର ଥିବା ସବୁଠୁ ବଡ ପାତ୍ରକୁ ଆଣି ଚୁଲି ଉପେର ବେସଇ ଦେଇ ସାନ ପାତ୍ରେର ଥିବା ସାମଗ୍ରୀକୁ ବଡ ପାତ୍ର ଭିତେର ଢାଳି ଦେେଲ । ସେଥିରେ ମଧ୍ୟ କ୍ଷୀରି ପୁରିଗଲା । ପ୍ରେତ୍ୟକ ଥର କ୍ଷୀରି ଉତୁରିଲା ତାହାର ପରିମାଣ ବଢି ଯାଉଥିଲା ଆଉ କ୍ଷୀରିର ସୁଗନ୍ଧ ଚାରିଆଡେ ଖେଳିବାକୁ ଲାଗିଲା । କ୍ଷୀରିର ମିଠା ସୁଗନ୍ଧରେ ବୃଦ୍ଧାଙ୍କର ବୋହୂଙ୍କ ମୁହଁରେ ପାଣି ଆସିଗଲା । ଆଉ ତାଙ୍କ ମନେର କ୍ଷୀରି ଖାଇବା ଇଛା ତିବ୍ର ହେବାକୁ ଲାଗିଲା । ଆଉ ହଠାତ୍ ଯାଇକରି ଗୋଟିଏ ଗିନରେ କ୍ଷୀରି ବାହାର କରିବାକୁ ଲାଗିଲେ । ହଠାତ୍ ଗେଣଶଙ୍କୁ ସେଠାରେ ଦେଖିକରି ବୃଦ୍ଧାଙ୍କ ବୋହୂ କହିଲେ,ନିଅ ଗେଣଶ ଏହି ଗିନରେ ଥିବା କ୍ଷୀରିକୁ ଖାଇଦିଅ ମୁଁ ଆଉ ସମ୍ଭାଳି ପାରୁନି ମୁଁ ମଧ୍ୟ ଗୋଟିଏ ପାତ୍ରେର କ୍ଷୀରି ଆଣି ତୁମ ସାଙ୍ଗେର ଉଇଠି ବସି ଖାଇେଦବି । ଏହି ଭଳି ଦହୁେଁ ମିଶିକରି କ୍ଷୀରି ଖାଇେଦେଲ । କିଛି ସମୟ ପେର ବୃଦ୍ଧା ଜଣକ ଡାକ ପେକଇେଲ ଅରେ ଗେଣଶ ! ପୁଅ ଆସ ଜଲ୍‌ଦି କ୍ଷୀରି ଖାଇବୁ। ଗେଣଶ କହିଲେ ମାତା ତୁମର ବୋହୂ ମେତେ କ୍ଷୀରି ଖୁଆଇ ଦେଇଛନ୍ତି । ଏେବ ମୋର ପେଟ ଭରି ଯାଇଛି । ଏହି କ୍ଷୀରିକୁ ତୁମେ ଗାଁଲୋକଙ୍କୁ ଖାଇବାକୁ ଦେଇ ଦିଅ । ବୃଦ୍ଧା ଏେବ ଗାଁଲୋକଙ୍କୁ ନିମବଣ କରିବାକୁ ଗେଲ,ଆଉ ଗାଁ ଲୋକମାେନ ଏହା ଶୁଣି ହସିବାକୁ ଲାଗିଲେ । ସେମାେନ ମେନ ମେନ ଭାବିବାକୁ ଲାଗିଲେ ଏହି ବୁଢୀ ତ ସ୍ୱୟଂର ଖାଇବା



ଯୋଗାଡ କରିବା ପାଇଁ କେେତ କଷ୍ଟ କରୁଛି । ଆଉ ଏେବ ସାରା ଗାଁକୁ କ୍ଷୀରି ଖାଇବାକୁ ନିମବଣ ଦେଉଛି । ଜଣାନାହିଁ ଆମକୁ ଡାକିକରି କଣ ଦେବ କେଜାଣୀ ? ମନେର ବହୁତ ପ୍ରଶ୍ନ ନେଇକରି ଗାଁଲୋକେ ବୃଦ୍ଧାଙ୍କ ଘେର ଯାଇ ପହଞ୍ଚିଲେ । ବୃଦ୍ଧା ସମସ୍ତଙ୍କୁ ପେଟ ଭରା କ୍ଷୀରି ଖାଇବାକୁ ଦେେଲ । ସାରା ଗାଁ ଲୋକ କ୍ଷୀରି ଖାଇକରି ତୃପ୍ତ ହୋଇଗଲେ ତଥାପି କ୍ଷୀରି ଶେଷ ହେଲା ନାହିଁ । ବାଳକ କହିବା ଅନୁଯାୟୀ ବୃଦ୍ଧା ଜଣଙ୍କ ବଞ୍ଚି ଯାଇଥିବା କ୍ଷୀରିକୁ ଘରର ଚାରି କୋଣେର ରଖିଦେଲ ବିଭିନ୍ନ ପାତ୍ରେର । ତାପରଦିନ ବୃଦ୍ଧା ସବୁଦିନ ଭଳି ସକାେଳ ଓଠିକରି ଘରର ଚାରିଆଡେ ସେହି ବାଳକକୁ ଖୋଜିଲେ କିନ୍ତୁ ସେ ବାଳକକୁ କେଉଁଠି ପାଇେଲ ନାହିଁ । ଯେଉଁଠିେ-ଯଉଁଠି କ୍ଷୀରି ରଖା ଯାଇଥିଲା, ସେହିଠାେର ହୀରାେ,ମୋତି,ସୁନା ରଖା ଯାଇଥିଲା । ପ୍ରଭୁ ଗେଣଶ ବୃଦ୍ଧାଙ୍କର ଦୟାଳୁତା ଆଉ ସେବା ଭାବେର ପ୍ରସନ୍ନ ହେେଲ ଆଉ ତାଙ୍କର ଦରିଦ୍ରତା ଦୂର କରିଦେେଲ । ଆଉ ତାଙ୍କର କୃପା ପାଇବା ପାଇଁ ସର୍ବଦା ଭୋକିଲା ଲୋକଙ୍କୁ ଭୋଜନ କରାନ୍ତୁ ।।

ପ୍ଲଟ ନ ମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨

## ଶିଶୁ କବିତା

## କାଳୀପୂଜା

### ସୀତାକାନ୍ତ ତ୍ରିପାଠୀ



ଆସିଲାଣି ଏବେ କାଳୀପୂଜା
ସେଥିପାଇଁ ଚାଲେ ସାଜସଜ୍ଜା ।୧
ଦୀପାବଳି ନାମେ ପରିଚିତ
ପରିବେଶ ପାଇଁ ଏହା ହିତ ।୨
କାଉଁରିଆ କାଠି ଜଳାଇବା
ପୂର୍ବଜଙ୍କୁ ମାନେ ପକାଇବା ।୩
ପୋକାଯୋକ ସବୁ ମରିଯିବେ
ଫଳ ଫସଲ ସବୁ ବଢ଼ିବେ ।୪
ବ୍ୟବସାୟ ପାଇଁ ଏହା ଶୁଭ
ମନାସନ୍ତି କରିବାକୁ ଲାଭ ।୫
ରାତିରେ ମା ' ଙ୍କ ପୂଜା ହେବ
ଯେତେସବୁ ବିଘ୍ନ ନାଶ ହେବ ।୬
ଦୀପରେ ଘର ସଜାଇଦେବା
ବାଣ ଫୁଟା ଠାରୁ ଦୁରେ ରହିବା ।୭
ସବୁଜ ବାଣର କରି ଆଦର
ପ୍ରଦୂଷଣ କୁ ଆମେ କରିବା ଦୂର ।୮
ଏହି ଦିନ ଆମେ ନେବା ଶପଥ
ପରିବେଶର ଆମେ ହୋଇବା ମିତ ।୯

ଅର୍ଣ୍ଣପାଳ , ଭଦ୍ରକ, ୯୭୭୮୭୬୪୩୯୪

## ଆଲୁଅ ଦେଉ

### କୁଞ୍ଜବିହାରୀ ସାହୁ

ମାଟି ଦୀପାଳି ମହମବତି
କହିଲେ କଥା ଦୁହେଁ,
ଲାଗିଛି ପରା ସରୁ ସୂତାଟି
ଆମରି ଟିକି ମୁହେଁ ।

ଲାଗିଲେ ନିଆଁ ଜଳୁଛୁ ଛାଆଁ
ଆଲୁଅ ଦେଇଦେଉ,
ଦାଣ୍ଡ ଦୁଆରେ, ଘର ଭିତରେ
ଆମେରେ ଖୁସି ହେଉ ।

ଦୀପାବଳିରେ ଜଳିଜଳିକା
ନାହିଁରେ ମନ ଦୁଃଖ,
ନିଜେ ଜଳିକି ହସିହସିକା
ଭରୁଛୁ ଆନେ ସୁଖ ।

ମୁହଁ ନିଆଁରେ ବାଣ ଫୁଟେଇ
ମଜା କରନ୍ତି ପିଲେ,
ଡାକି ଆଣନ୍ତି ଆମ ଦୁହିଁଙ୍କୁ
ଯିଏ ଯେଉଁଠି ଥିଲେ ।

ସବୁରି ସାଥୀ ବିପଦବେଳେ
ଆଲୁଅ ଦେବା କାମ,
ସେଇଥିପାଇଁକି ଖାତିରି ମିଳେ
ରହିଛି ପରା ନାମ।

ସାଇତି ରଖ ଆମ ଦୁହିଁଙ୍କୁ
କାମରେ ଥିବୁ ଲାଗି,
ପରୋପକାର ଜ୍ୱୀନ୍ତ ମନରେ ଅଛି ଜାଗି।

ପାତ୍ରପଡା, ଭୁବନେଶ୍ୱର
୭୦୦୮୧୪୨୦୪୦



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା

ଜୟପୁର,(ହି.ସ.): ଜୟପୁର ବ୍ଲକ ଜୟନ୍ତୀଗିରି ଓଡିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ତାଲା ମାରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକ। ବିଦ୍ୟାଳୟ ର ଅଧକ୍ଷ ବୁଝା ସୁଝା କରିବା ରେ ଅପରାହ୍ନ ୨ ଟାରେ ଆନ୍ଦୋଳନ ରୁ ଓହରି ଥିଲେ । ଇଂରାଜୀ ଶିକ୍ଷୟତ୍ରୀଙ୍କ ଖରାପ ବ୍ୟବହାରକୁ ବିରୋଧ କରି ଛାତ୍ରଛାତ୍ରୀଙ୍କ ଏହି ଆନ୍ଦୋଳନ କରିଥିଲେ। ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ଇଂରାଜୀ ଶିକ୍ଷୟିତ୍ରୀ ଜଣକ ୧୧ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଇଂରାଜୀ ଭାଷା ସଠିକ ଭାବେ ପଢ଼ାଉନାହାନ୍ତି । ସଠିକ୍ ପଢ଼ାଇବା ପାଇଁ ଛାତ୍ରଛାତ୍ରୀ କହିଲେ ସେ ଓଲଟା ଛାତ୍ରଛାତ୍ରୀଙ୍କୁ ର୍ଦୁବ୍ୟବହାର କରୁଛନ୍ତି। ଯେମିତି ପଢ଼ାହେଉଛି ସେମିତି ହିଁ ହେବ ,ଯାହାକୁ ଇଚ୍ଛା ନାହିଁ ବିଦ୍ୟାଳୟ ରୁ ଟିସି ନେଇ ଯାଓ ।ଏମିତି କି ୧୧ଶ୍ରେଣୀର ଅଧୟନ ୧୭ଜଣ ଛାତ୍ର ଛାତ୍ରୀ ଙ୍କ ମଧରୁ ୨୩ ଜଣ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀରୁ ବାହାର କରିଦେଇଛନ୍ତି ଏହି ଇଂରାଜୀ ଶିକ୍ଷୟତ୍ରୀ ଜଣକ। ପୂର୍ବରୁ ଘଟଣା ସଂପର୍କରେ ବିଦ୍ୟାଳୟ ର ଅଧକ୍ଷ ଏବଂ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ଏବଂ କୋରାପୁଟର ଜିଲାପାଳ ଙ୍କୁ ଅବଗତ କରାଯାଇଛି ।ଏସବୁ ସ୍ୱତ୍ତ୍ୱେ କୌଣସି ସମାଧାନ ନ ହେବାରୁ ଆଜି ଜୟନ୍ତୀଗିରି ଓଡିଶା ଆଦର୍ଶ ବିଦ୍ୟାଳୟ ବିଦ୍ୟାଳୟ ଆଗରେ ତାଲା ମାରି ହାତରେ ହଇଡିଂ ଧରି ଧାରଣା ରେ ବସିଛନ୍ତି ୧୧ଶ୍ରେଣୀ ଛାତ୍ର ଛାତ୍ରୀ। ଛାତ୍ର ଛାତ୍ରୀ ଙ୍କ ଆନ୍ଦୋଳନ ରୁ ବିଦ୍ୟାଳୟ ଆଗରେ ବିଦ୍ୟାଳୟର ଅଧକ୍ଷ ରହିତ ଅସ ସେଠି ସମେତ ସମସ୍ତ ଶିକ୍ଷକ ,ଶିକ୍ଷୟତ୍ରୀ ବାହାରେ ଠିଆ ହୋଇଛନ୍ତି ।ଶିକ୍ଷା ଦାନ ବାଧା ପ୍ରାପ୍ତ ହେଇଛି ।ସେପଟେ ଅଧକ୍ଷ ଛାତ୍ର ଛାତ୍ରୀ ଙ୍କୁ ବୁଝା ସୁଝା କଲେ ବି ଛାତ୍ର ଛାତ୍ରୀ ମାନେ ଇଂରାଜୀ ଶିକ୍ଷୟତ୍ରୀ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଜାଏ ଆନ୍ଦୋଳନ ଜାରି ରହିବ ବୋଲି ଜିଦ ରେ ବସିଛନ୍ତି ।ସେପଟେ ଛାତ୍ର ଛାତ୍ରୀଙ୍କ ଏହି ଦାବି କୁ ଅବିଭିଭାବକ ମନେ ବି ସମର୍ଥନ କରିଛନ୍ତି ।ଛାତ୍ର ଛାତ୍ରୀଙ୍କ ଅଭିଯୋଗ କୁ ଖଣ୍ଡନ କରିଛନ୍ତି ଇଂରାଜୀ ଶିକ୍ଷୟତ୍ରୀ । ଜିଲ୍ଲାପାଳ ଙ୍କ ସହ ଆଲୋଚନା କରି ପଦକ୍ଷେ ନେବେ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି ।

## ବିଶ୍ୱ ଖାଦ୍ୟ ଦିବସ

ଚମ୍ପୁଆ: ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ବାଲିପଶି ଗ୍ରାମରେ କେନ୍ଦୁଝରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବିଶ୍ୱ ଖାଦ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ଼. ସୁକାନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷେତ୍ର ବିଜ୍ଞାନୀ ନିଗମାନନ୍ଦ ବେହେରା, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଦୀପକ କୁମାର ହେମ୍ବ୍ରମ ଓ ପ୍ରାଣୀ ବିଜ୍ଞାନ ବୈଜ୍ଞାନିକ ଡ଼. ଲିପ୍ସା ଦାସ ପ୍ରମୁଖ ଉପସ୍ଥିତ ରହି ଗାଈ, ଗୋରୁ, କୁକୁଡ଼ା, ବତକ ପାଳନ ଓ ତା'ର ଯତ୍ନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଡ଼. ସୁକାନ୍ତ କୁମାର ସାହୁ ବିଶ୍ୱ ଖାଦ୍ୟ ଦିବସରେ ଖାଦ୍ୟର ମହତ୍ୱ ଏବଂ ସନ୍ତୁଳିତ ଆହାର ଉପରେ ଆଲୋକପାତ କରିଥିଲେ। ନିଗମାନନ୍ଦ ବେହେରା ଡାଲି ଜାତୀୟ ଫସଲରୁ ଉନ୍ନତ ଚାଷ ପଦ୍ଧତି ଉପରେ ଆଲୋକପାତ କରିଥିବା ବେଳେ ଦୀପକ କୁମାର ହେମ୍ବ୍ରମ ଚାଷର ପ୍ରଚାର ଓ ପ୍ରସାର ଉପରେ ଅବଗତ କରାଇଥିଲେ।

## ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ



ବଲାଙ୍ଗିର, (ପିପିଏସ): ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିରଠାରେ ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଥିଲା । ସଂଘର ସଭ୍ୟ ନରେନ୍ଦ୍ର କବାଟଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଂପାଦକ ବିମଳ ଚକ୍ରବର୍ତ୍ତୀ ବିବରଣୀ ପାଠ ପରେ କୋଷାଧକ୍ଷ ଆୟବ୍ୟୟର ହିସାବ ରଖିଥିଲେ । ଏହାକୁ ସଭ୍ୟମାନେ ସମର୍ଥନ ଜଣାଇଥିଲେ । ଗୋପବନ୍ଧୁ ପୁରୋହିତ, ରତ୍ନାକର ସିଂହ, ଧର୍ମଦତ୍ତ ରଥ, ନରେନ୍ଦ୍ର ଆର୍ଯ୍ୟ, ଶିବ ନାରାୟଣ ରଥ, ଦିବାକର ହୋତା ଓ ପଙ୍କଜିନି ପଣ୍ଡା ପ୍ରମୁଖ ଟଙ୍କା ଥାଇ ଲିଫ୍ଟ କାମ ୫ ମାସ ହୋଇ ପଡିରହିବା, ପିଆଇଟି ଲାଇନ ପାଇଁ ସର୍ଭେ ହୋଇଥିଲେ ମଧ୍ୟ ଅନୁମୋଦନ ନ ପାଇବା, ସର୍ବୋପରି ଭୁବନେଶ୍ୱର ହେଡ୍ ଅଫିସରୁ ଭୁବନେଶ୍ୱରକୁ ପ୍ରତ୍ୟେକ ଦିନ ଯିବା ଆସିବା କରିବା ପାଇଁ ଏକ ସକାଳୁଆ ଟ୍ରେନ୍‌ର ସବୁଜ ସଙ୍କେତ ମିଳିଥିଲେ ମଧ୍ୟ ଟ୍ରେନ ନଚାଲିବା ଆଦି ଦାବି ନେଇ ବରଗଡ ରେଳ ଉପଭୋକ୍ତା ସଂଘ ଯଦି ଆନ୍ଦୋଳନ କରେ ତାକୁ ସମର୍ଥନ ଦେବା ଏବଂ ଏକ ଦଳ ସ୍ଥାନୀୟ ସାଂସଦଙ୍କ ସହ ରେଳମନ୍ତ୍ରୀଙ୍କୁ ଭେଟିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ସଭାପତି ପ୍ରଫେସର ମିଶ୍ର ଅନ୍ୟ ଅମୃତ ଭାରତ ଷ୍ଟେସନ ତୁଳନାରେ ବଲାଙ୍ଗିରରେ କାର୍ଯ୍ୟ ଅତି ମନ୍ଥରଗତି ହୋଇଥିବା ଏବଂ ରେଳବାଇ ବିଭାଗର ବୈମାତୃକ ମନୋଭାବ ପାଇଁ ଆଗାମୀ ଦିନରେ ତିନି ଦିନିଆ ଧର୍ମଘଟ କରାଯିବ ବୋଲି କହିଥିଲେ । ଉକ୍ତ ସଭାରେ ମୋତିଲାଲ ସାହୁ, ବାଲୁଲାଲ ଖେଡିଆ, ମନୋରଂଜନ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ବ୍ରଜ କିଶୋର ପଣ୍ଡା, ସଲିମ ଖାନ, ସୁବ୍ରତ ବହିଦାର, ଅତୁଳ ଅଗ୍ରୱାଲ, ଅଦିତ୍ୟ ନାରାୟଣ ସାହୁ, ଶତ୍ରୁଘ୍ନ ସିଂହ, ସୁବାଷ ଶତପଥି, ଅଶୋକ କୁମାର ମିଶ୍ର, ବିଶ୍ୱନାଥ ତ୍ରିପାଠି, ରାମ ପ୍ରସାଦ ସେଠ, ପ୍ରଦୀପ ନେପାକ, ମହେଶ ମାଲାଙ୍କ ପ୍ରମୁଖ ଉପସ୍ଥିତ ଥିଲେ । ହିତେଶ କୁମାର ସାହୁ ସହଯୋଗ କରିଥିଲେ ଏବଂ ଅଶୋକ କୁମାର ଗ୍ରନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଜଳ ସଚେତନତା କାର୍ଯ୍ୟକ୍ରମ

### ପାନୀୟଜଳ ସଂରକ୍ଷଣ ସମସ୍ତଙ୍କ ଦାୟିତ୍ୱ




କେସିଙ୍ଗା : ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ଘରେ ବିଶୁଦ୍ଧ ପାନୀୟଜଳ ସୁଜଳର ଏକ ସଚେତନତା କାର୍ଯ୍ୟକ୍ରମ ବିଭାଗୀୟ ଯନ୍ତ୍ରୀ ଜାନକୀ ନାଏକଙ୍କ ନେତୃତ୍ୱରେ ଗତ ୨ ତାରିଖଠାରୁ ୧୬ ତାରିଖ ଯାଏ ସଚେତନ କରାଯାଇଛି। ସହରର ୧୨ଟି ୱାର୍ଡର ପ୍ରତ୍ୟେକ ଗଳିକନ୍ଦିକୁ ସଚେତନ ରଥଯାତ୍ରା କରି ୱାର୍ଡବାସୀଙ୍କୁ ଜଳ ହିଁ ଜୀବନ ଲିପ୍‌ଲେଟ୍ ବଣ୍ଟନ କରିଥିଲେ। ପାନୀୟଜଳର ପ୍ରତ୍ୟେକ ବୁନ୍ଦା ମୂଲ୍ୟବାନ ଏହାର ସଠିକ୍ ବ୍ୟବହାର, ଜଳ ସଂରକ୍ଷଣ ସମସ୍ତଙ୍କ ପାଇଁ ଏହା ଏକ ଗୁରୁ ଦାୟିତ୍ୱ ଏବଂ ନିରାପଦ ଏବଂ ଗୁଣାତ୍ମକ ପାଇପ ଜଳ ଯୋଗାଣ, ଟ୍ୟାପ୍‌ରେ ସଫା ପାନୀୟ ଜଳ ରଖିବା ସହିତ ନିୟମିତ ଜଳ ଗୁଣବତ୍ତା ପରୀକ୍ଷା, ଜଳସାଥୀଙ୍କ ଉପଯୁକ୍ତ ବ୍ୟବହାର ଉପରେ ୱାର୍ଡବାସୀଙ୍କୁ ସଚେତନ କରାଯାଇଥିଲା। ଗୁରୁବାର ଉଦ୍‌ଯାପନୀ ଦିବସରେ ହିତାଧିକାରୀଙ୍କୁ ପାନୀୟଜଳ ସଫାସୁତୁରା ରଖିବା ସହ ଟ୍ୟାପ୍ ପରିସରରେ ଥିବା ଅଳିଆ ଆବର୍ଜନାକୁ ସଫା କରିବାକୁ ଉକ୍ତ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ସହରରେ ପ୍ରତ୍ୟେକ ଗଳିକନ୍ଦିରେ ପାନୀୟଜଳର ସୁବ୍ୟବସ୍ଥା କରାଯାଇଥିବାରୁ ହିତାଧିକାରୀଙ୍କୁ ପାନୀୟ ଜଳକୁ ସଠିକ୍ ବ୍ୟବହାର କରିବା ପାଇଁ ସଚେତନ କରାଯାଇଛି।

## ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ

ମୁଖୀଗୁଡା, (ହି.ସ.)- ଦାଦନ ଖଟିବାକୁ ଯାଇ ଜଣେ ଶ୍ରମିକଙ୍କ କୌଣସି ଖୋଜ ଖବର ମିଳୁନଥିବାରୁ ସ୍ତ୍ରୀ ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ବିବରଣୀରୁ ପ୍ରକାଶ ଯେ, ଜୟପାଟଣା ବ୍ଲକ ଅନ୍ତର୍ଗତ ପୁଝାରିଗୁଡା ପଂଚାୟତ କୁଲିହାମୁଣ୍ଡା ଗ୍ରାମର କୋକିଳ ମାଝୀ ନିଜେ ଦଲାଲ ସାଜି ଗ୍ରାମର ଦେବେନ୍ଦ୍ର ମାଝୀ (୩୦), ସୁରେଶ ମାଝୀ, ଘନ ମାଝୀଙ୍କୁ ଗୁଜୁରାଟ ସୁରେନ୍ଦ୍ର ନଗରରେ କାମ କରିବାକୁ ନେବି ବୋଲି ସେମାନଙ୍କୁ ଗତ ଅଗଷ୍ଟ ୩ ତାରିଖରେ ଭୁବନେଶ୍ୱର ଯାଏଁ ନେଲା । ଖୋର୍ଦ୍ଧାରେ ଟ୍ରେନ ବସାଇ ଦେଇ କୋକିଳ ଗୁଜୁରାଟ ନଯାଇ ନିଜ ଘରକୁ ଫେରିଆସିଲା । ଯିବା କିଛି ଦିନ ପରେ ଦେବେନ୍ଦ୍ରଙ୍କ ପରିବାର ସହ ଯୋଗାଯୋଗ ବିଚ୍ଛିନ୍ନ ହେଲା ପରେ ଦେବେନ୍ଦ୍ରଙ୍କ ସାଙ୍ଗରେ ଯାଇଥିବା ସୁରେଶ ଏବଂ ଘନଙ୍କୁ ପଚାରିବାରୁ ଦେବେନ୍ଦ୍ର ଗୁଜରାଟରେ କେଉଁଠି ନିଖୋଜ ହୋଇଯାଇଛି ବୋଲି କହୁଛନ୍ତି । କୋକିଳକୁ ପଚାରିଲେ ଦେବେନ୍ଦ୍ର କେଉଁଠି ହଜି ଗଲା ବୋଲି କହୁଛି ।ଏନେଇ ଦେବେନ୍ଦ୍ରଙ୍କ ସ୍ତ୍ରୀ କଳାବତୀ ମାଝୀ ସ୍ୱାମୀ ହଜିଯିବା ସମ୍ପର୍କରେ ଗତ ସେପ୍ଟେମ୍ବର ମାସ ୧୩ ତାରିଖରେ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେହେଁ କୌଣସି ସୁଫଳ ମିଳିନାହିଁ । ରାଜ୍ୟ ସରକାର ଦେବେନ୍ଦ୍ରଙ୍କୁ ସନ୍ଧାନ କରିବାରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

## ଲମତାପୁଟରେ ଜନଅଭିଯୋଗ ଶୁଣାଣି

## ୪୦ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଜୟପୁର: କୋରାପୁଟ ଜିଲା ଲମତାପୁଟ ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ମଧରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଏସପି ରହିତ ବର୍ମା, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ମାଛକୁଣ୍ଡ ତହସିଲଦାର ଦିବାକର ବାଘ, ଜିଲା ଚିକତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀବ ଡା.ଆର ଏନ ମିଶ୍ର,ଖଣ୍ଡିଅ ବନ ବିଭାଗ ଅଧିକାରୀ ରାଜଶେଖର ରାଓ,ଲମତାପୁଟ ବ୍ଲକ ଅଧକ୍ଷ ତାପସ କୁମାର ଚାଲାଣ ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲାରେ ନୂତନ ଭାବରେ ଯୋଗ ଦାନ କରିବା ପରେ ପ୍ରଥମ କରି ଲମତାପୁଟରେ ମିଳିତ ଜଣାଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଲଗାଣ ବର୍ଷା ଲାଗି ରହିଥିଲେ ମଧ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଯୋଗଦେଇ ମୋଟ ୪୦ଗୋଟି ବିଭିନ୍ନ ଅଭିଯୋଗର ଜନ ଶୁଣାଣୀ କରିଥିଲେ । ବ୍ୟକ୍ତିଗତ ସମସ୍ୟା ଉପରେ ୧୯ ଓ ସାମୁହିକ ଭାବରେ ୨୧ ଗୋଟି ସମସ୍ୟା ଉପରେ ଲୋକଙ୍କୁ ଠାରୁ ଅଭିଯୋଗ ଗ୍ରହଣ କରି ସମସ୍ୟାର ସମାଧାନ କରିବା ନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆୟୋଜିତ ଜନଶୁଣାଣୀ କାର୍ଯ୍ୟକ୍ରମ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଲମତାପୁଟ ଗୋଷ୍ଠି ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ବଲାଙ୍ଗିର, (ପିପିଏସ): ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଉପରେ ହୋଇଥିବା ଜୋତା ମାଡ ମୁଖ୍ୟ ଅଭିଯୁକ୍ତ ଓକିଲ ରାକେଶ କିଶୋର ଙ୍କର ଲାଇସେନ୍ସ ରଦ୍ଦ ସହିତ ଜେଲଦଣ୍ଡ ଏବଂ ସମସ୍ତଙ୍କର ସାମନାରେ କ୍ଷମା ପ୍ରାର୍ଥନା, ହରିୟାନା ରେ ସିନିୟର ଆଇପିଏସ୍ ଅଫିସରଙ୍କୁ ଚାପ ପକାଇଥିବା ଆତ୍ମହତ୍ୟା କରିବା ପାଇଁ ବାଧ କରିଥିବା ସେହି ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଜେଲ୍‌ଦଣ୍ଡ ଦେବା ସହିତ ପୀଡିତାଙ୍କ ପରିବାର ରୁ ଜଣକୁ ଚାକିରି ଦେବା ସହିତ ଗ୍ୱାଲିୟରରେ ସମ୍ବିଧାନ ନିର୍ମାତା ମହାମାନବ ବାବା ସାହେବ ଡ. ବି.ଆର.ଆମ୍ବେଦକରଙ୍କ ଉପରେ କଟୁ ମନ୍ତବ୍ୟ ଦେଇଥିବା ଅନିଲ ମିଶ୍ରଙ୍କୁ ବେଲ୍‌ବିହିନ ଜେଲ୍ ଏବଂ ସମସ୍ତ ଦେଶବାସୀଙ୍କୁ କ୍ଷମା ପ୍ରଥନା କରିବା ନିମନ୍ତେ ଭୀମ ଆର୍ମି ଜୟ ଭୀମ ସଂଗଠନ ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନବେଳେ ସଙ୍ଗଠନର ରାଜ୍ୟ ସଭାପତି ଅଚ୍ୟୁତ କୁମ୍ଭାର ନେତୃତ୍ୱରେ ପଶ୍ଚିମ ଓଡିଶା ଇନ୍‌ଚାର୍ଯ ଅନିଲ କୁମାର ମୁଗ୍ରୀ ଏବଂ ଗାନ୍ଧୀ ନାଗ, ଯଶୋବନ୍ତ ବରିହା, ରାକେଶ ନାଏକ, ଭାଷ୍କର ନନ୍ଦ, ଜୟରତ ନନ୍ଦ, ହିତେଶ ସାଗର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

କେନ୍ଦୁଝର, (ହି.ସ.) - ଚମ୍ପୁଆ ବିଜ୍ଞାପିତ ପରିଷଦ ଅଂଚଳରେ ସହ ସହ ବିଜେଡି କର୍ମୀଙ୍କ ଉପସ୍ଥିତିରେ ସ୍ଥାନୀୟ ଶିବମନ୍ଦିରରୁ ଦିନ ସମୟରେ ଏକ ବିଶାଳ ଶୋଭାଯାତ୍ରା ବାହାରି ସ୍ଥାନୀୟ ଟାଉନ ହଲ ଠାରେ ପହଂଚିଥିଲା। ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଚମ୍ପୁଆ ବିଧାୟକ ତଥା କେନ୍ଦୁଝରର ଲୋକପ୍ରିୟ ନେତା ସନାତନ ମହାକୁଡ଼, ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବିଜ୍ଞାପିତ ପରିଷଦର ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ଜିନ୍ଦାବାଦ ଧ୍ୱନୀରେ ଚମ୍ପୁଆ ସହର ପ୍ରକମ୍ପିତ ହେଉଥିଲା ।ଦିନ ୧:୩୦ ସମୟରେ ସ୍ଥାନୀୟ ସଭାଗୃହରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଚମ୍ପୁଆ ବିଜ୍ଞାପିତ ପରିଷଦର ଅଧକ୍ଷ ଗିରିଜା ଶଙ୍କର ସାହୁ ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ବିଜୁ ଜନତା ଦଳର ବରିଷ୍ଠ ନେତା ଚତୁର୍ଭୁଜା ପଲେଇ, ନିରଞ୍ଜନ ବହିଦାର, ଗିରିଧାରୀ ନାୟକ, ସଞ୍ଜୟ କୁମାର ନାୟକ ଯୋଡ଼ା ମୁନିସିପାଲିଟିର ଉପାଧକ୍ଷା ସନ୍ଧ୍ୟାରାଣୀ ପାତ୍ର, ଗଣେଶ କୁମାର ଖୀଲାରଙ୍କ ସମେତ ନିମନ୍ତ୍ରିତ ଅତିଥି ମାନେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ହୋଇଥିବା ବିଭିର୍ନ ପ୍ରକାରର ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସଭାର ମୁଖ୍ୟଅତିଥି ତଥା ଜିଲ୍ଲା ବିଜେଡିର ସଭାପତି ଆଶିଷ ଚକ୍ରବର୍ତ୍ତୀ ଦୀର୍ଘ ଚବିଶ ବର୍ଷର ବିଜେଡି ଶାସନର ବହୁ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ବିଜେପି ଶାସନରେ ନାରୀ ନିର୍ଯ୍ୟାତନା ବେକାରୀ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜେପି ସରକାର ଦୁଇ ବିହାରୀ ଖଣିମାଫିଆଙ୍କ ହାତରେ ସମସ୍ତ ଖଣିଖାଦାନକୁ ଟେକି ଦେଇଛନ୍ତି ଏବଂ ସ୍ୱାଇ ଖଣି ପ୍ରଭାବିତ ଅଂଚଳ ବାଶୀଙ୍କର ଜୀବନ ଜୀବିକା ପ୍ରଭାବିତ ହଉଛି ବୋଲି ମଂଚରୁ ପ୍ରକାଶ କରିଥିଲେ।ଉକ୍ତ ସଭାରେ ସହ ସହ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ ଆଉ ସାମ୍ବାଦିକ ସତ୍ୟଜିତ ମିଶ୍ର ସଭା କାର୍ଯ୍ୟଟିକୁ ସଂଯୋଜନା କରିଥିବାବେଳେ ବିଜେଡିର ବରିଷ୍ଠ ଯୁବନେତା ସତ୍ୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦେଶରେ ଚମକିଲେ ବିନିକାର ସୁନାଝିଅ ଅନୁଷ୍କା

ସୁବର୍ଣ୍ଣପୁର: ବିଦେଶ ମାଟିରେ ଚମକାଇ ବିନିକା ପାଇଁ ଗୌରବ ଆଣିଲେ ଓଡିଆ ଝିଅ ଅନୁଷ୍କା । ସୂଚନା ଯୋଗ୍ୟ ଯେ ସୁବର୍ଣ୍ଣପୁର ଜିଲ୍ଲା ବିନିକାର ସୁନା ଝିଅ ଅନୁଷ୍କା ଦାଶ ବିଦେଶ ମାଟିରେ କମାଲ ଦେଖାଇଛନ୍ତି । ଏହେସାସ ତାଇକଣ୍ଡୋ ଏକାଡେମୀ ଭୁବନେଶ୍ୱରରେ ରହି ତାଲିମ ନେଉଥିବା ବିନିକା ଝିଅ ଅନୁସ୍କା ମାଲେସିଆରେ ନିଲାଇ ଇଣ୍ଡୋର ଷ୍ଟାଡିଅମରେ ଅନୁଷ୍ଠିତ ଆନ୍ତର୍ଜାତୀୟ ତାଇକଣ୍ଡୋ ଚମ୍ପିଆନସିପରେ ଭାଗନେଇ ଏହି ସଫଳତା ପାଇଛନ୍ତି । ୧୫ ଅଗଷ୍ଟ ରୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ସମେତ ଚାଇନା, ତାଇପେଇ, ଇଣ୍ଡୋନେସିଆ, ଥାଇଲାଣ୍ଡ, ଫିଲପାଇନ୍ସ, ଅଷ୍ଟ୍ରେଲିଆ, ସିଙ୍ଗାପୁର, କୋରିଆ, ହଙ୍ଗକଙ୍ଗ, ନେପାଳ ଏବଂ ଅନ୍ୟାନ୍ୟ ଦେଶର ଖେଳାଳୀ ଅଂଶଗ୍ରହଣ କରିଥିଲେ । ଅନୁସ୍କାଙ୍କ ଏହି ବିଦେଶ ଗସ୍ତପାଇଁ ଏମସିଏଲ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ କୋଚ ଏହେସାସ ହୋତାଙ୍କ ସହିତ ସେ ବିଦେଶ ଗସ୍ତ କରିଛନ୍ତି । ତେବେ ସେଠାରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରତ୍ୟକେ ରାଉଣ୍ଡରେ ସଫଳତା ସହ ଶେଷରେ ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିଣିଥିବା କୋଚ ଏହେସାସ ହୋତା ସୂଚନା ଦେଇଛନ୍ତି । ଅନୁଷ୍କାଙ୍କ ଏହି ସଫଳତା ପରେ ଏମସିଏଲ କର୍ତ୍ତୃପକ୍ଷ, ରାଜ୍ୟ ତାଇକଣ୍ଡୋ ସଂଘର ସଂପାଦକ ମନମୋହନ ଭଂଜ, ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ଅଧିକାରୀ ଚିତରଂଜନ ମିଶ୍ର ଏବଂ ବିନିକା କ୍ରୀଡା ସଂଘ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଅନୁଷ୍କାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅଗ୍ନିଶମ ସଚେତନତା କାର୍ଯ୍ୟକ୍ରମ

ଜୟପୁର: ଜୟପୁର ସ୍ଥିତ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅଗ୍ନିଶମ ବିଭାଗ ଜୟପୁର ତରଫରୁ ସଚେତନ କରାଯାଇଛି । ସହକାରି ଅଗ୍ନିଶମ ଅଧିକାରି ସୁରେଶ କୁମାର ବାରିକ ଓ ଟିମ ଉପସ୍ଥିତ ରହି ସଚେତନ କରିଥିଲେ । ସିଡିପିଓ କାଞ୍ଚନ ପଣ୍ଡାଙ୍କ ସହ ସୁପର ଭାଇଜର, ଅଙ୍ଗନବାଡି କର୍ମି ଓ ହେଲପରଙ୍କୁ ସଚେତନ କରିଥିଲେ । ବନ୍ୟା ସମୟରେ କିପରି ନିଜେ ସୁରକ୍ଷିତ ରହି ଅନ୍ୟର ଜୀବନ ରକ୍ଷା କରିବା ସହ ଗ୍ୟାସ ସିଲିଣ୍ଡର ନିରାପଦ ବ୍ୟବହାର ଉପରେ ସଚେତନତା କରାଯାଇଥିଲା ।

## ଶିଶୁ ମହୋତ୍ସବ ସୁରଭି

ଜୟପୁର, (ହି.ସ.)-ଜୟପୁର ଶିକ୍ଷା ବ୍ଲକ ଅନ୍ତର୍ଗତ ବାରିଣୀପୁଟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଉଚ୍ଚ ବିଦ୍ୟାଳୟ ବାରିଣୀପୁଟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ ଗୋପାଳ ଏବଂ ଦିଲ୍ଲୀପ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିଣୀପୁଟ କ୍ଲଷ୍ଟରର ୧୮ଟି ବିଦ୍ୟାଳୟରୁ ପାଖାପାଖି ୨୭୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ କ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଣିତ ଦୌଡ଼, ଗଳ୍ପ କଥନ, ସଂଗୀତ, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ବାରିଣୀପୁଟ କ୍ଲଷ୍ଟରର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟିକୁ ଆୟୋଜନ କରାଯାଇଥିଲା। ସେହିଭଳି ଉଦଯାପନୀ ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଗାଦବା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀପ୍ରସାଦ ଦାସ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲାଇ, କୋଷାଧକ୍ଷ ପୁରନ୍ଦର ନାୟକ, ସିଆର ସିସି ରୁଦ୍ର ନାରାୟଣ ପାଣିଗ୍ରାହୀ, ରାମେଶ୍ୱର ପଣ୍ଡା, ଆଦିତ୍ୟ ପଟ୍ଟନାୟକ, ଯୋଜନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ବାରିକ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ରଂଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ । କୁନି କୁନି ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶର ଅନ୍ୟତମ ମାଧ୍ୟମ ହେଉଛି 'ସୁରଭି' ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ ରଖିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପାରାଦିଶ ଫିଲିପ୍ସ ମଂଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ସୁନିତା ପଣ୍ଡା, ବନିତା ଖିଲ, ମିନତୀ ପାଣିଗ୍ରାହୀ, ପ୍ରଫୁଲ୍ଲ ମଣ୍ଡଳ, ପଙ୍କଜିନୀ ମହାରଣା, ଶ୍ୟାମଘନ ଗୌଡ଼, ଗୀତା ସାହୁ, ପି ଅରୁଣା, ବିଶ୍ୱ ରଞ୍ଜନ ପରିଛା, ଶ୍ରଦ୍ଧାଞ୍ଜଳି ସାହୁଙ୍କ ସମେତ ବାରିଣୀପୁଟ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ସହଯୋଗ କରିଥିଲେ ।

## ଦିଦାୟୀ ଜନଜାତି ଯୁବକଙ୍କୁ ଡକ୍ଟରେଟ୍ ଉପାଧି

ମାଲକାନଗିରି, (ହି.ସ.): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ରାସବେଡା ପଂଚାୟତ ମୁଦୁଲିଗୁଡା ଗ୍ରାମର ଦିଦାୟୀ ଜନଜାତିର ଯୁବକ ଜ୍ୟୋତିରଞ୍ଜନ ଗୁଡିଆ ଭୁବନେଶ୍ୱର ଠାରେ କିସ ଅନୁଷ୍ଠାନ ଦ୍ୱାରା ଡକ୍ଟରେଟ ଉପାଧିରେ ସମ୍ମାନିତ ହୋଇଛନ୍ତି। ଜ୍ୟୋତିରଞ୍ଜନ ପାଠ ପଢିବା ସହ ଚିତ୍ର କରିବାକୁ ଭଲ ପାଅନ୍ତି। ପିଲାଟି ବେଳୁ ପିତାମାତାଙ୍କ ସଂଘର୍ଷ ମୟ ଜୀବନ ଦେଖି ପାଠ ପଢି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସବୁବେଳେ ଚେଷ୍ଟା ଚଳାଇଥିଲେ। ସେ କୁଡୁମୁଲୁଗୁମ୍ମାରେ ପ୍ରାଥମିକ ପାଠ ପଢା ସାରି ସେଇ ଗ୍ରାମର ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନାମ ଲେଖେଇଲେ । ଏହାରି ଭିତରେ ଅଭାବ ଅନାଟନ ମଧ୍ୟରେ ପାଠ ପଢିବା ବହୁତ କଷ୍ଟକର ହେଉଥାଏ । ସେ ଅଷ୍ଟମରୁ ୧୦ମ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟର ମହେଶ୍ୱର ମହାରଣା ସାର୍ ଙ୍କ ନିକଟରେ ରହି ତିନି ବର୍ଷ ମାଧମିକ ଶିକ୍ଷା ଲାଭ କଲେ । ସେଇ ସମୟରେ ଶ୍ରୀ ମହାରଣା, ଜ୍ୟୋତିରଞ୍ଜନଙ୍କର ବିଚକ୍ଷଣ ଚିତ୍ରକଳା ଦେଖି ତାଙ୍କ ଚିତ୍ର କଳା କିପରି ଆଗକୁ ଆଉରି ଉନ୍ନତି ହେବ ସେଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ସହ କଥା ହୋଇ ବିଭିନ୍ନ ପ୍ରକାରର ଚିତ୍ର କାମ ସବୁ ଯୋଗାଡ କରି ଦେଉଥିଲେ । ୨୦୧୨ ମସିହାରେ ସେଠାରେ ଦଶମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ସୁଦୂର ମାଲକାନଗିରି ଜିଲ୍ଲାରୁ ଭୁବନେଶ୍ୱର ଯାଇ ପଢିବାର ସୁଯୋଗ ପାଇଥିଲେ । ସେହି ଦିନଠାରୁ ସେ କେବେ ପଛକୁ ଫେରିବାର ଚିନ୍ତା କରିନଥିଲେ । ସେ ଚିତ୍ର କଳାରେ ଯେମିତି ଆଗରେ ଥିଲେ ଠିକ ପାଠ ପଢାରେ ମଧ ସେମିତି । ଭୁବନେଶ୍ୱର ସ୍ଥିତ କିସ୍ ଅନୁଷ୍ଠାରେ ସେ +୨ କଳା, +୩ ରାଜନୀତି ବିଜ୍ଞାନ, ପିଜି, ଏମଫିଲ ଓ ପିଏଚଡି ପଢି ଦିଦାୟୀ ଜନଜାତିର ପ୍ରଥମ ଡକ୍ଟରେଟ୍ ହେବାର ସୌଭାଗ୍ୟ ପାଇଲେ ।

## ନୂତନ ମନ୍ଦିରରେ ମା' ଦ୍ୱାରଶୁଣୀଙ୍କ ସ୍ଥାପନ ଉତ୍ସବ

ଚମ୍ପୁଆ, (ହି.ସ.) - ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଚମକପୁର ଦଣ୍ଡପାଟର ଚମକପୁର ଗ୍ରାମରେ ରହିଥିବା ମା' ଦ୍ୱାରଶୁଣୀ ଠାକୁରାଣୀ ତଥା ତାଙ୍କର ପାର୍ଶ୍ୱ ଦେବାଦେବୀଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ରଥରେ ବସାଇ ନିକଟସ୍ଥ ବାସୁଦେବପୁର ଗ୍ରାମଠାରେ ନବନିର୍ମିତ ମନ୍ଦିରରେ ସ୍ଥାପନ କରାଯାଇଛି । ଗତ ଶୁକ୍ରବାର ଦିନ ନୂତନ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଶନିବାର ଦିନ ଘଂଟ, ଶଙ୍ଖ, ହୁଳହୁଳି, ବାଦ୍ୟଯନ୍ତ୍ର ସହ ଶ୍ରଦ୍ଧାଳୁମାନଙ୍କ ମେଳରେ ପୁରୁଣା ଗ୍ରାମରୁ ଠାକୁରାଣୀ ମାଆ ଏବଂ ତାଙ୍କର ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ନୂତନ ସ୍ଥାନକୁ ଅଣାଯାଇଥିଲା । ଏହି ଅବସରରେ ଦଣ୍ଡପାଟର ୧୩୨ ମୌଜାର ପ୍ରାୟ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିବା ବେଳେ ସେମାନଙ୍କ ପାଇଁ କମିଟି ଜରିଆରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଭାସ୍କର ଦେହୁରୀ, ମାର୍କଣ୍ଡ ନନା, ଦେବାଶିଷ ପଣ୍ଡା ପ୍ରମୁଖ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବା ବେଳେ ପ୍ରକଳ୍ପ ଅଧିକାରୀ, ବଡ଼ବିଲ ତହସିଲଦାର ଓ ଅତିରିକ୍ତ ତହସିଲଦାର, ଚମ୍ପୁଆ ତହସିଲଦାର, ଚମ୍ପୁଆ ଥାନାଧିକାରୀ, ରିମୁଲି ଫାଣ୍ଡି ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଦେବାଦେବୀଙ୍କ ଥଇଥାନ ନିମନ୍ତେ ସମସ୍ତ ସୁବିଧା କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଏକ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା । ଏହି ଅବସରରେ ସଭାପତି ଲାଲ ବାହାଦୁର ନାଏକ, ସମ୍ପାଦକ ଡିଲେଶ୍ୱର ଦାସ, ଅକ୍ଷୟ ନାଏକ, ଦୁଃଶାସନ ନାଏକ, ଅର୍ଜୁନ ବେହେରା, ପୁରୁଷୋତମ ନାଏକ, ପ୍ରମୋଦ ଦାସ, ହରଜିତ୍ ଦାସ, ସରୋଜ ବାରିକ, ଅମର ନାଏକଙ୍କ ସହିତ ଅନ୍ୟ ସଦସ୍ୟ ତଥା ଗ୍ରାମବାସୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସୂଚନାଯୋଗ୍ୟ କି ରାଜାରାଜୁଡ଼ା ଅମଳରୁ ମାଆ ପୁରୁଣା ଗ୍ରାମରେ ପୂଜା ପାଉଥିଲେ ହେଲେ କାନପୁର ନଦୀବନ୍ଧ ପ୍ରକଳ୍ପରେ ଗ୍ରାମ ଉଚ୍ଛେଦ ହେବା ପରେ ଦୀର୍ଘ ବର୍ଷ ଧରି ମାଆ ସେଠାରେ ଅପୂଜା ହୋଇ ନିର୍ଜନ ଅବସ୍ଥାରେ ପଡିରହିଥିଲେ । ଯାହାକୁ ନେଇ ବିଗତ ଦିନରେ ଗ୍ରାମବାସୀ ଓ ମା' ଦ୍ୱାରଶୁଣୀ କମିଟିର ସଦସ୍ୟ ମାନେ ଅସନ୍ତୋଷ ପ୍ରକାଶ କରି ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବାର ଦେଖିବାକୁ ମିଳିଥିଲା ।

## ଛାତରୁ ଖସି ଯୁବକଙ୍କ ମୃତ୍ୟୁ

ବାରିପଦା, (ହି.ସ.) : ବାରିପଦା ପୌର ପରିଷଦର ଭଞ୍ଜପୁର ଅଂଚଳରେ ଏସ୍‌ସି ଲଗାଇବାବେଳେ ଛାତ ଉପରୁ ଯୁବକ ଜଣଙ୍କ ଖସି ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କପ୍ତିପଦାର ନିଶିକାନ୍ତ ରାୟ(୧୮)। ସେ ବାରିପଦାର ବାରୁଣୀ ରୋଡ଼ ସ୍ଥିତ ଏଲଜି କମ୍ପାନୀ ସର୍ଭିସ ସେଂଟରରେ କାର୍ଯ୍ୟ କରନ୍ତି। ଭଞ୍ଜପୁରର ଯମୁନାଦେଇପୁର ଅଂଚଳରେ ସୁମନ ଅଗ୍ରୱାଲଙ୍କ ଘରେ ଏସ୍‌ସି ଇନଷ୍ଟଲ କରୁଥିଲେ। ଛାତରେ କାର୍ଯ୍ୟ କରୁଥିବାବେଳେ ଅସାବଧାନତା କାରଣରୁ ତଳକୁ ଖସି ପଡ଼ିଥିଲେ। ଯାହା ଫଳରେ ତାଙ୍କ ମୁଣ୍ଡରେ ମାଡ଼ ହେଇ ରକ୍ତସ୍ରାବ ହୋଇଥିଲା। ଗୁରୁତ୍ୱର ଅବସ୍ଥାରେ ପିଆର୍‌ଏମ୍ ହସ୍ପିଟାଲରେ ଭର୍ତି କରାଯାଇଥିଲା। ଏହାପରେ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସର୍ଭିସ ସେଂଟର ପରିଚାଳକ ତାଙ୍କର ଚିକିତ୍ସା ନେଇ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେଥିରେ ଠିକ୍ ଭାବେ ମନନିବେଶ ନକରିବାରୁ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ପରିବାର ଲୋକେ ସର୍ଭିସ ସେଂଟର ପରିଚାଳକଙ୍କ ନାମରେ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଛନ୍ତି।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ୧୪୭ ଚିକିତ୍ସିତ

ମାଲକାନଗିରି : ମାଲକାନ୧ଗିରି ଜିଲ୍ଲାରେ ପହଂଚିଛନ୍ତି 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ଟିମ୍ । ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାର ୧୪୭ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ୧୮ ରୁ ୨୧ ଅଗଷ୍ଟ ପର୍ଯ୍ୟନ୍ତ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ଜିଲ୍ଲାର ରୋଗୀଙ୍କ ଚିକିତ୍ସା କରିବେ। ଆଜି ପୂର୍ବାହ୍ନରେ ଏହି ୭ ଜଣିଆ ବିଶେଷଜ୍ଞ ଟିମ୍ ସ୍ୱତନ୍ତ୍ର ବିମାନ ଯୋଗେ ପହଂଚିଥିଲେ ମାଲକାନଗିରି ବିମାନ ବନ୍ଦରରେ । ସେଠାରୁ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଂଚି ୧୪୭ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ସେଥିମଧ୍ୟରୁ କାର୍ଡିଓଲୋଜିରେ ୩୫, ନ୍ୟୁରୋଲୋଜୀରେ ୩୮, ଗାଷ୍ଟ୍ରୋଏଂଟେରୋଲୋଜିରେ ୧୯, ଏଣ୍ଡୋକ୍ରିନୋଲୋଜୀରେ ୧୯ ଓ ନେଫ୍ରୋଲୋଜିରେ ୩୬ ଓ ୮ ଜଣ ଙ୍କର ଇସିଜି କରାଯାଇଛି । ଏହି ଡାକ୍ତରୀ ଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଏସ ସି ବି ଆସିଷ୍ଟାଂଟ ପ୍ରଫେସର ଡାକ୍ତର ଜ୍ୟୋତିର୍ମୟ ନାୟକ, ବରିଷ୍ଠ କାର୍ଡିଓଲୋଜି ଆଭାଂଶ ଟଙ୍କ, ସିନିୟର୍ ନେଫ୍ରୋଲୋଜି ଡାକ୍ତର ଧିରଜ କୁମାର ଲେଙ୍କା, ସିନିୟର୍ ନ୍ୟୁରୋଲୋଜି ଡାକ୍ତର ସଂଘମିତ୍ରା ସାହୁ, ସିନିୟର୍ ଏଣ୍ଡୋକ୍ରିନୋଲୋଜୀ ଡାକ୍ତର ସୀତାକାନ୍ତ ପଣ୍ଡା, ସିନିୟର୍ ଗାଷ୍ଟ୍ରୋଏଂଟେରୋଲୋଜି ଡାକ୍ତର ରାକେଶ ମହାନ୍ତି, ଆସିଷ୍ଟାଂଟ ପ୍ରଫେସର ଆନାସ୍ଥେସିଓଲୋଜି ଡାକ୍ତର ରାଜ କୁମାର ମହାପାତ୍ର ପ୍ରମୁଖ ରହିଥିଲେ। ଉପାନ୍ତ ଅଂଚଳର ଲୋକଙ୍କ ପାଇଁ ସଞ୍ଜିବନୀ ପାଲଟିଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି। ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକ୍ରମ ଯୋଗୁ ରୋଗୀମାନେ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମ ଗୁରୁବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ମଧ ଜିଲ୍ଲାପାଳ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଏହି ସେବା ଯୋଗୁଁ ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର, କଟକର ବଡ଼ ହସ୍ପିଟାଲକୁ ଯିବାକୁ ପଡ଼ିବନାହିଁ । ରୋଗୀଙ୍କୁ ଜିଲ୍ଲା ଚିକିତ୍ସାଳୟରେ ହିଁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ମିଳି ପାରିବ । ଜିଲ୍ଲାର ରୋଗୀ ସୁପର ସ୍ପେସିଆଲିଷ୍ଟ ଡ଼ାକ୍ତରଙ୍କ ନିକଟରୁ ଚିକିତ୍ସା ସୁବିଧା ପାଇପାରୁଥିବାରୁ ଖୁସି ବ୍ୟକ୍ତ କରିଛନ୍ତି । ଏହି ଅବସରରେ ସିଡିଏମଓ ଡାକ୍ତର ଡୋଳାମଣି ପ୍ରଧାନ, ଡାକ୍ତର ବ୍ରଜବନ୍ଧୁ ଦାସ, ଡାକ୍ତର ନିହାର ରଞ୍ଜନ ପ୍ରହରାଜ, ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଡାକ୍ତର କବିତା ସ୍ୱାଇଁ, ଡାକ୍ତର ସପନ କୁମାର ଡିଣ୍ଡା, ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା, ଡାକ୍ତର ସୁବ୍ରତ କୁମାର ଜେନାଙ୍କ ସମେତ ଡିପିଏମ୍ ଡ଼ଃ ମୌସୁମୀ ମିଶ୍ର, ମେଡିକାଲ ମ୍ୟାନେଜର ସୁଶାନ୍ତ କୁମାର ବିଶ୍ୱାଳ ଓ ବିଶ୍ୱଜିତ ଉପସ୍ଥିତ ଥିଲେ।

# ଚୋରି ଅଭିଯୋଗରେ ୬ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଚୋରି କରିଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସିଆରପି ମୁଣ୍ଡା ସାହିର ରାକେଶ ମୁଖୀ ଓରଫ୍ ପାଣ୍ଡୁ (୨୨), ଏସକେ ଅବଦୁଲ ୱାହାବ ଓରଫ୍ ବାସା (୩୧), ବୈଦେଶ୍ୱର ଥାନା ମଧୁପଲ୍ଲୀର ପ୍ରହଲ୍ଲାଦ ବେହେରା (୧୯), ବେଗୁନିଆ ଥାନା କେନ୍ଦୁପଲ୍ଲୀର ବ୍ରଜବନ୍ଧୁ ସେନାପତି ଓରଫ୍ ଅନିଲ (୨୯), ପ୍ରଦୀପ ଜେନା (୨୫) ଓ ପଣ୍ଡାକୁଦିଆ ବସ୍ତିର ରବୀନ୍ଦ୍ର ରାଉତ ଓରଫ୍ ରବି (୫୪)। ପୁଲିସ ସୂଚନା ମୁତାବକ, ବାଲକାଟି ଅଞ୍ଚଳରେ ନିରଞ୍ଜନ ମହାରଣା ଗତ କାଲି ସନ୍ଧ୍ୟାରେ ସିଆରପି ମୁଣ୍ଡା ସାହିରେ ଥିବ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଅଟୋଟିକୁ ସର୍ଭିସ ରାସ୍ତାରେ ରଖି ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ପାଣ୍ଡୁ ଓ ବାସା ଅଟୋରୁ ବ୍ୟାଟେରି ଚୋରିକରି ନେଇଥିଲେ। ଅଭିଯୋଗ ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ଇସ୍କନ ବସ୍ତିରୁ ପାଣ୍ଡୁ ଓ ବାସାକୁ କାବୁ କରିବା ସହ ବ୍ୟାଟେରି ଜବତ କରିଥିଲେ।

ଏସ୍ଆର୍ ଇଞ୍ଜିନିୟର୍ସର ସୁପର ଭାଇଜର ରଶ୍ମିରଞ୍ଜନ ରାଉତ କୋଳଥିଆ ସ୍ଥିତ ଶ୍ରୀରାମ ଏନକ୍ଲେଭରେ ଏକ ଜେନେରେଟର ରଖିଥିଲେ। ଗତମାସ ୩୦ ତାରିଖ ମଧ୍ୟାହ୍ନରେ ପ୍ରହଲ୍ଲାଦ, ବ୍ରଜବନ୍ଧୁ ଓ ପ୍ରଦୀପ ମିଶି ଜେନେରେଟରକୁ ଚୋରିକରି ଅଟୋ ଯୋଗେ ନେଇ ଯାଇଥିଲେ। ଏନେଇ ଅଭିଯୋଗ ହେବାପରେ ଭରତପୁର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ଜେନେରେଟର ଓ ଅଟୋ ଜବତ କରିଥିଲା। ପଣ୍ଡାକୁଦିଆ ବସ୍ତିରେ ଥିବା ଏକ ନିର୍ମାଣଧୀନ ପ୍ରକଳ୍ପରୁ ରବୀନ୍ଦ୍ର ଲୁହା ଛଡ ଓ ୧୨,୦୦୦ ଟଙ୍କା ଚୋରି କରି ନେଇଥିଲା। ସୁପର ଭାଇଜର ଆର୍ତ୍ତତ୍ରାଣ ପେଣ୍ଠୋଇ ଏନେଇ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ରବୀନ୍ଦ୍ରକୁ ଗିରଫ କରିବା ସହ ୩୦ଟି ଲୁହାଛଡ଼ ଓ ପ୍ଲାଏ ଜବତ କରିଥିଲା।

# ଦୀପାବଳିରେ ଗାଇଡ୍‌ଲାଇନ୍ ନମାନିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର (ପିପିଏସ୍):** ଦୀପାବଳିରେ ଗାଇଡ୍‌ଲାଇନ୍ ନମାନିଲେ ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପୁଲିସ। ଏଥିପାଇଁ ସତନ୍ତ୍ର ଟିମ୍ ଗଠିତ ହୋଇଛି। ଦୀପାବଳି ଦିନ ରାତିରେ ରାଜଧାନୀରେ ୨୨ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବ। ସେମାନେ ବିଭିନ୍ନ ଛକ ଏବଂ ବଜାର ଘାଟରେ ଜଗିବେ। ଆହୁରି ମଧ୍ୟ ଅମାନିଆ ଉତ୍ପାତ କଲେ ସେମାନଙ୍କୁ ଏହି ଫୋର୍ସ ସାବାଡ଼ କରିବେ। ବିଶେଷ କରି ମଦୁଆ ଏବଂ ଅମାନିଆ ଉତ୍ପାତ କରିବାର ସମ୍ଭାବନା ରହିଛି। ଏପରିକି ସେମାନେ ମଦ ପିଇ ଦୀପାବଳି ରାତିରେ ମହିଳା ଏବଂ ଯୁବତୀଙ୍କୁ ଅସଦାଚରଣ କରନ୍ତି। ତେଣୁ ପୁଲିସ ଏହି ମଦୁଆଙ୍କୁ ସାବାଡ଼ କରିବା ପାଇଁ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି। କେଉଁଠି ଅଘଟଣ ଘଟିଲେ ତୁରନ୍ତ ସେଠାରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବ। ମଦୁଆମାନେ ମଦ ପିଇ ଗଣ୍ଡଗୋଳ କଲେ ତୁରନ୍ତ ଏହି ଟିମ୍ ପହଞ୍ଚି ସେମାନଙ୍କୁ କାବୁ କରି ଥାନାକୁ ଆଣିବେ। ଆହୁରି ମଧ୍ୟ ମହିଳାଙ୍କୁ ସୁରକ୍ଷା ଦେବାକୁ ମଧ୍ୟ ଟିମ୍‌କୁ କୁହାଯାଇଛି। ସ୍ପେଶାଲ ଟିମ୍‌ରେ ଥିବା ସଦସ୍ୟମାନେ ଗଳି କନ୍ଦି ଏବଂ ବଜାର ଘାଟ ବୁଲିବେ। ସେଠାରେ ଯଦି ମହିଳାଙ୍କୁ ଅଶ୍ଳୀଳ ଇଙ୍ଗୀତ ଏବଂ ଅସଦାଚରଣ କରନ୍ତି, ତୁରନ୍ତ ସେମାନଙ୍କୁ ବାନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ଅମାନିଆ ଦୀପାବଳୀ ଦିନ ରାଗ ସୁଝାନ୍ତି। ସେମାନେ ଜାଣିଶୁଣି ବମ୍ ଅନ୍ୟ ଘର ଉପରକୁ ପକାନ୍ତି। ଫଳରେ ଅଗ୍ନିକାଣ୍ଡ ଏବଂ ଅନ୍ୟାନ ଦୁର୍ଘଟଣା ଘଟିଥାଏ। ତେଣୁ ଏଭଳି କେହି କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି କେହି କରୁଥିଲେ ତୁରନ୍ତ ୧୧୨କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ସବୁ ଥାନା ଅଧିକାରୀଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ଦୀପାବଳି ରାତିରେ କିଛି ଅଘଟଣ ଘଟିବା ନେଇ ଖବର ମିଳେ ତୁରନ୍ତ ସେଠାରେ ପହଞ୍ଚିବାକୁ କୁହାଯାଇଛି। ପହଞ୍ଚିବା ପରେ ଆହତଙ୍କୁ ମେଡ଼ିକାଲ ନେବାକୁ କୁହାଯାଇଛି। ସେହିପରି ଚୋରି ରୋକିବାକୁ ପାଟ୍ରୋଲିଂ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


ଦୁଇ ଘଣ୍ଟା ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ତେଣୁ ଯଦି କେହି ବ୍ୟକ୍ତି ନିୟମ ନମାନି ବାଣ ଫୁଟାନ୍ତି ତେବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଥାନାକୁ କୁହାଯାଇଛି। ଦିପାବଳୀ ଦିନ ଏକାଧିକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଗାଡ଼ି ଦୁର୍ଘଟଣା ଠାରୁ ଆରମ୍ଭ କରି ବାଣ ପଡି ପୋଡ଼ି ଯିବା ଭଳି ଘଟଣା ପୂର୍ବ ଦିନମାନଙ୍କରେ ଦେଖିବାକୁ ମିଳିଛି। ତେଣୁ କାହାର ଜୀବନ ହାନୀ ନହେବ ତାହାର ବ୍ୟବସ୍ଥା ପୁଲିସ କହିଛି। ଆମ୍ବୁଲାନ୍ସ ସଜାଗ କରି ରହିବା ସହ ଡାକ୍ତରମାନଙ୍କୁ ଆଲର୍ଟରେ ରହିବାକୁ ପୁଲିସ ପରାମର୍ଶ ଦେଇଛି। ଯେପରି ଦୁର୍ଘଟଣା ହେଲେ ଲୋକଙ୍କୁ ତୁରନ୍ତ ଚିକିତ୍ସା କରାଯାଇ ପାରିବ ସେନେଇ ଡିସିପି କହିଛନ୍ତି। ସେହିପରି ଅଗ୍ନିଶମ ବିଭାଗ ମଧ୍ୟ ଅଘଟଣର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି। ସେଣ୍ଟ୍ରୋଲ ରେଞ୍ଜ, ଉତ୍ତରାଞ୍ଚଳରେଞ୍ଜ ଏବଂ ଦକ୍ଷିଣାଞ୍ଚଳ ରେଞ୍ଜ ଭାବେ ସକ୍ରିୟ ରହିବେ ଅଗ୍ନିଶମ ବିଭାଗ। ଟ୍ୱିନ୍ ସିଟିରେ ୭ଟି ଫାୟାର ଷ୍ଟେସନ କରିବ ଅଗ୍ନିଶମ ବିଭାଗ।

# ଫେରାର ଶିକ୍ଷକଙ୍କୁ ଧରିଲା ପୁଲିସ



**ଭୁବନେଶ୍ୱର (ପିପିଏସ୍):** ଧଉଳି ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ଥିବା ଟିଉସନ ଶିକ୍ଷକଙ୍କୁ ଗୁରୁବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଉଦ୍ଧାର ଛାତ୍ରୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଶିକ୍ଷକ ହେଲେ କେନ୍ଦୁଝର ଘସିପୁରା ଅଞ୍ଚଳର ରାଜୀବ ଲୋଚନ ସେଠୀ। ଖବରନେବାରେ ଜଣାପଡ଼ିଛି ଏହି ଥାନା ଶିଶୁପାଳଗଡ଼ ଅଞ୍ଚଳରେ ରାଜୀବ ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ଘରକୁ ପଢ଼ାଇବାକୁ ଆସୁଥିଲେ। ସେ ଉକ୍ତ ଛାତ୍ରୀଙ୍କୁ ୫ ବର୍ଷ ଧରି ପଢ଼ାଉଥିଲେ। ମାତ୍ର ଗତ ୧୪ ତାରିଖରେ ଘରେ କେହି ନଥିବାର ସୁଯୋଗ ପାଇ ଛାତ୍ରୀଙ୍କୁ ନେଇ ଫେରାର ହୋଇଥିଲେ ରାଜୀ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଘସିପୁରାରୁ ଟିଉସନ ଶିକ୍ଷକଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ।

# ରାଜଧାନୀରେ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ




**ଭୁବନେଶ୍ୱର (ପିପିଏସ୍):** କୁଆଡ଼େ କିଛି ନାହିଁ। ହଠାତ୍ ରାଜଧାନୀ ସହରର ପ୍ରମୁଖ ରାସ୍ତାରେ ଭିଡ଼ ଏତେମାତ୍ରାରେ ବଢ଼ି ଯାଉଛି ଯେ, ଶହେ ମିଟର ଯିବା ପାଇଁ ଘଣ୍ଟାଏ ସମୟ ଲାଗୁଛି। ବିଶେଷକରି ପୂଜା ପର୍ବାଣି ସମୟରେ ଏବଂ ସରକାରୀ କାର୍ଯ୍ୟଦିବସ ସମୟରେ ରାଜଧାନୀ ରାସ୍ତାଘାଟ ଜାମ୍ ହୋଇଯାଉଛି। ଶହେ, ଦୁଇଶହ ମିଟର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ମାଳମାଳ ଗାଡ଼ି ମୋଟର ଠିଆ ହୋଇ ରହୁଛି। ସେହିଭଳି ୧୬ ନମ୍ବର ଜାତୀୟ ରାଜପଥର ବରମୁଣ୍ଡାରୁ ରସୁଲଗଡ଼ ମଧ୍ୟରେ ଅଧିକାଂଶ ସମୟରେ କିଲୋମିଟର, ଦୁଇ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ମୋଟର ଜମି ରହିବା ଦ୍ୱାରା ଯାତାୟାତ ସାଂଘାତିକ ଭାବେ ବାଧାପ୍ରାପ୍ତ ହେଉଛି। କଟକରୁ ଖୋର୍ଦ୍ଧା ଯାଉଥିବା ଗାଡ଼ିମୋଟରଗୁଡ଼ିକ ଘଣ୍ଟାଘଣ୍ଟା ଧରି ଅଟକି ରହିବା ସହ ଯାତ୍ରୀମାନେ ସମସ୍ୟା ଭୋଗୁଛନ୍ତି। ଗୁରୁବାର ଭୁବନେଶ୍ୱରର କଟକ-ପୁରୀ ରୋଡ଼ରେ ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଚାନକ କଳ୍ପନା ଛକରୁ ବମିଖାଲ ଫ୍ଲାଏଓଭର ବ୍ରିଜ୍ ପର୍ଯ୍ୟନ୍ତ ହଜାର ହଜାର ଯାନବାହାନ ଅଟକି ରହିଥିଲା। ଲୋକେ ଯାତାୟାତ କରିବା ପାଇଁ ସମସ୍ୟା ହୋଇ ନ ଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ, ସରକାରୀ କର୍ମଚାରୀମାନେ ଘଣ୍ଟାଏ ଧରି ରାସ୍ତାରେ ଅଟକି ରହିଥିଲେ। ଏମିତି କି ଏହି ଅଞ୍ଚଳର ଲୋକେ ଜରୁରୀ କାମ ପାଇଁ ଘରୁ ବାହାରି ପାରି ନ ଥିଲେ। ଏତେ ଭିଡ଼ ମଧ୍ୟରେ ଆମ୍ବୁଲାନ୍ସଠାରୁ ଆରମ୍ଭ କରି ବିଭିନ୍ନ ଜରୁରିକାଳୀନ ସେବା ପ୍ରଦାନ କରୁଥିବା ଯାନବାହାନ ମଧ୍ୟ ଅଟକି ରହିଥିଲା। ଦୋକାନବଜାରରେ କାରବାର ମଧ୍ୟ ଗୁରୁତର ଭାବେ ହ୍ରାସ ପାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ଦୋକାନୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁର୍ବଳ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସବୁଠୁ ବଡ଼କଥା ହେଉଛି ଯାନବାହାନଗୁଡ଼ିକୁ ରାସ୍ତା ଉପରେ ରଖିଦେଇ ଲୋକେ ଚାଲି ଯାଉଥିବାରୁ ରାସ୍ତା ସଙ୍କୁଚିତ ହେଉଛି ଏବଂ ଯାତାୟତ ସମସ୍ୟା ସୃଷ୍ଟି ହେଉଛି। ଅନେକ କ୍ଷେତ୍ରରେ ଅମାନିଆ ଗାଡ଼ି ଚାଳକମାନେ ଭୁଲ ଦିଗରେ ଗାଡ଼ି ନେଉଥିବାରୁ ଦୁର୍ଘଟଣା ଘଟୁଛି ଏବଂ ଘଣ୍ଟାଘଣ୍ଟା ଧରି ରାସ୍ତା ଜାମ ହେଉଛି ବୋଲି ଅଭିଯୋଗ ହେଉଛି।

# ଟ୍ରକ୍ ଚାଳକଙ୍କଠାରୁ ଲୁଟ୍ ଉଦ୍ୟମ; ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଟ୍ରକ୍ ଚାଳକକୁ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିଡ଼ାମଡ଼ାର ବିକାଶ ବେହେରା (୨୭)। ଏକ ଟ୍ରକ୍ ଛତାବର ସ୍ଥିତ ୟୁନିକ ପ୍ୟାକେଜିଂ କମ୍ପାନୀକୁ ଆସୁଥିଲା। ବିକାଶ ଉକ୍ତ ଟ୍ରକକୁ ରାସ୍ତାରେ ଜୋରଜବରଦସ୍ତ ଅଟକାଇବା ସହ ଡ୍ରାଇଭର ମନୋଜ ରାୟଙ୍କୁ ଆକ୍ରମଣ କରିଥିଲା। ଏଥିସହିତ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟି ନେବା ଲାଗି ଉଦ୍ୟମ କରିଥିଲା। ସେହି ସମୟରେ କମ୍ପାନୀର ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା ଓ ସ୍ଥାନୀୟ ଲୋକମାନେ ତାକୁ ଅଟକ ରଖିବା ସହ ପିସିଆର ଜିମା ଦେଇଥିଲେ। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ବିକାଶ ନିୟମିତ ଭାବେ ମଦ୍ୟପାନ କରି ସ୍ଥାନୀୟ ଅଞ୍ଚଳ ଦେଇ ଯାଉଥିବା ଲୋକଙ୍କ ଠାରୁ ଜୋରଜବରଦସ୍ତ ଟଙ୍କା ଆଦାୟ କରିବା, ମୋବାଇଲ୍ ଲୁଟ କରିବା ଓ ମହିଳା ମାନଙ୍କ ପ୍ରତି ଅଶୋଭନୀୟ ଆଚରଣ କରିବା ଭଳି ଅପରାଧରେ ଜଡ଼ିତ ଥିବା ତଦନ୍ତ ବେଳେ ଜଣାପଡ଼ିଛି। ବିକାଶ ନାମରେ ପୂର୍ବରୁ ମଧ ଚନ୍ଦକା ଥାନାରେ ୨ ଟି ମାମଲା ରହିଥିବା ପୁଲିସ କହିଛି।

# କଳା ପ୍ରଦର୍ଶନୀ ‘ସୃଷ୍ଟି-୮’ ଉଦ୍‌ଘାଟିତ



**ଭୁବନେଶ୍ୱର (ପିପିଏସ୍):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟକଳା ବିଭାଗ ଆନୁକୂଲ୍ୟରେ ବାର୍ଷିକ କଳା ପ୍ରଦର୍ଶନୀ ‘ସୃଷ୍ଟି-୮’ ଲଳିତ କଳା ଏକାଡେମୀରେ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ପ୍ରଦର୍ଶନୀରେ ସ୍ଥାନିତ ଛାତ୍ରଛାତ୍ରୀମାନଙ୍କ କଳାକୃତିକୁ ପ୍ରଶଂସା କରିଛନ୍ତି। ବରିଷ୍ଠ କଳା ବିଶେଷଜ୍ଞ ତଥା ଗବେଷକ ଡ. ଅଲେଖ ଚରଣ ସାହୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଏହି ପ୍ରୟାସ ଫଳରେ ଯୁବ ଶିଳ୍ପୀ ପ୍ରତିଭାମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି ବୋଲି ମତବ୍ୟକ୍ତ କରିଥିବା ବେଳେ ଲଳିତକଳା ଏକାଡେମୀର ଆଞ୍ଚଳିକ ସଚିବ ରାମକୃଷ୍ଣ ବେଦଲା ଏହିଭଳି ପ୍ରଦର୍ଶନ ଯୁବଶିଳ୍ପୀମାନଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ମତ ଦେଇଥିଲେ। ଏହି ପ୍ରଦର୍ଶନୀରେ ଚିତ୍ରକଳା, ଭାସ୍କର୍ଯ୍ୟ, ମୁଦ୍ରଣ କଳା ଓ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତିଗୁଡିକୁ ସ୍ଥାନିତ କରାଯାଇଛି। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଡ. ପଞ୍ଚାନନ ସାମଲ, ପ୍ରଫେସର ସମ୍ବରୁ ଶୋଭରା, ସହଯୋଗୀ ପ୍ରଫେସର ଉମେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ।

# ପଟିଆ ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ପଟିଆ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନଙ୍କ ଉଦେଶ୍ୟରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଏକ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ବୁଧବାର ପ୍ରଥମ ଦିନରେ କଳା ବିଭାଗର ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଉପସଚିବ ଅମିତ କୁମାର ନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। କଳା ବିଭାଗର ୯ ଜଣ ବିଭାଗୀୟ ମୁଖ୍ୟ ନୂତନ ବିଦ୍ୟାର୍ଥୀଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟଦିନ ଗୁରୁବାର ମୁଖ୍ୟ ଅତିଥି ଭାବେ କେପ ଜେମିନି ଆଇଟି କମ୍ପାନୀର ଅଧିକାରୀ ଇଂ ପ୍ରଣୟ ପ୍ରିୟଙ୍କାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଶୈକ୍ଷିକ ପରାମର୍ଶଦାତା ଡ଼ଃ ଗିରିଶ ପ୍ରସାଦ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ସ୍ରୋତର ୬ଟି ସ୍ନାତକ ବିଭାଗ ଓ ପ୍ରାଣୀ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ବିଦ୍ୟାର୍ଥୀ ମାନଙ୍କ ପରିଚୟ ବିଭାଗୀୟ ମୁଖ୍ୟମାନେ ପ୍ରଦାନ କରିଥିଲେ। ଉଭୟଦିନ ମହା ବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରଶାନ୍ତ ରାଉତ ମହାବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା, କୃତି ଓପ୍ରଗତିକୁ ବିଶ୍ଳେଷଣ କରିଥିଲେ। ଅଧ୍ୟାପକ ଏବଂ ଅଧ୍ୟାପିକା ଯଥା ପ୍ରବୀଣ କୁମାର ସାହୁ, ଗୀତାଞ୍ଜଳି ବେହେରା, ମାଳବିକା ବ୍ରହ୍ମା, ଗାର୍ଗୀ ବାନାର୍ଜୀ, ଡ଼ଃ ସ୍ୱାତୀ ପଟ୍ଟନାୟକ, ଅଭିପ୍ସା ପଣ୍ଡା ଓ ସୁନୀଲ ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଉଚ୍ଛେଦ ପ୍ରତିବାଦରେ ଆନ୍ଦୋଳନ: ପୁଲିସ୍-ଉଠାଦୋକାନୀଙ୍କ ଧସ୍ତାଧସ୍ତି



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱରର ଉଠା ଦୋକାନୀମାନେ ଗୁରୁବାର ମେୟରଙ୍କ ବାସ ଭବନ ଘେରାଉ କରିଛନ୍ତି। ବିଭିନ୍ନ ସ୍ଥାନରୁ ଉଠା ଦୋକାନୀଣାନଙ୍କୁ ଉଚ୍ଛେଦ କରିବା ପ୍ରତିବାଦରେ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠା ଦୋକାନୀ ମହାସଂଘ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଛି। କଳ୍ପନା ଛକରୁ ଏକ ବିରାଟ ଶୋଭାଯାତ୍ରା ବାହରି ମେୟରଙ୍କ ବାସ ଭବନ ଅଭିମୁଖେ ଯିବା ସମୟରେ ପୁଲିସ୍ ସହିତ ଧସ୍ତାଧସ୍ତି ହୋଇଛି। ମହାସଂଘର ଉପ ସଭାପତି ନିରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ପ୍ରଦୀପ ସାହୁ, ହରିପଦ ଦାସ, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁ, ମଞ୍ଜୁଲତା ସାହୁ ପ୍ରମୁଖ ବିଏମ୍‌ସି ଭେଣ୍ଡିଂଜୋନ ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ସହିତ ଆଲୋଚନା କରିଥଲେ। ଉଠାଦୋକାନ ଉଚ୍ଛେଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ନୂତନ ଟାଉନ୍ ରେଣ୍ଡିଂ ଜୋନ ଗଠନ, ୬୭ଟି ୱାର୍ଡ଼ରେ ଟାଉନ୍ ଲେଣ୍ଡିଂ କମିଟି ଗଠନ, ଫୁଟପାଥର ଏକ ତୃତୀୟାଂଶ ସ୍ଥାନକୁ ଉଠଦୋକାନୀଙ୍କ ପାଇଁ ସଂରକ୍ଷଣ, ପ୍ରବାସୀ ଭାରତୀୟ ବିଶ୍ୱ ହକି ଖେଳ ସମୟରେ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ, ଉଠାଦୋକାନୀଙ୍କୁ ଭେଣ୍ଡିଂ ସାର୍ଟିଫିକେଟ ଓ ଲାଇସେନ୍ସ ପ୍ରଦାନ, ଋଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ଉଠାଦୋକାନୀଙ୍କ ଠାରୁ ୟୁଜର ଫି. ଟ୍ରେଡ, ଲାଇସେନ୍, ଗ୍ରାଉଣ୍ଡ ରେଣ୍ଟ ଆଦି ଆଦାୟ, ଉଚ୍ଛେଦ ସମୟରେ ମହାସଂଘର ସହାୟତା ନିଆଯାଉ ବୋଲି ଦାବି କରିଛନ୍ତି। ଏଥିସହିତ ଅନୁରୂପ ଭାବେ ମୋଟ ୧୯ ଦଫା ଦାବିପତ୍ରକୁ ଡ଼େପୁଟି କମିସନରଙ୍କୁ ପ୍ରଦାନ କରିଛନ୍ତି। ଯେଉଁମାନଙ୍କର ଦୋକାନ ଉଚ୍ଛେଦ କରାଯିବ ସେମାନଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରାଯିବା ସହ ପାଣି, ଶୌଚାଳୟ, ବିଜୁଳିର ବ୍ୟବସ୍ଥା କରାଯିବ ବୋଲି କମିସନର ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ୱର୍ଣ୍ଣଭୂମି ନୃତ୍ୟ ଓ ସଙ୍ଗୀତ ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ସାଂସ୍କୃତିକ ଅନୁଷ୍ଠାନ ସ୍ୱର୍ଣ୍ଣଭୂମି ପକ୍ଷରୁ ‘ସ୍ୱର୍ଣ୍ଣଭୂମି ନୃତ୍ୟ ଓ ସଙ୍ଗୀତ ମହୋତ୍ସବ’ ଗୁରୁବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆଲୋକ ଦାସ, ବିଜେପି ଜିଲ୍ଲା ଉପସଭାପତି ପ୍ରୀତିପ୍ରତିଭା ଭୋଳ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବିତ୍ତ ନିୟନ୍ତ୍ରକ ମିତାଲି ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ‘ବାଦ୍ୟ ସ୍ୱର୍ଣ୍ଣାଭ’ ଓ ଗୁରୁ ମନୋରଞ୍ଜନ ପ୍ରଧାନଙ୍କୁ ‘ନୃତ୍ୟ ସ୍ୱର୍ଣ୍ଣାଭ’ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ସଚ୍ଚିଦାନନ୍ଦ ଦାସ ମର୍ଦ୍ଦଳ ବାଦନ କରି ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲେ। ଏହାପରେ ଅନୁଷ୍ଠାନର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ପ୍ରଶାନ୍ତ ବେହେରା। ସେହିଭଳି ଗୁରୁ ଅଂଶୁମାନ ମିଶ୍ରଙ୍କ ତତ୍ତ୍ୱାବଧାନରେ ‘ପ୍ରଦକ୍ଷିଣା’ ଅନୁଷ୍ଠାନର କଳାକାରମାନେ ଓ ଗୁରୁ ରୋଜାଲିନ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ‘ଦେବଦାସୀ’ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କ୍ଲଷ୍ଟର୍‌ସ୍ତରୀୟ ସୁରଭି ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଗାଡ଼କଣ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଡକଣ କ୍ଲଷ୍ଟର ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷିକାମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୧୨ ନମ୍ବର ୱାର୍ଡର କର୍ପୋରେଟର ଜୟନ୍ତୀ ସାହୁ, ମୁଖ୍ୟବକ୍ତା ଭାବେ ରେଲୱେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି, ସଭାପତି ରବିନାରାୟଣ ଦାସ, ରେଲୱେ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମାତୁଲ କରିମ ପ୍ରମୁଖ ଯୋଗଦେଇ ମୂଲ୍ୟ ବୋଧ ଶିକ୍ଷା, ଜାତୀୟ ଶିକ୍ଷାନୀତି ଉପରେ ମତବ୍ୟକ୍ତ କରିଥିଲେ।

# ଦୁର୍ଘଟଣାରେ ମାମୁ, ଭଣଜା ଗୁରୁତର

**ଭୁବନେଶ୍ୱର (ପିପିଏସ୍):** ଉତ୍ତରା-ବାଳକାଟି ରାସ୍ତା ମଦ କାଉଣ୍ଟର ନିକଟରେ ଏକ ସଡକ ଦୁର୍ଘଟଣାରେ ମାମୁ ଭଣଜା ଗୁରୁତର ଆହତ ହୋଇଛନ୍ତି। ବାଳକାଟି ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଇଁ ପ୍ରଭାସ ବାରିକ ଘରକୁ ଫେରୁଥିବା ବେଳେ ଗୁରୁତର ଆହତଙ୍କୁ ସ୍ଥାନୀୟ ବାଳକାଟି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ ଉଭୟ ସୁସ୍ଥ ଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ପିପିଲି ପୋପରଙ୍ଗା ଅଞ୍ଚଳର ସମୀର ସ୍ୱାଇଁ ତାଙ୍କ ଭଣଜା ନିଆଳି ଅଞ୍ଚଳର ପୀୟୂଷ ପଟ୍ଟସାଣିଙ୍କୁ ଛାଡିବାକୁ ଯାଉଥିଲେ। ସନ୍ଧ୍ୟା ପ୍ରାୟ ୭ ଟାରେ ମଦ କାଉଣ୍ଟର ନିକଟରେ ଜଣେ ବାଇକ୍ ଚାଳକ ହଠାତ ରାସ୍ତା ଉପରକୁ ଚାଲି ଆସିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମାମୁଁ ଓ ଭଣଜା ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ।

# ଚୂନକୋଳି ବସ୍ତି ହତ୍ୟା ସମ୍ପର୍କରେ ସୁରାକ୍ ପାଇଛି ପୁଲିସ !

**ଭୁବନେଶ୍ୱର (ପିପିଏସ୍):** ଚନ୍ଦ୍ରଶେଖରପୁର ଥାନା ଚୂନକୋଳି ବସ୍ତିରେ ଘଟିଥିବା ହତ୍ୟାକାଣ୍ଡର ସୁରାକ ପାଇଛି ପୁଲିସ। ପୁଲିସ ମୃତ ବ୍ୟକ୍ତିଙ୍କ ପରିଚୟ ପାଇ ନ ଥିବା ବେଳେ ହତ୍ୟାକାରୀ ସାଇକୋ କିଲର ସମ୍ପର୍କରେ ସୂଚନା ପାଇଛି। ପୁଲିସ ଏହି ସୂଚନା ଆଧାରରେ ସାଇକୋ କିଲରକୁ ଖୋଜିଛି। ହତ୍ୟା ସମୟରେ ଜଣେ ତୃତୀୟ ଲିଙ୍ଗୀ ବ୍ୟକ୍ତି ଦେଖିଥିବା ଚର୍ଚ୍ଚା ହେଉଛି। ଏହି ତୃତୀୟ ଲିଙ୍ଗୀ ବ୍ୟକ୍ତିଙ୍କୁ ପୁଲିସ ପଚରାଉଚରା କରିବା ପରେ ଅନେକ ତଥ୍ୟ ମିଳିଛି। ଯେଉଁ ସ୍ଥାନରେ ହତ୍ୟା ହୁଏ ସେଠାରେ ରାତିରେ ତୃତୀୟ ଲିଙ୍ଗୀମାନେ ଛିଡ଼ା ହୁଅନ୍ତି। ସେମାନେ ରାତି ୭ରୁ ୧୨ ପର୍ଯ୍ୟନ୍ତି ଛିଡ଼ା ହୋଇଥାନ୍ତି। ଏହି ହତ୍ୟାକାଣ୍ଡ ମଧ ୧୦ରୁ ୧୧ଟା ଭିତରେ ହୋଇଛି। ତେଣୁ ଜଣେ ତୃତୀୟ ଲିଙ୍ଗୀ ବ୍ୟକ୍ତି ସାଇକୋ କିଲରକୁ ଦେଖିବାକୁ କୁହାଯାଉଛି। ପୁଲିସ ଏହି ସାଇକୋ କିଲରକୁ ଧରିବାକୁ ଉଦ୍ୟମ କରୁଛି। ହତ୍ୟା ପରେ ଏହି ସାଇକୋ କିଲର ଗ୍ରାମକୁ ପଳାଇ ଯାଉଛି। ବଡ଼ କଥା ହେଲା ଏହି ସାଇକୋ କିଲର ମଞ୍ଚେଶ୍ୱର ରେଲୱେ ପଡ଼ିଆ ଶୌଚାଳୟ ପଛରେ ହୋଇଥିବା ହତ୍ୟା ପଛରେ ଏହି ସାଇକୋ କିଲରର ହାତ ଥିବା ସନ୍ଦେହ କରାଯାଉଛି। କାରଣ ସମାନ ଢଙ୍ଗରେ ସେ ମୁଣ୍ଡକୁ ଛେଚି ହତ୍ୟା କରିଛି। ରେଲୱେ ପଡ଼ିଆରୁ ଠାବ ହୋଇଥିବା ମୃତ ବ୍ୟକ୍ତିର ଏହିଭଳି ମୁଣ୍ଡକୁ ପିଟି ହତ୍ୟା କରାଯାଇଥିଲା। ତେଣୁ ଏହି ଦୁଇଟି ହତ୍ୟା ପଛରେ ଏହି ସାଇକୋ କିଲରର ହାତ ରହିଥିବା କୁହାଯାଉଛି। ପୁଲିସ ଉଭୟମାମଲାକୁ ଗୁରୁତର ସହ ନେଇ ତଦନ୍ତ କରୁଛି। ରେଲୱେ ପଡ଼ିଆରେ ହୋଇଥିବା ହତ୍ୟା ସ୍ଥାନରେ ମଧ ଏହି ତୃତୀୟ ଲିଙ୍ଗୀ ରାତିରେ ଛିଡ଼ା ହୁଅନ୍ତି। ତେଣୁ ଏହା ପଛରେ ଏକ ରହସ୍ୟ ରହିଛି। କାରଣ ଯେଉଁ ସ୍ଥାନରେ ତୃତୀୟ ଲିଙ୍ଗୀ ରାତିରେ ଛିଡ଼ା ହେଉଛନ୍ତି ସେଠାରେ ହତ୍ୟା ହେଉଛି। ତେଣୁ ପୁଲିସ ପାଇଁ ଏହି ସାଇକୋ କିଲରକୁ ଧରିବା ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଯାଇଛି। ଆହୁରି ମଧ ହତ୍ୟାକାରୀ ସାଇକୋ କିଲର ସହର ଭିତରକୁ ଆସୁନି। ଏହାର ଆଖିପାଖରେ ଅନ୍ଧାରୁଆ ସ୍ଥାନରେ ବୁଲି ହତ୍ୟା କରୁଛି। ପୁଲିସ ଏବେ ସନ୍ଦେହ କରୁଛି ଏହି ସାଇକୋ କିଲର ପୂର୍ବରୁ ମଧ ଅନେକ ମାମଲା କରିଛି। କିନ୍ତୁ ତାହା ପୁଲିସ ନଜରକୁ ଆସିନାହିଁ। ବର୍ଷେ ତଳେ ବାରଙ୍ଗ ଷ୍ଟେସନରୁ ଏକ ମୃତଦେହ ଜବତ ହୋଇଥିଲା। ଉକ୍ତ ବ୍ୟକ୍ତିର ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିଲା। ତେଣୁ ଏହି ମାମଲା ପଛରେ ଉକ୍ତ ସାଇକୋ କିଲରର ହାତ ରହିଥିବା ସନ୍ଦେହ କରାଯାଉଛି। ପୁଲିସ ସବୁ ଦିଗକୁ ନେଇ ଏବେ ଖୋଳତାଡ଼ କରୁଛି। ୩ ଦିନ ତଳେ ଯୁବଙ୍କ ମୁହଁ ଏବଂ ମୁଣ୍ଡ ଛେଚା ହୋଇଥିବା ବେଳେ ଉଲଗ୍ନ ଅବସ୍ଥାରେ ମୃତଦେହ ଚୁନକୋଳି ବସ୍ତିରେ ପଡ଼ିଥିଲା। ମୃତଦେହ ନିକଟରେ କିଛି ଟଙ୍କା ଏବଂ ପଥର ପଡ଼ିଥିଲା। ଯାହାକୁ ଫୋରେନ୍‌ସିକ୍ ଟିମ୍ ପରୀକ୍ଷା ପାଇଁ ନେଇଛି। ସ୍ଥାନୀୟ ଲୋକ ଏବଂ ଠିକାଦାର ମୃତଦେହକୁ କେହି ଚିହ୍ନି ପାରିନଥିଲେ।

# କ୍ଲଷ୍ଟରସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ



**ଭୁବନେଶ୍ୱର (ପିପିଏସ୍):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁର କ୍ଲଷ୍ଟରରେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ଆହ୍ୱାନକ୍ରମେ ସିଆର୍‌ସିସି ଅଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ଉମେଶ ସିଂ, ଅପର୍ଣ୍ଣା କୁମାରୀ ବେହେରା, ଲିଟିନା ଖଟେଇ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗୋପୀନାଥ ଦେବ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀ

**ଭୁବନେଶ୍ୱର (ପିପିଏସ୍):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଅବସରରେ ଭୁବନେଶ୍ୱର ୟୁନିଟ ୩ସ୍ଥିତ ଭୀମ ଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟରେ କୁନି କୁନି ପିଲାଙ୍କ ମଧ୍ୟରେ ଜନ୍ମଦିବସ ପାଳନ ସହ ଉପହାର ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଅନେକ ପ୍ରତିଭାର ଅଧିକାରୀ ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଜନ ଓ ଦେଶାତ୍ମକ ବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ସାଧାରଣ ସମ୍ପାଦକ ସଂଜିତ ମହାନ୍ତି, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ବିଜେଡ଼ି ପୂର୍ବତନ ସମ୍ପାଦକ ପୃଥ୍ୱୀରାଜ ସାହୁ, ଯୁବ ନେତା ଶୁଭ୍ରଜିତ ପାଢ଼ୀ, ଅଫତାବ ଆଲାମ, ଶୁଭ୍ରାଂଶୁ ମିଶ୍ର, ସୋଫିୟା ଆଲାମ, ଜ୍ୟୋତ୍ସ୍ନା ପରିଡା, ସୋନାଲି ପ୍ରିୟଦର୍ଶିନୀ, ଦେବଜ୍ୟୋତି ପଟ୍ଟନାୟକ, ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟେରାକୋଟା ପ୍ରଦର୍ଶନୀ ‘ମୃତ୍ତିକା-୨୦୨୫ରେ ଆକର୍ଷଣୀୟ ଦୀପର ଚାହିଦା ବେଶୀ



**ଭୁବନେଶ୍ୱର (ପିପିଏସ୍):** ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଟେରାକୋଟା ପ୍ରଦର୍ଶନୀ ‘ମୃତ୍ତିକା-୨୦୨୫’ ଚତୁର୍ଥ ଦିନରେ ପହଞ୍ଚିଛି। ପ୍ରଦର୍ଶନୀରେ ରଙ୍ଗବେରଙ୍ଗର ଆକର୍ଷଣୀୟ ଦୀପରେ ନିଜ ଘର କିମ୍ବା ଅଫିସ୍‌କୁ ସଜାଇବାକୁ ମନ ପସନ୍ଦର ଦୀପ କିଣୁଛନ୍ତି ଗ୍ରାହକ। ପ୍ରଦର୍ଶନୀରେ ହ୍ୟାଙ୍ଗିଙ୍ଗ୍ ଦୀପ, ଲଣ୍ଠନ ଦୀପ, ଷ୍ଟୋନ୍ ଦୀପ, ଜିଙ୍କ୍, କୁନ୍ଦନ୍ ଦୀପ ଆଦି ବିକ୍ରି ହେଉଛି। ସେହିପରି ଶଙ୍ଖ, ହାତୀ ଓ କଳସୀ ଦୀପଗୁଡ଼ିକ ମଧ ବେଶ୍ ଆକର୍ଷଣୀୟ ହୋଇଛି। ଦୀପ ଗୁଡ଼ିକର ଦାମ୍ ୫ଟଙ୍କାରୁ ଆରମ୍ଭ ହୋଇ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଷ୍ଟୋନ୍ ଦୀପଗୁଡ଼ିକର ଦାମ୍ ଗୋଟାକ ୨୦ ଟଙ୍କାରୁ ଆରମ୍ଭ ହୋଇ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବ୍ରାଇଡାଲ ଦୀପରେ ମହିଳାମାନେ ନବବଧୂ ସମୟରେ ମୁଣ୍ଡରେ ଓଢ଼ଣୀ ଦେଇ ଦୀପ ଧରିଥିବା ଭଳି ମାଟିରେ ନିର୍ମିତ ଏହି କନିଆ ବା ବ୍ରାଇଡ୍ ଦୀପ ମଧ ବେଶ୍ ଆକର୍ଷଣୀୟ ହୋଇଛି। ଏହାର ଆକୃତି ହିସାବରେ ଦାମ୍ ଗୋଟାକ ୧୫୦ଟଙ୍କାରୁ ଆରମ୍ଭ ହୋଇ ଯୋଡ଼ା ୨୦୦ରୁ୨୫୦ ଟଙ୍କା ରହିଛି। ସେହିପରି ଦୀପ ସାଙ୍ଗକୁ ଘରୋଇ ଉପରକରଣ ଯଥା: ମାଟିର ଫୁଲକୁଣ୍ଡ ଠାରୁ ଆରମ୍ଭ କରି ଫୁଲଦାନୀ, ମାଟି ଘୋଡ଼ା, ହାତୀ, ରାଜସ୍ଥାନୀ ବ୍ୟାଣ୍ଡ, ଭିନ୍ନ ଭିନ୍ନ ପ୍ରଜାତିର ଗଛ, ଟେବୁଲ ଲ୍ୟାମ୍ପ, ଧୂପଦାନୀ, କପ୍, ପ୍ଲେଟ୍, ଗ୍ଲାସ୍, ମଗ୍, ମାସ୍କ, ଫ୍ଲୋଟିଙ୍ଗ୍ ପଟ୍, ଝୁଲା କଳସ, ଝୁଲା ଦୀପ, ଝୁଣା ଦାନୀ, ବିଭିନ୍ନ ଦେବଦେବୀଙ୍କ ସୁନ୍ଦର ସୁନ୍ଦର ମୂର୍ତ୍ତି ଭଳି ଅନେକ ଘରକରଣା ସାମଗ୍ରୀ କିଣିବାକୁ ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି।

ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାର ସନ୍ଧ୍ୟାରେ ନିଜର ପତ୍ନୀ ତଥା ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟିଙ୍କ ସହ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଆଦିବାସୀ ମହୋତ୍ସବ ଏବଂ ମୃତ୍ତିକା - ଟେରାକୋଟା ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ରାଜ୍ୟପାଳ ବିଭିନ୍ନ ଷ୍ଟଲ୍ ମାଲିକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟପାଳ ସ୍ଥାନୀୟ କୁମ୍ଭକାରମାନଙ୍କ ଦ୍ୱାରା ତିଆରି ମାଟି ଦୀପ ଜଳାଇ ପରିବେଶ ଅନୁକୂଳ ଏବଂ ପାରମ୍ପରିକ ଉପାୟରେ ଦୀପାବଳି ପାଳନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟପାଳ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଦୀପାବଳି ଶୁଭେଚ୍ଛା ଜଣାଇ ଏକ ଆନନ୍ଦଦାୟକ ଏବଂ ସମୃଦ୍ଧ ପର୍ବ କାମନା କରିଛନ୍ତି।



# ଭୂକମ୍ପରେ ଥରିଉଠିଲା ଫିଲିପାଇନ୍ସ

ମାନିଲା: ଫିଲିପାଇନ୍ସରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଶୁକ୍ରବାର (ଅକ୍ଟୋବର ୧୭, ୨୦୨୫) ମିଣ୍ଡାନାଓ ଅଞ୍ଚଳରେ ୬.୧ ତୀବ୍ରତାର ଭୂମିକମ୍ପ ରେକର୍ଡ କରାଯାଇଛି, ଯାହା ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ (ଏରତ) ଦ୍ୱାରା ନିଶ୍ଚିତ କରାଯାଇଛି। ଗୋଟିଏ ସପ୍ତାହ ପୂର୍ବରୁ, ଫିଲିପାଇନ୍ସର ମିଣ୍ଡାନାଓ ଅଞ୍ଚଳରେ ଏକ ଶକ୍ତିଶାଳୀ ୭.୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ବର୍ତ୍ତମାନ ସେହି ଅଞ୍ଚଳରେ ୬.୧ ତୀବ୍ରତାର ଭୂମିକମ୍ପ ରେକର୍ଡ କରାଯାଇଛି, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ୟୁରୋପୀୟ-ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (EMSC) ଅନୁଯାୟୀ, ଭୂମିକମ୍ପ ୬୨ କିଲୋମିଟର ଗଭୀରତାରେ ହୋଇଥିଲା।

ଫିଲିପାଇନ୍ସର ମିଣ୍ଡାନାଓ ଅଞ୍ଚଳରେ ଅନୁଭୂତ ହୋଇଥିବା ଭୂମିକମ୍ପ ଅନେକ ସ୍କୁଲ କୋଠା ଏବଂ ଏକ ହସ୍ପିଟାଲକୁ କ୍ଷତିଗ୍ରସ୍ତ କରିଛି। ଅନେକ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ଲୋକମାନେ ଖୋଲା ଆକାଶ ତଳେ ରାତି ବିତାଇବାକୁ ବାଧ ହୋଇଛନ୍ତି। କର୍ତ୍ତୃପକ୍ଷ ରିଲିଫ କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ପ୍ରଭାବିତ ଅଞ୍ଚଳକୁ ଡାକ୍ତରୀ ଦଳ ପଠାଯାଉଛି। ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ଭୂମିକମ୍ପ ପରେ ମିଣ୍ଡାନାଓରେ ତୁରନ୍ତ ସୁନାମି ଚେତାବନୀ ଜାରି କରାଯାଇଥିଲା। ବିପଦପୂର୍ଣ୍ଣ ଲହରୀ ଆଶଙ୍କା କରାଯାଇଥିଲା ଏବଂ ଉପକୂଳ ଅଞ୍ଚଳଗୁଡ଼ିକୁ ଖାଲି କରାଯାଇଥିଲା। ତଥାପି, ପରିସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ କିଛି ଘଣ୍ଟା ପରେ ସତର୍କତା ପ୍ରତ୍ୟାହାର କରାଯାଇଥିଲା। ପ୍ରାୟ ୫.୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ଡାଭାଓ ସହର ଭୂମିକମ୍ପର କେନ୍ଦ୍ରସ୍ଥଳର ସବୁଠାରୁ ନିକଟତର ଥିଲା। ସ୍କୁଲ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଖାଲି କରାଯାଇଥିଲା ଏବଂ ବାସିନ୍ଦାମାନଙ୍କୁ ଉଚ୍ଚ ଭୂମିକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ଥାନୀୟ ଅଧିକାରୀମାନେ କହିଛନ୍ତି ଯେ ପରବର୍ତ୍ତୀ ଝଟକାର ସମ୍ଭାବନା ରହିଛି। ଫିଲିପାଇନ୍ସ ବିଶ୍ୱର ସବୁଠାରୁ ଭୂମିକମ୍ପପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ ପ୍ରଶାନ୍ତ ମହାସାଗରୀୟ ବଳୟରେ ଅବସ୍ଥିତ। ପ୍ରତିବର୍ଷ ଏଠାରେ ଡଜନ ଡଜନ ଛୋଟ ଏବଂ ବଡ଼ ଭୂମିକମ୍ପ ଅନୁଭୂତ ହୁଏ, ଯାହା ପ୍ରାୟତଃ ସୁନାମିର ବିପଦ ବହନ କରେ।

# ପରସ୍ପର ବିରୋଧରେ ପ୍ରାର୍ଥୀ ଦେଲେ କଂଗ୍ରେସ-ଆରଜେଡି

ନୂଆଦିଲ୍ଲୀ: ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନର ଶେଷ ଦିନ ଆଜି ଥିବାବେଳେ ବହୁ ସଂଖ୍ୟକ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ଦାଖଲ କରିଥିଲେ। ଏହି ସମୟରେ, ମହାଗଠବନ୍ଧନ ମଧ୍ୟରେ ଆସନ ବଣ୍ଟନ ସମ୍ପର୍କରେ ଚୂଡ଼ାନ୍ତ ଚିତ୍ର ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କିଛି ଆସନରେ, ମହାଗଠବନ୍ଧନର ସାଂଗଠନିକ ଦଳଗୁଡ଼ିକ ପରସ୍ପର ବିରୁଦ୍ଧରେ ପ୍ରାର୍ଥୀ ଦେଇଛନ୍ତି। କହଲଗାଓଁ ଏବଂ ବିହାର ସରିଫ ସମେତ ଅନେକ ଆସନରେ ମହାଗଠବନ୍ଧନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବ। ଆରଜେଡି କହଲଗାଓଁ ବିଧାନସଭା ଆସନ ପାଇଁ ରଜନୀଶ ଯାଦବଙ୍କୁ ମନୋନୀତ କରିଛି। ତାଙ୍କୁ ପ୍ରତୀକ ଦିଆଯାଇଛି। ଅନ୍ୟପକ୍ଷରେ କଂଗ୍ରେସ ଏହି ଆସନ ପାଇଁ ପ୍ରବୀଣ କୁଶୱାହାଙ୍କୁ ପ୍ରାର୍ଥୀ କରିଛି ଏବଂ ତାଙ୍କୁ ପ୍ରତୀକ ମଧ୍ୟ ଦେଇଛି। ସିପିଆଇର ପ୍ରତିନିଧିତ୍ୱ କରୁଥିବା ଶିବ ପ୍ରକାଶ ଯାଦବ ବିହାର ସରିଫରୁ ତାଙ୍କର ନାମାଙ୍କନ ଦାଖଲ କରିଛନ୍ତି। କଂଗ୍ରେସ ମଧ୍ୟ ଏହି ଆସନରୁ ନିଜର ପ୍ରାର୍ଥୀ ଦେଇଛି। ସେହିପରି ଲାଲଗଞ୍ଜ ଆସନରେ ଆରଜେଡିର ଶିବାନୀ ଶୁକ୍ଲା ଏବଂ କଂଗ୍ରେସର ଆଦିତ୍ୟ ରାଜା ମୁହାଁମୁହିଁ ହେଉଛନ୍ତି।

ଉଲ୍ଲେଖ ଥାଉ କି କଂଗ୍ରେସ ଗୁରୁବାର ବିଳମ୍ବିତ ରାତିରେ ବିହାର ବିଧାନସଭା ନିର୍ବାଚନ ପାଇଁ ତାର ପ୍ରଥମ ତାଲିକା ପ୍ରକାଶ କରିଥିଲା । ଏଥିରେ ୪୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ଦଳର ବର୍ତ୍ତମାନର ବିଧାୟକ ଏବଂ ରାଜ୍ୟ କଂଗ୍ରେସ ସଭାପତି ରାଜେଶ ରାମ (କୁଟୁମ୍ବା) ଏବଂ କଂଗ୍ରେସ ବିଧାୟକ ଦଳ ନେତା ଶକିଲ ଅହମ୍ମଦ ଖାନ (କାଡଓ୍ୱା)ଙ୍କୁ ପୁନଃ ପ୍ରାର୍ଥୀ କରାଯାଇଛି। ଆରଜେଡି ସମେତ ଅନ୍ୟ ମହାଗଠବନ୍ଧନ ନିର୍ବାଚନ ମଣ୍ଡଳୀ ସହିତ ଆସନ ବଣ୍ଟନ ପ୍ରକ୍ରିୟା ସମାପ୍ତ ହେବା ପୂର୍ବରୁ ଦଳ ଏହି ତାଲିକା ପ୍ରକାଶ କରିଛି। ଆରଜେଡି ଅନେକ ଆସନ ପାଇଁ ପ୍ରତୀକ ମଧ୍ୟ ବଣ୍ଟନ କରିଛି।

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲ କରିବାର ଆଜି (୧୭ ଅକ୍ଟୋବର) ଶେଷ ତାରିଖ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ଅକ୍ଟୋବର ୨୦ ଯାଏଁ ଅଛି। ବିଧାନସଭା ନିର୍ବାଚନ ନଭେମ୍ବର ୬ ଏବଂ ୧୧ ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ, ନଭେମ୍ବର ୧୪ ରେ ଗଣତି ହେବ।

# ବାୟୁସେନାକୁ ମିଳିଲା ପ୍ରଥମ ସ୍ୱଦେଶୀ ଯୁଦ୍ଧବିମାନ



ନୂଆଦିଲ୍ଲୀ: ଭାରତକୁ ମିଳିଲା ଆଉ ଏକ ସଫଳତା। ଶତ୍ରୁ ପାଇଁ କାଳ ତିଆରି କଲା ଭାରତ। ସ୍ୱଦେଶୀ ଜିନିଷ ବ୍ୟବହାର ଉପରେ ଭାରତ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଏବେ ଭାରତକୁ ଏହାର ପ୍ରଥମ ସ୍ୱଦେଶୀ ଲଢୁଆ ବିମାନ ମିଳିଛି। ଭାରତର ସ୍ୱଦେଶୀ ଲଢୁଆ ବିମାନ, ତେଜସ୍ ଗଳ୧ଇ ଆଜି ସଫଳତାର ସହ ଉଡ଼ାଣ କରିଛି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (HAL)ର ନାସିକ୍ କାରଖାନାରେ ତେଜସ୍‌ର ସଫଳ ପରୀକ୍ଷଣ କରାଯାଇଥିବା ଜଣାଯାଇଛି। ଖଉଇ (ହାଲୁକା ଯୁଦ୍ଧ ବିମାନ) ପାଇଁ HALର ତୃତୀୟ ଉତ୍ପାଦନ କେନ୍ଦ୍ର ଏବଂ HTT-୪୦ ତାଲିମଦାତା ବିମାନ ପାଇଁ ଦ୍ୱିତୀୟ ଉତ୍ପାଦନ କେନ୍ଦ୍ର ମଧ୍ୟ ଉଦଘାଟିତ ହୋଇଛି।

# ଆମେରିକା ଯାହା ଘୋଷଣା କରୁଛି, ତାହାର ଠିକ ଓଲଟା କରୁଛି ଭାରତ

ନୂଆଦିଲ୍ଲୀ : ଲାଗୁଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ (ଉକ୍ଟଭବକ୍ଷୟ ଝକ୍ସଙ୍କଙ୍କୁ)। ଅପରେସନ ସିନ୍ଦୂର ସମୟରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ସେ ହିଁ ଯୁଦ୍ଧ ବନ୍ଦ କରାଇଥିଲେ, କିନ୍ତୁ ଏହା ଠିକ ନୁହେଁ ବୋଲି କହିଥିଲା ଭାରତ । ପରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ରୁଷର ତେଲକ୍ରୟ କମାଇ ଦେଇଛି ଭାରତ । କିନ୍ତୁ ପ୍ରକୃତ କଥା ହେଉଛି ଭାରତ ତେଲ କ୍ରୟ ବଢାଇଦେଇଥିଲା । ଏବେ ପୁଣି ଥରେ ସେ ଘୋଷଣା କରିଛନ୍ତି ଯେ ରୁଷର ତେଲ (ଉଜଟଉର ଙଓଖ) କିଣା ବନ୍ଦ କରିବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ପ୍ରକୃତ ତଥ୍ୟ ତଥ୍ୟ ଏହାର ଓଲଟା ଆସୁଛି ।ଜୁନ୍ ମାସରେ ତେଲ ଆମଦାନି ବୃଦ୍ଧି ପାଇ ଦୈନିକ ୨ ନିୟୁତ ବ୍ୟାରେଲ ଛୁଇଁଥିଲା । କିନ୍ତୁ ସେପ୍ଟେମ୍ବରରେ ଏହା ଦିନକୁ ୧.୬ ନିୟୁତ ବ୍ୟାରେଲକୁ ଖସିଆସିଥିଲା ।ତେବେ ଅକ୍ଟୋବରରେ ଏହା ପୁଣି ଥରେ ବୃଦ୍ଧି ପାଇ ୧.୮ ନିୟୁତ ବ୍ୟାରେଲରେ ପହଞ୍ଚିଛି ବୋଲି ବିଶ୍ୱ ବାଣିଜ୍ୟ ବିଶ୍ଳେଷଣ ଫାର୍ମ କେପଲର ତଥ୍ୟରୁ ଜଣାପଡ଼ିଛି। ଅକ୍ଟୋବରର ପ୍ରଥମ ପକ୍ଷରେ ରୁଷରୁ ଭାରତର ଅଶୋଧିତ ତୈଳ ଆମଦାନୀ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ଯାହା ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଦେଖାଯାଇଥିବା ହ୍ରାସକୁ ବିପରୀତ। ଜାହାଜ ଟ୍ରାକିଂ ତଥ୍ୟ ଅନୁଯାୟୀ, ପର୍ବପର୍ବାଣୀ ଚାହିଦା ପୂରଣ କରିବା ପାଇଁ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଥିବା ଭାରତୀୟ ରିଫାଇନାରୀଗୁଡ଼ିକ ଦ୍ୱାରା ଏହି ବୃଦ୍ଧି ସମ୍ଭବ ହୋଇପାରିଛି। ଜୁନ୍ ମାସରେ ତେଲ ଆମଦାନି ବୃଦ୍ଧି ପାଇ ଦୈନିକ ୨ ନିୟୁତ ବ୍ୟାରେଲ ଛୁଇଁଥିଲା । କିନ୍ତୁ ସେପ୍ଟେମ୍ବରରେ ଏହା ଦିନକୁ ୧.୬ ନିୟୁତ ବ୍ୟାରେଲକୁ ଖସିଆସିଥିଲା । ତେବେ ଅକ୍ଟୋବରରେ ଏହା ପୁଣି ଥରେ ବୃଦ୍ଧି ପାଇ ୧.୮ ନିୟୁତ ବ୍ୟାରେଲରେ ପହଞ୍ଚିଛି ବୋଲି ବିଶ୍ୱ ବାଣିଜ୍ୟ ବିଶ୍ଳେଷଣ ଫାର୍ମ କେପଲର ତଥ୍ୟରୁ ଜଣାପଡ଼ିଛି।

# ତାଲିବାନ୍ ଭୟରେ ଟ୍ରମ୍ପ୍ ଶରଣରେ ପଶିଲା ପାକିସ୍ତାନ

ନୂଆଦିଲ୍ଲୀ: ଆଫଗାନିସ୍ତାନର ତାଲିବାନ ସହ ଅସ୍ଥାୟୀ ଶାନ୍ତି ଚୁକ୍ତି ଉପରେ ଚିନ୍ତିତ ପାକିସ୍ତାନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହାୟତା ମାଗିଛି। ଗତ ସପ୍ତାହରେ ସୀମାନ୍ତରେ ସଂଘର୍ଷ ଓ ପାକିସ୍ତାନୀୟ ବାୟୁସେନା ଆକ୍ରମଣରେ ଉଭୟକୁ ପ୍ରାୟ ଡଜନ୍ ଲୋକ ପ୍ରାଣ ହରାଇଛନ୍ତି। ଏହାର ମଝିରେ ପାକିସ୍ତାନୀୟ ରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ ଟ୍ରମ୍ପଙ୍କୁ ପ୍ରଶଂସା କରି ପାକ-ଆଫଗାନ ସଂଘର୍ଷରେ ମଧ୍ୟସ୍ଥତା କରିବାକୁ ଆହ୍ୱାନ ଜାଣାଇଛନ୍ତି।

ଆସିଫ୍ କହିଛନ୍ତି, "ଆମେରିକାର ଅଧିକାଂଶ ରାଷ୍ଟ୍ରପତି ଯୁଦ୍ଧ ଆରମ୍ଭ କରିଛନ୍ତି, କିନ୍ତୁ ଟ୍ରମ୍ପ ପ୍ରଥମ ରାଷ୍ଟ୍ରପତି ଯିଏ ଯୁଦ୍ଧ ରୋକିଛନ୍ତି। ଗତ ୧୫-୨୦ ବର୍ଷରେ ଆମେରିକା ଯୁଦ୍ଧ ପ୍ରୋତ୍ସାହିତ କରିଛି, କିନ୍ତୁ ସେ ଶାନ୍ତି ଆଲୋଚନା କରିଛନ୍ତି। ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧରେ ଦକ୍ଷତା ଦେଖାଇବାକୁ ଚାହୁଁଛନ୍ତି ତେବେ ସ୍ୱାଗତ।" ଗତ ସପ୍ତାହରେ ଟ୍ରମ୍ପ ଇଜିପ୍ଟରେ ଗାଜା ଶାନ୍ତି ସମ୍ମିଳନୀରେ କହିଥିଲେ, "ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଯୁଦ୍ଧ ହେଉଛି। ମୁଁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବି, କାରଣ ମୁଁ ଯୁଦ୍ଧ ସମାଧାନରେ ପାରଙ୍ଗମୀ।"

କିନ୍ତୁ ଟ୍ରମ୍ପଙ୍କ ଆଗ୍ରହ ପଛେ ଏକ ବୃହତ୍ ଏଜେଣ୍ଡା ରହିପାରେ। ଗତ ମାସରେ ସେ ଆଫଗାନିସ୍ତାନର ବାଗ୍ରାମ ଏୟାରବେସ ପୁଣି ଦଖଲ କରିବାକୁ ଚାହୁଁଥିବା କହିଥିଲେ, ଯାହା କାବୁଲରୁ ଏକ ଘଣ୍ଟା ଦୂରରେ ରହିଛି ଏବଂ "ଚାଇନାର ନ୍ୟୁକ୍ଲିୟର ଅସ୍ତ୍ର ନିର୍ମାଣ ସ୍ଥାନ" ପାଖରେ ରହିଛି। ତେବେ ତାଲିବାନ ଏହା ପ୍ରତ୍ୟାଖ୍ୟାନ କରିଛି।

ଟ୍ରମ୍ପ ୨.୦ ସରକାରରେ ପାକିସ୍ତାନ-ଆମେରିକା ସମ୍ପର୍କ ନାଟକୀୟ ରୂପେ ବଦଳିଛି। କ୍ରିପଟୋକରେନ୍ସି ଡିଲ୍ ସାଇନ୍ କରିବାରୁ ଆରମ୍ଭ କରି ଭାରତ ସହ ସଂଘର୍ଷ ଶେଷ କରିବାରେ ଟ୍ରମ୍ପଙ୍କୁ ପ୍ରଶଂସା କରିବା ଓ ନୋବେଲ ଶାନ୍ତି ପୁରସ୍କାର ପାଇଁ ତାଙ୍କ ନାମ ପ୍ରସ୍ତାବ କରିବା ପର୍ଯ୍ୟନ୍ତ ପାକିସ୍ତାନୀୟ ନେତାମାନେ ଆମେରିକାର ସହ ସମ୍ପର୍କ ମଜବୁତ କରିବାରେ ଲାଗିଛନ୍ତି।



ତେବେ ତାଲିବାନ ସହିତ ଶାନ୍ତି ଚୁକ୍ତି ପରେ ପାକିସ୍ତାନର ସନ୍ଦେହରେ ରହିଛି। ଆସିଫ୍ ଏକ ଟିପ୍ପଣୀରେ ଦାବି କରିଛନ୍ତି ଯେ ତାଲିବାନ ସରକାର ଭାରତର ପ୍ରକ୍ସି ଯୁଦ୍ଧ ଲଢୁଛି। "ମୋର ସନ୍ଦେହ ରହିଛି ଶାନ୍ତି ନ ରହିପାରେ, କାରଣ ତାଲିବାନର ନିଷ୍ପତ୍ତି ଦିଲ୍ଲୀ ଦ୍ୱାରା ପ୍ରୋତ୍ସାହିତ। ବର୍ତ୍ତମାନ କାବୁଲ ଦିଲ୍ଲୀର ପ୍ରକ୍ସି ଯୁଦ୍ଧ ଲଢୁଛି।" ସେ ଆହୁରି କହିଛନ୍ତି, "ମୁତ୍ତାକି (ତାଲିବାନ ବୈଦେଶିକ) ଭାରତ ଯାତ୍ରାରୁ ଫେରିଛନ୍ତି, ସେ କ'ଣ ଯୋଜନା ଆଣିଛନ୍ତି ଦେଖିବାକୁ ରହିଛି।" ଆମୀର ଖାନ ମୁତ୍ତାକିଙ୍କ ଭାରତ ସହ ସମ୍ପର୍କ ମଜବୁତ କରିବା ପାଇଁ ପ୍ରଥମ ଦୂସରେ ଯାତ୍ରା ଦୁଇ ଦେଶରେ ସଂଘର୍ଷ ବଢ଼ାଇଛି।

ଗତ ସପ୍ତାହରେ ପାକିସ୍ତାନୀୟ ସୈନ୍ୟ କାବୁଲରେ ତେହରୀକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଶିବିରକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ, ଯାହା ସେମାନଙ୍କୁ ଆଫଗାନିସ୍ତାନ ସୀମାନ୍ତରେ ତୀବ୍ର ସଂଘର୍ଷକୁ ନିମନ୍ତ୍ରଣ ଦେଇଥିଲା। ପାକିସ୍ତାନ ତାଲିବାନଙ୍କୁ ଟିଟିପିଙ୍କୁ ଆଶ୍ରୟ ଦେବାରେ ଅଭିଯୋଗ କରିଛି, ଯାହା ୨୦୨୧ ଠାରୁ କେତୋରେଖା ପାକିସ୍ତାନୀୟ ସୈନିକଙ୍କୁ ହତ୍ୟା କରିଛି। ତାଲିବାନ ଦାବି କରିଛି ସେମାନେ ୫୮ ପାକିସ୍ତାନୀୟ ସୈନିକଙ୍କୁ ମାରିଛନ୍ତି, ଯେତେବେଳେ ଇସ୍ଲାମାବାଦ କହିଛି ସେମାନେ ୨୦୦ ତାଲିବାନଙ୍କୁ ନିପାତ କରିଛନ୍ତି।

# ୟୁନୁସଙ୍କୁ ବଡ଼ ଚେତାବନୀ ଦେଲେ ପୂର୍ବତନ ପ୍ରଧାନମନ୍ତ୍ରୀ

ଢାକା: ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ନେତୃତ୍ୱାଧୀନ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ଇଘଚ) ଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ ସାମରିକ ବାହିନୀ ସହିତ କୌଣସି ସଂଘର୍ଷ ଏଡାଇବାକୁ ପରାମର୍ଶ ଦେଇଛି। ଜିଆ ୟୁନୁସଙ୍କୁ ଚେତାବନୀ ଦେଇଛନ୍ତି ଯେ ଅନ୍ତରୀଣ ସରକାର ବାଂଲାଦେଶ ସେନା ସହିତ କୌଣସି ଉତ୍ତେଜନା ଏଡାଇବା ଉଚିତ। ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ମନ୍ତବ୍ୟ ଏକ ବେସାମରିକ ଟ୍ରିବ୍ୟୁନାଲରେ ସାମରିକ ଅଧିକାରୀଙ୍କ ବିରୁଦ୍ଧରେ ଚାଲିଥିବା ଆଇନଗତ କାର୍ଯ୍ୟାନୁଷ୍ଠାନ ପରିପ୍ରେକ୍ଷୀରେ ଆସିଛି, ଯାହା ଅନ୍ତରୀଣ ସରକାର ଏବଂ ସାମରିକ ବାହିନୀ ମଧ୍ୟରେ ବଢୁଥିବା ମତଭେଦକୁ ଇନ୍ଧନ ଦେଉଛି।



ୟୁନୁସଙ୍କ ଦ୍ୱାରା ଡକାଯାଇଥିବା ଢାକାରେ ରାଜନୈତିକ ଦଳଗୁଡ଼ିକର ଏକ ଜରୁରୀକାଳୀନ ବୈଠକ ସମୟରେ ଖାଲେଦା ଜିଆ ଏହି ଚେତାବନୀ ଦେଇଥିଲେ। ଜମାତ-ଏ-ଇସଲାମି, ଛାତ୍ର ନେତୃତ୍ୱାଧୀନ ନ୍ୟାସନାଲ ସିଟିଜେନ୍ସ ପାର୍ଟି (NCP), ଏବଂ ବାଂଲାଦେଶ କମ୍ୟୁନିଷ୍ଟ ପାର୍ଟି ସମେତ ଅନେକ ରାଜନୈତିକ ସଂଗଠନ ବୈଠକରେ ଅଂଶଗ୍ରହଣ କରିଥିଲେ।

ବୈଠକର ଉଦ୍ଦେଶ୍ୟ ଥିଲା ସାମରିକ କର୍ମଚାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ନେଇ ସୃଷ୍ଟି ହୋଇଥିବା ଚାପ ଏବଂ ବିବାଦର ସମାଧାନ କରିବା। ବୈଠକରେ, ଇଘଚ କହିଛି ଯେ ଦେଶ ଏକ ସନ୍ତୁଳିତ ଅବସ୍ଥା ବଜାୟ ରଖିବା ଉଚିତ। ଆମେ କୌଣସି ବିପଦ ନେବାକୁ ଚାହୁଁନାହୁଁ କାରଣ ଆମେ ଭାର ବହନ କରିପାରିବୁ ନାହିଁ। ଆସନ୍ତା ବର୍ଷ ଫେବୃଆରୀରେ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ଏକତା ଏବଂ ସ୍ଥିରତା ବଜାୟ ରଖିବା ଉପରେ ମଧ୍ୟ ଦଳ ଗୁରୁତ୍ୱାରୋପ କରିଛି।

ଉଲ୍ଲେଖନୀୟ ଯେ ଗତ ସପ୍ତାହରେ, ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ICT-BD) ପୂର୍ବ ଶାସନ ସମୟରେ ରାଜନୈତିକ ବିରୋଧୀଙ୍କୁ ବଳପୂର୍ବକ ନିଖୋଜ, ଅପହରଣ ଏବଂ ନିର୍ଯାତନା ଦେବା ଅଭିଯୋଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମେତ ୧୬ ଜଣ ସକ୍ରିୟ ସେନା ଅଧିକାରୀ ଏବଂ ୧୪ ଜଣଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରିଥିଲା।

ସାମରିକ ଅଧିକାରୀଙ୍କ ବିରୁଦ୍ଧରେ ପରୱାନା ଜାରି ହେବା ପରେ, ବାଂଲାଦେଶ ସେନା ରିପୋର୍ଟ କରିଥିଲା ଯେ ୧୬ ଜଣଙ୍କ ମଧ୍ୟରୁ ୧୫ ଜଣ ଅଧିକାରୀ ସାମରିକ ହେପାଜତରେ ଥିଲେ, ଯେତେବେଳେ ଜଣେ ମେଜର ଜେନେରାଲ ପଳାଇ ଯାଇଥିଲେ।

# ୭୦୦ ବିଲିଅନ ଡଲାର ତଳକୁ ଖସିଲା ବିଦେଶୀ ମୁଦ୍ରା ଭଣ୍ଡାର



ନୂଆଦିଲ୍ଲୀ: ରତର ବିଦେଶୀ ମୁଦ୍ରା ଭଣ୍ଡାର ୭୦୦ ବିଲିଅନ ଡଲାର ତଳକୁ ଖସି ଆସିଛି। ଅକ୍ଟୋବର ୩ ତାରିଖରେ ଶେଷ ହୋଇଥିବା ସପ୍ତାହ ସୁଦ୍ଧା ମୁଦ୍ରା ଭଣ୍ଡାର ୨୭୬ ମିଲିଅନ ଡଲାର ହ୍ରାସ ପାଇ ୬୯୯.୯୬ ବିଲିଅନ ଡଲାରରେ ପହଞ୍ଚିଥିଲା ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ପକ୍ଷରୁ ସୂଚନା ଦିଆଯାଇଛି।

ଅକ୍ଟୋବର ୩ ପୂର୍ବରୁ ବିଦେଶୀ ମୁଦ୍ରା ଭଣ୍ଡାର ପରିମାଣ ୨.୩୩୪ ବିଲିଅନ ଡଲାର ହ୍ରାସ ପାଇ ୭୦୦.୨୩୬ ବିଲିଅନ ଡଲାରରେ ପହଞ୍ଚିଥିଲା। ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁସାରେ, ଅକ୍ଟୋବର ୩ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଭଣ୍ଡାରର ଏକ ପ୍ରମୁଖ ଅଂଶ ବିଦେଶୀ ମୁଦ୍ରା ସମ୍ପତ୍ତି ୪.୦୪୯ ଡଲାର କମି ୫୭୭.୭୦୮ ବିଲିଅନ ଡଲାରରେ ପହଞ୍ଚିଛି।

ଅନ୍ୟପଟେ ସୁନା ଭଣ୍ଡାର ୩.୭୫୩ ବିଲିଅନ ଡଲାର ବୃଦ୍ଧି ପାଇ ୯୮.୭୭ ବିଲିଅନ ଡଲାରରେ ପହଞ୍ଚିଛି। ସ୍ପେଶାଲ ଡ୍ରଇଂ ରାଇଟ୍ସ(ଏସଡିଆର) ୨୫ ମିଲିଅନ ଡଲାର ବଢ଼ି ୧୮.୮୧୪ ବିଲିଅନ ଡଲାରରେ ପହଞ୍ଚିଛି।

# ଚିନ୍ତାରେ ପାକିସ୍ତାନ ! ଏବେ ମନେ ପଡୁଛି ଭାରତ

ଇସଲାମାବାଦ: ଚାରି ଦିନର ରକ୍ତପାତ ଏବଂ ସୀମାପାର ଆକ୍ରମଣ ପରେ, ଶେଷରେ ପାକିସ୍ତାନ ଏବଂ ତାଲିବାନ ମଧ୍ୟରେ ଏକ ଯୁଦ୍ଧବିରତି ହୋଇଛି। ବୁଧବାର (୧୫ ଅକ୍ଟୋବର, ୨୦୨୫) ସା ୬ଟାରେ କାର୍ଯ୍ୟକାରୀ ହୋଇଥିବା ଏହି ଯୁଦ୍ଧବିରତି ଅସ୍ଥାୟୀ ଆଶ୍ୱସ୍ତି ପ୍ରଦାନ କରିଛି, କିନ୍ତୁ ଏହାର ଅନ୍ତର୍ନିହିତ କ୍ଷତ ଗଭୀର ରହିଛି। ତାଲିବାନ ଏହାକୁ ଆଫଗାନିସ୍ତାନରେ ଏକ ଐତିହାସିକ ବିଜୟ ଭାବରେ ପାଳନ କରିଥିଲେ, ପାକିସ୍ତାନରେ କ୍ରୋଧ ଏବଂ ଆଘାତ ସ୍ପଷ୍ଟ ଭାବରେ ଦେଖାଯାଉଛି।



ଏହି ସୀମାପାର ସଂଘର୍ଷରେ ତାଲିବାନ ଯୋଦ୍ଧାମାନେ ପାକିସ୍ତାନୀ ସେନା ବିରୁଦ୍ଧରେ କଡ଼ା ପ୍ରତିଶୋଧ ନେଇଥିଲେ। ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓଗୁଡ଼ିକ ଦାବି କରୁଛି ଯେ ଆଫଗାନ ସେନା ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରିଛନ୍ତି ଏବଂ ସେମାନଙ୍କ ମର ଶରୀର ସହ ବର୍ବରତା କରିଛନ୍ତି। ଅନେକ ସ୍ଥାନରେ ପାକିସ୍ତାନୀ ସୈନିକଙ୍କ ୟୁନିଫର୍ମ ଏବଂ ପ୍ୟାଣ୍ଟ ପ୍ରଦର୍ଶନ କରାଯାଇଛି, ଯାହାକୁ ତାଲିବାନ ସେମାନଙ୍କ ବିଜୟର ପ୍ରତୀକ ଭାବରେ ପ୍ରଦର୍ଶନ କରୁଛନ୍ତି। ଏହା ବ୍ୟତୀତ, ତାଲିବାନ କାନ୍ଦାହାର ନିକଟରେ ଏକ ପାକିସ୍ତାନୀ ଝ୫୫ ଟ୍ୟାଙ୍କକୁ କବଜା କରିଥିବା ଜଣାପଡ଼ିଛି। ତଥାପି, ଏହା ସରକାରୀ ଭାବରେ ନିଶ୍ଚିତ ହୋଇନାହିଁ। ଭାଇରାଲ ଭିଡିଓରେ, ତାଲିବାନ ଯୋଦ୍ଧାମାନେ ବିଜୟ ପରେଡରେ ଟ୍ୟାଙ୍କ ଉପରେ ଚଢ଼ି ଆସୁଥିବା ଦେଖାଯାଉଛି। ରିପୋର୍ଟ ହୋଇଛି ଯେ ପାକିସ୍ତାନୀ ସେନା ତା'ର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଛାଡି ପଛକୁ ହଟିଯାଇଛି।

ଏହି ନୃଶଂସ ଘଟଣା ପରେ, ପାକିସ୍ତାନରେ ସାଧାରଣ କ୍ରୋଧ ଶୀର୍ଷରେ ପହଞ୍ଚିଛି। ଅନେକ ପାକିସ୍ତାନୀ ନାଗରିକ ଏବଂ ବିଶ୍ଳେଷକ ନିଜ ସରକାର ଏବଂ ସେନାକୁ ପ୍ରଶ୍ନ କରୁଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି, ଅନେକ ପାକିସ୍ତାନୀ ଏବେ ଭାରତକୁ ପ୍ରଶଂସା କରିବା ଆରମ୍ଭ କରିଛନ୍ତି। ପାକିସ୍ତାନୀ ବିଶ୍ଳେଷକ ଜଗମ ଖାନ ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ ଭାରତ ଆମର ଶତ୍ରୁ, କିନ୍ତୁ ଏହା କେବେ ଆମର ଶହୀଦମାନଙ୍କୁ ଅପମାନ କରିନାହିଁ। ଯଦି ଆଫଗାନିସ୍ତାନରେ କୌଣସି ସମ୍ମାନ ବାକି ଅଛି, ତେବେ ନିଜ କାର୍ଯ୍ୟକୁ ସଫା କର। ଏହି ମନ୍ତବ୍ୟ ୧୯୯୯ କାର୍ଗିଲ ଯୁଦ୍ଧର ସ୍ମୃତିକୁ ଫେରାଇ ଆଣିଲା, ଯେତେବେଳେ ଭାରତୀୟ ସେନା ପାକିସ୍ତାନୀ ସୈନିକଙ୍କୁ ମଧ୍ୟ ଶବଦାହ କରିଥିଲା ଯାହାକୁ ପାକିସ୍ତାନୀ ସେନା ନିଜର ବୋଲି ସ୍ୱୀକାର କରିବାକୁ ମନା କରିଦେଇଥିଲା।

ଅନେକ ୟୁଜର ଜଗମ ଖାନଙ୍କ ପୋଷ୍ଟର ଜବାବରେ ପାକିସ୍ତାନୀ ସେନାକୁ ଟାର୍ଗେଟ କରିଥିଲେ। ଜଣେ ୟୁଜର ଲେଖିଛନ୍ତି, 'ପାକିସ୍ତାନ ଭଳି କେହି ତାଙ୍କ ଶହୀଦଙ୍କୁ ଅପମାନିତ କରି ନାହାଁନ୍ତି। କାର୍ଗିଲରେ, ତାଙ୍କ ସୈନିକମାନଙ୍କୁ ପରିତ୍ୟକ୍ତ କରାଯାଇଥିଲା, ଏବଂ ଭାରତ ସେମାନଙ୍କୁ ପୂର୍ଣ୍ଣ ସାମରିକ ସମ୍ମାନ ସହିତ କବର ଦେଇଥିଲା।' ଏହି ପ୍ରତିକ୍ରିୟାଗୁଡ଼ିକ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ ତାଲିବାନ ଆକ୍ରମଣ ପାକିସ୍ତାନ ଭିତରେ ଗଭୀର ଅଶାନ୍ତି ସୃଷ୍ଟି କରିଛି। ଲୋକମାନେ ଏବେ ପ୍ରଶ୍ନ କରୁଛନ୍ତି ଯେ ଯେଉଁ ଦେଶ ନିଜେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛି, ସେ ଏବେ ସେମାନଙ୍କ ଦ୍ୱାରା ଅପମାନିତ ହେଉଛି କାହିଁକି।

# ହିଂସାରେ ପ୍ରାଣ ହରାଇଥିବା ପରିବାରକୁ ଭେଟି ସାନ୍ତ୍ୱନା ଦେଲେ ରାହୁଲ



ରାୟବରେଲି: ରାୟବରେଲିରେ ଭିଡ଼ ହିଂସାରେ ଜୀବନ ହରାଇଥିବା ଦଳିତ ହରିଓମ ବାଲ୍ମିକୀଙ୍କ ପରିବାରକୁ ଫତେପୁର ଜିଲ୍ଲାରେ ତାଙ୍କ ପୈତୃକ ଘରେ ଭେଟିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ରାହୁଲ ତାଙ୍କ ପରିବାରବର୍ଗଙ୍କୁ ଭେଟି ସେମାନଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ସେମାନଙ୍କୁ ଭେଟି ସୋମନଙ୍କ ହାତ ଧରି ବୁଝାଇବା ସହ ଆଲିଙ୍ଗନ କରି ଶାନ୍ତ୍ୱନା ଦେଇଛନ୍ତି କଂଗ୍ରେସ ନେତା। ରାହୁଲ ଗାନ୍ଧୀ ପରିବାର ସହିତ ପ୍ରାୟ ୩୦ ମିନିଟ୍ ବିତାଇଥିଲେ, ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେ ସେମାନଙ୍କ ସହିତ ଅଛନ୍ତି। ସେ ହରିଓମଙ୍କ ପରିବାରକୁ ସମ୍ମାନ ଏବଂ ସୁରକ୍ଷା ଯୋଗାଇବା ପାଇଁ ଉତ୍ତର ପ୍ରଦେଶର ସରକାର ଯୋଗୀ ଆଦିତ୍ୟନାଥଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। ବାଲ୍ମିକୀଙ୍କ ପରିବାର ସହିତ ତାଙ୍କ ସାକ୍ଷାତର ଏକ ଫଟୋ ସେୟାର କରି ରାହୁଲ ଗାନ୍ଧୀ ଲେଖିଛନ୍ତି, 'ହରିଓମ ବାଲ୍ମିକୀଙ୍କ ନିର୍ମମ ହତ୍ୟା ସମଗ୍ର ଦେଶର ବିବେକକୁ ଦୋହଲାଇ ଦେଇଛି। ତାଙ୍କ ପରିବାରର ଆଖି ଯନ୍ତ୍ରଣାରେ ଭରିଯାଇଥିଲା, ଗୋଟିଏ ପ୍ରଶ୍ନ ସହିତ ଯେ କ'ଣ ଦଳିତ ହେବା ଏବେ ବି ଏହି ଦେଶରେ ଏକ ଘାତକ ଅପରାଧ ?' ରାହୁଲ ଗାନ୍ଧୀ ଆହୁରି ବି କହିଛନ୍ତି ଯେ, 'ନ୍ୟାୟକୁ ଗୃହବନ୍ଦୀ କରାଯାଇପାରିବ ନାହିଁ। ବିଜେପି ସରକାର ପୀଡିତାଙ୍କ ପରିବାର ଉପରେ ଚାପ ବନ୍ଦ କରିବା ଏବଂ ଦୋଷୀମାନଙ୍କୁ କଠୋରତମ ଦଣ୍ଡ ସୁନିଶ୍ଚିତ କରିବା ଉଚିତ। ମୁଁ ହରିଓମ ବାଲ୍ମିକୀଙ୍କ ପରିବାର ଏବଂ ଏହି ଦେଶର ପ୍ରତ୍ୟେକ ଶୋଷିତ, ବଞ୍ଚିତ ଏବଂ ଦୁର୍ବଳ ନାଗରିକଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି। ଏହି ଲଢ଼େଇ କେବଳ ହରିଓମଙ୍କ ପାଇଁ ନୁହେଁ, ବରଂ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରୁଥିବା ପ୍ରତ୍ୟେକ ସ୍ୱର ପାଇଁ।'

# ନିର୍ବାଚନ ସମୟରେ ରୋକାଯିବ ଅର୍ଥ, ନିଶାଦ୍ରବ୍ୟ ପ୍ରଲୋଭନର ଗତିବିଧି: ଇସି

ନୂଆଦିଲ୍ଲୀ: ଗାମୀ ନିର୍ବାଚନ ସମୟରେ ଅର୍ଥ, ନିଶାଦ୍ରବ୍ୟ ଏବଂ ଅନ୍ୟାନ୍ୟ ପ୍ରଲୋଭନର ଗତିବିଧିକୁ ରୋକାଯିବ। ଏଥିଲାଗି ଭାରତ ନିର୍ବାଚନ ଆୟୋଗ(ଇସିଆଇ) ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ମୁଖ୍ୟଙ୍କ ସହିତ ଶୁକ୍ରବାର ବୈଠକ କରି ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି। ଇସିଆଇଙ୍କ ପକ୍ଷରୁ ନୂଆଦିଲ୍ଲୀର ନିର୍ବାଚନ ସଦନରେ ବହୁ-ବିଭାଗୀୟ ନିର୍ବାଚନ ବୁଦ୍ଧିମତ୍ତା କମିଟି(ଗଉଉରଓ)ର ଏକ ବୈଠକ ବସିଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ସହିତ, ନିର୍ବାଚନ ସମୟରେ ସକ୍ରିୟ ଏବଂ ପ୍ରତିରୋଧକ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାରେ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ସେମାନଙ୍କ ଭୂମିକା ବିଷୟରେ ସଚେତନ କରିଥିଲେ।



ନିର୍ବାଚନରେ ଅର୍ଥ ଏବଂ ଅନ୍ୟାନ୍ୟ ପ୍ରଲୋଭନର କ୍ଷତିକାରକ ପ୍ରଭାବକୁ ମୁକାବିଲା କରିବା ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଅଂଶଗ୍ରହଣ କରିଥିଲେ। ଉଝ, ଉଏଚ, ରାଜ୍ୟ ପୋଲିସ ନୋଡାଲ ଅଧିକାରୀ (ଝଚଘଙ) ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ(ଉରଙ) ବିହାର ମଧ୍ୟ ଅନଲାଇନରେ ବୈଠକରେ ଯୋଗଦେଇଥିଲେ। ବିଭିନ୍ନ ଏଜେନ୍ସି ଆୟୋଗଙ୍କୁ ସେମାନଙ୍କର ପ୍ରସ୍ତୁତି, ପ୍ରଲୋଭନମୁକ୍ତ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ପ୍ରସ୍ତାବିତ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ନିର୍ବାଚନକୁ ବିପର୍ଯ୍ୟସ୍ତ କରିବା ପାଇଁ ଟଙ୍କା ଏବଂ ଅନ୍ୟାନ୍ୟ ପ୍ରଲୋଭନ ବ୍ୟବହାରକୁ ରୋକିବା ସହିତ, ଜଡିତ ବିଭିନ୍ନ ବିଷୟ ଉପରେ ସୂଚନା ଦିଆଯାଇଥିଲା।

ଆୟୋଗ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଆର୍ଥିକ ଅପରାଧ ସମ୍ପର୍କରେ ସହଯୋଗ ଏବଂ ବୁଦ୍ଧିମତ୍ତା ସୂଚନା ଆଦାନପ୍ରଦାନ କରାଯିବା ଉଚିତ। ଆୟୋଗ ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ବିଭିନ୍ନ ସ୍ତରରେ ପ୍ରତ୍ୟେକ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଏଜେନ୍ସି ମଧ୍ୟରେସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆୟୋଗ ଏହା ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ, ସଂପୃକ୍ତ ସଂସ୍ଥାଗୁଡ଼ିକ ଜାଲ ମୁଦ୍ରା, ଆନ୍ତଃରାଜ୍ୟ ସୀମା ଏବଂ ଅନ୍ତର୍ଜାତୀୟ ସୀମା ସମେତ ଚୋରା ସାମଗ୍ରୀ, ନିଶାଦ୍ରବ୍ୟ, ମଦ ଏବଂ ଅର୍ଥ ପରିବହନକୁ ରୋକିବା ପାଇଁ ନିର୍ବାଚନମଣ୍ଡଳୀ ମାନଙ୍କର ମାନଚିତ୍ର ପ୍ରସ୍ତୁତ ରଖିବେ। ଆୟୋଗ ବିହାରରେ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ 'ଶୂନ୍ୟ-ସହିଷ୍ଣୁତା' ନୀତି ଆପଣେଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

# ଜାତୀୟ ତମାଖୁ ବର୍ଜନ କାର୍ଯ୍ୟକ୍ରମ: ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ



କେନ୍ଦ୍ରାପଡ଼ା, (ପିପିଏସ୍): ଧୂମପାନ ବା ତମାଖୁ ବ୍ୟବହାର କୁପରିଣାମ ଏବଂ ଏହାର ନିୟନ୍ତ୍ରଣ କରିବା ନିମନ୍ତେ ଶୁକ୍ରବାର ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ଶିକ୍ଷାନୁଷ୍ଠାନର ଏକଶହ ମିଟର ପରିଧିଭିତରେ ତମାଖୁ ବିକ୍ରୟ ଉପରେ ରୋକ ଲଗାଇବା, ବ୍ୟାପକ ସଚେତନତା କରିବା, ଚଢାଉକୁ ଜୋରଦାର କରିବା, ନିୟମ ଖିଲାପକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ତମାଖୁ ମୁକ୍ତ ଗ୍ରାମ ଏବଂ ପଞ୍ଚାୟତ ସୃଷ୍ଟି କରିବା । ବ୍ଲକସ୍ତରୀୟ କମିଟି ଗଠନ ସହିତ ତମାଖୁକୁ ବର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ତାଙ୍କ ଅଭିଜ୍ଞତାକୁ ଲୋକଙ୍କ ପାଖରେ ପହଞ୍ଚାଇବା, ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱତନ୍ତ୍ର ସଚେତନତା ସୃଷ୍ଟି କରିବା ଇତ୍ୟାଦି ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରଖି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି । ଏତଦ୍‌ବ୍ୟତୀତ ବୈଠକରେ ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ଅଭିଯାନର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ । ଏହି ଅଭିଯାନ ଡିସେମ୍ବର ୯ ତାରିଖ ୨୦୨୫ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ଯୁବସମାଜରେ ତମାଖୁର ଭୟାବହତା ଉପରେ ବ୍ୟାପକ ସଚେତନତା କରାଯିବା ସହିତ ଯୁବସମାଜକୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ବ୍ୟାପକ କାର୍ଯ୍ୟକ୍ରମ କରାଯିବ । ଏହି ଅବସରରେ ଶପଥପାଠ ମଧ୍ୟ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତ, ଏଡିଏମ୍‌ଓ ଡା. ପ୍ରମୋଦ କୁମାର ପ୍ରହରାଜ, ଡା. ଶ୍ୟାମସୁନ୍ଦର ଗୁପ୍ତ, ଡା. ଗୌରାଙ୍ଗ ଚରଣ ମିଶ୍ର, ଡେପୁଟି ମ୍ୟାନେଜର ସୁଶାନ୍ତ ପ୍ରଧାନ, ଡ୍ରଗ ଇନ୍‌ସପେକ୍ଟର ସୁକାନ୍ତ ସାହୁ, ବିଭିନ୍ନ କଲେଜର ଅଧ୍ୟକ୍ଷ, ବିଭିନ୍ନ ବିଭାଗୀୟ ଅଧିକାରୀ, ନେହେରୁ ଯୁବ କେନ୍ଦ୍ର, ପ୍ରେସକ୍ଲବ ସ୍ୱରାଜ୍ୟର ପ୍ରତିନିଧି/ସ୍ୱେଚ୍ଛାସେବୀ ସଂଗଠନ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଲୁଟେରାଙ୍କ ଟାର୍ଗେଟରେ ଅଳଙ୍କାର ଦୋକାନ

ଅସ୍ତରଙ୍ଗ (ପିପିଏସ): ବଢୁଛି ସୁନା ବ୍ୟବସାୟର ବଜାର । ବ୍ୟାପକ ହେଉଛି କାରବାର । ଗଢି ଉଠୁଛି ଅଳଙ୍କାର ନିମନ୍ତେ ଅନେକ ଜୁଏଲାରୀ । ହେଲେ ଏହାର ସୁରକ୍ଷା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୁରୀ ଜିଲ୍ଲା କାକଟପୁର ବ୍ଲକରେ ୨୦ରୁ ଊର୍ଦ୍ଧ୍ୱ ଏବଂ ଅସ୍ତରଙ୍ଗ ବ୍ଲକରେ ୧୨ରୁ ଊର୍ଦ୍ଧ୍ୱ କ୍ଷୁଦ୍ର, ମଧ୍ୟମ ଓ ବୃହତ ସୁନା ଦୋକାନ ଖୋଲିଛି । ପାଖପାଖି ୧୦ରୁ ଊର୍ଦ୍ଧ୍ୱ ଘରୋଇ ଓ ରାଷ୍ଟ୍ରାୟତ ବ୍ୟାଙ୍କ ସୁନା ବନ୍ଧକ ରଖୁଛନ୍ତି । ଅନେକ ଜୁଏଲାରୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛନ୍ତି । ମୁଖ୍ୟ ରାସ୍ତା ପାର୍ଶ୍ୱରେ ୧୫ରୁ ଊର୍ଦ୍ଧ୍ୱ ଅଳଙ୍କାର ଦୋକାନ କାରବାର କରୁଛନ୍ତି । ଏହି ସବୁ ଅଳଙ୍କାର ଦୋକାନ ଗୁଡ଼ିକୁ ଲୁଟେରା ଟାର୍ଗେଟ କରୁଛନ୍ତି । ଏମାନଙ୍କ ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନେକ ଜୁଏଲାରୀରେ ବି ନିଜସ୍ୱ ସୁରକ୍ଷା କର୍ମଚାରୀ ନଥିବା ଜଣାପଡିଛି ।

ପୁରୀ ଜିଲ୍ଲା କାକଟପୁର ବ୍ଲକ କୁଣ୍ଡେଇ ତିନି ମୁହାଣୀ ନିକଟରେ ଥିବା ସାହୁ ଜୁଏଲାରୀ ମାଲିକ ନିରଞ୍ଜନ ସାହୁଙ୍କୁ ୧୬ ସେପ୍ଟେମ୍ବର ୨୦୨୪ତାରିଖ ସନ୍ଧ୍ୟା ୬ଘ ୩୦ମିନିଟ ସମୟରେ ୨ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ଏକ ନମ୍ବର ବିହୀନ ବାଇକରେ ଆସିଥିଲେ । ମାଲିକଙ୍କୁ ମଧ୍ୟ ୨ରାଉଣ୍ଡ ଗୁଳି ଚଳାଇଥିଲେ । କିନ୍ତୁ ଘଟଣାକୁ ୧ ବର୍ଷରୁ ଊର୍ଦ୍ଧ୍ୱ ହେଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ । ସାହୁ ଜୁଏଲାରୀର ମାଲିକଙ୍କୁ ଗୁଳି ମାଡ଼ ପରେ ପାର୍ବଣ ସମୟରେ ଅଳଙ୍କାର ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇଛି । ଯେଉଁ ଭଳି ଭାବରେ କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରିର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଜୁଏଲାରୀକୁ ଅଧିକ ଟାର୍ଗେଟ କରୁଛନ୍ତି । ସେହିଭଳି ରାତିରେ ବନ୍ଦ ସମୟ ହେଉ ବା ଖୋଲାବେଳେ ଲୁଟ ପାଇଁ ଉଚିତ ସମୟ ବୋଲି ବିବେଚନା କରୁଛନ୍ତି । ବିଶେଷ କରି କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ରେ କିଛି ରାଷ୍ଟ୍ରାୟତ ବ୍ୟାଙ୍କ ସମେତ କିଛି ଘରୋଇ ବ୍ୟାଙ୍କ ସୁନା ବନ୍ଧକ ରଖୁଛନ୍ତି । ଏଭଳି ବଜାରରେ ସୁନା କାରବାର ସୁରକ୍ଷା ନେଇ ଅନେକ ପ୍ରଶ୍ନ ଛିଡା ହୋଇଛି । କିଛି ଦିନ ହେଲା କାକଟପୁର,ଅସ୍ତରଙ୍ଗ ଓ ନୂଆଗଡ ଥାନା ଅଞ୍ଚଳରେ ଲୁଟ ବୃଦ୍ଧି ପାଇବାରେ ଲାଗିଛି ଯେପରିକି ମନ୍ଦିରରୁ ଲୁଟ, ଅବସରପ୍ରାପ୍ତ ସେନା କର୍ମଚାରୀ ଘରୁ ଲୁଟ୍, ପିସ୍ତଲ ଦେଖାଇ ଲୁଟ, ମହିଳା ବେକ ସୁନା ଚେନ ଦିନ ଦ୍ୱିପ୍ରହରରେ ଚୋରି ଏହା ଶହ କିଛି ଦିନ ପୂର୍ବେ ବନ୍ତିଲୋ ରୁ ସିରିଜ ଲୁଟ ହୋଇଥିବା ବେଳେ ଲୁଟେରାଙ୍କୁ ଧରିବା ରେ ୩ଟି ଥାନା ବିଫଳ । କିଛି ଦିନ ପୂର୍ବେ ଅସ୍ତରଙ୍ଗ ବ୍ଲକ ଜିଓର ଗ୍ରାମରେ ଦିନଦ୍ୱିପ୍ରହରରେ ମହିଳାଙ୍କ ବେକରୁ ଲୁଟ କରିନେଲେ । ଏହି ଘଟଣାରେ ପୁଲିସ ଏବେ ବି ଅନ୍ଧାର ରେ ରହିଛି । ବାରମ୍ବାର କାକଟପୁର,ଅସ୍ତରଙ୍ଗ, ନୂଆଗଡ ଥାନା ରେ ଅଭିଯୋଗ ହେଲେ ମଧ୍ୟ ମାମଲାର ଫର୍ଦ୍ଦ ବଢ଼ିଚାଲିଥିବା ବେଳେ ଲୁଟେରା ଗ୍ୟାଙ୍ଗର ପତ୍ତା ପାଇନି ପୁଲିସ ।

# ଅଧାପନ୍ତରିଆ କାମ, ପୂରା ବିଲ୍ ନେଇ ଠିକାଦାର ଛୁ'



କଳିଙ୍ଗନଗର, (ପିପିଏସ୍): ପୋଖରୀ ପୁନରୁଦ୍ଧାର ପାଇଁ ସରକାର ପାଖରୁ କୋଟି କୋଟି ଟଙ୍କା ଆସୁଛି କିନ୍ତୁ କାର୍ଯ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପୋଖରୀ କାମରେ ଦୁର୍ନୀତି ଓ ବାଟମାରଣା ହୋଇଥିବା ଏକ ଅଭିଯୋଗ ହୋଇଛି । ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ଗାଁ ଶାସନ ପୋଖରୀ ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୨୦୨୧/୨୨ ବର୍ଷରେ ବ୍ୟୟ ବରାଦ ନଅ ଲକ୍ଷ ଏକାବନ ହଜାର ପାଞ୍ଚଶହ ବୟାନବେ ଟଙ୍କା ଥିଲା । ଯାହାର ଟେଣ୍ଡର ମୂଲ୍ୟ ଆଠ ଲକ୍ଷ ଆଠ ହଜାର ନଅ ଶହ ଅଠ ଚାଳିଶି ଟଙ୍କା, କିନ୍ତୁ ଠିକାଦାର ନାମକୁ ମାତ୍ର ଅଳ୍ପ କିଛି ପଙ୍କ ବାହାର କରି ଛୁ ମାରିଛି । ଟେଣ୍ଡରରେ ହୋଇଥିବା ଅର୍ଥ ପୋଖରୀରେ ଅଧା ମଧ୍ୟ କାମରେ ଲାଗିନାହିଁ । ଦିନ ଦି ପ୍ରହରରେ କାହା ସାହାଯ୍ୟରେ ଏପରି ବାଟ ମାରଣା କାମ ହେଲା, ଆଜି ପ୍ରଫଂଚ କାମ ଅଧା କରି ଠିକାଦାରଙ୍କର ଦେଖା ଦର୍ଶନ ମିଳୁନ ଥିବା ବେଳେ ଏପରି ଦୁର୍ନୀତି ଉପରେ କାହାର ଦୃଷ୍ଟି ନ ପଡିବା ସମସ୍ତ ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହାକୁ ନେଇ ବିଭାଗୀୟ ଜେ.ଇ.ଙ୍କୁ କହିଥିଲେ ମଧ୍ୟ ଏହାକୁ ଦୃଷ୍ଟି ଦେଇନାହାନ୍ତି । ଏଠି ପ୍ରଶ୍ନ ଉଠୁଛି କି ଅଧାପନ୍ତରିଆ କାର୍ଯ୍ୟ କିପରି ବିଲ କରି ଠିକାଦାର ଛୁ' ମାରିଥିବା ଚକିତ କରିଛି । ଏଭଳି ଠିକାଦାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ଏଥିପ୍ରତି ଦୃଷ୍ଟି ଦେଇ ପୋଖରୀ କାମ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

# ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ଗୋପବନ୍ଧୁ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ, ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କୁ ପଢ଼ାଇବେ

ନୟାଗଡ଼, (ପିପିଏସ୍): ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଏକାଡେମୀରେ ତାମିଲ ନେଉଥିବା ପ୍ରଶିକ୍ଷାର୍ଥୀଙ୍କୁ ପାଠ ପଢ଼ାଇବା ପାଇଁ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କୁ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ଆସନ୍ତା ୨୨ ତାରିଖ ୨୦୨୪ ମସିହା ବ୍ୟାଚ୍ ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କୁ ୨ଟି ପିରିୟଡ଼ ପାଠ ପଢ଼ାଇବା ପାଇଁ ଡେପୁଟି ଡାଇରେକ୍ଟରଙ୍କ ପକ୍ଷରୁ ଚିଠି କରାଯାଇଛି । ପଞ୍ଚାୟତ ରାଜ ବ୍ୟବସ୍ଥାରେ ଉପରେ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଦୀର୍ଘଦିନର ଅଭିଜ୍ଞତା ଓ ଜ୍ଞାନ ରହିଛି । ଏଥିପାଇଁ ତାଙ୍କୁ ଗୋପବନ୍ଧୁ ଏକାଡେମୀ ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ପୂର୍ବରୁ ମଧ୍ୟ ସେ ଗୋପବନ୍ଧୁ ଏକାଡେମୀରେ ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କୁ ପାଠ ପଢ଼ାଇଥିଲେ । ନୟାଗଡ଼ ଜିଲ୍ଲାର ଜଣେ ବିଚକ୍ଷଣ ରାଜନେତା ଭାବେ ଜଣାଶୁଣା ଶ୍ରୀଯୁକ୍ତ ପଟ୍ଟନାୟକ ଜଣେ ଲୋକପ୍ରିୟ ମଣିଷ ଭାବେ ଜଣାଶୁଣା ।

# ଫୁଲ କିଣିବା ବେଳେ ମୋବାଇଲ ଚୋରି

କେନ୍ଦ୍ରାପଡ଼ା, (ପିପିଏସ): ଜଣେ ମହିଳା ଶୁକ୍ରବାର ସକାଳେ ଏକ ଫୁଲ ଦୋକାନରୁ ଫୁଲ କିଣୁଥିବା ବେଳେ ତାଙ୍କ ମୋବାଇଲଟି ଚୋରି ହୋଇଯାଇଛି । ଏନେଇ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦରଥାନା ଅଧିନ ମାହାରାବାକୁଳ ଗ୍ରାମର ମନୋଜ କୁମାର ସାହୁଙ୍କ ପତ୍ନୀ ସ୍ମିତା ମଲ୍ଲ ଶୁକ୍ରବାର ସକାଳ ସାଢେ୯ଟା ବେଳେ ତିନିମୁହାଣୀଛକ ସ୍ଥିତ ଶ୍ରୀରାମମନ୍ଦିରର ଗେଟ ନିକଟସ୍ଥ ଏକ ଫୁଲ ଦୋକାନରୁ ଫୁଲ କିଣିଥିଲେ । ଏହାପରେ ତାଙ୍କ ଭିଭୋ-ବି୩ଏକ୍ସ ୫ଜି ମୋବାଇଲ ସେଟରୁ ଅନଲାଇନରେ ଆବଶ୍ୟକ ଅର୍ଥ ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ତେଣୁ ସ୍ମିତା ସେହି ଫୁଲ ଦୋକାନର ଟେବୁଲ ଉପରେ ନିଜର ମୋବାଇଲଟିକୁ ରଖି ଫୁଲ ଦୋକାନୀକୁ ନଗଦ ଅର୍ଥ ପ୍ରଦାନ କରିଥିଲେ । ଅର୍ଥ ଦେଇସାରିବା ପରେ ସ୍ମିତା ତାଙ୍କ ମୋଇବାଇଲକୁ ରଖିଥିବା ସ୍ଥାନରେ ଆଉ ପାଇନଥିଲେ । ଏସମ୍ପର୍କରେ ଦୋକାନୀଙ୍କୁ ପଚରାଉଚୁରା କରିବା ପରେ କେନ୍ଦ୍ରାପଡା ଟାଉନଥାନାରେ ସ୍ମିତା ଅଭିଯୋଗ କରିଥିଲେ । ଏସମ୍ପର୍କରେ ଟାଉନଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏହି ଅଭିଯୋଗ ଉପରେ ଏକ ଚୋରି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ।

# ଜିଲ୍ଲାସ୍ତରୀୟ କଳା ଉତ୍ସବ, ୧୧ଟି ବିଭାଗର ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ




ନୟାଗଡ଼, (ପିପିଏସ୍)): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୃଜନ ସଭାଗୃହରେ ଜିଲ୍ଲା ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ବନଲତା ବେହେରା, ସନ୍ଧ୍ୟାରାଣୀ ରାଉତ ତଥା ଆଠଟି ବ୍ଲକର ବି.ଇ.ଓ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବ୍ଲକରୁ ଆସିଥିବା ପ୍ରତିଯୋଗୀମାନେ ଅଭିନୟ, ଚିତ୍ରକଳା, ନାଚ, ବାଦ୍ୟଯନ୍ତ୍ର ଆଦି ଏଗାରଟି ବିଭାଗରେ ଭାଗ ନେଇଥିଲେ । ଏଥିରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବା ସଙ୍ଗେ ସଙ୍ଗେ ରାଜ୍ୟ ସ୍ତରରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । କାର୍ଯ୍ୟକ୍ରମକୁ ସାମଗ୍ର ଶିକ୍ଷାର ସଂଯୋଜିକା ଶୁଭସ୍ମିତା ଦାଶ ସଂଯୋଜନା କରିଥିବା ବେଳେ ଶ୍ରାବଣୀ ମିଶ୍ର, ଗୀତା ଦାଶ, ବଳରାମ ଦାସ, ସୁଦର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, (ପିପିଏସ୍) : କେନ୍ଦ୍ରାପଡ଼ା ସହରସ୍ଥ ଗୋପ ଗ୍ରାମର ସମାଜସେବୀ ସରସ୍ୱତୀ ରାଉତଙ୍କୁ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତିମାନେ ଶୁକ୍ରବାର ପୂର୍ବାହ୍ନରେ ଗଭିର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଆଧ୍ୟାତ୍ମିକ ସଂଗଠକ ପରୋପକାରୀ, ଦରିଦ୍ର ନାରାୟଣ ସେବୀକା ସ୍ୱର୍ଗତ ରାଉତଙ୍କ ବିୟୋଗ ଅଞ୍ଚଳ ପାଇଁ ଦୁଃଖ ଦାୟକ ବୋଲି ଅତିଥିମାନେ କହିଥିଲେ । ଦ୍ୱାଦଶାହ ଅବସରରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ନଗରପାଳ ସରିତା ସାହୁ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ସମାଜସେବୀ ରଞ୍ଜିତ ସାହୁ, ପ୍ରାକ୍ତନ ନଗରପାଳ ଧିରେନ ସାହୁ, ରାଜେଶ ମହାନ୍ତି, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପରେଶ ଦାସ, ଯଯାତି ମହାନ୍ତି, ପୌର ସଭ୍ୟ ଉମେଶ ନାୟକ, ନିରାକାର ସ୍ୱାଇଁ, ପ୍ରଦୀପ ଜେନା, ହିରଣ୍ୟ ପଣ୍ଡା, ପ୍ରକାଶ ପରିଡା, ସୌମେନ୍ଦ୍ର ପୃଷ୍ଟି, ହିଜବୁର ରହେମାନ, ଦୁର୍ଗାପ୍ରସାଦ ପତି, ଅକ୍ଷୟ ମେକାପ, ରଞ୍ଜନ ସାହୁ, ହିମାଂଶୁ ପଣ୍ଡା, ବାପି ନାୟକ, ସେକ ଚାନ୍ଦ, ସୁବାଶ ସାହୁ, ରବି ପତି, କ୍ଷିରୋଦ କର ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୂର୍ବତନ ପୌରସଭ୍ୟ ଦେବେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓରମାସ ପକ୍ଷରୁ ସ୍ୱତନ୍ତ୍ର ଦୀପାବଳି ଷ୍ଟଲ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡ଼ା ସହରର ଜ୍ଞାନପୀଠ ସମ୍ମୁଖରେ ଓରମାସ ପକ୍ଷରୁ ଆଲୋକର ପର୍ବ ଦୀପାବଳି ପର୍ବ ଅବସରରେ ଦୀପାବଳି ଷ୍ଟଲ ଖୋଲାଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଏହି ଷ୍ଟଲର ଶୁଭଉଦଘାଟନ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓରମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ କୁମାର ଜେନା, ଓଡିଶା ଜୀବିକା ମିଶନର ଡିପିଏମ ପ୍ରଶାନ୍ତ କୁମାର ପାଢ଼ୀ, ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ପ୍ରିୟଙ୍କା ରାଉଳ, ଏଫପିଓ ସଂଯୋଜକ ରୋଜାଲିନ ପଲ୍ଲାଇ, ଏଫପିଓ ସିଇଓ ରବିନାରାୟଣ ଦାସ, ବିଜନେସ ମ୍ୟାନେଜର କେଦାରନାଥ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ମହାକାଳପଡ଼ା ବ୍ଲକ ତେରଗାଁର ବନଦୁର୍ଗା ଟେରାକୋଟା, ମାର୍ଶାଘାଇ ବ୍ଲକ ପରକୁଳର ମା' ଜଗଧାତ୍ରୀ ଟେରାକୋଟା ଉତ୍ପାଦକ ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଦୀପ ଏବଂ ଅନ୍ୟ ଦୀପାବଳି ସାମଗ୍ରୀର ପ୍ରଦର୍ଶନ ଏବଂ ବିକ୍ରୟପାଇଁ ଷ୍ଟଲ ଖୋଲାଯାଇଛି । ଏହି ଷ୍ଟଲ ଆସନ୍ତା ୨୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ । ଜନସାଧାରଣ ବହୁ ମାତ୍ରାରେ ଆସି ଏହି ସ୍ୱତନ୍ତ୍ର ଷ୍ଟଲରୁ ଟେରାକୋଟା ପ୍ରସ୍ତୁତ ସାମଗ୍ରୀ କିଣି କାରିଗରମାନଙ୍କ ଆର୍ଥିକ ବିକାଶରେ ସହାୟକ ହେବାକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି ।

# ପୀତବାସଙ୍କ ଦ୍ୱାଦଶରେ ମନ୍ତ୍ରୀ, ବିଧାୟକ, ଆଇନଜୀବୀ ଓ ଶୁଭେଚ୍ଛୁ ଦେଲେ ଶ୍ରଦ୍ଧାଞ୍ଜଳି



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁରର ଆଇନ୍‌ଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ପୁରୁଛି ୧୨ଦିନ । ପୀତବାସଙ୍କ ଦ୍ୱାଦଶ ଅବସରରେ ଜାତୀୟ ରାଜପଥକଡରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ସଭାରେ ଆଇନ୍‌ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଆସିକା ବିଧାୟକ ସରୋଜ ପାଢ଼ୀ, ରାଜ୍ୟ ବାର୍ କାଉନ୍ସିଲ ଅଧ୍ୟକ୍ଷ ସୀତାଂଶୁ କୁମାର ଦ୍ୱିବେଦୀଙ୍କ ନମେତ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ବିଜୟ ସ୍ୱାଇଁଙ୍କ ସମେତ ରାଜ୍ୟ ଓ ଜିଲ୍ଲାର ବହୁ ଆଇନ୍‌ଜୀବୀ ଓ ବିଜେପି କର୍ମକର୍ତ୍ତାମାନେ ଉପସ୍ଥିତରହି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରଥମେ ପୀତବାସଙ୍କ ପତ୍ନୀ ଓ ତାଙ୍କ ପୁଅ ଫଟୋ ଚିତ୍ରରେ ପୁଷ୍ପାମାର୍ଲ ଅର୍ପଣ କରିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ମୃତିଚାରଣ କରିବା ସହ ସ୍ୱର୍ଗତ ପୀତବାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅତିଥିମାନଙ୍କ ଦ୍ୱାରା ସ୍ମରଣୀକା ଉନ୍ମୋଚନ ହୋଇଥିଲା । ପୀତବାସ ଜଣେ ଭଲ ଆଇନ୍‌ଜୀବୀ । ଏଭଳି ହତ୍ୟାକୁ ଅତିଥିମାନେ ନିନ୍ଦା କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଷଡଯନ୍ତ୍ରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା କାହ୍ନୁଚରଣ ପତି, ଆଇନ୍‌ଜୀବୀ ରଘୁନାଥ ପାଣିଗ୍ରାହୀ, ଅଶୋକ ଶୁକ୍ଲ, ଶିଶିର ପାଢ଼ୀ, କୁଞ୍ଜବିହାରୀ ପାଣିଗ୍ରାହୀ, ନାରାୟଣ ପଣ୍ଡା, ସୀତାଂଶୁ ପଣ୍ଡା, ଅରୁଣ ପଣ୍ଡାଙ୍କ ସମେତ ଗଞ୍ଜାମ ଓକିଲ ସଂଘର ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

# ଗାଡ଼ିଆରେ ବୁଡ଼ି ଯୁବକ ମୃତ



ଭାପୁର, (ପିପିଏସ): ଭାପୁର ବ୍ଲକ ପିଠାଖାଇ ଗ୍ରାମର ଜଣେ ଯୁବକ ଗାଡିଆରେ ବୁଡି ମୃତ୍ୟୁବରଣ କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି । ଘଟଣାରୁ ପ୍ରକାଶ ଫତେଗଡ ଥାନା ପିଠାଖାଇ ଗ୍ରାମର ବିନୋଦ ଲେଙ୍କାଙ୍କ ପୁଅ ଟୁନା ଲେଙ୍କା (୩୪) ସବୁଦିନ ଗାଇ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଆନ୍ତି । ମାତ୍ର, ଗୁରୁବାର ସନ୍ଧ୍ୟା ସମୟରେ ଗାଇ ଚରାଇ ଜଙ୍ଗଲରୁ ଫେରୁଥିବା ସମୟରେ (ବଜ୍ଝା) ଗାଡିଆ ନିକଟରେ ଅସାବଧାନତା ବସତଃ ଗୋଡ ଖସିଯାଇ ଗଭୀର ପାଣି ଭିତରକୁ ଚାଲିଯାଇ ମୃତ୍ୟୁବରଣ କରିଥିଲେ । କିନ୍ତୁ, ଗ୍ରାମକୁ ଗାଇ ମାନଙ୍କ ସହ ଟୁନା ଫେରି ନ ଥିବାରୁ ଗ୍ରାମବାସୀ ମାନେ ଟର୍ଚ୍ଚ, ମୋବାଇଲ, ଆଲୁଅ ଧରି ଜଙ୍ଗଲ ଭିତର ବିଭିନ୍ନ ସ୍ଥାନ ଖୋଜିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇ ନିରାଶ ହୋଇ ଫେରିଥିଲେ । ଶୁକ୍ରବାର ଦିନ ସକାଳୁ ପୁନଶ୍ଚ ଗ୍ରାମବାସୀ ମାନେ ଖୋଜା ଖୋଜି କରିବା ପରେ ଏକ ଗାଡ଼ିଆ ଭିତରେ ଭାସୁଥିବା ନେଇ ଭାପୁର ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ । ଭାପୁର ଅଗ୍ନିଶମ ବିଭାଗ ଅଧିକାରୀ ନୀଳକଣ୍ଠ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଟୁନାକୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ଭାପୁର ବିଟ୍ ହାଉସ ଅଧିକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଟୁନାର ମୃତ୍ୟୁ ନେଇ ଗ୍ରାମବାସୀ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ଧାନ ଫସଲରେ ଚାଷୀ ପୋତିଲେ ଗର୍ଭଣା ଡାଳ

ଚାରିଛକ, (ପିପିଏସ): ଆଜି ଥିଲା ତୁଳା ମାସର ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତି । ପାରମ୍ପରିକ ପ୍ରଥାନୁସାରେ ଚାରିଛକ, ନୟାହାଟ, ନିମାପଡ଼ା ଅଞ୍ଚଳର ଚାଷୀମାନେ ପ୍ରାତଃରୁ ସ୍ନାନକରି ନବବସ୍ତ୍ର ପରିଧାନ କରି ଆଗରୁ ସଂଗ୍ରହ କରିଥିବା ଗର୍ଭଣା ଗଛର ଡାଳକୁ ପୂଜା କରିଥିଲେ । ଅପରହ୍ନରେ ଚାଷୀମାନେ ସେହି ପୂଜା ହୋଇଥିବା ଗର୍ଭଣା ଗଛ ଡାଳକୁ ସାଙ୍ଗରେ ନେଇ ଯାଇ ନିଜ ଧାନ ଫସଲ ହୋଇଥିବା ବିଲର ବିଭିନ୍ନ ସ୍ଥାନରେ ପୋତିଥିଲେ । ଏବେ ଧାନ ଗଛର ଗର୍ଭରେ ଧାନ କେଣ୍ଡା ବାହାରୁଛି । ଏହି ସମୟରେ ଗର୍ଭଣା ଗଛର ଡାଳକୁ ପୂଜାକରି କ୍ଷେତରେ ପୋତିଲେ ଧାନ ଫସଲକୁ ନଷ୍ଟ କରୁଥିବା କୀଟ, ପତଙ୍ଗ ଇତ୍ୟାଦି ମୃତ୍ୟୁବରଣ କରି ଭଲ ଫସଲ ହୁଏ ବୋଲି ପ୍ରବାଦ ରହିଛି । ଏହାର ଅନେକ ଔଷଧୀୟ ଗୁଣ ରହିଛି । ଅତୀତରେ କୌଣସି କୀଟନାଶକ ଔଷଧର ବ୍ୟବହାର ହେଉ ନ ଥିଲା । ସେ ସମୟରେ ଏହି ଗର୍ଭଣା ଗଛର ଡାଳକୁ ଚାଷୀ ମାନେ ବିଲରେ ପୋତି ଥାନ୍ତି । ଏହି ଡାଳର ଔଷଧୀୟ ଗୁଣ ପାଇଁ ଫସଲକୁ ନଷ୍ଟ କରୁଥିବା କୀଟ ପତଙ୍ଗମାନେ ମୃତ୍ୟୁବରଣ କରନ୍ତି । ଫସଲ ଭଲ ହୁଏ । ଯଦିଓ ଏହା ପଛରେ କୌଣସି ବୈଜ୍ଞାନିକ କାରଣ ଥିବାର ଜଣାଯାଏ ନାହିଁ, ତଥାପି ଲୋକ ବିଶ୍ୱାସକୁ ଭିତ୍ତିକରି ରାଜ୍ୟର ଚାଷୀମାନେ ଏହି ପର୍ବକୁ ନିଷ୍ଠାର ସହିତ ପାଳନ କରି ଆସୁଛନ୍ତି ।

# ସତର୍କତା ସଚେତନତା ସପ୍ତାହ: ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ



କେନ୍ଦୁଝର : ସତର୍କତା ସଚେତନତା ସପ୍ତାହ ୨୮ ଅକ୍ଟୋବର ୨୦୨୫ ରୁ ୩ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ କେନ୍ଦୁଝର ଅଞ୍ଚଳରେ ପାଳିତ ହେବାକୁ ଯାଉଅଛି । ଏହି କାର୍ଯ୍ୟକ୍ରମ ଚମ୍ପୁଆ ଶାଖାରେ ଚଳିତ ମାସ ୧୦ ତାରିଖରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଲୋକମାନଙ୍କ ମଧ୍ୟରେ ସଚେତନତା ଆଣିବା ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଅମିତ କୁମାର ପାଲ୍‌ଙ୍କ ମାର୍ଗଦର୍ଶନରେ କେନ୍ଦୁଝର ଅଞ୍ଚଳ ଅନ୍ତର୍ଗତ ସମସ୍ତ ଗ୍ରାମୀଣ ଓ ଅର୍ଦ୍ଧ ସହରୀ ଶାଖାଗୁଡିକରେ "ଗ୍ରାମ ସଭା"ର ଆୟୋଜନ କରାଯାଇଥିଲା । ଏଥିରେ ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା ଉପସ୍ଥିତ ଥିଲେ । ଏହି ଅବସରରେ ସତର୍କତା ଅଧିକାରୀ ବି ମହେଶ ଏବଂ ଶାଖା ପ୍ରବନ୍ଧକ ଲିଙ୍ଗରାଜ ବେହେରା ଉପସ୍ଥିତ ରହିଥିଲେ । ସେମାନେ ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ-୨୦୨୫ର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଫୋନ୍‌ରେ ଓଟିପି, ଏଟିଏମ୍ ଓ ଆକାଉଣ୍ଟ ବିବରଣୀ ଅନ୍ୟ କାହା ସହ ନବାଣ୍ଟିବା ପାଇଁ ସେ ଲୋକମାନଙ୍କୁ ପରାମର୍ଶ ଦେଇଥିବା ସହ ଏ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ । ଦୁର୍ନୀତି ବିରୁଦ୍ଧରେ ଲଢିବା ପାଇଁ ସେ ଲୋକମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

# ଦୁର୍ନୀତି ବିରୋଧୀ ଲଢେଇକୁ ଶାଣିତ କରିବ କଂଗ୍ରେସ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ ନଳିନୀକାନ୍ତ ମହାନ୍ତି ଆନୁଷ୍ଠାନିକ ଭାବେ ପ୍ରଥମ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ଉକ୍ତ ସମ୍ମିଳନୀ ଶ୍ରୀ ମହାନ୍ତି ୩ ଟି କଥା ମୁଖ୍ୟତଃ କହିଛନ୍ତି । ପ୍ରଥମତ ସରକାରଙ୍କ ଅଥବା ଜିଲା ପ୍ରଶାସନର ଜନସ୍ୱାର୍ଥ ନୀତି ବିରୋଧରେ କଂଗ୍ରେସ ଦଳ ତାର ଲଢେଇକୁ ଶାଣିତ କରିବ । ଦୁର୍ନୀତି ବିରୋଧରେ ଲଢେଇରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ । ପଂଚାୟତ ସ୍ତରରୁ ବ୍ଲକ, ସହରାଂଚଳ ଓ ଜିଲା ସଦର ମହକୁମା ଯାଏ ଶାସକ ଦଳର ଓ ସରକାରୀ କଳର ଦୁର୍ନୀତିକୁ ଲୋକଲୋଚନକୁ ଅଣାଯିବ । ଏପରିକି ଯଦି କେହି ସଚେତନ ନାଗରିକ ଦୁର୍ନୀତି ବାବଦରେ ଜାଣୁଥାନ୍ତି କିନ୍ତୁ ମୁହଁ ଖୋଲିବାକୁ ସାହସ କରିପାରୁ ନାହାନ୍ତି ସେ କ୍ଷେତ୍ରରେ ଜିଲା କଂଗ୍ରେସ ସେହି ସଚେତନ ବ୍ୟକ୍ତିଙ୍କୁ ଦୁର୍ନୀତି ବିରୋଧରେ ମୁହଁ ଖୋଲିବା ଲାଗି ଉପଯୁକ୍ତ ପ୍ଲାଟଫର୍ମ ଦେବ ଓ ନୀତିଗତ ସହଯୋଗ ବି କରିବ । ଦ୍ୱିତୀୟରେ ଶ୍ରୀ ମହାନ୍ତି କହିଛନ୍ତି ଯେ: ଜିଲା କଂଗ୍ରେସରେ କୌଣସି ଗୋଷ୍ଠୀବିବାଦ ନାହିଁ କି କୌଣସି ଗୋଷ୍ଠୀକୁ ପ୍ରଶ୍ରୟ ଦିଆଯିବ ନାହିଁ । ଏହା ହିଁ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ । ସମସ୍ତଙ୍କୁ ସାଥିରେ ନେଇ ସଙ୍ଗଠନକୁ ମଜବୁତ କରାଯିବ । ବରିଷ୍ଠଙ୍କୁ ଦଳ ଭିତରେ ଉଚିତ ସମ୍ମାନ ଦିଆଯିବ । ସେମାନଙ୍କ ଅଭିଜ୍ଞତା, ସାଙ୍ଗଠନିକ ଦକ୍ଷତା ଓ ମାର୍ଗଦର୍ଶନ ଦଳ ପାଇଁ ବଳ ଦେବ । ଦଳଭିତରେ ଯୁବବର୍ଗଙ୍କୁ ଆଗକୁ ମାଡିବାର ସୁଯୋଗ ମିଳିବ ।

# ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ଭୂମିପୂଜନ, ୪ ରୁ ୧୦ ନଭେମ୍ବର



ପାରାଦୀପ, (ପିପିଏସ୍): ଆସନ୍ତା ନଭେମ୍ବର ୪ ତାରିଖରେ ପାରାଦୀପ ବେଳାଭୂମିରେ ଆରମ୍ଭ ହେବାକୁ ଯାଉଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ପାଇଁ ଶୁକ୍ରବାର ସକାଳେ ଭୂମି ପୂଜା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି । ଏହି ପୂଜାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରା କର୍ତ୍ତା ଭାବେ ରୀତିନୀତିରେ ଯୋଗଦାନ ପୂର୍ବକ କାର୍ଯ୍ୟାରମ୍ଭ ପାଇଁ ବାଉଁଶ ପୋତିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଶିଳ୍ପ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତି ରଞ୍ଜନ କର, ବାଲିଯାତ୍ରା କମିଟି ସଦସ୍ୟ ସୁମନ୍ତ ବିଶ୍ୱାଳ, ମାୟାଧର ରାଉତ, ସବିତା ମହାପାତ୍ର, ପ୍ରଦୀପ କୁମାର ସାହୁ, ପାରିଷଦ ସୁବ୍ରତ ପ୍ରଧାନ, କେ. ଜଗନ୍ନାଥ ରାଓ, ଅଜିତ ଷଡ଼ଙ୍ଗୀ, ପ୍ରତାପ ନାୟକ, ପ୍ରଭାତୀ ନାୟକ, ସଂଘମିତ୍ରା ସ୍ୱାଇଁ, ସୌଦାମିନ ସାହୁ, ବନିତା ରାଉତ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମସ୍ତ ମାଙ୍ଗଳିକ ପୂଜାର୍ଚ୍ଚନା କାର୍ଯ୍ୟକୁ ପଣ୍ଡିତ ମାର୍କଣ୍ଡ ଆଚାର୍ଯ୍ୟ ଓ ଇନ୍ଦ୍ରଜିତ ଆଚାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଥିଲେ । ଏହି ମହୋତ୍ସବ ନଭେମ୍ବର ୪ ରୁ ୧୦ ତାରିଖ ଦୀର୍ଘ ସପ୍ତାହ ବ୍ୟାପି ଚାଲିବ ।

# ଜେଏସଡବ୍ଲୁ ପ୍ରକଳ୍ପ ଢିଙ୍କିଆ ଚାରିଦେଶ ତଥା ରାଜ୍ୟର ଅର୍ଥନୀତି ଚେହେରା ବଦଳାଇବ

ପାରାଦୀପ, (ପିପିଏସ୍): ଜେଏସଡବ୍ଲୁ ପ୍ରକଳ୍ପ ଅଞ୍ଚଳ ଢ଼ିଙ୍କିଆ ରେ ପୂର୍ବ ପୁରୁଷଙ୍କ କୌଳିକ ବୃତ୍ତି ପାନ ଚାଷ ପ୍ରତି ସମ୍ପ୍ରତି ସାଧାରଣରେ ଅନାଗ୍ରହ, ଦାଦନ ସମସ୍ୟା ସମାଧାନ, ଏକ ବୃହତ୍ତର ଅର୍ଥନୀତି ଆଡକୁ ଅଗ୍ରସର ସହ ଉତ୍ତରପିଢ଼ିଙ୍କ ସୁନେଲି ଭବିଷ୍ୟତ ପାଇଁ ଶିଳ୍ପ ପ୍ରତିଷ୍ଠା ଅବସମ୍ଭାବି ହୋଇପଡିଥିବା ବେଳେ, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲିଃ କମ୍ପାନୀ ପ୍ରତିଷ୍ଠା ଅବସମ୍ଭାବି ବୋଲି ଶୁକ୍ରବାର ଦିନ ଢ଼ିଙ୍କିଆ ଗ୍ରାମପଞ୍ଚାୟତର ପାଟଣା ହାଟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଢ଼ିଙ୍କିଆ ଚାରିଦେଶ ଗ୍ରାମବାସୀ ମାନେ ମତ ପ୍ରକାଶ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ କମ୍ପାନୀ ସ୍ଥାନୀୟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ନିଯୁକ୍ତି, କ୍ରୀଡା, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଜଳ ଯୋଗାଣ, ପରିମଳ, ସାଂସ୍କୃତିକ ଓ କୃଷି ଜୀବିକା କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ ତାର ସେବା କାର୍ଯ୍ୟ ଜାରି ରଖିଛି । ଏତଦବ୍ୟତୀତ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ କମ୍ପାନୀ ସହ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ ମାନେ ମତବ୍ୟକ୍ତ କରିବା ସହ କମ୍ପାନୀର ସେବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ତେବେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ନିମନ୍ତେ ପ୍ରକଳ୍ପ ବିରୋଧରେ ଅପପ୍ରଚାର ଚଳାଇଛନ୍ତି ଓ ସାଧାରଣରେ ବିଭ୍ରାନ୍ତିକର ତଥ୍ୟ ଦେଇ ଗ୍ରାମବାସୀଙ୍କ ରୋଜଗାର, ଜୀବନ ଜୀବିକା ଉପରେ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିବାର ଅପଚେଷ୍ଟା ଚକ୍ରାନ୍ତକୁ ସମସ୍ତେ ଦୃଢ଼ ନିନ୍ଦା କରିଥିଲେ ।

# ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ, ଭଦ୍ରକ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭଦ୍ରକ, (ପିପିଏସ୍): ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ,ଭଦ୍ରକ କାର୍ଯ୍ୟାଳୟ ଆଜି ଜିଲ୍ଲାପାଳ ଦିଲିପ ରାଉତରାଏଙ୍କ କର କୋମଳ ରେ ଶୁଭ ଉଦ୍ ଘାଟନ ହୋଇଯାଇଛି । ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଉପ ନିର୍ଦ୍ଦେଶକ, ଅଭିଯୋଜନ ରଶ୍ମିତା ମହାପାତ୍ର, ପବ୍ଲିକ ପ୍ରସିକ୍ୟୁଟର୍ ମିନି ଟପ୍ପ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର୍ ଓ ଜିଲ୍ଲା ର ସରକାରୀ/ବେସରକାରୀ ଅଧିବକ୍ତା ମାନେ ଉପସ୍ଥିତ ଥିଲେ । ଜିଲ୍ଲା ରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତି ଙ୍କୁ ସଠିକ୍ ଭାବରେ ଅନୁସନ୍ଧାନ କରାଯାଇ ଉପଯୁକ୍ତ ଦଣ୍ଡ ବିଧାନ କରିବା ଲକ୍ଷ୍ୟ ରେ ଉକ୍ତ କାର୍ଯ୍ୟାଳୟ ଟି ପ୍ରତିଷ୍ଠା କରାଯାଇଛି । ବହୁ ସମୟରେ ପ୍ରକୃତ ଦୋଷୀ ସଠିକ୍ ତଦନ୍ତ ଅଭାବ ରୁ ଅଳ୍ପ ଦିନ ଦଣ୍ଡ ପାଇ ମୁକ୍ତ ହୋଇ ପୁଣି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛି ।



# ପର୍ଥରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ

## କୋହଲି, ରୋହିତଙ୍କ ଅଟୋଗ୍ରାଫ୍ ପାଇ କରାଚୀ ପ୍ରଶଂସକ ଗଦ୍‌ଗଦ



ପର୍ଥ : ବୁଧବାର ଦୁଇଟି ଦଫାରେ ଅଷ୍ଟ୍ରେଲିଆ ଗସ୍ତ କରିଥିବା ଭାରତୀୟ କ୍ରିକେଟ୍ ଦଳ ଗୁରୁବାର ସକାଳେ ପର୍ଥରେ ପାଦ ଥାପିଛି। ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି, ରୋହିତ ଶର୍ମାଙ୍କ ସହ ନୂଆ ଅଧିନାୟକ ଶୁବମନ୍ ଗିଲ୍, କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଅର୍ଶଦୀପ ସିଂହ, ହର୍ଷିତ ରାଣାଙ୍କ ସହ କିଛି ସପୋର୍ଟ ଷ୍ଟାଫ୍ ଏଠାରେ ପ୍ରଥମେ ପହଞ୍ଚିଥିଲେ। କିଛି ଘଣ୍ଟାର ବ୍ୟବଧାନ ପରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଅନ୍ୟ ଖେଳାଳିମାନେ ମଧ୍ୟ ପର୍ଥରେ ଓହ୍ଲାଇଥିଲେ। ପ୍ରବାସୀ ଭାରତୀୟ ଏବଂ ଉତ୍ସାହୀ ଅଷ୍ଟ୍ରେଲୀୟ କ୍ରିକେଟ୍ ପ୍ରେମୀ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଭାରତୀୟ ଖେଳାଳିମାନେ ମଧ୍ୟ ଆଦୌ ସମୟ ଅପଚୟ ନକରି ମାତ୍ର କିଛି ଘଣ୍ଟାର ବିଶ୍ରାମ ପରେ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି। ଭାରତୀୟ କ୍ରିକେଟ୍ ଦଳର ଏହି ଅଭ୍ୟାସ ଅଧିବେଶନରେ ଦୁଇ ମହାନ ତାରକା ବିରାଟ କୋହଲି ଓ ରୋହିତ ଶର୍ମା ଆକର୍ଷଣ ପାଲଟିଥିଲେ। ପରସ୍ପର ପାର୍ଶ୍ୱରେ ଉଭୟ ଅଭ୍ୟାସ କରିବାର ଦୃଶ୍ୟ ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ମନକୁ ମଧ୍ୟ ରୋମାଞ୍ଚିତ କରିଥିଲା। ସାମାଜିକ ଗଣମାଧ୍ୟମରେ ରୋକୋ (ରୋହିତ-କୋହଲି)ଙ୍କ ଅଭ୍ୟାସର ଫଟୋ ପଦାକୁ ଆସିବା ପରେ ଭାଇରାଲ୍ ହୋଇଯାଇଥିଲା। ଏମାନଙ୍କ ଛଡ଼ା ଅନ୍ୟ ଖେଳାଳିମାନେ ମଧ୍ୟ ହାଲ୍ ?କା ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। ଗୁରୁବାରର ଅଭ୍ୟାସ ଅଧିବେଶନ ସ୍ୱେଚ୍ଛାକୃତ ଥିବାରୁ ଅଧିକାଂଶ ଖେଳାଳି ବିଶ୍ରାମ ନେବାକୁ ପସନ୍ଦ କରିଥିଲେ। ଶୁକ୍ରବାର ଦଳ ଏକାଠି ଅଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।

କଠିନ ପରୀକ୍ଷାରେ 'ରୋକୋ': ପର୍ଥରେ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଭାରତୀୟ କ୍ରିକେଟ୍‌ର ଦୁଇ ମହାରଥୀ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପାଇଁ କଠିନ ପରୀକ୍ଷା ନେଇ ଆସିଛି। ଟ୍ୱେଣ୍ଟି-୨୦ ଓ ଟେଷ୍ଟରୁ ଅବସର ଘୋଷଣା କରିସାରିଥିବାରୁ ଏକଦିବସୀୟ ଫର୍ମାଟ୍ ଉଭୟଙ୍କ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସକ୍ରିୟ ରହିବା ଲାଗି ଏକମାତ୍ର ମାଧ୍ୟମ ହୋଇଛି। ଦୁଇଜଣ ଯାକ ମଧ୍ୟ ପାଖାପାଖି ୪ମାସ ପରେ ଜାତୀୟ ଦଳକୁ ଫେରିଛନ୍ତି। ଏଣୁ 'ରୋକୋ' ଭାବେ ପରିଚିତ ଏହି ଦୁଇ ମହାନ ତାରକାଙ୍କ ପାଇଁ ଏହି ଶୃଙ୍ଖଳାରେ ଭଲ କରି ନିଜନିଜର ଉପସ୍ଥିତି ଜାହିର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ୨୦୨୭ ଏକଦିବସୀୟ ବିଶ୍ୱକପ୍ ?ରେ ଦୁଇଜଣ ଯାକ ଖେଳିବେ କି ନାହିଁ, ତାହା ମଧ୍ୟ ଏହି ଶୃଙ୍ଖଳା ପ୍ରଦର୍ଶନ ପ୍ରାୟତଃ ନିର୍ଣ୍ଣୟ କରିବ। କୋହଲି ଓ ରୋହିତଙ୍କ ପ୍ରଦର୍ଶନ ଅଷ୍ଟ୍ରେଲିଆରେ ଭଲ ରହିଥିବାରୁ ଏଥରର ଗୁରୁତ୍ୱପୂର୍ଣ୍ଣ ଗସ୍ତରେ ସେମାନେ ନିଶ୍ଚିତ ଭଲ କରିବେ ବୋଲି ପ୍ରଶଂସକ ଆଶା ରଖିଛନ୍ତି। କୋହଲି ମଧ୍ୟ ନିଜ ପୁରୁଣା ଏକାଗ୍ରତା ଫେରି ପାଇବା ଲାଗି ନେଟ୍ ?ସରେ ୪୦ ମିନିଟ୍ ଧରି ଯୁବ ବୋଲର ହର୍ଷିତ ରାଣା, ଅର୍ଶଦୀପ ସିଂହ ଏବଂ ସ୍ଥାନୀୟ ବୋଲରଙ୍କୁ ସମ୍ମୁଖୀନ ହୋଇଥିଲେ। ରୋହିତ ମଧ୍ୟ ନିଜ ଟାଇମିଂକୁ ଠିକ୍ କରିବାକୁ ଚେଷ୍ଟା କରିଥିଲେ।

କୋହଲି, ରୋହିତଙ୍କ ଅଟୋଗ୍ରାଫ୍ ପାଇ କରାଚୀ ପ୍ରଶଂସକ ଗଦ୍‌ଗଦ: ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସଂପର୍କର ତିକ୍ତତା ଦିନକୁ ଦିନ ବଢ଼ି ଚାଲିଥିଲା ବେଳେ



ପାକିସ୍ତାନର କରାଚୀ ସହରର ଜଣେ କ୍ରିକେଟ୍‌ପ୍ରେମୀଙ୍କ ବହୁ ଦିନର ସ୍ୱପ୍ନକୁ ପୂରଣ କରିଛନ୍ତି କୋହଲି ଓ ରୋହିତ। ଭାରତୀୟ ଦଳ ପର୍ଥରେ ପହଞ୍ଚିବା ପରେ ଦଳୀୟ ହୋଟେଲ ସମ୍ମୁଖରେ ସାହିଲ ନାମକ ଏହି ପାକିସ୍ତାନୀ ପ୍ରଶଂସକ କୋହଲିଙ୍କୁ ଅଟୋଗ୍ରାଫ୍ ମାଗିଥିଲେ। କୋହଲି ମଧ୍ୟ ଖୁସିଖୁସି ତାଙ୍କ ଜର୍ସିରେ ଅଟୋଗ୍ରାଫ୍ ଦେଇଥିଲେ। ଜର୍ସିଟି ଆରସିବି ଆଇପିଏଲ୍ ଦଳର ହୋଇଥିବାରୁ ସଂପୃକ୍ତ ପ୍ରଶଂସକଙ୍କ ଖୁସି କହିଲେ ନସରେ। ତେବେ କୋହଲିଙ୍କ ଅଟୋଗ୍ରାଫ୍ ପାଇବା ପରେ ରୋହିତଙ୍କୁ ମଧ୍ୟ ସାହିଲ ଏଥିଲାଗି ଅନୁରୋଧ କରିଥିଲେ। ଦଳୀୟ ବସ୍‌ରେ ବସି ସାରିଥିଲେ ମଧ୍ୟ ରୋହିତ ତଳକୁ ଆସି ସାହିଲ ଧରିଥିବା ଭାରତୀୟ ଜର୍ସିରେ ନିଜ ଦସ୍ତଖତ ଆଙ୍କି ଦେଇଥିଲେ। ନିଜର ଦୁଇ ପ୍ରିୟ ଖେଳାଳିଙ୍କ ଦସ୍ତଖତ ପାଇଁ ସାହିଲ ବେଶ୍ ଗଦ୍ ?ଗଦ ହୋଇଯାଇଥିଲେ। କୋହଲି ଓ ରୋହିତଙ୍କ ବିନମ୍ରତାକୁ ମନଖୋଲି ପ୍ରଶଂସା କରିଥିଲେଫ।

# ଅଭିଷେକ, ସ୍ମୃତି ସେପ୍ଟେମ୍ବର ମାସର ଶ୍ରେଷ୍ଠ ଖେଳାଳି



ଦୁବାଇ: ଭାରତର ତାରକା ବ୍ୟାଟର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ସେପ୍ଟେମ୍ବର ମାସର ଆଇସିସି ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ଅଭିଷେକ ଏସିଆ କପ୍‌ରେ ଏବଂ ସ୍ମୃତି ଅଷ୍ଟ୍ରେଲିଆ ବିପକ୍ଷ ମହିଳା ଦିନିକିଆ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନ ପାଇଁ ଗୁରୁବାର ଉଭୟଙ୍କୁ ଆଇସିସି ମାସର ଶ୍ରେଷ୍ଠ ଖେଳାଳି ବିବେଚିତ କରିଛି। ଅଭିଷେକ ଏହି ମାସରେ ୭ ମ୍ୟାଚ୍‌ରେ ୪୪.୮୫ ହାର ଏବଂ ୨୦୦ ଷ୍ଟ୍ରାଇକ୍‌ରେଟ୍‌ରେ ୩୧୪ ରନ୍ କରିଥିଲେ। ଏହି ୨୫ ବର୍ଷୀୟ ଯୁବକ ମଧ୍ୟ ଏସିଆ କପ୍‌ରେ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ହେବା ସହ ଟ୍ୱେଣ୍ଟି-୨୦ ବ୍ୟାଟିଂ ମାନ୍ୟତାରେ ସର୍ବାଧିକ ପଏଣ୍ଟ ହାସଲ କରିବାର ଗୌରବ ପାଇଥିଲେ। ସେ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦୌଡ଼ରେ ଥିବା ନିଜ ଦଳୀୟ ସାଥୀ କୁଲଦୀପ ଯାଦବ ଓ ଜିମ୍ବାୱେର ବ୍ରାଏନ୍ ବେନେଟ୍‌ଙ୍କୁ ପଛରେ ପକାଇଥିଲେ।

ଅନ୍ୟପକ୍ଷରେ ମହିଳା ତାରକା ସ୍ମୃତି, ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଦିନିକିଆ ଶୃଙ୍ଖଳାର ୩ ମ୍ୟାଚ୍‌ରେ ଯଥାକ୍ରମେ ୫୮, ୧୧୭, ୧୨୫ ରନ୍ କରିଥିଲେ। ଏହି ମାସରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଉପଅଧିନାୟିକା ସ୍ମୃତି ୪ ମ୍ୟାଚ୍ ଖେଳି ୭୭ ହାର ଏବଂ ୧୩୫.୬୮ ଷ୍ଟ୍ରାଇକ୍‌ରେଟ୍‌ରେ ୩୦୮ ରନ୍ କରିଥିଲେ। ପୁରସ୍କାର ଦୌଡ଼ରେ ଥିବା ଦକ୍ଷିଣ ଆଫ୍ରିକାର ତାଜମିନ୍ ବ୍ରିଟ୍‌ସ ଏବଂ ପାକିସ୍ତାନର ସିଦ୍ରା ଅମିନଙ୍କୁ ସେ ପଛରେ ପକାଇଥିଲେ।

# ରଣଜୀ ଟ୍ରଫି: ଧୂପର ଶତକରୁ ବଞ୍ଚିତ, ଓଡ଼ିଶା ୨୭୧, ବରୋଦା ୧୨୭/୨



କଟକ: ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଆରମ୍ଭ ହୋଇଥିବା ରଣଜୀ ଟ୍ରଫିର ବରୋଦା ବିପକ୍ଷ ମ୍ୟାଚ୍‌ରେ ଗୁରୁବାର ଓଡ଼ିଶା ପ୍ରଥମ ପାଳିରେ ୧୧୬.୧ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୨୭୧ ରନ୍ କରିଛି। ଗୁରୁବାର ପ୍ରଥମ ପାଳି ଆରମ୍ଭ କରିଥିବା ବରୋଦା ଷ୍ଟମ୍ପ ଅପସାରଣ ସୁଦ୍ଧା ୬୧ ଓଭର ଖେଳି ୨ ୱିକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଛି। ସଂପ୍ରତି ପ୍ରଥମ ପାଳିରେ ବରୋଦା ୧୪୪ ରନ୍‌ରେ ପଛୁଆ ରହିଥିବା ବେଳେ ଶିବାଲିକ୍ ଶର୍ମା ୭୫ଅ ଓ ସ୍ୱୀକୃତ ପାଣ୍ଡେ ୩୨* ରନରେ ବ୍ୟାଟିଂ କରୁଥିଲେ।

ଦ୍ୱିତୀୟ ଦିବସରେ ୨୦୫/୫ରୁ ପାଳି ଆରମ୍ଭ କରିଥିବା ଓଡ଼ିଶାର ଆରମ୍ଭ ସନ୍ତୋଷଜନକ ନ ଥିଲା। ୨୧୨ ବଲ ଖେଳି ୭୬ ରନ୍‌ରେ ଅପରାଜିତ ରହିଥିବା ରାଜେଶ ଧୂପର ଦ୍ୱିତୀୟ ଦିବସରେ ସାଥୀ ଖେଳାଳି ଆଶୀର୍ବାଦ ସ୍ୱାଇଁଙ୍କ ସହ ବ୍ୟାଟିଂ ଆରମ୍ଭ କରିଥିଲେ। ଆଶୀର୍ବାଦଙ୍କ ସହ ୪୫ ରନ୍‌ର ଭାଗୀଦାର ଗଢ଼ିବା ବେଳେ ବରୋଦା ଅଧିନାୟକ ଅତୀତ ସେଠ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ରାଜେଶ (୯୪) ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ଆଶୀର୍ବାଦ ସ୍ୱାଇଁ (୨୨) ଅତୀତଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଆଶୀର୍ବାଦଙ୍କ ପରେ ଓଡ଼ିଶାର ଆଉ କୌଣସି ବ୍ୟାଟର ବେଶୀ ସମୟ ତିଷ୍ଠି ପାରି ନଥିଲେ। ରାଜେଶ ମହାନ୍ତି ୨୨ ବଲ୍‌ରୁ ୮, ସୁନୀଲ ରାଉଳ ୧୨ ବଲ୍‌ରୁ ୯ ରନ୍ କରି ଆଉଟ୍ ହୋଇଥିଲେ। ବାଦଲ ବିଶ୍ୱାଳ ୮ ବଲ୍‌ରୁ ଗୋଟିଏ ରନ୍ ଅପରାଜିତ ରହିଥିବା ବେଳେ ସୁମିତ ଶର୍ମା ଖାତା ଖୋଲି ପାରି ନ ଥିଲେ। ବରୋଦା ପକ୍ଷରୁ ଅତୀତ ୪, ରସିକ୍ ସଲାମ ୩ ଏବଂ ଭାର୍ଗବ ଭଟ୍ଟ ୨ ୱିକେଟ୍ ଅକ୍ତିଆର କରିଛନ୍ତି।

ଗୁରୁବାର ଦ୍ୱିତୀୟ ଦିବସରେ ପ୍ରଥମ ପାଳି ଆରମ୍ଭ କରିଥିବା ବରୋଦାକୁ ପ୍ରଥମରୁ ଝଟକା ଲାଗିଥିଲା। ଦୁଇ ଓପନର ଜ୍ୟୋତ୍ସ୍ନିଲ ସିଂହ ଓ ଶିବାଲିକ୍ ଶର୍ମା ୩୭ ରନ୍ ଭାଗୀଦାରି କରିଥିଲେ। ଜ୍ୟୋତ୍ସ୍ନିଲ (୧୨)ଙ୍କୁ ଅନିଲ ପରିଡ଼ା ରନ୍‌ଆଉଟ୍ କରି ଦେବା ପରେ ଶାଶ୍ୱତ ରାଉତ (୮) ଗୋବିନ୍ଦ ପୋଦାରଙ୍କ ବଲ୍‌ରେ ଆଶୀର୍ବାଦ ସ୍ୱାଇଁଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ୍‌କୁ ଫେରିଥିଲେ।

### ଏକଦିବସୀୟ ମହିଳା କ୍ରିକେଟ୍ ବିଶ୍ୱକପ୍

# ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆ: ହିଲିଙ୍କ ୧୧୩*, ବାଂଲାଦେଶ ୧୦ ୱିକେଟ୍‌ରେ ପରାସ୍ତ



ବିଶାଖାପାଟଣା: ଅଧିନାୟିକା ଆଲିସା ହିଲି (୧୧୩*)ଙ୍କ ଧମାକାଦାର ଶତକ ବଳରେ ଚଳିତ ଏକଦିବସୀୟ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଗୁରୁବାର ଖେଳାଯାଇଥିବା ସପ୍ତଦଶ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୦ ୱିକେଟ୍‌ରେ ଏକତରଫା ଭାବେ ବାଂଲାଦେଶକୁ ପରାସ୍ତ କରିଛି। ତା' ସହିତ ପଞ୍ଚମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ମୋଟ ୯ ପଏଣ୍ଟ ପାଇ ପ୍ରଥମ ଦଳଭାବେ ସେମିଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରିଛି। ବାଂଲାଦେଶ ମାତ୍ର ୧୯୯ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଯାହାକୁ ହିଲି ଓ ଫୋବି ଲିଚଫିଲ୍ଡ (୮୪*)ଙ୍କ ଦ୍ରୁତ ଓ ଦମ୍‌ଦାର ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ ୧୫୧ ବଲ୍ ପୂର୍ବରୁ ବିନା କ୍ଷତିରେ ହାସଲ କରିନେଇଥିଲା। ଅନ୍ୟପକ୍ଷରେ ବାଂଲାଦେଶ ପଞ୍ଚମ ମ୍ୟାଚ୍ ?ରୁ ଚତୁର୍ଥ ପରାଜୟ ବରଣ କରିଛି। ସଂପ୍ରତି ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନରେ ରହିଥିବା ଏହି ଦଳର ସେମିଫାଇନାଲ୍ ଆଶା ଏଥିସହ ପ୍ରାୟତଃ ମଉଳି ଯାଇଛି।

ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହେଲେ ଏହି ନିଷ୍ପତ୍ତି ଦଳ ପାଇଁ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ବୋଲରମାନେ ଆରମ୍ଭରୁ ଚାପ ସୃଷ୍ଟି କରି ବାଂଲାଦେଶର କୌଣସି ବ୍ୟାଟରଙ୍କୁ ହାତଖୋଲା ସଟ୍ ଖେଳିବାକୁ ଦେଇ ନଥିଲେ। ରୁବିୟା ହାଇଦରଙ୍କ ୪୪ ଏବଂ ଶୋଭନା ମୋସ୍ତାରୀଙ୍କ ଲଢୁଆ ୬୬* ରନ୍ ବଳରେ ହିଁ ଏହି ଦଳ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୧୯୮ ରନ୍ କରିପାରିଥିଲା। ଯାହା ଆଶାଜନକ ଭାବେ ଶକ୍ତିଶାଳୀ ବ୍ୟାଟିଂ ବାହିନୀ ଥିବା ଅଷ୍ଟ୍ରେଲିଆ ପାଇଁ ଆଦୌ ପର୍ଯ୍ୟାପ୍ତ ସାବ୍ୟସ୍ତ ହୋଇ ନଥିଲା। ଅଷ୍ଟ୍ରେଲିଆ ଶେଷରେ ମାତ୍ର ୨୪.୫ ଓଭରରେ ୨୦୨/୦ କରି ସହଜ ବିଜୟ ପାଇଥିଲା। ଚୌକା ମାରି ଲିଚ୍‌ଫିଲ୍ଡ ୬ଥର ବିଜେତା ଦଳର ବିଜୟ ମୁଣ୍ଡି ମାରିଥିଲେ। ହିଲି ବିସ୍ଫୋରକ ଶତକ ଅର୍ଜନ କରିଥିଲେ ମଧ୍ୟ କଙ୍ଗାରୁ ଦଳର ୩୦ ବର୍ଷୀୟା ସ୍ପିନର ଏଲିନା କିଙ୍ଗ୍ (୧୦-୪-୧୮-୨) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୯-୨୫ ଅକ୍ଟୋବର ୨୦୨୫ ୩୦ବର୍ଷ ପରେ କଟକରେ କର୍ଫ୍ୟୁ




**ଜାତୀୟ:** ଶିକ୍ଷକଙ୍କ ଗାଁ ତିଲେୟା
**ଅନ୍ତର୍ଜାତୀୟ:** ପୁଣି ପ୍ରତିବାଦ
**ବିଶେଷ ପ୍ରସଙ୍ଗ:** ବିଦ୍ୟୁତ୍ ବିଭ୍ରାଟରେ ଓଡ଼ିଶା ଆଗୁଆ
**ନାରୀ:** : ସୁହାଗ ସିନ୍ଦୂର
**କ୍ଷୁଦ୍ରଗଳ୍ପ:** ରାଜା ବୁଝିଲେ
**ଚଳଚ୍ଚିତ୍ର:** ଲୁଚିଛପି ନିର୍ବନ୍ଧ ? **ଚଳଚ୍ଚିତ୍ର:** ପୁଣି ହେବେ ମା'
**ଖେଳ:** ବିସିସିଆଇକୁ ମିଳିଲା ନୂଆ ଅଧକ୍ଷ, ପାରା ଆଥଲେଟିକ୍ସରେ ଦେବାମୃତ
**ମୀନାବଜାର:** ମୀନାବଜାର: ରାଜକୁମାର ଓ ରାଜକୁମାରୀ, ଚର୍ଚ୍ଚାରେ: ୧୦୦୦ ବର୍ଷ ପୁରୁଣା ମମି, ବିଜ୍ଞାନ: ଗଗନଯାନରେ ମହାକାଶ ଯିବ ରୋବର୍ଟ ? ପର୍ଯ୍ୟଟନ: ଶକ୍ତିଦେବୀ ମା' କାମାକ୍ଷା, ବାସ୍ତୁ: ଘରେ ଦେଖୁଛନ୍ତି ଯଦି ଏହି ସଙ୍କେତ, ସତବ ପ୍ରସଙ୍ଗ: ଗଧ ଉପରେ ବିରାଜନ୍ତି ଗଣେଶ, ଆଞ୍ଚଳିକ: ଆଦିବାସୀଙ୍କ ଆଶାର କିରଣ, କବିତା: ଗଛଟିଏ, ଜାଣନ୍ତି କି ? : ରାଜସ୍ଥାନର ଭୟାନକ ଭାନଗଡ଼ଦୁର୍ଗ ! ଏହିଭଳି ଆହୁରି ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


### ଗଞ୍ଜାମ ଜିଲ୍ଲାସ୍ତରୀୟ ଖୋ' ଖୋ' ପ୍ରତିଯୋଗିତା

# ବାଳିକାରେ ଚିକିଟି-ବାଳକରେ ସାନଖେମୁଣ୍ଡି ଚାମ୍ପିଅନ୍



ଗଞ୍ଜାମ : ଗଞ୍ଜାମ ଜିଲାସ୍ତରୀୟ ଖୋ'ଖୋ' ଚାମ୍ପିୟାନଶିପ ୨୦୨୫ ପ୍ରତିଯୋଗିତା ଗୁରୁବାର ଅପରାହ୍ନରେ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମରେ ଆରମ୍ଭ ହୋଇଛି। ଆଜି ଦ୍ୱିତୀୟ ଦିନରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଅନୁଷ୍ଠାନିକ ଭାବେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ୧୭ ବର୍ଷରୁ କମ ବାଳିକା ବିଭାଗରେ ଚିକିଟି ବ୍ଲକ ଏବଂ ବାଳକ ବିଭାଗରେ ସାନଖେମୁଣ୍ଡି ବ୍ଲକ ଚମ୍ପିୟାନ ହୋଇଛି। ଦୁଇ ଚମ୍ପିୟାନ ଟିମ ଆସନ୍ତା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଖେଳିବେ ବୋଲି ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ କୁହା ଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପକ୍ଷଚ୍ଛି, ଦିଗପହଣ୍ଡି ବିଇଓ ଶଙ୍କର ନାରାୟଣ ବେଜ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନିତା ମିଶ୍ର,ଏବିଇଓ ସଂଯୁକ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୨୨ ବ୍ଲକର ବିଭିନ୍ନ ସ୍କୁଲର ୧୪ ବର୍ଷରୁ ୧୭ ବର୍ଷ କମ ବାଳିକା/ବାଳକଙ୍କୁ ନେଇ ୯୫ଟି ଦଳର ୪୮୪ ଛାତ୍ରୀଛାତ୍ର ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ୪୨ଟି ଲେଖାଏ ମ୍ୟାଚ୍ ତିନି ଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ପାଞ୍ଚଟି ପିଚ୍ ପ୍ରସ୍ତୁତ କରାଯାଇଛି। ପ୍ରଥମ ଥର ପାଇଁ ଏହି ବ୍ଲକରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଥର ପାଇଁ ଖୋ ଖୋ ଭଳି ପ୍ରତିଯୋଗିତା ଫ୍ଲଡ୍ ଲାଇଟ୍‌ରେ ଅନୁଷ୍ଠିତ ହେଉଛି। ଏହାକୁ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପତ୍ର,ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ ଡିଡିଓ ସୁଚିତ୍ରା ପାଣିଗ୍ରାହୀ, ଭାରତୀ ବିଦ୍ୟାପୀଠ କ୍ରୀଡା ଶିକ୍ଷକ ପ୍ରୀତିରଞ୍ଜନ ପ୍ରଧାନ, ପିଇଟି ସୀତାରାମ ବ୍ୟବର୍ତ୍ତାଙ୍କ ସମେତ ସମସ୍ତ ପିଇଟି, ସିଆରସିସି, ପ୍ରଧାନ ଶିକ୍ଷକମାନେ ସହଯୋଗ ପରିଚାଳନା କରୁଛନ୍ତି। ଶନିବାର ଏହି ପ୍ରତିଯୋଗିତା ଶେଷ ହେବ।

### ସୁଲ୍‌ତାନ ଜୋହର କପ୍ ଜୁନିୟର ପୁରୁଷ ହକି

# ଭାରତ- ଅଷ୍ଟ୍ରେଲିଆ ଫାଇନାଲ




ଜୋହରବାହରୁ : ଭାରତ ସୁଲ୍‌ତାନ ଜୋହର କପ୍ ଜୁନିୟର ପୁରୁଷ ହକିର ଶେଷ ଗ୍ରୁପ୍ ମ୍ୟାଚରେ ମାଲେସିଆକୁ ୨-୧ଗୋଲ୍‌ରେ ପରାସ୍ତ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ପକ୍ଷରୁ ଗୁରଜୋତ ସିଂ(୨୨ତମ ମିନିଟ) ଓ ସୌରଭ ଆନନ୍ଦ କୁଶାୱା (୪୮ତମ) ଦୁଇଟି ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ।

ମାଲେସିଆ ପକ୍ଷରୁ ଏକମାତ୍ର ଗୋଲ୍ ନାଭିନେଶ ପାନିକର ଖେଳର ୪୩ତମ ମିନିଟ୍‌ରେ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଭାରତ ଶନିବାର ଅଷ୍ଟ୍ରେଲିଆ ବିପକ୍ଷରେ ଫାଇନାଲ ଖେଳିବା ଲାଗି ଯୋଗ୍ୟ ବିବେଚିତ ହୋଇଛି। କେବଳ ସେତିକି ନୁହେଁ, ସୁଲ୍‌ତାନ ଜୋହର କପ୍‌ରେ ଏପର୍ଯ୍ୟନ୍ତ ସୁଦ୍ଧା ୧୨ଥର ଅଂଶଗ୍ରହଣ କରି ଭାରତ ରେକର୍ଡ ୮ମ ଥର ଫାଇନାଲକୁ ଉନ୍ନିତ ହେବାରେ ସମର୍ଥ ହୋଇଛି।


ଶୀଘ୍ର ସଂଗ୍ରହ କରି ନିଅନ୍ତୁ

ଶାରଦୀୟ ବିଶେଷାଙ୍କ

ଝଙ୍କାର



ମୂଲ୍ୟ:୧୭୫ ଟଙ୍କା ମାତ୍ର


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583